

ଯା କୁନ୍ଦେନ୍ଦୁ ତୁଷାରହାର ଧବଳା ଯା ଶୁଭ୍ର ବସ୍ତ୍ରାବୃତା
ଯା ବୀଣାବରଦଣ୍ଡମଣ୍ଡିତକରା ଯା ଶ୍ୱେତ ପଦ୍ମାସନା
ଯା ବ୍ରହ୍ମାଚ୍ୟୁତ ଶଙ୍କର ପ୍ରଭୃତିଭିର୍ଦେବୈଃ ସଦା ବନ୍ଦିତା
ସା ମାଁ ପାତୁ ସରସ୍ୱତୀ ଭଗବତୀ ନିଃଶେଷଜାଡ୍ୟାପହା

ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




କୃଷି ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ବିଷ୍ଣୁଦେବ | ୬


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୦୪ Vol. 21 No-304 2 FEBRUARY 2025 SUNDAY BHUBANESWAR ରବିବାର, ୨ ଫେବୃଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂସଦରେ ୫୦ଲକ୍ଷ ୬୫ ହଜାର କୋଟିର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପିତ

# ଆୟକର ଛାଡ଼ସୀମା ୧୨ଲକ୍ଷକୁ ବୃଦ୍ଧି



ନୂଆଦିଲ୍ଲୀ,୧।୨: ଶନିବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ଅଷ୍ଟମ ଥରପାଇଁ ୫୦ଲକ୍ଷ ୬୫ହଜାର କୋଟିର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଛନ୍ତି। ମୋଦୀ ସରକାରର ତୃତୀୟ ପାଳିର ଏହା ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ୍ । ବଜେଟ୍ ଉପସ୍ଥାପନ କରି ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ କହିଥିଲେ ଯେ ଅର୍ଥନୀତିରେ ସମୃଦ୍ଧ ଭାରତ ସାରା ବିଶ୍ୱକୁ ଚକିତ କରିଛି। ଗତ ୧୦ବର୍ଷ ମଧ୍ୟରେ ଅନେକ ସଂସ୍କାର ଅଣାଯାଇଛି। ବଜେଟ୍‌ରେ ମଧ୍ୟବିତ୍ତଙ୍କୁ ଖୁସି କରିବା ପାଇଁ ବଡ଼ ଘୋଷଣା କରାଯାଇଛି। ଆୟକର ଛାଡ଼ସୀମା ୧୨ଲକ୍ଷ ଟଙ୍କାକୁ ବୃଦ୍ଧି ହୋଇଛି । ଆୟକର ରିଟର୍ଣ୍ଣ ଫାଇଲ କରିବାର ସମୟସୀମାକୁ ମଧ୍ୟ ଦୁଇବର୍ଷରୁ ୪ ବର୍ଷକୁ ବୃଦ୍ଧି ହୋଇଛି। ଏଥର ବଜେଟ୍‌ରେ ମୁଖ୍ୟତଃ ୧୦ଟି କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। ବିଶେଷକରି ଯୁବକ, ଗରିବ, ମହିଳାଙ୍କୁ ବଜେଟ୍‌ରେ ସୀତାରମଣ ଗୁରୁତ୍ୱ ଦେଇଛନ୍ତି। ସେହିପରି ମଧ୍ୟବିତ୍ତଙ୍କୁ ମଧ୍ୟ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଥିବା ସେ ଉଲ୍ଲେଖ କରିଛନ୍ତି। ପ୍ରଧାନମନ୍ତ୍ରୀ କୃଷିଧନ ଯୋଜନାକୁ ପ୍ରାଥମିକତା ଦିଆଯାଇଛି। କୃଷି ଉତ୍ପାଦନ ବୃଦ୍ଧି ଉପରେ ଫୋକସ କରାଯାଇଛି। ଏହାଫଳରେ ୧.୭କୋଟି କୃଷକ ଉପକୃତ ହେବେ । ସେହିପରି ୟୁରିଆ ଉତ୍ପାଦନରେ ଆତ୍ମନିର୍ଭର ପାଇଁ ଆସାମରେ ୟୁରିଆ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବାର ବ୍ୟବସ୍ଥା ହୋଇଛି। ଏହି ପ୍ଲାଣ୍ଟରୁ ୧୨.୭୮ଲକ୍ଷ ମେଟ୍ରିକ୍ ଟନ୍ ୟୁରିଆ ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି। ସେହିପରି ଏମଏସଏମଇ କ୍ଷେତ୍ର ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଯୁବପିଢ଼ିଙ୍କୁ ଅଧିକ ଋଣ ପ୍ରଦାନ କରାଯାଇ ନିଯୁକ୍ତି ଦେବାର ଲକ୍ଷ୍ୟ ରଖାଯାଇଛି। ଭାରତକୁ ଖେଳଣା ତିଆରିର ବିଶ୍ୱସ୍ତରୀୟ କେନ୍ଦ୍ର କରିବାକୁ ଲକ୍ଷ୍ୟ ରହିଛି। ଉଡାଣ ଯୋଜନାରେ ଦେଢକୋଟି ଲୋକଙ୍କୁ ଉପକୃତ କରାଯିବ। ଆସନ୍ତା ୧୦ବର୍ଷ ମଧ୍ୟରେ ୧୨୦ଟି ବିମାନବନ୍ଦର ନିର୍ମାଣ କରାଯିବ। ପାହାଡ଼ି ଇଲାକାରେ ହେଲିପ୍ୟାଡ ଓ ବିମାନବନ୍ଦର ନିର୍ମାଣ କରାଯିବ । ଏଥିସହ ଡିଜିଟାଲ ଶିକ୍ଷାକୁ ଗୁରୁତ୍ୱ ଦେଇ ସବୁ ସରକାରୀ ମାଧ୍ୟମିକ ସ୍କୁଲରେ ବ୍ରଡବ୍ୟାଣ୍ଡ ବ୍ୟବସ୍ଥା କରିବାକୁ ବଜେଟ୍‌ରେ ଘୋଷଣା କରାଯାଇଛି। ଏଆଇ ଶିକ୍ଷାକୁ ଗୁରୁତ୍ୱ ଦେଇ ୫୦୦ କୋଟିର ବ୍ୟୟବରାଦ କରାଯାଇଛି । ଜଳଜୀବନ ମିଶନକୁ ୨୦୨୮ ମସିହା ପର୍ଯ୍ୟନ୍ତ ବଢାଯାଇଛି। କିଷାନ କ୍ରେଡିଟ କାର୍ଡରେ ଋଣ ପରିମାଣ ୩ଲକ୍ଷରୁ ୫ଲକ୍ଷକୁ ବୃଦ୍ଧି ହୋଇଛି । ଡାଲି ଉତ୍ପାଦନରେ ଭାରତକୁ ଆତ୍ମନିର୍ଭର କରିବା ପାଇଁ ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି। ଆସନ୍ତା ସପ୍ତାହରେ ନୂଆ ଆୟକର ବିଲ୍ ଆସିବ ବୋଲି ବଜେଟ୍‌ରେ ଘୋଷଣା କରାଯାଇଛି। ଅନ୍ୟପକ୍ଷରେ • ପୃଷ୍ଠା ୫ ଦେଖନ୍ତୁ

### ମଧ୍ୟବିତ୍ତଙ୍କୁ ଆଶ୍ୱସ୍ତି, କୃଷି, ପୁଞ୍ଜି, ଏମ୍ଏସ୍ଏମ୍ଇ, ରପ୍ତାନୀକୁ ଗୁରୁତ୍ୱ

### ଆୟକର ସ୍ଲାବ୍

- ୧୨ ଲକ୍ଷ ପର୍ଯ୍ୟନ୍ତ କିଛି ନାହିଁ
- ୧୨ରୁ ୧୬ ଲକ୍ଷ ପର୍ଯ୍ୟନ୍ତ ଆୟ ୧୫ ପ୍ରତିଶତ
- ୧୬ରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଆୟ ୨୦ ପ୍ରତିଶତ
- ୨୦ରୁ ୨୪ ଲକ୍ଷ ପର୍ଯ୍ୟନ୍ତ ଆୟ ୨୫ ପ୍ରତିଶତ
- ୨୪ ଲକ୍ଷରୁ ଅଧିକ ଆୟ ୩୦ ପ୍ରତିଶତ

### କାହାପାଇଁ କେତେ

| ବିଭାଗ | ପରିମାଣ (କୋଟିରେ) |
|---|---|
| ପ୍ରତିରକ୍ଷା | ୪,୯୧,୭୩୨ |
| ଗ୍ରାମୀଣ ବିକାଶ | ୨,୬୬,୮୧୭ |
| ଗୃହ ମନ୍ତ୍ରଣାଳୟ | ୨,୩୩,୨୧୧ |
| କୃଷି ବିଭାଗ | ୧,୭୧,୪୩୭ |
| ଶିକ୍ଷା | ୧,୨୮,୬୫୦ |
| ସ୍ୱାସ୍ଥ୍ୟ | ୯୮,୩୧୧ |
| ନଗର ଉନ୍ନୟନ | ୯୬,୭୭୭ |
| ସୂଚନା ଓ ପ୍ରଯୁକ୍ତି | ୯୫,୨୯୮ |
| ଶକ୍ତି | ୮୧,୧୭୪ |
| ବାଣିଜ୍ୟ ଓ ଉଦ୍ୟୋଗ | ୬୫,୫୫୩ |
| ସମାଜ କଲ୍ୟାଣ | ୬୦,୦୫୨ |
| ବୈଜ୍ଞାନିକ ବିଭାଗ | ୫୫,୬୭୯ |

### ଟଙ୍କାଟିଏ ଆସିବ




### ଟଙ୍କାଟିଏ ଯିବ




**ଶସ୍ତା** ୩୬ ଜୀବନ ରକ୍ଷାକାରୀ ଔଷଧ, ଏଲଇଡି ଟିଭି, ମୋବାଇଲ ଫୋନ୍, ଇଲେକ୍ଟ୍ରିକ୍ କାର୍, ଭାରତରେ ତିଆରି ପୋଷାକ, ଚମଡ଼ା ସାମଗ୍ରୀ, ହସ୍ତତନ୍ତ ପୋଷାକ, ଡାକ୍ତରୀ ଉପକରଣ, ଏଲସିଡି, ଲିଥିୟମ ଆୟନ ବ୍ୟାଟେରୀ ସ୍କ୍ରାପ

**ମହଙ୍ଗା** ଟିଭି ଡିସ୍‌ପ୍ଲେ, ଫ୍ଲାଟ ପ୍ୟାନେଲ ଡିସ୍‌ପ୍ଲେ, କପଡ଼ା

### ବଜେଟ୍ ମୁଖ୍ୟାଂଶ

- ଭାରତ ହେବ ଖେଳନା ତିଆରିର ବିଶ୍ୱସ୍ତରୀୟ କେନ୍ଦ୍ର
- ଖେଳନା ପାଇଁ ଆରମ୍ଭ ହେବ ବଡ ଯୋଜନା
- ଉଡାଣ ଯୋଜନାରେ ଉପକୃତ ହେବେ ଦେଢ କୋଟି ଲୋକ
- ୧୦ ବର୍ଷରେ ତିଆରି ହେବ ୧୨୦ ବିମାନବନ୍ଦର
- ପାହାଡି ଇଲାକାରେ ନିର୍ମାଣ ହେବ ହେଲିପ୍ୟାଡ୍ ଓ ବିମାନବନ୍ଦର
- ଡିଜିଟାଲ ଶିକ୍ଷାକୁ ଗୁରୁତ୍ୱ
- ସବୁ ସରକାରୀ ମାଧ୍ୟମିକ ସ୍କୁଲରେ ବ୍ରଡବ୍ୟାଣ୍ଡ ବ୍ୟବସ୍ଥା
- ଏଆଇ ଶିକ୍ଷାକୁ ଗୁରୁତ୍ୱ
- ୫୦୦ କୋଟିର ବ୍ୟୟବରାଦ
- ୨୦୨୮ ମସିହା ଯାଏଁ ବଢିଲା ଜଳ ଜୀବନ ମିଶନ
- ଆଗାମୀ ସପ୍ତାହରେ ଆସିବ ନୂଆ ଆୟକର ବିଲ୍
- କିଷାନ କ୍ରେଡିଟ୍ କାର୍ଡରେ ବଢିଲା ଋଣ ପରିମାଣ
- ୩ ଲକ୍ଷ ଟଙ୍କାରୁ ବଢି ହେଲା ୫ ଲକ୍ଷ ଟଙ୍କା
- ଡାଲି ଉତ୍ପାଦନରେ ଭାରତ ହେବ ଆତ୍ମନିର୍ଭର

## ଜନତା ଜନାର୍ଦ୍ଦନଙ୍କ ବଜେଟ୍: ମୋଦୀ



ନୂଆଦିଲ୍ଲୀ,୧।୨: ସଂସଦରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ୍ ଉପସ୍ଥାପନ କରିସାରିବା ପରେ ଏ ନେଇ ପ୍ରତିକ୍ରିୟା ରଖିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସେ ଏହି ବଜେଟ୍‌କୁ ସାଧାରଣ ଲୋକଙ୍କ ବଜେଟ୍ କହିବା ସହ ଏହା ମଧ୍ୟବିତ୍ତଙ୍କ ପକେଟ ଭରିବ ବୋଲି ଆଶା ପ୍ରକଟ କରିଛନ୍ତି। ଏହି ବଜେଟ୍ ଜନତା ଜନାର୍ଦ୍ଦନଙ୍କ ବଜେଟ୍ । ଏହା • ପୃଷ୍ଠା ୫ ଦେଖନ୍ତୁ

## ରେଳ ମନ୍ତ୍ରଣାଳୟ ପାଇଁ ୨.୫୫ଲକ୍ଷ କୋଟି



ନୂଆଦିଲ୍ଲୀ,୧।୨: କେନ୍ଦ୍ର ବଜେଟ୍‌ରେ ରେଳ ମନ୍ତ୍ରଣାଳୟ ପାଇଁ ୨.୫୫ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେଥିମଧ୍ୟରୁ ୩,୪୪୫ କୋଟି ଟଙ୍କା ରାଜସ୍ୱ ଓ ୨,୫୨,୦୦୦କୋଟି ଟଙ୍କା ପୁଞ୍ଜି ବ୍ୟୟରେ ଖର୍ଚ୍ଚ କରାଯିବ। ୨୦୨୪-୨୫ରେ ୨.୫୨ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିଲା। ରେଳ ଦୁର୍ଘଟଣା ହ୍ରାସ ପାଇଁ ରେଳ ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି। ଏହା ଅଧୀନରେ ଦେଶର ପ୍ରମୁଖ ରେଳପଥରେ କବଚର ଉନ୍ନତ ସଂସ୍କରଣ ୪.୦ ଲଗାଇବା ପାଇଁ ଦ୍ରୁତଗତିରେ କାର୍ଯ୍ୟ କରାଯିବ। ରେଳ ପେନ୍‌ସନ୍ ପାଣ୍ଠି ପାଇଁ ବଜେଟ୍‌ରେ ୬୬ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ନୂଆ ଲାଇନ୍ ବିଛାଇବା ପାଇଁ ୩୨,୨୩୫ କୋଟି ଟଙ୍କା ଖର୍ଚ୍ଚ କରାଯିବ। ରେଳ ଲାଇନ ଦୋହରୀକରଣ ପାଇଁ ୩୨ହଜାର କୋଟି ଟଙ୍କା ଓ ଗେଜ୍ ଲାଇନ୍‌ରେ ରୂପାନ୍ତରଣ ପାଇଁ ୪୫୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ବଜେଟ୍‌ରେ ସିଗ୍‌ନାଲିଙ୍ଗ ଓ ଟେଲିକମ୍ ପାଇଁ ୬୮୦୦ କୋଟି, ବିଦ୍ୟୁତ ଲାଇନ ପାଇଁ ୬୧୫୦ କୋଟି ଏବଂ କର୍ମଚାରୀ କଲ୍ୟାଣ ପାଇଁ ୮୩୩ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସେହିପରି ରେଳ କର୍ମଚାରୀଙ୍କ ପ୍ରଶିକ୍ଷଣ ପାଇଁ ୩୦୧ କୋଟି ଟଙ୍କା ବ୍ୟୟ କରାଯିବ। ରେଳ ସୁରକ୍ଷା ପାଣ୍ଠିକୁ ୪୫ ହଜାର କୋଟି ଟଙ୍କା ହସ୍ତାନ୍ତର କରାଯିବ।

## ବିକାଶକୁ ନୂଆ ଦିଶା ଦେବ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧।୨(ଭାସ୍କର ନ୍ୟୁଜ): କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଶନିବାର ଲୋକସଭାରେ ଆଗତ କରାଯାଇଥିବା ବଜେଟକୁ ଲୋକାଭିମୁଖୀ, ଲୋକକଲ୍ୟାଣକାରୀ, ରୋଜଗାର ସୃଷ୍ଟିକାରୀ ଏବଂ ବିକାଶମୁଖୀ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । • ପୃଷ୍ଠା ୫ ଦେଖନ୍ତୁ

## ଏନ୍‌କାଉଣ୍ଟର: ୮ ନକ୍ସଲ ନିହତ



ମାଲକାନଗିରି,୧।୨(ଭାସ୍କର ନ୍ୟୁଜ): ଓଡ଼ିଶା-ଛତିଶଗଡ଼ ସୀମାରେ ସୁରକ୍ଷାବାହିନୀକୁ ଏକ ବଡ଼ଧରଣର ସଫଳତା ମିଳିଛି। ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ୮ଜଣ ନକ୍ସଲଙ୍କ ମୃତ୍ୟୁ ହୋଇଛି। ମାଲକାନଗିରି ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲା ଗାଙ୍ଗାଲୁର ତୋଡକା ଜଙ୍ଗଲରେ ନକ୍ସଲ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ନିହତ ନକ୍ସଲଙ୍କଠାରୁ ବନ୍ଧୁକ ଓ ବହୁ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ଏହି ଜଙ୍ଗଲରେ ନକ୍ସଲମାନେ ରହିଥିବା ନେଇ ସୁରକ୍ଷା କର୍ମୀଙ୍କୁ ସୂଚନା ମିଳିବା ପରେ ଏସଟିଏଫ, ଡିଆରଜି ଓ ସିଆରପିଏଫ ଯବାନମାନେ ମିଳିତଭାବେ ଅପରେସନ ଆରମ୍ଭ କରିଥିଲେ। ନକ୍ସଲମାନେ ପ୍ରଥମେ ଗୁଳି ଚଳାଇବାରୁ ସୁରକ୍ଷାକର୍ମୀ ଏହାର ଜବାବ ଦେଇଥିଲେ। ନିହତ ସମସ୍ତ ନକ୍ସଲଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସୂଚନାଯୋଗ୍ୟ ଯେ ଦୁଇଦିନ ପୂର୍ବରୁ ଝାଡ଼ଖଣ୍ଡରେ ଏକ ଏନକାଉଣ୍ଟରରେ ଜଣେ ନକ୍ସଲଙ୍କ ମୃତ୍ୟୁ ଘଟିଥିଲା। ଛତିଶଗଡ଼ରେ ଏବେ ନକ୍ସଲ ଦୁର୍ଗ ଭୁଶୁଡ଼ିବା ଆରମ୍ଭ କରିଛି। ବିଜାପୁର ଜିଲ୍ଲାରେ ୧୦ଜଣ ଏବଂ ନାରାୟଣପୁର ଜିଲ୍ଲାରେ ୩ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ସୁରକ୍ଷାକର୍ମୀଙ୍କ • ପୃଷ୍ଠା ୫ ଦେଖନ୍ତୁ




PATANJALI
Divya

ଆରୋଗ୍ୟ ପାଇଁ ବରଦାନ
ବାତ, ପିତ ଏବଂ କଫ ରୋଗ ପାଇଁ ଭେଷଜ ବିଜ୍ଞାନ ଇତିହାସରେ ଆୟୁର୍ବେଦର ଗବେଷଣା ଏବଂ ପ୍ରମାଣିତ ସର୍ବୋତ୍ତମ ଔଷଧ
ବାତରୋଗ- ଡି-ଜେନେରେଟେଡ୍ କାର୍ଟିଲେଜ ସେଲର ମରାମତି ଏବଂ ସମସ୍ତ ଯନ୍ତ୍ରଣା ସ୍ଥାନକୁ ନିୟନ୍ତ୍ରଣ କରି ସମସ୍ତ ବାତରୋଗରୁ ମୁକ୍ତି ଦେବା ପାଇଁ।
ଏହା ଉପରେ ଅନୁସନ୍ଧାନ ପାଇଁ ପରିଦର୍ଶନ କରନ୍ତୁ https://pmc.ncbi.nlm.nih.gov/articles/PMC9114492/




ପିଡ଼ାନିଲ ଗୋଲ୍ଡ ଏବଂ ଆର୍ଥୋଗ୍ରୀଟ୍
କାଶ ରୋଗ- ଆୟୁର୍ବେଦରେ ପ୍ରଥମ ଥର ପାଇଁ ଫୁସଫୁସର ଆଲଭୋଲିକୁ ସଜୀବ କରି ଶ୍ୱାସକ୍ରିୟାକୁ ମଜବୁତ କରି ଏହା ଶ୍ୱାସକ୍ରିୟାର ସମସ୍ତ ରୋଗକୁ ଭଲ କରିବା ସହ କାଶ, ଥଣ୍ଡା ଏବଂ ଆଜମା ପାଇଁ ସର୍ବୋତ୍ତମ ଔଷଧ।
ଏହି ଗବେଷଣା ପାଇଁ ପରିଦର୍ଶନ କରନ୍ତୁ: https://pubmed.ncbi.nlm.nih.gov/38807596/
https://molmed.biomedcentral.com/articles/10.1186/s10020-024-00888-7




ବ୍ରୋକୋମ, ଶ୍ୱାସରିବଟି, ଶ୍ୱାସରି ଗୋଲ୍ଡ, ଶ୍ୱାସରି ପ୍ରବାହୀ ଏବଂ ଶ୍ୱାସରି ଅବଲେହ
ପିତ ରୋଗ: ଲିଭର, ଅନ୍ତନଳୀ ଏବଂ ପାଚନତନ୍ତ୍ରର ସମସ୍ତ ରୋଗ ଏବଂ କ୍ରୋନିକ୍ ଏସିଡିଟି ଇତ୍ୟାଦି ପାଇଁ ସର୍ବଶ୍ରେଷ୍ଠ ଔଷଧ
ଏହା ଉପରେ କରାଯାଇଥିବା ଅନୁସନ୍ଧାନ ପାଇଁ ପରିଦର୍ଶନ କରନ୍ତୁ: https://pmc.ncbi.nlm.nih.gov/articles/PMC9208489/
https://www.cell.com/heliyon/fulltext/S2405-8440(25)00235-X
https://www.tandfonline.com/doi/abs/10.1080/01480545.2024.2320189




ଲିଭୋଗ୍ରିଟ୍, ଲିଭୋଗ୍ରିଟ ଭାଇଟାଲ, ଲିଭାମୃତ ଆଡଭାନ୍ସ, ଏସିଡୋଗ୍ରିଟ୍ ଏବଂ ଏଲୋଭେରା ଜୁସ୍
ପତଞ୍ଜଳିର ରିସର୍ଚ୍ଚ ପେପର ସର୍ଚ୍ଚ କରିବା ପାଇଁ ୱେବସାଇଟ୍ ପରିଦର୍ଶନ କରନ୍ତୁ: https://patanjali.res.in/research-paper.php
ଆମର ସମସ୍ତ ଔଷଧ ପତଞ୍ଜଳି ଷ୍ଟୋର, ପ୍ରମୁଖ ମେଡ଼ିକାଲ, ଆୟୁର୍ବେଦିକ ଏବଂ ବଡ଼ ଷ୍ଟୋରରେ ଉପଲବ୍ଧ ଅଟେ।
ଉପରବର୍ଣ୍ଣିତ ଔଷଧଗୁଡ଼ିକର ଉପଯୋଗ ପ୍ରାକୃତିକ ଉପାୟରେ ପ୍ରସ୍ତୁତ । ଉପଯୁକ୍ତ ରୋଗ ପାଇଁ ଉପରୋକ୍ତ ଔଷଧର ଉପଯୋଗ କରନ୍ତୁ। ସ୍ୱଇଚ୍ଛାରେ କୌଣସି ଔଷଧ ନିଅନ୍ତୁ ନାହିଁ। ଔଷଧ ପ୍ରୟୋଗ ପାଇଁ ଆମର ଚିକିତ୍ସକଙ୍କ ନିରୀକ୍ଷଣରେ ବ୍ୟବହାର କରନ୍ତୁ।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର



କଟକ(ଭାସ୍କର ନ୍ୟୁଜ୍): ଅଲ୍ ଓଡ଼ିଶା ଇପିଏଫ୍ ପେନସନରସ୍ ଆସୋସିଏସନର ବୈଠକ କଟକ ଜିଲ୍ଲା ୪୨ମୌଜା ଅନ୍ତର୍ଗତ ଦଧିବାମନପୁରସ୍ଥିତ ମା' ଭୁଆଶୁଣି ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । କଟକ ଜିଲ୍ଲା ସଭାପତି ଅଗାଧୁ ଚରଣ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ତଥା ସର୍ବଭାରତୀୟ ଉପସଭାପତି ଭାଗ୍ୟଧର ବ୍ରହ୍ମା, ମୁଖ୍ୟ ବକ୍ତା ରାଜ୍ୟ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହି, ସମ୍ମାନୀୟ ଅତିଥି ଭାବେ ପ୍ରଫୁଲ୍ଲ ଦାସ, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ବିକ୍ରମ ଛୋଟରାୟ, ଉର୍ବଶୀ ମିଶ୍ର, ଧୀରେନ୍ଦ୍ର ପ୍ରତାପ, ସୁକାନ୍ତ ସ୍ୱାଇଁ, ଅଲେଖ ଚନ୍ଦ୍ର ରାଉତ ଓ ଦଧିବାମନପୁର ଗ୍ରାମ ଅଧିକାରୀ କୃଷ୍ଣଚନ୍ଦ୍ର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ସଭାର ନିଷ୍ପତ୍ତି କ୍ରମେ ୪୨ମୌଜା ଇପିଏଫ ଆଞ୍ଚଳିକ କମିଟିର ୧୦ପ୍ରତିନିଧିଙ୍କ ନାମ ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ସଭାରେ ଘୋଷଣା କରିଥିଲେ । ସେମାନେ ହେଲେ ବୁଲେଇ ବେହେରା, ଉମାକାନ୍ତ ରାଉତ, ଦେବେନ୍ଦ୍ର ନାଥ ନାୟକ, ଭଜକୃଷ୍ଣ ଲେଙ୍କା, ଶଶୀଭୂଷଣ ମିଶ୍ର, ଅଜୟ କୁମାର ନାୟକ, ବନବିହାରୀ ମୁଦୁଲି, ଉମେଶ ଚନ୍ଦ୍ର ସ୍ୱାଇଁ, ଅଲେଖ ନାୟକ ଓ କୃଷ୍ଣ ଚନ୍ଦ୍ର ସେଠୀ । ଇପିଏଫ୍ ପେନସନଭୋଗୀଙ୍କ ମାସିକ ୯ ହଜାର ଟଙ୍କା ପେନସନ ସହ ମହଙ୍ଗାଭତ୍ତା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରିବାରେ ଜିଲ୍ଲା ସଂଗଠନ ଓ ରାଜ୍ୟ ନେତୃମଣ୍ଡଳୀଙ୍କ ଦ୍ୱାରା ଜାରୀ ନିରନ୍ତର ଉଦ୍ୟମକୁ ସଭାରେ ଭୂୟିଷ ପ୍ରଶଂସା କରାଯାଇଥିଲା ।



# ‘କେନ୍ଦ୍ରୀୟ ବଜେଟ୍ ଲୋକାଭିମୁଖୀ ଓ ବିକାଶମୁଖୀ’

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମନଜୀ ଆଜି ଲୋକସଭାରେ ଆଗତ କରାଯାଇଥିବା ବଜେଟକୁ ଲୋକାଭିମୁଖୀ, ଲୋକକଲ୍ୟାଣକାରୀ, ରୋଜଗାର ସୃଷ୍ଟିକାରୀ ଏବଂ ବିକାଶମୁଖୀ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ବଜେଟ ଉପରେ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ, ଏଥର ବଜେଟର ଆକାର ରେକର୍ଡ ୫୦ ଲକ୍ଷ ୬୫ ହାଜର କୋଟି ଟଙ୍କା ଯାହା ଦେଶର ପ୍ରଗତି ଏବଂ ବିକାଶକୁ ଏକ ନୂତନ ଦିଶା ପ୍ରଦାନ କରିବ । ସାମଗ୍ରିକ ଭାବେ ଚଳିତ ବଜେଟ ସମାଜର ପ୍ରତ୍ୟେକ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ । ଚାଷୀ, ଦିନ ମଜୁରିଆ, ମଧ୍ୟମ ବର୍ଗ, ଚାକିରିଆ, ମହିଳା, ଯୁବ, ଛାତ୍ର ସମସ୍ତଙ୍କ ପାଇଁ ଏହି ବଜେଟରେ କିଛି ନା କିଛି ଭଲ ଖବର ଅଛି। ସେ କହିଛନ୍ତି ଯେ, ମଧ୍ୟବିତ୍ତ ପରିବାରଙ୍କ ଆଶା ଆକାଂକ୍ଷାକୁ କେନ୍ଦ୍ର ସରକାର ପୂରଣ କରିବାରେ ସମର୍ଥ ହୋଇଛନ୍ତି । ଆପଣମାନଙ୍କର ମନେଥିବ, ଗତକାଲି ସଂସଦ ଆରମ୍ଭ ହେବାର ଅବ୍ୟବହିତ ପୂର୍ବରୁ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜି ଆଗତ ହେବାକୁ ଥିବା ବଜେଟରେ ଗରିବ ଏବଂ ମଧ୍ୟବିତ୍ତଙ୍କ ଉପରେ ମା' ଲକ୍ଷ୍ମୀ କୃପାଦୃଷ୍ଟି ବର୍ଷିବ, ଏବଂ ଆଜି ଠିକ୍ ସେଇଆ ହିଁ ହେଲା । ଆୟକର ଦାତାଙ୍କ ପାଇଁ ୧୨ ଲକ୍ଷ ଟଙ୍କା ଅର୍ଥାତ ମାସକୁ ଏକ ଲକ୍ଷ ଟଙ୍କା ରୋଜଗାର କରୁଥିବା ବ୍ୟକ୍ତିଙ୍କ ପାଇଁ କୌଣସି ଟିକସ ଦେବାକୁ ପଡିବ ନାହିଁ । ଏହା ଦ୍ୱାରା ସେମାନେ ଅତି କମ୍‌ରେ ପ୍ରାୟ ୮୦ ହଜାର ଟଙ୍କା ସଂଚୟ କରିବେ ଯାହା ଭାରତୀୟ ଅର୍ଥନୀତିକୁ ଆହୁରି ସୁଦୃଢ କରିବ । ଏହା ହେଉଛି




ପ୍ରକୃତରେ ମୋଦୀ ଗ୍ୟାରେଣ୍ଟି- ଯାହା କୁହନ୍ତି, ତାହା କରନ୍ତି । ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ହୃଦୟରେ ଅନ୍ନଦାତାଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଅଛି । ଏଥରର ବଜେଟରେ ୧୦୦ ଗୋଟି ଜିଲ୍ଲାରେ ଉତ୍ପାଦକତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଚାଷୀ ଭାଇ ଓ ଭଉଣୀଙ୍କ ପାଇଁ 'ଧନଧାନ୍ୟ କୃଷି ଯୋଜନା' ପ୍ରସ୍ତାବିତ କରାଯାଇଛି, ଯାହା ଚାଷୀଙ୍କ ଆୟ ବୃଦ୍ଧି କରିବା ପାଇଁ ସହାୟକ ହେବ । ଏହି ନୂତନ ଯୋଜନାରେ ଦେଶର ୧ କୋଟି ୭୦ ଲକ୍ଷ ଚାଷୀ ଉପକୃତ ହେବେ । ପରିବର୍ତ୍ତିତ ସୁଧ ରିହାତି ଯୋଜନା ଅଧୀନରେ କିଷାନ କ୍ରେଡିଟ୍ କାର୍ଡ ମାଧ୍ୟମରେ ଋଣ ସୀମା ୩ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି ଘୋଷଣା ଚାଷୀମାନଙ୍କୁ ଆବଶ୍ୟକୀୟ ନଗଦ ରାଶି ଯୋଗାଇବାରେ ସହାୟକ ହେବ । ସେ କହିଛନ୍ତି ଯେ, କେନ୍ଦ୍ର ଟିକସରୁ ରାଜ୍ୟ ଅଂଶ ବାବଦକୁ ୨୦୨୪-୨୫ ବର୍ଷ ପାଇଁ ୫୫,୨୩୨ କୋଟି ଟଙ୍କା ଆକଳନ କରାଯାଇଥିବା ବେଳେ ୨୦୨୫-୨୬ ରେ ଓଡ଼ିଶାକୁ ୬୪,୪୦୮ କୋଟି ଟଙ୍କା ମିଳିବ । ଏହି ବର୍ଦ୍ଧିତ ପାଣ୍ଠିକୁ ରାଜ୍ୟ ସରକାର ବିଭିନ୍ନ କଲ୍ୟାଣ ମୂଳକ କାର୍ଯ୍ୟରେ ବ୍ୟବହାର କରିପାରିବେ । ପ୍ରଧାନମନ୍ତ୍ରୀଙ୍କ ଫୋକସରେ ଓଡିଶା ରହିଛି ଏବଂ ଏହା ରାଜ୍ୟ ପାଇଁ ବିକାଶର ନୂତନ ଶିଖର ଛୁଇଁବ । ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ସଦା ସର୍ବଦା କହି ଆସୁଛନ୍ତି ଯେ ଦେଶରେ ଚାରିଗୋଟି ଜାତି ଅଛନ୍ତି, ସେମାନେ ହେଲେ ଗରିବ, ଯୁବ ବର୍ଗ, ମହିଳା ଏବଂ କୃଷକ । ଚଳିତ ବର୍ଷର ବଜେଟ ମଧ ଏମାନଙ୍କ ପାଇଁ ଉଦ୍ଦିଷ୍ଟ । ଦେଶର ସର୍ବାଙ୍ଗୀନ ଉନ୍ନତି ପାଇଁ ଏହି ବଜେଟରେ କୃଷି, ଏମ୍‌ଏସ୍‌ଏମ୍‌ଇ, ନିବେଶ ଏବଂ ରପ୍ତାନି ବିକାଶର ଚାରିଟି ଗ୍ରୋଥ୍ ଇଞ୍ଜିନ ଭାବେ କାର୍ଯ୍ୟ କରିବ ।

## ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସ୍ମରଣ କଲେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସ୍ମୃତିଚାରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶିଷ୍ଟ ସାନ୍ତାଳୀ କବି, ଅଲଚିକି ଲିପିର ଜନକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପୂଣ୍ୟତିଥିରେ ବିନମ୍ର ଶ୍ରଦ୍ଧାଞ୍ଜଳି। ଜନଜାତି ସମାଜର ଉନ୍ନତି ଏବଂ ସାନ୍ତାଳୀ ଭାଷା, ସାହିତ୍ୟର ପ୍ରଚାର ପ୍ରସାର ପାଇଁ ତାଙ୍କର ଅବଦାନ ଚିର ସ୍ମରଣୀୟ । ସେହିପରି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସ୍ମୃତିଚାରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ବିଶିଷ୍ଟ ଚିନ୍ତାନାୟକ, ସାନ୍ତାଳୀ କବି ତଥା ଅଲ୍ ଚିକି ଲିପିର ପ୍ରଣେତା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ତିରୋଧାନ ଦିବସରେ ଶ୍ରଦ୍ଧାଞ୍ଜଳି ।

## ଭାରତୀୟ ତଟରକ୍ଷକ ସ୍ଥାପନା ଦିବସରେ ଶୁଭେଚ୍ଛା ଜଣାଇଲେ ରାଜ୍ୟପାଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ଭାରତୀୟ ତଟରକ୍ଷକ ଦିବସର ସ୍ଥାପନା ଦିବସ ଅବସରରେ ସାହସୀ ଯବାନ ଓ ସେମାନଙ୍କ ପରିବାରବର୍ଗଙ୍କୁ ଶୁଭକାମନା ଓ ଅଭିନନ୍ଦନ ଜଣାଇଛନ୍ତି । ଆମର ସାମୁଦ୍ରିକ ସୀମାକୁ ରକ୍ଷା କରିବା ଓ ଆମର ସମୁଦ୍ରର ସୁରକ୍ଷାକୁ ସୁନିଶ୍ଚିତ କରିବାରେ ତାଙ୍କର ସମର୍ପଣକୁ ସେ ଭୂୟସୀ ପ୍ରଶଂସା କରିଛନ୍ତି ।

## ବିଜୟଙ୍କୁ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶନିବାର ବିଜୟ ଅମୃତ କୁଲାଙ୍ଗେଙ୍କୁ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦେଲେ ରାଜ୍ୟ ସରକାର । ନୂଆ ନିର୍ଦ୍ଦେଶକ ନିଯୁକ୍ତି ପର୍ଯ୍ୟନ୍ତ ଅତିରିକ୍ତ ଦାୟିତ୍ୱରେ ରହିବେ ବିଜୟ ଅମୃତ କୁଲାଙ୍ଗେ ।

## ମଧ୍ୟବିତ୍ତବର୍ଗଙ୍କ ପାଇଁ ବଜେଟ୍‌ରେ ସୁବିଧା: ପଞ୍ଚାନନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମଧ୍ୟବିତ୍ତ ଓ ଆୟକରବର୍ଗଙ୍କ ପାଇଁ ଚଳିତ ବଜେଟ୍ ବେଶ୍ ସୁବିଧାଜନକ ହୋଇପାରିଛି । ଯଦି ଆଗାମୀ ଦିନରେ ଦରଦାମ୍ ବୃଦ୍ଧି ନ ଘଟେ, ତେବେ ଏହି ବର୍ଗର ଲୋକଙ୍କୁ ବହୁ ସୁବିଧା ମିଳିବ । ତେବେ ଦରଦାମ୍ ଯଦି ବୃଦ୍ଧି ଘଟିବ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିବ । ତେଣୁ ଦରଦାମ୍ ବୃଦ୍ଧି ନ ଘଟିବା ସ୍ଥିତିରେ ରହିଲେ ସବୁ ସୁବିଧା ଉପଲବ୍ଧ ହୋଇପାରିବ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ନିଜ ପ୍ରତିକ୍ରିୟାରେ କହିଛନ୍ତି ।

## ଭାରତୀୟ ଅର୍ଥନୀତି ଆହୁରି ସୁଦୃଢ଼ ହୋଇପାରିବ: ପ୍ରଦୀପ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆୟକର ଦାତାଙ୍କ ପାଇଁ ୧୨ ଲକ୍ଷ ଟଙ୍କା ଅର୍ଥାତ ମାସକୁ ଏକ ଲକ୍ଷ ଟଙ୍କା ରୋଜଗାର କରୁଥିବା ବ୍ୟକ୍ତିଙ୍କ ପାଇଁ କୌଣସି ଟିକସ ଦେବାକୁ ପଡିବ ନାହିଁ । ଏହା ଦ୍ୱାରା ସେମାନେ ଅର୍ଥ ସଞ୍ଚୟ କରିପାରିବେ । ଯାହାଦ୍ୱାରା ଭାରତୀୟ ଅର୍ଥନୀତି ଆହୁରି ସୁଦୃଢ ହୋଇପାରିବ । ତେଣୁ ଏହା ମୋଦୀ ସରକାରଙ୍କ ତୃତୀୟ ପାଳିର ଏକ ଐତିହାସିକ ପଦକ୍ଷେପ ବୋଲି ଆଇସିଏଆଇ ଭୁବନେଶ୍ୱର ଚାପ୍ଟରର ପୂର୍ବତନ ଅଧ୍ୟକ୍ଷ ଚାଟାର୍ଡ ଆକାଉଣ୍ଟାଣ୍ଟ ପ୍ରଦୀପ କୁମାର ସାହୁ କହିଛନ୍ତି ।

## ଓଡିଶା ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ଅଧିନିୟମ ସମ୍ପର୍କରେ ସ୍ୱଷ୍ଟିକରଣ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗତ ୨୦୨୩ ଜୁନ ମାସ ୨୮ ତାରିଖରୁ କାର୍ଯ୍ୟକାରି ହେଉଥିବା ଓଡିଶା ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ଅଧିନିୟମ ୨୦୨୩ (୨୦୨୩ ଓଡିଶା ଅଧିନିୟମ ୭ ) ସମ୍ପର୍କରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତରଫରୁ ଏକ ସ୍ୱଷ୍ଟୀକରଣ ପ୍ରକାଶ ପାଇଛି । ବର୍ତ୍ତମାନର ଅଧିନିୟମ ସତ୍ୱେ ଯେଉଁ ସବୁ ଆପାର୍ଟମେଂଟ ଗୁଡିକ ୨୦୧୭ ଫେବୃଆରୀ ୨୫ ପୂର୍ବରୁ ସମ୍ପୂର୍ଣ ହୋଇଛି ସେହି ସବୁ ଆପାର୍ଟମେଂଟ ଗୁଡିକ ଓଡିଶା ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ଅଧିନିୟମ ସତ୍ୱେ ପଞ୍ଜିକରଣ ( ରେଜିଷ୍ଟ୍ରେସନ ) କରାଯାଇପାରିବ , ଏ ନେଇ ଗୃହ ଓ ନଗର ଉନୟନ ବିଭାଗ ତରଫରୁ ରାଜ୍ୟ ରାଜସ୍ୱ ଓ ବିପର୍ଜୟ ପରିଚାଳନା ବିଭାଗକୁ ଅନୁରୋଧ କରାଯାଇଛି । ଏ ନେଇ ଆଜି ଗୃହ ଓ ନଗର ଉନୟନ ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଅପିଲ ଫଇସଲା କରିବାକୁ ୭ ଜଣ ବରିଷ୍ଠ ଅଧିକାରୀଙ୍କୁ ସ୍ୱତନ୍ତ୍ର ଭାବେ ଦାଇତ୍ୱ ଦିଆଯାଇଛି । ବିଡିଏ ଏବଂ ବିଏମସିରେ ଓଡିଶା ଡେଭେଲପମେଣ୍ଟ ଅଥରିଟି ୧୯୮୨ କାର୍ଯ୍ୟ କାରିତା ନେଇ ବିଭିନ୍ନ ସମୟରେ ଜାରି କରାଯାଇଥିବା ଆଦେଶନାମା ବିରୁଦ୍ଧରେ ପଡିରହିଥିବା ଅପିଲ ଗୁଡିକର ତୁରନ୍ତ ଫଇସଲା କରିବାକୁ ୭ ଜଣ ବରିଷ୍ଠ ଅଧିକାରୀଙ୍କୁ ସ୍ୱତନ୍ତ୍ର ଭାବେ ଦାଇତ୍ୱ ଦିଆଯାଇଛି । ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପଡି ରହିଥିବା ପ୍ରାୟ ୭୦୦ ରୁ ଅଧିକ ଅପିଲ ମାମଲାର ଯଥାଶୀଘ୍ର ଫଇସଲା ଉଏବ ଜରୁରୀ । ଦାୟିତ୍ୱ ପ୍ରଦାନ କରାଯାଇଥିବା ଅଧିକାରୀ ମାନେ ଯଥାଶୀଘ୍ର ପଡି ରହିଥିବା ଅପିଲ ମାମଲା ଗୁଡିକୁ ଫଇସଲା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ବିଜେପି ପକ୍ଷରୁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ବିରୋଧ ପ୍ରଦର୍ଶନ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସୋନିଆ ଗାନ୍ଧୀଙ୍କ ବିବାଦୀୟ ମନ୍ତବ୍ୟ ବିରୋଧ କରିଛି ବିଜେପି। ଶନିବାର ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ବିଜେପି ପକ୍ଷରୁ ବିରୋଧ ପ୍ରଦର୍ଶନ କରାଯାଇଛି। ଭୁବନେଶ୍ୱର ଏକାମ୍ର ସମତେ ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀରେ ଆଜି ବିକ୍ଷଭ ପ୍ରଦର୍ଶନ କରାଯାଇଛି। ବିଜେପି ବିଧାୟକ ବାବୁ ସିଂ ନେତୃତ୍ୱରେ ଆଜି କଳ୍ପନା ଛକ ସ୍ଥିତ ରାଜ୍ୟ ସଂଗ୍ରହାଳୟ ସମ୍ମୁଖରେ ବିରୋଧ ପ୍ରଦର୍ଶନ କରାଯାଇଛି। ବିଜେପିର କାର୍ଯ୍ୟକର୍ତ୍ତା ସୋନିଆ ଗାନ୍ଧୀଙ୍କ ବିରୋଧରେ ସ୍ଲୋଗାନ ଦେବା ସହ କୁଶପୁତ୍ତଳିକା ଦାହା କରିଥିଲେ। ଏହି ଅବସରରେ ବାବୁ ସିଂ କହିଚନ୍ତି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସୋନିଆ ଗାନ୍ଧୀଙ୍କ ଯେଉଁ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି ତାହା ନିନ୍ଦନୀୟ। ଯେତେ ନିନ୍ଦା କଲେ ମଧ କମ ହେବ। ତୁରନ୍ତ ସୋନିଆ ଗାନ୍ଧୀ ରାଷ୍ଟ୍ରପତିଙ୍କୁ କ୍ଷମା ମାଗିବା ସହ ଦେଶବାସୀଙ୍କୁ କ୍ଷମା ମାଗନ୍ତୁ। ଯେପର୍ଯ୍ୟନ୍ତ ସୋନିଆ ଗାନ୍ଧୀ କ୍ଷମା ମାଗି ନାହାନ୍ତି। ସେ ପର୍ଯ୍ୟନ୍ତ ବିଜେପି ପକ୍ଷରୁ ଆନ୍ଦୋଳନ ଜାରି ରହିବ ବୋଲି ବାବୁ ସିଂ କହିଛନ୍ତି।

## ନେତାଜୀଙ୍କ ୧୨୯ତମ ଜୟନ୍ତୀ ଉପଲକ୍ଷେ ସାଧାରଣ ସଭା

କଟକ(ଭାସ୍କର ନ୍ୟୁଜ୍): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜୟନ୍ତୀ ଅବସରରେ ସାରା ଓଡିଶା ନେତାଜୀ ସୁଭାଷ ଜୟନ୍ତୀ କମିଟି, କଟକ ଜିଲ୍ଲା ପକ୍ଷରୁ କଟକର ଟାଉନହଲରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡିଶା ହାଇକୋର୍ଟର ବିଶଷ୍ଟ ଆଇନଜୀବୀ ମନୋରଞ୍ଜନ ମହାନ୍ତି, ମୁଖ୍ୟ ଅତିଥିଭାବେ ବିଶେଷଜ୍ଞ ପ୍ରଫେସର କନିଷ୍କ ଦାସ, ସମ୍ମାନୀତ ଅତିଥି ଓଡିଶା ହାଇକୋର୍ଟରେ ବରିଷ୍ଠ ଆଇନଜୀବୀ ଗୌତମ ମୁଖାର୍ଜୀ, ବକ୍ତାଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ମୁଖ୍ୟ ଡକ୍ଟର ପ୍ରିୟଦର୍ଶୀ କର ଏବଂ ସାରା ଓଡିଶା ନେତାଜୀ ସୁଭାଷ ଜୟନ୍ତୀ କମିଟିର ରାଜ୍ୟ ସଂପାଦକ ବିଶ୍ୱାବାସୁ ଦାସ ଯୋଗ ଦେଇଥିଲେ।

## ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନକୁ ଅଧିକ କ୍ରିୟାଶୀଳ କରାଯିବ: ସଞ୍ଜୟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ସାଙ୍ଗଠନିକ ପ୍ରକ୍ରିୟା ସମସ୍ତଙ୍କୁ ସାମିଲ କରି କରାଯିବ । ସଂଗଠନକୁ ଶକ୍ତିଶାଳୀ କରି ସଭ୍ୟ ସଂଗ୍ରହ ଅଭିଯାନକୁ ଅଧିକ କ୍ରିୟାଶୀଳ କରାଯିବ । ସେଥିପାଇଁ କିଛି ନେତୃତ୍ୱକୁ ଦାୟିତ୍ୱ ଦିଆଯାଇଛି । ଏହି ଉଦ୍ୟମ ନିହାତି କର୍ମୀ ମାନଙ୍କୁ ଏକଜୁଟ କରିବ ଏବଂ ଦଳକୁ ତୃଣମୂଳ ସ୍ତରରେ ସଂଠିତ କରିବ । ଲମ୍ବା ସମୟ ଧରି ଓଡିଶା ବାସୀ ନବୀନ ବାବୁଙ୍କ ଉପରେ ବିଶ୍ୱାସ ରଖିଥିଲେ । ଆଞ୍ଚଳିକ ଦଳ ହିସାବରେ ଆଜି ବି ବିଜେଡି ଓଡିଶା ବାସୀଙ୍କ ଅଗ୍ରାଧିକାର ରହିଛି । ବିରୋଧୀ ଦଳର ଭୂମିକା ସମର୍ପିତ ଭାବେ ନିର୍ବାହ କରିବା ଆମ ଦାୟିତ୍ୱ । ସଂଗଠନିକ ନିର୍ବାଚନ ପ୍ରକ୍ରିୟା ଚାଲିଛି ବିଳମ୍ବ ହୋଇନାହିଁ । ନିର୍ଦ୍ଧାରିତ ସମୟରେ ଚାଲିଛି ସଂଗଠନିକ ନିର୍ବାଚନ କାମ । ଯେଉଁଥି ସଭ୍ୟ ସଂଗ୍ରହ ଅଭିଯାନ ଧିମା ରହିଛି ସେଠି ଗୁରୁତ୍ୱ ଦିଆଯାଉଛି । ପ୍ରଣବ ପ୍ରକାଶ ଦାସକୁ ପୁଣି ଥରେ ସଂଗଠନ ଦାୟିତ୍ୱ ନେଇ ସଞ୍ଜୟ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ସଂଗଠନକୁ ଯେତେବେଳ ଶକ୍ତିଶାଳୀ କରାଯାଏ । ବ୍ୟକ୍ତି ଗୁରୁତ୍ୱପୂର୍ଣ୍ଣ ନୁହେଁ ବିଚାର ଆଉ ଆଦର୍ଶ ଗୁରୁତ୍ୱପୂର୍ଣ୍ଣ । ନେତୃତ୍ୱ କିଛି ନେତାକୁ ଦାୟିତ୍ୱ ଦେଇଛନ୍ତି ଆମେ ଏକ ଟିମ ହୋଇ କାମ କରିବୁ । କୌଣସି ଜାଗାରେ ମେଳି ନାହିଁ ଏହା ଗଣମାଧ୍ୟମର ପ୍ରାୟୋଜିତ କାର୍ଯ୍ୟ । କେହି ପାଞ୍ଚ ଜଣ ବସି ଚର୍ଚ୍ଚା ଆଲୋଚନା କଲେ ତାହା ମେଳି ନୁହେଁ ବୋଲି ପ୍ରତିକ୍ରିୟା ରଖିଛନ୍ତି ସଞ୍ଜୟ ଦାସବର୍ମା କହିଛନ୍ତି ।

**ଡ଼ମଣା ଛକରେ ଦୁର୍ଘଟଣା**

## ବିଦ୍ୟୁତ୍ ଖୁଣ୍ଟରେ ପିଟିହେଲା କାର୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଡ଼ମଣା ଛକରେ ଏକ ବଡ଼ ଦୁର୍ଘଟଣା ଘଟିଛି । ବିଦ୍ୟୁତ ଖୁଣ୍ଟରେ କାର ପିଟି ହୋଇ ୨ ଗୁରୁତର ଆହତ ଥିବା ସୂଚନା ମିଳିଛି । ୨ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଡିଭାଇଡର ମାଡ଼ କରିଛି ଏକ ଧଳା ରଙ୍ଗର କାର। ଘଟଣା ସ୍ଥଳରେ ପୋଲିସ ଉପସ୍ଥିତ ରହିଛି । କ୍ରେନ ସାହାଯ୍ୟରେ ଗାଡିକୁ ଉଠାଯାଇ ରାସ୍ତା କ୍ଲିୟର କରାଯାଇଛି।

## ୫ରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ସମୂହର ପ୍ରତିବାଦ ସଭା

କଟକ(ଭାସ୍କର ନ୍ୟୁଜ୍): ବଜେଟରେ ଶ୍ରମିକ ଓ କୃଷକ ପାଇଁ କିଛି ନାହିଁ। ସାମାଜିକ କ୍ଷେତ୍ରରେ ବ୍ୟୟବରାଦ କରାଯାଇଛି । ଖାଦ୍ୟ, ଇନ୍ଧନ, ତୈଳ, ସାରରେ ଅନୁଦାନରେ ଅଳର ସମସ୍ତ ସବସିଡି ହ୍ରାସ କରାଯାଇଛି, ଫଳରେ କୃଷିକ୍ଷେତ୍ରରେ ସଙ୍କଟ ବଢିବ ଓ କୃଷି ଋଣ ବଢିବ। କୃଷକଙ୍କର ଦାବିକୁ ଗ୍ରହଣ କରାଯାଇନାହିଁ ଏବଂ ଗ୍ରାମ୍ୟ ନିଯୁକ୍ତି ଓ ସର୍ବୋପରି ବେକାରୀ ଦୂରୀକରଣ ଦିଗରେ କିଛି ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ। ସେହିପରି ଦରବୃଦ୍ଧି ଓ ମୁଦ୍ରାସ୍ଫୀତିକୁ ରୋକିବା ପାଇଁ ବଜେଟରେ କିଛି ନାହି ବୋଲି ଦର୍ଶାଇ କେନ୍ଦ୍ରୀୟ ଶ୍ରମିକ ସଂଗଠନ ସମୂହ ପକ୍ଷରୁ ଏହା ବିରୋଧରେ ଆସନ୍ତା ୫ ତାରିଖରେ ଦେଶବ୍ୟାପୀ ବିକ୍ଷୋଭ ଓ ଏହାର ପ୍ରତିବାଦ କରାଯିବ ବୋଲି ସୂଚନା ଦିଆଯାଇଛି । ସଂଗଠନ ପକ୍ଷରୁ କୁହାଯାଇଛି ଯେ ବୀମା କ୍ଷେତ୍ରରେ ଶତପ୍ରତିଶତ ବିଦେଶୀ ପୁଞ୍ଜି ବିନିଯୋଗ ଫଳରେ ଦେଶୀୟ ବୀମା କମ୍ପାନୀମାନେ କ୍ଷତିଗ୍ରସ୍ତ ହେବେ। ବୀମା ବ୍ୟବସାୟରେ ବିଦେଶୀ ଏକଚାଟିଆ କମ୍ପାନୀ ମାନଙ୍କ ଆଧିପତ୍ୟ ବଢିଯିବ। ଅନ୍ୟପକ୍ଷରେ କେବଳ ଶ୍ରମିକଙ୍କୁ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ସୁବିଧା ଦେବା ଛଡା ସହ ଶ୍ରମିକଙ୍କ ପାଇଁ କିଛି ସୁବିଧା ଦିଆଯାଇନାହିଁ। ସ୍କିମ ଶ୍ରମିକ ମାନଙ୍କୁ ଶ୍ରମିକ ରୂପେ ଏଥର ମଧ୍ୟ ଘୋଷଣା କରାଗଲା ନାହିଁ। ଇପିଏଫ ପେନସନ ମଧ ବୃଦ୍ଧି କରାଗଲା ନାହିଁ। ଏପରି କ୍ଷେତ୍ରରେ ଦେଶରେ ଏକ ବିରାଟ ଶ୍ରମ ଶକ୍ତିକୁ ଉପେକ୍ଷା କରାଯାଇଛି। ସାମଗ୍ରିକ ଭାବେ ଏହି ବଜେଟ ଶ୍ରମିକ, କୃଷକ ଓ ଜନବିରୋଧୀ ବୋଲି ଏଆଇଟିୟୁସି ପକ୍ଷରୁ ଦର୍ଶାଯାଇଛି ।

## ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଆୟୋଜିତ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପିତ




କଟକ(ଭାସ୍କର ନ୍ୟୁଜ୍): ରେଭେନ୍ସା ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗ ଦ୍ୱାରା ଆୟୋଜିତ 'ପ୍ରକୃତିର ବିବର୍ତ୍ତନ ପ୍ରକ୍ରିୟାରେ ମଣିଷ ଓ ଜୀବଜଗତ:ପରିବେଶ ସନ୍ତୁଳନ ପରିପ୍ରେକ୍ଷୀରେ ବିଶ୍ୱସାହିତ୍ୟ' ଶୀର୍ଷକ ଆନ୍ତର୍ଜାତୀୟ ସମ୍ମିଳନୀର ଉଦଯାପନୀ ଉତ୍ସବ ବିଶ୍ୱବିଦ୍ୟାଳୟର ଐତିହ୍ୟ ହଲରେ ଅନୁଷ୍ଠିତ ହୋଇଯାଇଛି । ବୀର ନର୍ମଦ ଦକ୍ଷିଣ ଗୁଜରାଟ ବିଶ୍ୱବିଦ୍ୟାଳୟର ଇଂରାଜୀ ପ୍ରଫେସର ମହେଶ ଦେ ମୁଖ୍ୟ ଅତିଥି ରୂପେ ଜନସାଧାରଣଙ୍କ ମଧ୍ୟରେ ପରିବେଶ ସଚେତନତା ବୃଦ୍ଧି କରିବାରେ ଏପରି ସମ୍ମିଳନୀର ସୁଦୂରପ୍ରସାରୀ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମିଳନୀର ମୁଖ୍ୟବକ୍ତା ମଧ ଟେନେସି ଷ୍ଟେଟ୍ ବିଶ୍ୱବିଦ୍ୟାଳୟ, ଆମେରିକାର ପ୍ରଫେସର ଫିଲିପ୍ ଏଡଓ୍ୱାର୍ଡ ଫିଲିପ୍ସ ରେଭେନସା ପରିସର ତଥା ଓଡିଶାରେ ବିତାଇଥିବା ଅଭୁଲା ଅଭିଜ୍ଞତା ବିଷୟରେ ସ୍ମୃତିଚାରଣ କରିବା ସହ ପରିବେଶକୁ ସୁରକ୍ଷିତ ରଖିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ସମ୍ମିଳନୀର ସଂଯୋଜକ ପ୍ରଫେସର ସମ୍ବିତ ପାଣିଗ୍ରାହୀ ସମ୍ମିଳନୀ ରିପୋର୍ଟ ପଠନ କରିଥିଲେ । ରେଭେନସା ଇଂରାଜୀ ବିଭାଗର ସାମଗ୍ରିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଛଅ ଜଣ ପୂର୍ବତନ ପ୍ରଫେସରଙ୍କୁ ସମ୍ମିଳନୀରେ ସମ୍ମାନିତ କରାଯାଇଥିଲା। ପ୍ରଫେସର ଦିନେଶ ପ୍ରସାଦ ପଟ୍ଟନାୟକ, ପ୍ରଫେସର ସନତ ଦାସ ପଟ୍ଟନାୟକ, ପ୍ରଫେସର ସର୍ବେଶ୍ୱର ସାମଲ, ପ୍ରଫେସର ବିଜୟ କୁମାର ବଳ, ପ୍ରଫେସର ଅମୂଲ୍ୟ କିଶୋର ପୁରୋହିତ ଏବଂ ପ୍ରଫେସର ମୃତ୍ୟୁଞ୍ଜୟ ମହାନ୍ତିଙ୍କ ମାର୍ଗଦର୍ଶନରେ ହଜାର ହଜାର ବିଦ୍ୟାର୍ଥୀ ସଫଳ ହୋଇଥିବାରୁ ସେମାନଙ୍କ ସାଧନାକୁ ସ୍ୱିକୃତୀପୂର୍ବକ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ମିଳନୀର ନିର୍ଦ୍ଦେଶକ ତଥା ଇଂରାଜୀ ବିଭାଗ ମୁଖ୍ୟ ଡକ୍ଟର ଖଗେନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀର ପୂର୍ଣ୍ଣାଙ୍ଗ ବକ୍ତା ପ୍ରଫେସର ନିର୍ମଳ ସେଲଭାମୋନି ଏବଂ ପ୍ରଫେସର ହିମାଦ୍ରି ଲାହିରୀ (ନେତାଜୀ ସୁଭାଷ ଓପନ୍ ୟୁନିଭରସିଟି, ପଶ୍ଚିମବଙ୍ଗ) ସେମାନଙ୍କ ଅନୁଭୂତି ବାଣ୍ଟିଥିଲେ । ସମ୍ମିଳନୀ ଆୟୋଜନ କମିଟିର ସଦସ୍ୟ ଡକ୍ଟର ଉର୍ମିଶ୍ରୀ ବେଦମାତା, ଡକ୍ଟର ଗୁରୁଦେବ ମେହେର, ଡକ୍ଟର ଦୀପ୍ତି ରଞ୍ଜନ ମହାରଣା, ଡକ୍ଟର କୃଷ୍ଣପ୍ରଦା ଦାଶ, ଜୟଦେବ ମାଇତି, ନିଖିଲେଶ ଦାଶ ଏବଂ ସୁଶ୍ରୀ ଆର୍ଯ୍ୟପ୍ରଭା ନାୟକ ପ୍ରମୁଖ ସମ୍ମିଳନୀ ପରିଚାଳନା କରିଥିଲେ ।

**ସେମାନଙ୍କ ମୁହଁରୁ...**

## ଐତିହାସିକ, ଭବିଷ୍ୟନ୍ମୋଖୀ, ସନ୍ତୁଳିତ ବଜେଟ୍: ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ରୀୟ ବଜେଟକୁ ପ୍ରଶଂସା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ବିକଶିତ ଭାରତର ସଂକଳ୍ପକୁ ସମର୍ପିତ ଐତିହାସିକ, ଭବିଷ୍ୟନ୍ମୋଖୀ ଓ ସନ୍ତୁଳିତ ବଜେଟ ଅଟେ । ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଦେଶର ଗରିବ, ମହିଳା, ଚାଷୀ, ଯୁବକ, ମଧ୍ୟମବର୍ଗ ଓ ବଂଚିତଙ୍କ ହିତରେ ସମର୍ପିତ ବଜେଟ ଉପସ୍ଥାପନ କରିଛନ୍ତି । ଏହା ବିକଶିତ ଭାରତର ସଂକଳ୍ପକୁ ନୂଆ ଶିଖରକୁ ନେବା ଭଳି ବଜେଟ ଅଟେ । ପ୍ରତି ବର୍ଗଙ୍କୁ ସଶକ୍ତ କରିବା ବିଶିଷ୍ଟ ସର୍ବସ୍ପର୍ଶୀ-ସମାବେଶୀ ବଜେଟ ପାଇଁ ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମାନନୀୟ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ହୃଦୟରୁ ଧନ୍ୟବାଦ । ପୂରା ଦେଶ ଆଜି ବଜେଟକୁ ସ୍ୱାଗତ କରୁଛି ।

## କେନ୍ଦ୍ରୀୟ ବଜେଟ୍ ୨୦୨୫ ବିକାଶ ଓ ସ୍ୱାବଲମ୍ବନର ବଜେଟ୍: ପୃଥ୍ୱୀରାଜ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ରୀୟ ବଜେଟ ୨୦୨୫ ହେଉଛି ବିକାଶ ଓ ସ୍ୱାବଲମ୍ବନର ବଜେଟ। ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ସର୍ବସମାବେଶୀ ଓ ସୃଜନଶୀଳ ଲୋକାଭିମୁଖୀ ବଜେଟ ଉପସ୍ଥାପନ କରାଯାଇଛି। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବଜେଟ ଉପରେ ପ୍ରତିକ୍ରିୟା ଦେଇ ଏହା କହିଛନ୍ତି । ସେ କହିଛନ୍ତି ଯେ, ଚଳିତ ବଜେଟ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଏମଏସଏମଇ, ପୁଞ୍ଜିନିବେଶ, ଅନୁସନ୍ଧାନ, ନିଯୁକ୍ତି ଭଳି କ୍ଷେତ୍ରକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଦେଶର ମଧ୍ୟବିତ୍ତ ଏବଂ ନିମ୍ନ ଆୟବର୍ଗଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ସେମାନଙ୍କ ଆର୍ଥିକ ସ୍ଥିତିକୁ ଆହୁରି ସୁଦୃଢ କରିବା ନିମନ୍ତେ ବଜେଟରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏଥିସହ ରୋଜଗାର ଓ ସ୍ୱରୋଜଗାର ପାଇଁ ଅଭୁତପୂର୍ବ ସୁଯୋଗ ବଜେଟରେ ସ୍ପଷ୍ଟ ପ୍ରତିଫଳିତ ହୋଇଛି । ଏହା ଭାରତର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ସହ ବିକଶିତ ଭାରତ ନିର୍ମାଣରେ ନିଶ୍ଚୟ ସହାୟକ ହେବ ବୋଲି ମୁଁ ଦୃଢୋକ୍ତି ପ୍ରକାଶ କରୁଛି ବୋଲି ସେ କହିଛନ୍ତି ।

## ବଜେଟ୍ ବିକଶିତ ଭାରତ ଏବଂ ବିକଶିତ ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ: କୃଷ୍ଣଚନ୍ଦ୍ର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଜିର ବଜେଟ୍ ବିକଶିତ ଭାରତ ଏବଂ ବିକଶିତ ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ବଜେଟ୍ ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି । ସେ କହିଛନ୍ତି ଯେ, ଆଜିର ବଜେଟ୍ ବିକଶିତ ଭାରତ ଏବଂ ବିକଶିତ ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ। ଗରିବ ଏବଂ ମଧ୍ୟବିତ୍ତ ଲୋକଙ୍କ ପାଇଁ ଏହା ବେଶ ସହାୟକ ହେବ। ୧୨ଲକ୍ଷ ପର୍ଯ୍ୟନ୍ତ ରୋଜଗାର କରୁଥିବା ଲୋକଙ୍କୁ ଆୟକରରୁ ମୁକ୍ତ କରାଯାଉଛି। ତେଣୁ ମ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସିତାରମନ୍ ଙ୍କୁ ବହୁତ୍ ବହୁତ ଧନ୍ୟବାଦ ବୋଲି ସେ କହିଛନ୍ତି ।

## ଓଡିଶା ପାଇଁ କେନ୍ଦ୍ରୀୟ ବଜେଟ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା ନଥିବାରୁ ସମାଲୋଚନା କଲେ ନବୀନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଜି ସଂସଦରେ ଆଗତ ହୋଇଥିବା ବଜେଟକୁ ନିରାଶାଜନକ ବୋଲି କହିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ । ଓଡ଼ିଶା ପାଇଁ କେନ୍ଦ୍ରୀୟ ବଜେଟରେ ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବାରୁ ସେ ଏହାକୁ ସମାଲୋଚନା କରିଛନ୍ତି । ଶ୍ରୀ ପଟ୍ଟନାୟକ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି ଯେ, ଯୁବକ ମାନଙ୍କର ବେକାରୀ ସମସ୍ୟା ଓ ସାଧାରଣ ଲୋକଙ୍କ ପାଇଁ ଦରଦାମ ବୃଦ୍ଧି ଆଜିର ସବୁଠାରୁ ବଡ ସମସ୍ୟା । ହେଲେ ଏହି ଦୁଇ ସମସ୍ୟାର ସମାଧାନ କରିବାକୁ ବଜେଟରେ କୌଣସି ପ୍ରକାର ପଦକ୍ଷେପ ନିଆଯାଇ ନାହିଁ। ଓଡିଶାରେ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ହେଉଥିବା କାରଣରୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଁ ରାଜ୍ୟ ବାରମ୍ବାର ଦାବି କରି ଆସିଛି । ଅନ୍ୟ ରାଜ୍ୟ ମାନଙ୍କ ପାଇଁ ବଜେଟରେ ସ୍ୱତନ୍ତ୍ର ବ୍ୟବସ୍ଥା ଥିବା ବେଳେ ଓଡିଶାର ଦାବିକୁ କେନ୍ଦ୍ର ସରକାର ଅଣଦେଖା କରିଛନ୍ତି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।

### ସ୍ୱାସ୍ଥ୍ୟ କ୍ଷେତ୍ରକୁ ବଜେଟରେ ଗୁରୁତ୍ୱ
## ପିଏମ୍ ମୋଦି ଓ ଅର୍ଥମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁକେଶ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ୱାସ୍ଥ୍ୟ କ୍ଷେତ୍ରକୁ ବଜେଟରେ ଗୁରୁତ୍ୱ ଦିଆଯାଇଥିବାରୁ ପିଏମ ମୋଦି ଓ ଅର୍ଥମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । ଏକ୍ସ ହ୍ୟାଣ୍ଡେଲରେ ମୁକେଶ ମହାଲିଙ୍ଗ କହିଛନ୍ତି ଯେ, 'ବଜେଟ-୨୦୨୫' ହେଉଛି ବିକଶିତ ଭାରତ ତଥା ଶ୍ରେଷ୍ଠ ଭାରତ ନିର୍ମାଣ ଦିଗରେ ମୋଦୀ ସରକାରଙ୍କ ଦୁରଦୃଷ୍ଟି ସମ୍ପର୍ଣ୍ଣ ପଦକ୍ଷେପ। ଏହି ଦୁରଦୃଷ୍ଟୀ ଏବଂ ସର୍ବସମାବେଶି ବଜେଟ ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମାନନୀୟା ଅର୍ଥମନ୍ତ୍ରୀ ସୀତାରମଣଙ୍କୁ ଧନ୍ୟବାଦ ଜ୍ଞାପନ କରୁଛି ।

## ସୁଲଭ ଗୃହର ପରିଭାଷା ସଂଶୋଧନ କରିବାକୁ ଆହ୍ୱାନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସରକାର କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ କରିଥିବାରୁ ଦେଶରେ ସଙ୍କୁଚିତ ହେଉଥିବା ସୁଲଭ ଗୃହ କ୍ଷେତ୍ରକୁ ସମର୍ଥନ କରିବା ପାଇଁ ରିଅଲ୍ ଇଷ୍ଟେଟ୍ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନୀତିଗତ ସଂସ୍କାର ଆଶା କରାଯାଉଛି । ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏଓ୍ୱାଇ) ଅନ୍ତର୍ଗତ କ୍ରେଡିଟ୍-ଲିଙ୍କ୍ଡ ସବସିଡି ଯୋଜନା (ସିଏଲ୍‌ଏସ୍‌ଏସ୍) ଏବଂ ଡେଭଲପରମାନଙ୍କ ପାଇଁ ଟିକସ ପ୍ରୋତ୍ସାହନ ପରି ପଦକ୍ଷେପଗୁଡ଼ିକ ଏହି କ୍ଷେତ୍ରକୁ ବିସ୍ତାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ । ଭାରତୀୟ ରିଅଲ୍ ଇଷ୍ଟେଟ୍ ଡେଭଲପର୍ସ ଆସୋସିଏସନ୍ସ କନଫେଡେରେସନ୍ (କ୍ରେଡ଼ାଇ) ମଧ୍ୟ ୟୁନିଟ୍ ମୂଲ୍ୟ ଏବଂ କାର୍ପେଟ୍ କ୍ଷେତ୍ର ମାନଦଣ୍ଡ ମଧ୍ୟରେ ଲିଙ୍କକୁ ହଟାଇ ସୁଲଭ ଗୃହର ପରିଭାଷା ସଂଶୋଧନ କରିବାକୁ କେନ୍ଦ୍ର ସରକାରଙ୍କୁ ଆହ୍ୱାନ କରାଯାଇଛି । କ୍ରେଡ଼ାଇ ଓଡ଼ିଶାର ସଭାପତି ସ୍ୱଦେଶ କୁମାର ରାଉତରାୟ କହିଛନ୍ତି, କ୍ରେଡ଼ାଇ ଓଡ଼ିଶା କାର୍ପେଟ୍ କ୍ଷେତ୍ର ପରିଭାଷାରୁ ୟୁନିଟ୍ ମୂଲ୍ୟକୁ ଅଲଗା କରିବାକୁ ସୁପାରିଶ କରୁଛି ଏବଂ ମେଟ୍ରୋ ସହର ପାଇଁ ୭୦ ବର୍ଗ ମିଟର ଏବଂ ଟାୟର୍ ୧ ସହର ପାଇଁ ୯୦ ବର୍ଗମିଟର ସୀମାକୁ ଅପଡେଟ୍ କରିବାକୁ ପରାମର୍ଶ ଦେଇଛନ୍ତି । ଏହି ସଂଶୋଧନଗୁଡ଼ିକର ଲକ୍ଷ୍ୟ ହେଉଛି ଡେଭଲପରମାନଙ୍କୁ ସୁଲଭ ଗୃହ ପ୍ରକଳ୍ପ ଉପରେ ଧ୍ୟାନ ଦେବାକୁ ଉତ୍ସାହିତ କରିବା ସହିତ ବ୍ୟାପକ ଆୟ ଗୋଷ୍ଠୀ ପାଇଁ ଘର ମାଲିକାନା ଅଧିକ ସୁଲଭ କରିବା।



ତୁମେ ତ ରହିବ ଜୀଇଁ, ମାଟି ପାଣି ଆଉ ଆକାଶର ପରମ ବ୍ୟାପ୍ତିରେ। ଛୋଟ ତାରାଫୁଲ ହୋଇ ଯୁଗ ଯୁଗ ପାଇଁ।

-କବିବର ରାଧାନାଥ ରାୟ



କଷ୍ଟ ମଣିଷକୁ ପରିବର୍ତ୍ତନ କରେ। କଷ୍ଟ ମଣିଷକୁ ଶକ୍ତିଶାଳୀ କରେ। ପ୍ରତ୍ୟେକ କଷ୍ଟର ଅଭିଜ୍ଞତା ଆମ ପାଇଁ ଏକ ନୂତନ ଶିକ୍ଷା ଅଟେ।

-ଶିରିଡି ସାଇ



# କୁମ୍ଭ ମେଳା : ଧର୍ମକୁମ୍ଭରୁ ମୁଦ୍ରାକୁମ୍ଭ ପର୍ଯ୍ୟନ୍ତ



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

ଧାର୍ମିକ ଓ ଆଧ୍ୟାତ୍ମିକ ଉତ୍କର୍ଷର ଦେଶ ଭାରତ ବର୍ଷର ପ୍ରତିଟି ଭାରତୀୟ ଆଧ୍ୟାତ୍ମିକ ଉତ୍ତରଣର ମାର୍ଗର ଯାତ୍ରୀ। ତା’ର ପରମ୍ପରା ଓ ସଂସ୍କୃତିକୁ ପାଥେୟ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଚେଷ୍ଟା ତା’ର ନିରନ୍ତର। ଆଧ୍ୟାତ୍ମିକ ଗ୍ରନ୍ଥମାନଙ୍କରେ ରଚିତ ଜୀବୋଦ୍ଧାରର ପ୍ରଥା ପୁରୁଷପୁରୁଷ ଧରି ଚାଲିଆସିଛି ସରଳସାବଲୀଳ ଢଙ୍ଗରେ। ଧର୍ମ, ଅର୍ଥ, କାମ, ମୋକ୍ଷ - ଜୀବନର ଏହି ଚତୁର୍ବର୍ଗରୁ ପ୍ରଥମ ତିନିଟି ମଣିଷର ଅଧୀନ, ନିଜ ପ୍ରଚେଷ୍ଟାର ଫଳ। କିନ୍ତୁ ଜୀବନର ଅନ୍ତିମଲକ୍ଷ୍ୟ ମୋକ୍ଷପ୍ରାପ୍ତି କେବଳ ଈଶ୍ୱରୀୟ ଆଶୀର୍ବାଦ ଦ୍ୱାରା ସମ୍ଭବ। ସେହି ଆଶୀର୍ବାଦର ଅନ୍ୟ ଏକ ରୂପ ପୂତପାୟୋଧାରାରେ ଅବଗାହନ। କେତେ ସରଳ ସେ ବିଶ୍ୱାସ ଥରେ ଗଙ୍ଗା ସ୍ନାନ କଲେ ଜୀବନର ସବୁପାପର ଅନ୍ତ ହୋଇଯାଏ ! ଏହିଧାରାରେ ବିଶ୍ୱାସ, ଆଧ୍ୟାତ୍ମିକତା ଏବଂ ବିଭିନ୍ନତା ଭିତରେ ଏକତାର ସଙ୍ଗମ। ସବୁ ପାପ ଧୋଇଯାଏ ଏବଂ ସବୁ ମନ୍ଦକାମର ପ୍ରାୟଶ୍ଚିତ ହୋଇଯାଏ। କୌଣସି ଏକ ନିର୍ଦ୍ଦିଷ୍ଟ ପାବନ ମୁହୂର୍ତ୍ତରେ ସ୍ନାନ ଆଦି ଶଙ୍କରାଚାର୍ଯ୍ୟଙ୍କର ଉକ୍ତି ‘ପୁନରପି ଜନନମ୍ ପୁନରପି ମରଣମ୍ ପୁନରପି ଜନନୀ ଜଠରେ ଶୟନମ୍’ ର ଚକ୍ରରୁ ମୁକ୍ତି ପ୍ରଦାନ କରେ ସେ ଆସ୍ଥା, ସେ ବିଶ୍ୱାସ ପ୍ରତିଫଳିତ କୁମ୍ଭମେଳାରେ। ଥରେ ଏହି ପବିତ୍ର ଦିନରେ ପାପନାଶିନୀ ଗଙ୍ଗା ବା ଗଙ୍ଗା, ଯମୁନା ଓ ସରସ୍ୱତୀର ସ୍ୱର୍ଗୀୟ ସଙ୍ଗମ ସ୍ଥଳରେ ସ୍ନାନ କରିଦେଲେ ସର୍ବପାପ ନାଶ ହୋଇଯିବାର ବିଶ୍ୱାସ କୋଟି କୋଟି ଲୋକଙ୍କୁ ଟାଣି ଆଣେ ଏହି ଧାର୍ମିକ ସମାଗମକୁ। ମନୁଷ୍ୟର ପାପପ୍ରକ୍ଷାଳନର ସର୍ବଶ୍ରେଷ୍ଠ ସୁଯୋଗ କୁମ୍ଭମେଳା ପୃଥିବୀର ସର୍ବବୃହତ ଧାର୍ମିକ ସମାଗମ। ମୂଳତଃ ଏକ ଧାର୍ମିକ ଏବଂ ଆଧ୍ୟାତ୍ମିକ ଉତ୍ସବ କୁମ୍ଭମେଳା ଭାରତୀୟ ପରମ୍ପରା ଓ ସଂସ୍କୃତିରେ ଈଶ୍ୱରୀୟ ବିଶ୍ୱାସ ଓ ଆସ୍ଥାର ରୂପ ନେଇଛି। ସମୟର ପ୍ରବହମାନ ଧାରାରେ ଏହା ଧାର୍ମିକ ଓ ସାଂସ୍କୃତିକ ଜୀବନରୁ ଦେଶର ରାଜନୈତିକ ଏବଂ ଅର୍ଥନୈତିକ ଧାରାର ଅଭିନ୍ନ ଅଙ୍ଗ ହୋଇସାରିଛି।

କୁମ୍ଭମେଳାର ଆରମ୍ଭ କେବେ? ପୌରାଣିକ ଉପାଖ୍ୟାନ ଅନୁସାରେ ଏକଦା ଦୁର୍ବାସା ଋଷି ସ୍ୱର୍ଗକୁ ଦେବତାମାନଙ୍କର ଦର୍ଶନ ପାଇଁ ଯାଇଥିଲେ। ଦେବରାଜ ଇନ୍ଦ୍ରଙ୍କୁ ସେ ସସ୍ନେହ ଗୋଟିଏ ଫୁଲହାର ପ୍ରଦାନ କଲେ। ଅହଂପୀଡ଼ିତ ଇନ୍ଦ୍ର ସେ ଫୁଲହାରକୁ ଫିଙ୍ଗିଦେଲେ। ଇନ୍ଦ୍ରଙ୍କର ଋଷି ଦୁର୍ବାସାଙ୍କ ପ୍ରତି ଏ ଅପମାନ ଅକ୍ଷମଣୀୟ ଥିଲା। କ୍ରୋଧ ଜର୍ଜରିତ ଦୁର୍ବାସା ଇନ୍ଦ୍ରଙ୍କୁ ତାଙ୍କର ପ୍ରତିପତ୍ତି, ସିଂହାସନ ଏବଂ ସମ୍ପଦ କ୍ଷୟର ଅଭିଶାପ ଦେଲେ। ଇନ୍ଦ୍ର ଅଭିଶାପ ଫେରାଇ ନେବା ପାଇଁ ଋଷିଙ୍କୁ ଅନୁରୋଧ କଲେ। ନିଜର କ୍ରୋଧ ପାଇଁ ପରିଚିତ ଦୁର୍ବାସା ଇନ୍ଦ୍ରଙ୍କର ଅପମାନ କ୍ଷମା କଲେନି। ଅଭିଶାପ ଫଳବତୀ ହେଲା। ଦେବରାଜ ଇନ୍ଦ୍ର ନିଜର ସାମ୍ରାଜ୍ୟ ହରାଇଲେ। ଅସୁର ସ୍ୱର୍ଗ ଅଧିକାର କଲେ। ଦେବତାମାନେ ସ୍ୱର୍ଗରୁ ତଡ଼ା ଖାଇ ଏଠିସେଠି ଲୁଚିଲେ। ଶେଷରେ ବେଦବର ବ୍ରହ୍ମାଙ୍କ ପାଖରେ ସମାଧାନ ପାଇଁ ପହଞ୍ଚିଲେ। ବ୍ରହ୍ମା ନିଜର ଆସାମର୍ଥ୍ୟ ପ୍ରକାଶ କରି ସମସ୍ତଙ୍କୁ ଧରି କ୍ଷୀରସାଗରରେ ପହଞ୍ଚି ଭଗବାନ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ। ଏହାର ସମଧାନ ପାଇଁ ବିଷ୍ଣୁ କ୍ଷୀରସାଗର ମନ୍ଥନ ପାଇଁ ଉପଦେଶ ଦେଲେ। ମନ୍ଥନ ଫଳରେ ଅମୃତ ବାହାରିବ ଯାହା ଦେବତାମାନଙ୍କର ହୃତଗୌରବ ଫେରାଇ ଆଣିବ। ଯେହେତୁ ଏହା ସେମାନେ ଏକୁଟିଆ କରି ପାରିବେନି ସେଥିପାଇଁ ଅସୁରଙ୍କର ସାହାଯ୍ୟ ନେବା ପାଇଁ ବିଷ୍ଣୁ ପରାମର୍ଶ ଦେଲେ।

**ମୁଦ୍ରା କାହାଣୀ**

ସମୁଦ୍ରମନ୍ଥନ ଆରମ୍ଭ ହେଲା। ମନ୍ଦରପର୍ବତ ଖୁଆ ଦଣ୍ଡ ହେଲେ, ବାସୁକୀ ହେଲେ ରଜ୍ଜୁ। ମନ୍ଥନରୁ ବିଭିନ୍ନ ପ୍ରକାରର ଜିନିଷ ବାହାରିଲା। ଶେଷରେ ବାହାରିଲା ଅମୃତକୁମ୍ଭ। କଥା ଅନୁସାରେ ଉଭୟ ଦେବତା ଓ ଅସୁରଙ୍କ ଭିତରେ ତାହା ବଣ୍ଟା ହେବାକଥା। କିନ୍ତୁ ହଠାତ ଅସୁର ଅମୃତକୁମ୍ଭ ଧରି ପଳେଇବାକୁ ଲାଗିଲେ। ଦେବତାମାନଙ୍କ ମଧ୍ୟରେ ଭାଳେଣି ପଡ଼ିଗଲା। ଅସୁରମାନେ ଯଦି ଅମୃତ ଖାଇ ଅମର ହେବେ ଏ ବ୍ରହ୍ମାଣ୍ଡ ଧ୍ୱଂସ ପାଇଯିବ। ତେଣୁ ଦେବତା ଓ ଅସୁରମାନଙ୍କ ଭିତରେ ଯୁଦ୍ଧ ହେଲା। ବାରବର୍ଷ ଏହି ଯୁଦ୍ଧ ଚାଲିଲା। ଯୁଦ୍ଧ ଭିତରେ ଇନ୍ଦ୍ରଙ୍କ ପୁଅ ଅମୃତକଳସ ଧରି ଦୌଡିଲେ। ଦୌଡ଼ିବା ସମୟରେ କଳସରୁ ଅମୃତ ଛିଟିକି ପଡ଼ିଲା। ଭାରତର ପ୍ରୟାଗରାଜ, ହରିଦ୍ୱାର, ଉଜ୍ଜୈନ ଏବଂ ନାସିକ ଏହି ଚାରିଜାଗାରେ ଚାରିବୁନ୍ଦା ଅମୃତ ପଡ଼ିଲା। ପ୍ରୟାଗରାଜ, ହରିଦ୍ୱାର ପାପନାଶିନୀ ଗଙ୍ଗାନଦୀ ତଟରେ ଅବସ୍ଥିତ ହୋଇଥିବା ବେଳେ ଉଜ୍ଜୈନ ସିପ୍ରା ନଦୀ କୂଳରେ ଏବଂ ନାସିକ ପୂତପୟା ଗୋଦାବରୀ ତୀରରେ ଅବସ୍ଥିତ। ସେହିଦିନ ଠାରୁ ଏହିସ୍ଥାନରେ ସ୍ନାନ କଲେ ଅମୃତଧାରାର ପ୍ରଭାବରେ ଜୀବନର ସମସ୍ତ ପାପ ଧୋଇଯିବାର ବିଶ୍ୱାସ ରହିଛି। ଅମୃତକୁମ୍ଭର ପ୍ରଭାବରୁ ଲକ୍ଷଲକ୍ଷ ଲୋକଙ୍କର ମେଳା ଲାଗିଥିବାରୁ ଉତ୍ସବର ନାମ କୁମ୍ଭମେଳା ହୋଇଛି।

ଦେବା-ଅସୁର ଯୁଦ୍ଧ ବାରବର୍ଷ ଲାଗିଥିଲା। ଦେବଲୋକରେ ଗୋଟିଏ ଦିନ ପୃଥିବୀରେ ବାରବର୍ଷ। ତେଣୁ ଦେବଲୋକର ପ୍ରତିଦିନ ଅର୍ଥାତ୍ ପୃଥିବୀରେ ବାରବର୍ଷରେ ଅମୃତର ସ୍ୱର୍ଗୀୟଶକ୍ତି ଉଜାଗର ହୁଏ। ସେହି ସ୍ୱର୍ଗୀୟଶକ୍ତିର ପବିତ୍ରତମ ଧାରାରେ ଅବଗାହି ଜୀବ ଜନ୍ମମରଣ ଚକ୍ରରୁ ଉଦ୍ଧରିବାର ଦୁର୍ବାର ଆଶା ନେଇ ଏହି ପବିତ୍ର ତୀର୍ଥସ୍ଥଳୀମାନଙ୍କରେ ସ୍ନାନ କରେ। ତେଣୁ ପ୍ରତି ବାରବର୍ଷରେ ଏହି ସ୍ନାନ ଅନୁଷ୍ଠିତ ହୁଏ। କୁମ୍ଭମେଳା ଚାରି ପ୍ରକାରର - କୁମ୍ଭ, ଅର୍ଦ୍ଧକୁମ୍ଭ, ପୂର୍ଣ୍ଣ କୁମ୍ଭ ଏବଂ ମହାକୁମ୍ଭ। କୁମ୍ଭମେଳା ପ୍ରତି ବାରବର୍ଷରେ ଗୋଟିଏ ପରେ ଗୋଟିଏ ଜାଗାରେ ଅନୁଷ୍ଠିତ ହେଉଥିବା ବେଳେ ଅର୍ଦ୍ଧକୁମ୍ଭ ମେଳା ପ୍ରତି ଛଅବର୍ଷରେ କେବଳ ପ୍ରୟାଗରାଜ ଏବଂ ହରିଦ୍ୱାରରେ ଅନୁଷ୍ଠିତ ହୁଏ। ପୂର୍ଣ୍ଣକୁମ୍ଭ ମେଳା ପ୍ରତି ବାର ବର୍ଷରେ ପ୍ରୟାଗରାଜର ତ୍ରିବେଣୀସଙ୍ଗମ ଠାରେ ଅନୁଷ୍ଠିତ ହୁଏ। ବାରଟି ପୂର୍ଣ୍ଣକୁମ୍ଭ ମେଳା ପୂର୍ଣ୍ଣ ହୋଇସାରିବା ପରେ ମହାକୁମ୍ଭ ମେଳା ଅନୁଷ୍ଠିତ ହୁଏ। ଏହା ଦେବ-ଅସୁର ଯୁଦ୍ଧର ସମାପ୍ତି ହୋଇ ଦେବତାଙ୍କ ଦ୍ୱାରା ଅମୃତପ୍ରାପ୍ତିର ଉତ୍ସବ ଭାବରେ ପାଳନ କରାଯାଏ। ତେଣୁ ଏହା ୧୪୪ ବର୍ଷ ପରେ ଆସେ ଏବଂ ସବୁଠାରୁ ପବିତ୍ର ବୋଲି ବିଚାର କରାଯାଏ। ଏହା କେବଳ ପ୍ରୟାଗରାଜରେ ଆୟୋଜିତ ହୁଏ। ମକର ସଂକ୍ରାନ୍ତି ଠାରୁ ଶିବରାତ୍ରୀ ପର୍ଯ୍ୟନ୍ତ ଦୀର୍ଘ ପଞ୍ଚଚାଳିଶ ଦିନ ଧରି ଏହା ଆୟୋଜିତ ହୁଏ। ପ୍ରୟାଗରାଜ ଏକ ପ୍ରସିଦ୍ଧ ଶୈବ, ବୈଷ୍ଣବ ଏବଂ ଶାକ୍ତ କ୍ଷେତ୍ର।

କୁମ୍ଭମେଳା କେବଳ ଗୋଟିଏ ମେଳା ନୁହେଁ। ଏହାକୁ ୟୁନେସ୍କୋ ତରଫରୁ ଏକ ବିଶ୍ୱ ସାଂସ୍କୃତିକ ଅନୁଷ୍ଠାନର ମର୍ଯ୍ୟାଦା ପ୍ରଦାନ କରାଯାଇଛି। ଏହା ଭାରତର ସମୃଦ୍ଧ ଓ ଗୌରବମୟ ଧାର୍ମିକ, ଆଧ୍ୟାତ୍ମିକ, ସାଂସ୍କୃତିକ, ଐତିହାସିକ, ରାଜନୈତିକ ଏବଂ ସାମାଜିକ ଚିତ୍ର ଓ ଚରିତ୍ରର ପରିଚାୟକ। ଚଳିତବର୍ଷର ମହାକୁମ୍ଭ ମେଳାରେ ଆଶାତୀତ ଲୋକଙ୍କର ସଙ୍ଗମ। କିଛି ବିଭ୍ରାଟ ଘଟିଛି ମଧ୍ୟ। ତଥାପି ଏହା ବିଶ୍ୱାସକୁ ଭାଙ୍ଗି ପାରିନି। ଏହାର ଆଉ ଗୋଟିଏ ଦିଗ ରହିଛି। ଅର୍ଥନୈତିକ ଦିଗ। ନିଖିଳ ଭାରତୀୟ ବାଣିଜ୍ୟ ସଂଘ ହିସାବରେ ୨୦୨୫ ମସିହାର କୁମ୍ଭ ମେଳାର ୪୫ ଦିନ ଅବଧିରେ ୨ ଲକ୍ଷ କୋଟିରୁ ୨.୫ ଲକ୍ଷ କୋଟି ଟଙ୍କା ବା ୨୫-୩୦ ବିଲିଅନ୍ ଡଲାର ଆଦାୟର ସମ୍ଭାବନା ରହିଛି। ମହାକୁମ୍ଭରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ସମୁଦାୟ ଖର୍ଚ୍ଚ ୧୨୬୭୦ କୋଟି ଟଙ୍କା ଅଟକଳ କରାଯାଇଛି। ୪୦ କୋଟି ଲୋକ ସେଠାରେ ସମବେତ ହେବାର ଆଶା କରାଯାଇଅଛି ଅତି କମ୍‌ରେ ସେମାନେ ୨ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବେ। ଏତେ ସଂଖ୍ୟକ ଲୋକଙ୍କୁ ନୂଆ ପୁରୁଣା ଜିନିଷ ବିକିବା ପାଇଁ ଛୋଟରୁ ବଡ଼ ବ୍ୟବସାୟୀ ଚାହିଁ ବସିଛନ୍ତି। ଅନୁମାନ କରାଯାଏ ନିଜ ଜିନିଷକୁ ଲୋକଙ୍କ ପାଖରେ ଏ ବ୍ୟବସାୟୀମାନେ ବିଜ୍ଞାପନ ଓ ବିତରଣ ପାଇଁ ବ୍ୟାପକ ଆୟୋଜନ କରିବେ। ଏଥିରୁ ୬୦୦୦ କୋଟି ଟଙ୍କା ଆଦାୟ ହେବ। କମ୍ପାନୀ ମାନେ ଦେଶର ଲୋକଙ୍କ ସହିତ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଚେଷ୍ଟାରତ। କୁମ୍ଭମେଳା ପୃଥିବୀରୁ ପାପ, କଳୁଷ, ହିଂସା, ଦ୍ୱେଷ, ଅନ୍ୟାୟ ଅନୀତି ଦୂର କରି ଏକତା, ସ୍ନେହ, ସୌହାର୍ଦ୍ଦ୍ୟ, ସମବେଦନା, ଆଦି ସମସ୍ତ ମାନବୀୟ ମୂଲ୍ୟବୋଧର ଧାରା ହେଉ।

# ପ୍ରଜ୍ଞାନଦାତ୍ରୀ ସରସ୍ୱତୀ



ଉମାଶଙ୍କର ପ୍ରସାଦ
ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ: ୬୩୭୦୬୭୫୫୬୨

ଜଗତ ନିର୍ମାଣ କରିବାକୁ ହେଲେ ଜଗତ ବିଷୟକ ଜ୍ଞାନ ନ ଥିଲେ ଜଗତ ନିର୍ମାଣ ଅସମ୍ଭବ। ତେଣୁ ବ୍ରହ୍ମା ସ୍ତ୍ରୀ ବାଚକ ଶକ୍ତି ରୂପିଣୀ ସରସ୍ୱତୀ, ଲକ୍ଷ୍ମୀ ଓ ଉମାଙ୍କୁ କଳ୍ପନା କରିଥିଲେ। ସରସ୍ୱତୀ ହେଲେ ଜ୍ଞାନ, କଳା ଓ କୌଶଳର ପ୍ରତୀକ। ଦ୍ୟୋତନଶୀଳା ଦେବୀ ଓ ପ୍ରକାଶାତ୍ମିକା ବିଦ୍ୟା। ସେ ବ୍ରହ୍ମାଙ୍କ ସହିତ ସଂଯୁକ୍ତ ହେଲେ ବୋଲି ସୃଷ୍ଟି ହେଲା ବିଶ୍ୱ ବ୍ରହ୍ମାଣ୍ଡ। ସ୍ଥାବର ଜଙ୍ଗମ ସରସ୍ୱତୀଙ୍କୁ ଜ୍ଞାନ ସ୍ୱରୁପା କଳ୍ପନା କରି ମହାନ ଋଷିଗଣ ନିଜକୁ ତାଙ୍କ ପାଖରେ ଅର୍ପଣ କରିଦେଇଛନ୍ତି ନିଜର ଆବେଗକୁ। ମନ୍ତ୍ରଦ୍ରଷ୍ଟା ଋଷିଙ୍କ ଦୃଷ୍ଟିରେ ସେ ବାଣୀ ସଂସ୍କୃତି, ବିଦୂଷୀ ନାରୀ ଓ ପରମାତ୍ମା ଇଳା ସରସ୍ୱତୀ ମହୀ(ଋଗ୍ ବେଦ ୧.୪.୨.୯) ଏହି ମନ୍ତ୍ରରେ ସରସ୍ୱତୀଙ୍କୁ ସଂସ୍କୃତି ସ୍ୱରୁପ ବୋଲି ବର୍ଣ୍ଣନା କରାଯାଇଛି। ବାସ୍ତବରେ ସରସ୍ୱତୀଙ୍କ ବ୍ୟକ୍ତିତ୍ୱରେ ଭାରତୀୟ ସଂସ୍କୃତି ଆରୋପିତ ଜ୍ଞାନ ପିପାସୁ ବୈଦିକ ଋଷି ଉଦାତ୍ତକଣ୍ଠରେ ଗାଇଛନ୍ତି।

“ଅମ୍ବି ତମେ ନଦୀ ତମେ ଦେବୀ ତମେ ସରସ୍ୱତୀ
ଅପ୍ରଶସ୍ତା ଇବସ୍ମସି ପ୍ରଶସ୍ତି ମମ୍ବ ନ ସ୍କୃଧି”

ହେ ଶ୍ରେଷ୍ଠମାତା, ହେ ଶ୍ରେଷ୍ଠ ଦେବୀ, ହେ ଶ୍ରେଷ୍ଠ ନଦୀ, ଆମେ ସବୁ ଅପ୍ରଶସ୍ତ ପ୍ରାଣୀ। ଆମକୁ ପ୍ରଶସ୍ତ ତଥା ବିସ୍ତାରିତ କରାଅ। ଆମର ଅପ୍ରଶସ୍ତ ଜ୍ଞାନର ବଳୟକୁ ପ୍ରଶସ୍ତ କର। ସରସ୍ୱତୀଙ୍କର ଶାବ୍ଦିକ ଅର୍ଥ ପ୍ରସରଣ ଶୀଳା, ଗତି ଶିଳା। ଏହା ମଧ୍ୟ ଏକ ସଙ୍କେତ। ସରସ୍ୱତୀଙ୍କ ବନ୍ଦନା ସଙ୍ଗେ ସଙ୍ଗେ ନଦୀର ବର୍ଣ୍ଣନା ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ। ବଶିଷ୍ଠ, ଭରଦ୍ୱାଜ ଆଦି ଋଷିଗଣ ଜ୍ଞାନ ରୂପକ ନଦୀର ସ୍ରୋତରେ ଭାସିଯାଇ ପରମ ଆନନ୍ଦ ଲାଭ କରିଛନ୍ତି। କେବଳ ସେତିକି ନୁହେଁ, ସରସ୍ୱତୀ ସ୍ରୋତସ୍ୱତୀ ରୂପେ ପ୍ରଜ୍ଞାରୂପକ ଜଳରାଶିର ଉଚ୍ଛ୍ୱାସରେ ଗତିପଥର ସମସ୍ତ ବିଘ୍ନରାଜିରୁ ସେମାନଙ୍କୁ ଅତିକ୍ରାନ୍ତ କରାଇଛନ୍ତି। ସେ ହୋଇଛନ୍ତି ସୁନିୟନ୍ତ୍ରଣକାରିଣୀ ‘ସୁଷମା ସରସ୍ୱତୀ’, ‘ପାବକାଃ ନଃ ସରସ୍ୱତୀ’ ମନ୍ତ୍ରରେ ପବିତ୍ରକାରିଣୀ ରୂପରେ ସେ ସ୍ତୁତ ହୋଇଛନ୍ତି।

ସରସ୍ୱତୀ ପଦ୍ମାଶନରେ ଉପବିଷ୍ଟା ହୋଇ ସ୍ଫଟିକର ମାଳା ଅହଙ୍କାର ହସ୍ତରେ ଧାରଣ କରିଛନ୍ତି। ଜପମାଳା ଧ୍ୟାନର ପ୍ରତୀକ ମାନସିକ ଏକାଗ୍ରତାର ସଙ୍କେତ। ଅହଂକାର ଭାବ ନଷ୍ଟ ହେଲେ ବ୍ରହ୍ମ ଦର୍ଶନ ସ୍ୱଚ୍ଛ ହୁଏ। ସ୍ୱାଧ୍ୟାୟ, ମନନ ଓ ନିଧିଧ୍ୟାସନ ଦ୍ୱାରା ଅହଂକାର ନାଶ ହୁଏ। ସରସ୍ୱତୀଙ୍କର ଶୁଭ୍ରତା, ସାତ୍ତ୍ୱିକତା ଓ ଶୁଦ୍ଧତାର ନିଦର୍ଶନ। ଦେବୀ ପ୍ରସ୍ଫୁଟିତ ଶ୍ୱେତପଦ୍ମରେ ବିରାଜିତ। ପଦ୍ମ ଆଧ୍ୟାତ୍ମିକ ଶ୍ରେଷ୍ଠତା ଓ ପ୍ରଜନନର ସୂଚକ। ଏହି ଅନନ୍ତ ସତ୍ୟ ଉପରେ ଦେବୀ ଆରୁଢା। ପଦ୍ମାସନରେ। ତାଙ୍କର ଆଶୀର୍ବାଦ ହେଲେ ଶରୀର ମଧ୍ୟରେ ଥିବା କୁଣ୍ଡଳିନୀ ଶକ୍ତି ପଦ୍ମପରି ବିକଶିତ ହୁଏ। ଜ୍ଞାନର ଉନ୍ମେଷ ଘଟେ।



ବିବେକର ପ୍ରତୀକ ହଂସ। ହଂସ କ୍ଷୀର ନୀର ମିଶ୍ରଣରୁ କେବଳ କ୍ଷୀର ହିଁ ଗ୍ରହଣ କରିଥାଏ। ଏଣୁ ହଂସ ଅଜ୍ଞାନ ସାଗରରୁ ଜ୍ଞାନରାଶି ଗ୍ରହଣ କରିବାକୁ ନିଜ ଉପାସକମାନଙ୍କୁ ଆହ୍ୱାନ ଦେଇଥାଏ। ସାୟାଣାଚାର୍ଯ୍ୟାଙ୍କ ମତରେ ‘ଅହଂ ସଃ’। ମୁଁ ତାହା ଅର୍ଥାତ୍ ଅହଂ ବ୍ରହ୍ମାସ୍ମି। ମୁଁ ବ୍ରହ୍ମ ଅଟେ। ହଂସ ଭାବନାରେ ଜୀବାତ୍ମା ପରମାତ୍ମାରେ ଏକାକାର ହୋଇଯାଏ।

ମାଘ ମାସର ଶୁକ୍ଳ ପକ୍ଷ ପଞ୍ଚମୀ ତିଥି ସରସ୍ୱତୀଙ୍କର ଅତିପ୍ରୀୟ ଜନ୍ମଦିନ। ଏହାର ଅନ୍ୟନାମ ବସନ୍ତ ପଞ୍ଚମୀ। ବସନ୍ତର ରାଜସିକ ପରିବେଶରେ ସାତ୍ତ୍ୱିକ ଭାବନା ଉଦ୍ରେକ କରିବା ଏହାର ଲକ୍ଷ୍ୟ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଷୋଡଶ ଉପଚାରରେ ବାକ୍ ଦେବୀଙ୍କ ଆରାଧନା କରାଯାଇଥାଏ। ତାଙ୍କର ବିନା କୃପାରୁ ବ୍ୟକ୍ତିର ମୁଖରୁ ବାକ୍ ସ୍ଫୁରଣ ହୋଇ ନଥାଏ। ଏହି ପର୍ବରେ ମୃଣ୍ମୟୀ ହୁଅନ୍ତି ଚିନ୍ମୟୀ। ମାତୃଶକ୍ତି ସ୍ୱରୂପିଣୀ ଜଗତ୍‌ବ୍ୟାପିନୀ, ଜଡତା ହାରିଣୀ, ବୋଧଶକ୍ତି ଦାୟିନୀ ଜ୍ଞାନ ଓ ଉଦ୍ରେକର ଚେତନା କାରିଣୀ ମା’ ବୀଣାପାଣି ଜଗତର ଅଜ୍ଞାନ ଅନ୍ଧକାର ଦୂରକରି ଜ୍ଞାନର ଆଲୋକ ପ୍ରଦାନ କରନ୍ତୁ ଏତିକି ପ୍ରଣତି।

# ମହାପ୍ରଭୁଙ୍କ ପଦ୍ମବେଶ



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ
ମୋ: ୯୪୩୭୭୨୯୩୮୪

ମହାପ୍ରଭୁ ଜଗନ୍ନାଥ ହେଉଛନ୍ତି ଦେବାଧିରାଜ ଓ ରାଜାଧିରାଜ। ଓଡ଼ିଶାର ବାର ମାସରେ ତେର ପର୍ବ ପରି ଶ୍ରୀମନ୍ଦିରରେ ପାଳିତ ହୁଏ ଅନେକ ରୀତିନୀତି, ଉତ୍ସବ, ଅନୁଷ୍ଠାନ। ତାଙ୍କର ଦୈନନ୍ଦିନ ନୀତିକାନ୍ତି ଓ ପର୍ବପର୍ବାଣୀରେ ମଣିଷ ସୁଲଭ ଚଳଣି ସହିତ ରାଜକୀୟ ଠାଣି ପରିଲକ୍ଷିତ ହୁଏ। କିନ୍ତୁ ଏସୁର ରହସ୍ୟ ଭେଦ କରିବା ସାମାନ୍ୟ ମଣିଷ କାହିଁକି ଦେବତାଙ୍କ ପକ୍ଷରେ ମଧ୍ୟ ସମ୍ଭବ ନୁହେଁ। ବଡ଼ ଠାକୁର ଯେପରି ଖାଦ୍ୟ ପ୍ରିୟ ସେପରି ଫୁଲ ପ୍ରିୟ। ପଦ୍ମ ଫୁଲ ପ୍ରତି ତାଙ୍କର ଶ୍ରଦ୍ଧା। ପଦ୍ମ ଏପରି ଏକ ଫୁଲ ଯାହାର ବର୍ଣ୍ଣନା ପୁରାଣ ଓ କାହାଣୀରେ ଦେଖିବାକୁ ମିଳେ।

ପଙ୍କରୁ ଉତ୍ପନ୍ନ ଫୁଲକୁ ପଦ୍ମ କୁହାଯାଏ। ପଦ୍ମ ଫୁଲକୁ ପବିତ୍ର, ପୂଜନୀୟ, ଶାନ୍ତି, ସମୃଦ୍ଧି ଏବଂ ସୌନ୍ଦର୍ଯ୍ୟର ପ୍ରତୀକ ରୂପେ ବିବେଚନା କରାଯାଏ। ହିନ୍ଦୁ ବିଶ୍ୱାସରେ ଦେବୀ ମହାଲକ୍ଷ୍ମୀଙ୍କର ଏହା ପ୍ରିୟ ପୁଷ୍ପ। ତେବେ ଦାରୁବ୍ରହ୍ମଙ୍କ ଆକର୍ଷଣୀୟ ବେଶଗୁଡିକ ମଧ୍ୟରୁ ପଦ୍ମ ବେଶ ଅନ୍ୟତମ। ସୌନ୍ଦର୍ଯ୍ୟ, ସାଧନା, ପବିତ୍ରତା, ଧ୍ୟାନ, ଜ୍ଞାନ, କର୍ମ, ଭକ୍ତି, ଭାବ ଓ ବୈରାଗ୍ୟର ପ୍ରତୀକ ଭାବେ ପଦ୍ମ ବେଶ ଅନ୍ୟତମ। ପବିତ୍ର ମାଘ ମାସ ଅମାବାସ୍ୟା ଠାରୁ ଶ୍ରୀପଞ୍ଚମୀ ମଧ୍ୟରେ ବୁଧବାର କିମ୍ବା ଶନିବାର ଶ୍ରୀଜୀଉଙ୍କୁ ପଦ୍ମବେଶ କରାଯାଏ। ଶ୍ରୀମନ୍ଦିର ରତ୍ନ ସିଂହାସନରେ ଆକର୍ଷଣୀୟ ପଦ୍ମ ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି ଦାରୁବ୍ରହ୍ମ। ଶୀତ ଋତୁରେ ପଦ୍ମ ଫୁଲ ଫୁଟିବା ସମ୍ଭବ ହେଉନଥିବାରୁ ସୋଲ ନିର୍ମିତ ପଦ୍ମ ଫୁଲରେ ଶ୍ରୀଜୀଉମାନଙ୍କୁ ଏହି ବେଶରେ ସଜ୍ଜିତ କରାଯାଇଥାଏ ବୋଲି କିମ୍ବଦନ୍ତୀ ରହିଛି। ପଣ୍ଡୁ ପୂର୍ଣ୍ଣିମା ଠାରୁ ବେଶ ପାଇଁ ପ୍ରସ୍ତୁତି ଆରମ୍ଭ କରାଯାଏ। ସତ୍ତ୍ୱ ଲିପି ଅନୁସାରେ ସିଂହଦ୍ୱାର ସଂଲଗ୍ନ ବଡଛତା ମଠ ତରଫରୁ ଏହି ବେଶ ନିର୍ମାଣ ଓ ଖର୍ଚ୍ଚ ବହନ କରାଯାଇଥାଏ। ବେଶ ପାଇଁ ଆବଶ୍ୟକ ସୋଲ, ଜରି, କଇଁଥ ଅଠା, କନା, ବେତ, ବାଉଁଶ, ସନ୍ତରା ଆଦି ମଠ ତରଫରୁ ଯୋଗାଇ ଦିଆଯାଇଥାଏ। ପଦ୍ମ ଫୁଲଠୁ ନେଇ ପଦ୍ମ ପାଖୁଡା, ପଦ୍ମ କେଶର, ଆମ୍ବ କଷି, ଡାଳି, ସାତଟି ଗଛ, ସାତଟି ସିଂହାସନ, ତିନିଟି ଶ୍ରୀମୁଖ ପଦ୍ମ, ତିନିଟି ବଡ ଚୂଳ ସବୁକିଛି ସୋଲ ଓ ଜରିରେ ପ୍ରସ୍ତୁତ ହୁଏ। କାରିଗରମାନେ ହବିଷ୍ୟ ପାଳନ ପୂର୍ବକ ଦୀର୍ଘ ଦେଢ ମାସ ଧରି ଏହି ବେଶ କାର୍ଯ୍ୟ କରିଥାନ୍ତି।

ପ୍ରାୟ ତିନି ଶହ ବର୍ଷ ତଳେ ସପ୍ତଦଶ ଶତାବ୍ଦୀରେ ମହନ୍ତ ରଘୁବର ଦାସ ଏହି ବେଶ ଆରମ୍ଭ କରିଥିଲେ। କିମ୍ବଦନ୍ତୀ ଅନୁସାରେ ହିନ୍ଦୀ ଭାଷି ସାଧୁ ମନୋହର ଦାସ ବହୁ ଦୂରରୁ ଚାଲିଚାଲି ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ। କ୍ଳାନ୍ତ ହୋଇ ତୃଷାର୍ତ୍ତ ଅବସ୍ଥାରେ ଏକ ପୋଖରୀ ନିକଟରେ ଅଟକିଥିଲେ। ପୁଷ୍କରିଣୀରେ ପଦ୍ମ ଫୁଲ ଫୁଟିଥିବା ଦେଖି ଏସବୁ ଜଗନ୍ନାଥଙ୍କ ଇଚ୍ଛାରେ ହୋଇଥିବା ଭାବି ସେ ପଦ୍ମଫୁଲ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ତୋଳିଥିଲେ। ଏକ ଗାମୁଛାରେ ପଦ୍ମଫୁଲଗୁଡିକୁ ଧରି ସେ ଶ୍ରୀମନ୍ଦିରରେ ପହଞ୍ଚିଲେ। ସେଦିନ ମାଘ ମାସ ଅମାବାସ୍ୟା ତିଥି ଥିଲା। ଗରୁଡସ୍ତମ୍ଭ ନିକଟରେ ଛିଡା ହୋଇ ମନୋହର ପ୍ରଭୁଙ୍କୁ ଦର୍ଶନ କରିବା ସହ ଭାବ ବିହ୍ୱଳ ହୋଇପଡିଲେ। ଶ୍ରୀଜୀଉଙ୍କ ଉଦ୍ଦେଶ୍ୟରେ ଆଣିଥିବା ପଦ୍ମ ଫୁଲଗୁଡିକୁ ଲାଗି କରିବା ପାଇଁ ଜଣେ ପଣ୍ଡାଙ୍କୁ ସେ ଅନୁରୋଧ କରିଥିଲେ। ମଇଳା ଗାମୁଛାରେ ପଦ୍ମ ଫୁଲ ରହିଥିବା ଦେଖି ସେବାୟତ ବିରକ୍ତି ପ୍ରକାଶ କରିବା ସହ ସେସବୁକୁ ଫିଙ୍ଗି ଦେଇଥିଲେ। ସେଥିରେ ଅପମାନିତ ହୋଇ ସାଧୁ ମନୋହର ପଦ୍ମଫୁଲଗୁଡିକୁ ପୁଣି ଥରେ ଗାମୁଛାରେ ଧରି ଫେରୁଥିବାବେଳେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟସ୍ଥ ବଡଛତା ମଠ ନିକଟରେ ଶ୍ରୀମଦିରରୁ ବାହାରି ବଡଛତା ମଠ ନିକଟରେ ପ୍ରଭୁଙ୍କୁ ସ୍ମରଣ କରି ମୂର୍ଚ୍ଛିତ ହୋଇଥିଲେ। ଭକ୍ତବତ୍ସଳ ପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ ଭାବାବେଗ ବୁଝି ପାରିଥିଲେ। ସେହିଦିନ ରାତିରେ ମନୋହରଙ୍କ ପଦ୍ମ ଫୁଲରେ ତାଙ୍କୁ ବେଶ କରିବା ପାଇଁ ଗଜପତି ମହାରାଜଙ୍କୁ ସ୍ୱପ୍ନାଦେଶ କରିଥିଲେ। ବଡସିଂହାର ବେଶରେ ଠାକୁରଙ୍କୁ ପଦ୍ମ ବେଶ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସ୍ୱପ୍ନାଦେଶ ପାଇ ଗଜପତି ମହାରାଜା ତତ୍‌କ୍ଷଣାତ ସିଂହଦ୍ୱାର ନିକଟକୁ ଯାଇ ସାଧୁ ମନୋହରଙ୍କ ଠାରୁ ପଦ୍ମ ଫୁଲ ଗ୍ରହଣ କରିଥିଲେ। ସେତେବେଳକୁ ଫୁଲର ପାଖୁଡାଗୁଡିକ ଶୁଖି ଯାଇଥାଏ। ସେବକମାନେ ଶୁଖିଲା ଫୁଲଗୁଡିକ ଲାଗି କରିବା ପରେ ସେଗୁଡିକ ସତେଜ ହୋଇ ସଦ୍ୟ ପ୍ରସ୍ଫୁଟିତ ହୋଇଥିବା ଭଳି ଦୃଶ୍ୟମାନ ହେଲା। ଏହା ଦେଖି ସେବକମାନେ ସାଧୁ ମନୋହରଙ୍କୁ ରତ୍ନ ସିଂହାସନ ନିକଟକୁ ପାଛୋଟି ନେଲେ। ମହାପ୍ରଭୁଙ୍କୁ ପଦ୍ମ ବେଶରେ ଦେଖି ସାଧୁ ଜଣକ ବିମୋହିତ ହେଲେ। ସେଦିନ ଥିଲା ମାଘ ପ୍ରତିପଦ ଓ ବସନ୍ତ ପଞ୍ଚମୀ ମଧ୍ୟବର୍ତ୍ତୀ ବୁଧବାର। ସେହି ସ୍ମୃତିକୁ ମନେ ରଖିବା ପାଇଁ ଏବେବି ମାଘ ମାସର ଶୁକ୍ଳ ପକ୍ଷ ପ୍ରତିପଦ ଠାରୁ ବସନ୍ତ ପଞ୍ଚମୀ ମଧ୍ୟରେ ବୁଧବାର କିମ୍ବା ଶନିବାର ପଦ୍ମ ବେଶ କରାଯାଉଛି। ଶ୍ରୀମନ୍ଦିରର ସମସ୍ତ ନୀତିକାନ୍ତି ସରି ରାତିରେ ଚନ୍ଦନ ଲାଗି ପରେ ଏହି ବେଶ ଅନୁଷ୍ଠିତ ହୁଏ। ବେଶ ପରେ ଶ୍ରୀଜୀଉମାନଙ୍କୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଖିରି ଓ ଅମାଲୁ ଭୋଗ ଲାଗି ହୁଏ। ବର୍ଷକ ଭିତରେ ଏହି ଗୋଟିଏ ଦିନ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ବଡସିଂହାର ବେଶ ହୁଏ ନାହିଁ। ପଦ୍ମ ବେଶରେ ପହୁଡ ହୁଅନ୍ତି ମହାପ୍ରଭୁ। ପରଦିନ ମଙ୍ଗଳ ଆଳତି ପରେ ଭକ୍ତମାନେ ସାହାଣ ମେଳାରେ ସିଂହାସନ ନିକଟକୁ ଯାଇ ଏହି ମନଲୋଭା ବେଶ ଦର୍ଶନ କରିଥାନ୍ତି। ପରଂବ୍ରହ୍ମଙ୍କ ଏହି ଆକର୍ଷଣୀୟ ବେଶ ଦର୍ଶନ କରି ବିଭୋର ହୁଅନ୍ତି ଭକ୍ତ।

# ଭଗବତୀ ଭାରତୀ ଦେବୀ ନମସ୍ତେ



ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର
ସହ-ପ୍ରତିରତ୍ୱିକ ଓ ବିଭାଗୀୟ ମୁଖ୍ୟ
ହେପାଟୋଲୋଜି ବିଭାଗ, ଏସ୍‌ସିବି ମେଡିକାଲ କଲେଜ
କଟକ, ମୋ : ୯୪୩୭୦୫୧୯୫୭

ମା’ ସରସ୍ୱତୀ ସକଳ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ। ଗାୟତ୍ରୀ ରହସ୍ୟୋପନିଷଦରେ ବର୍ଣ୍ଣିତ ଅଛି - ସରସ୍ୱତ୍ୟାଃ ସର୍ବେ ବେଦା ଅଭବନ୍ - ସରସ୍ୱତୀଙ୍କ ପାଖରୁ ସମସ୍ତ ବେଦ ସୃଷ୍ଟି। ମା’ସରସ୍ୱତୀଙ୍କର ବହୁ ନାମ ରହିଛି - ବାକ୍, ବାକ୍ୟେଶ୍ୱରୀ, ଭାରତୀ, ବାଣୀ ଇତ୍ୟାଦି। ମା’ଶୁକ୍ଳବର୍ଣ୍ଣା, ଶ୍ୱେତବସନା, କମଳବାସିନୀ, ହଂସବିହାରିଣୀ, ହସ୍ତରେ ବୀଣା, ଗଳାରେ ମୁକ୍ତାର ମାଳ ଓ କୋଳରେ ପୁସ୍ତକ ଶୋଭିତ। ଏହାର ତାତ୍ପର୍ଯ୍ୟ କ’ଣ? ପରମପ୍ରେମମୟ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସମୀପରେ ଆବ୍ରହ୍ମସ୍ତମ୍ବ ପର୍ଯ୍ୟନ୍ତ ସମସ୍ତ ବିଷୟରେ ଆଲୋଚନା ହୋଇଛି। ସରସ୍ୱତୀ ଶବ୍ଦର ଅର୍ଥ - ସରସ୍ + ବତୀ, ସରସ ମାନେ ଜଳ, ତେଣୁ ମା’ସରସ୍ୱତୀ ହେଲେ ଜଳବତୀ। ଧାତୁଗତ ଅର୍ଥ ପ୍ରୟୋଗ କରି ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର କହିଲେ - ସରସ୍ ଶବ୍ଦର ଧାତୁ ହେଉଛି ସୃ ଧାତୁ - ଅର୍ଥ ଗତି ବା ଚାଲିବା। ତେଣୁ ଶ୍ରୀ ଶ୍ରୀ ଠାକୁର କହିଲେ - ସରସ୍ୱତୀ ଅର୍ଥ ଗତିବତୀ, ଗତିର ପ୍ରତୀକ। ସୃ ଧାତୁର ଅନ୍ୟ ଏକ ଅର୍ଥ ହେଉଛି ବିକଶିତ ହେବା। ତେଣୁ ସରସ୍ୱତୀ ଶବ୍ଦରେ ବିକାଶର ବ୍ୟାକୁଳତା ରହିଛି। ମା’ସରସ୍ୱତୀଙ୍କର ଅନ୍ୟ ଏକ ନାମ ବାଗ୍‌ଦେବୀ। ବାକ୍‌ମାନେ ଶବ୍ଦ। ତେଣୁ ପ୍ରେମାବତାର ଶ୍ରୀ ଶ୍ରୀ ଠାକୁର କହିଲେ - ମା’ସରସ୍ୱତୀ ଶବ୍ଦର ଦେବୀ। ସରସ୍ୱତୀ ପ୍ରତିମା ମଧ୍ୟରେ ସୃଜନ ପ୍ରଗତିକୁ ଲକ୍ଷ୍ୟ କରାଯାଏ। ସୃଷ୍ଟିର ଆଦିରେ ଅଛି ଗତି। ଅନନ୍ତ ବକ୍ଷରେ ଆକର୍ଷଣ-ବିକର୍ଷଣ ମଧ୍ୟ ଦେଇ ସୃଷ୍ଟିର ପ୍ରଥମ ସଞ୍ଚାର - ଗତି ଓ ସ୍ପନ୍ଦନ ବା ଶବ୍ଦ। ଅନନ୍ତ ବ୍ୟୋମରେ ଏହି ଶବ୍ଦ ନାନା ରୂପେ ପ୍ରତିଭାତ। ତେଣୁ ଶ୍ରୀମଦ୍ ଭାଗବତରେ ଅଛି - ଆଦିରେ ପରମବ୍ରହ୍ମ ଶବ୍ଦରୂପୀ। ତାଙ୍କୁ ଉପଲବ୍ଧି କରିବାକୁ ହେଲେ ଶବ୍ଦର ଉପାସନା କରିବାକୁ ହେବ। ମା’ସରସ୍ୱତୀ ପୂଜା ସେହି ଶବ୍ଦ ଉପାସନାର ବ୍ୟାପାର।

ବିଦ୍ୟାଦାୟିନୀ, ଜଡ଼ତାହାରିଣୀ କାବ୍ୟକଳାର ଆଦ୍ୟାଶକ୍ତି - ସକଳ ଜ୍ଞାନ ଓ ଚେତନା ଶକ୍ତିର ଉଦ୍ରେକକାରିଣୀ, ଦେବୀ ବୀଣାପାଣି । ମା’ସରସ୍ୱତୀଙ୍କ ଉଦ୍ଦେଶ୍ୟରେ ଜ୍ଞାନପିପାସୁ ଆର୍ଯ୍ୟ ମାନବ ଭକ୍ତି ବିନମ୍ର କଣ୍ଠରେ ଗାଇଥାଏ -

‘ଯା କେନ୍ଦୁ ତୁଷାରହରା ଧବଳା
ଯା ଶ୍ୱେତ ପଦ୍ମାସନା,
ଯା ବୀଣା ବରଦଣ୍ଡମଣ୍ଡିତକରା,
ଯା ଶୁକ୍ଳ ବସ୍ତ୍ରନ୍ୱିତା,
ଯା ବ୍ରହ୍ମାଚ୍ୟୁତଶଙ୍କର ପ୍ରଭୃତିଭିଃ ଦେବୈ ସଦା ବନ୍ଦିତା,
ସ ମାଂ ପାତୁ ସରସ୍ୱତୀ ଭଗବତୀ ନିଶେଷ ଜାଡ୍ୟାପହା।’

ଶ୍ରୀ ଶ୍ରୀ ଚଣ୍ଡୀରେ ମହାଶକ୍ତିଙ୍କୁ ପ୍ରାର୍ଥନା କରି କୁହାଯାଇଛି - ‘ବିଦ୍ୟାଃ ସମସ୍ତା ସ୍ତବ ଦେବୀ, ଭେଦଃ ସ୍ତ୍ରିୟଃ ସମସ୍ତାଃ ସକଳା ଜଗତ୍‌ସୁ। ତ୍ୱ ନୌ କାୟା ପୁରିତମ୍ - ସ୍ୱୟୈତତ୍, କାତେ ସ୍ତୁତିଃ ସ୍ତବ୍ୟ ପରା ପରୋକ୍ତିଃ।’ ଅର୍ଥାତ୍ ହେ ଦେବୀ - ତୁମେ ହିଁ ସକଳ ବିଦ୍ୟାର ଧାତ୍ରୀ ଓ ଦାତ୍ରୀ, ତୁମେ ହିଁ ସକଳ ଶକ୍ତିର ଆଧାର ଓ ସର୍ବତ୍ର ପରିବ୍ୟାପ୍ତ । ତୁମ ବ୍ୟତୀତ ଏ ବିଶ୍ୱରେ ଆଉ କାହାର ସତ୍ତା ଉପଲବ୍ଧି କରି ହୁଏନା। ଆମ ଶାସ୍ତ୍ରରେ ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ ଏଇ ତ୍ରିଶକ୍ତିଙ୍କ ସମନି ତ ଶକ୍ତିକୁ ମହାମାୟା ବା ଆଦ୍ୟାଶକ୍ତି ରୂପରେ ବର୍ଣ୍ଣନା କରାଯାଇଛି । ଶକ୍ତି ତତ୍ତ୍ୱ ପ୍ରତି ଦୃଷ୍ଟିପାତ କଲେ ଜଣାଯାଏ ଯେ ସରସ୍ୱତୀ ମହାଶକ୍ତିଙ୍କର ଅଂଶ ବିଶେଷ ବା ଏକ ପ୍ରକାଶ ସ୍ୱରୂପ। ମହାଲକ୍ଷ୍ମୀ ଧନଧାନ୍ୟର ମହାସରସ୍ୱତୀ ସକଳ ବିଦ୍ୟା ସକଳ ଜ୍ଞାନ ଓ ବିବେକର ଏବଂ ମହାକାଳୀ ସକଳ ଶକ୍ତିର ଉତ୍ସ ତଥା ପ୍ରକାଶକ ରୂପେ ପରିକଳ୍ପିତ। ବେଦ ବାଣୀ - ବେଦରେ ଦେବୀମାନଙ୍କର ବନ୍ଦନାରେ ସରସ୍ୱତୀଙ୍କର ବର୍ଣ୍ଣନା ପ୍ରଥମ ଓ ପ୍ରଧାନ। ଋଗ୍ ବେଦରେ କଥିତ ଅଛି - ସରସ୍ୱତୀ ମହାଶକ୍ତିଙ୍କର ଉତ୍ସ। ଏହି ସରସ୍ୱତୀ ନିରାକାର, ନିର୍ଗୁଣ, ନିର୍ମାୟା, ଆଦ୍ୟାଶକ୍ତି। ତାଙ୍କୁ ମାତା ଓ ନଦୀ ରୂପରେ ସ୍ତୁତି କରାଯାଇ କୁହାଯାଏ -ଅମ୍ବି ତମେ ନଦୀ ତମେ, ଦେବୀ ତମେ ସରସ୍ୱତୀ, ଅପ୍ରଶସ୍ତ ଇବ ସ୍ୱାମୀ, ପ୍ରଶସ୍ତି ମମ ନିସ୍କୃତି। (ଋଗ୍ ବେଦ - ମ - ୨- ସ ୪୧- ର-୧୬) ଋଗ୍ ବେଦର ଏହି ବାଣୀରେ ଆର୍ଯ୍ୟ ଋଷିଗଣ ସ୍ତୁତି କରୁଅଛନ୍ତି ଯେ ହେ ଶ୍ରେଷ୍ଠା ମାତା, ହେ ଶ୍ରେଷ୍ଠା ନଦୀ, ହେ ଶ୍ରେଷ୍ଠା ଦେବୀ - ଆମେ ସବୁ ଅପ୍ରଶସ୍ତ ପ୍ରାଣୀ, ଆମକୁ ପ୍ରଶସ୍ତ ତଥା ବିସ୍ତାରିତ କରାଅ। ଏଣୁ ଏହି ବେଦବାଣୀ ଅନୁଯାୟୀ ଦିବ୍ୟ ଜ୍ଞାନ ପ୍ରଦାୟିନୀ ଦେବୀ ଜଗତର ଶ୍ରେଷ୍ଠ ମାତା ରୂପେ ପୂଜିତ ଓ ଶ୍ରେଷ୍ଠ ନଦୀ ରୂପେ ବର୍ଣ୍ଣିତ। ସରସ୍ୱତୀ ଶବ୍ଦର ମୂଳ ଅର୍ଥ ହେଲା - (ସ୍ୱତଃ+ବତୀ) ପ୍ରସରଣ ଯାହାଙ୍କର ଅଛି। ଅଜ୍ଞାନ ଅନ୍ଧକାର ମଧ୍ୟରୁ ତେଜୋମୟ ଦିବ୍ୟଧାମକୁ ବାଟ କଢ଼ାଇ ଘେନି ଯିବାର ସେ ହେଲେ ଅଧିଷ୍ଠାତ୍ରୀ ଦେବୀ।

ମା’ସରସ୍ୱତୀଙ୍କର ଚରଣଯୁଗଳ ପଦ୍ମ ଉପରେ ନ୍ୟସ୍ତ ଓ ପଦ୍ମପାଣିରେ ଫୁଟିଛି। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହାର ଅର୍ଥ ବୁଝାଇ କହିଲେ - ମନୁସଂହିତାରେ ଅଛି - ଅବ୍ୟକ୍ତ ଈଶ୍ୱର ଯେତେବେଳେ ଜୀବଜଗତ ସୃଷ୍ଟି କରିବାକୁ ଇଚ୍ଛା କଲେ ସେ ପ୍ରଥମେ ପାଣି ବା ଜଳ ସୃଷ୍ଟି କଲେ, ପୁଣି ପଞ୍ଚମହାଭୂତ ଅର୍ଥାତ୍ କ୍ଷିତି, ଅପ୍, ତେଜ, ମରୁତ୍ ଓ ବ୍ୟୋମ ଭିତରେ ପ୍ରଥମ ଘନୀଭୂତ ରୂପ ହେଉଛି ଜଳ। ଅନ୍ୟ ସବୁ ହେଉଛି ବାୟବୀୟ ବା ବାଷ୍ପୀୟ ଅବସ୍ଥା। ଘନୀଭୂତ ପ୍ରଥମ ଭୂତ ହିଁ ହେଲା ହିଁ ପାଣି। ପାଣି ଉପରେ ପଦ୍ମ, ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ବ୍ୟକ୍ତ କଲେ - ପଦ୍ମ ଶବ୍ଦର ଉତ୍ପତ୍ତି ପଦ୍ ଧାତୁ ଠାରୁ - ଅର୍ଥ ଗତି, ସ୍ଥିତି ଓ ପ୍ରାପ୍ତି। ଏହାକୁ ଆଶ୍ରୟ କରି ହିଁ ସୃଷ୍ଟି ବିକଶିତ ବା ବିବର୍ଦ୍ଧିତ। ଏହି ଗତି ଓ ସ୍ଥିତି ସୃଷ୍ଟିର ସବୁକିଛି ମଧ୍ୟରେ ଅନ୍ତଃସୂତ୍ୟ ଓ ଏହା ଆଗେଇ ଚାଲିଛି ପ୍ରାପ୍ତିର ଦିଗରେ। ଆବେଗପୂର୍ଣ୍ଣ ଭାବରେ ଶ୍ରୀ ଶ୍ରୀ ଠାକୁର କହିଲେ - ମା’ସରସ୍ୱତୀ ହଂସାସୀନା, ହଂସ ଅର୍ଥ - ଅହଂ ସଃ ଅର୍ଥାତ୍ ମୁଁ ହିଁ ସେହି ଯିଏ ସର୍ବଜ୍ଞାନର ଅଧିଶ୍ୱରୀ। ପ୍ରତିଟି ମନୁଷ୍ୟ ତାଙ୍କୁ ବହନ କରି ଚାଲନ୍ତୁ, ଏହା ହଂସରୂଢ଼ା ଦେବୀଙ୍କର ତାତ୍ପର୍ଯ୍ୟ। ବିଦ୍ୟାଚର୍ଚ୍ଚା, ମନକୁ ଉଦାର ଓ ପରାର୍ଥପର କରିବା, ସହନ-ଧାରଣ ଓ ବହନ ଶକ୍ତିର ବୃଦ୍ଧି ଏବଂ ହୀନତା-ସଂକୀର୍ଣ୍ଣତା-ସ୍ୱାର୍ଥପରତା ଓ ଅଶ୍ଳୀଳତାର ବିଲୋପ - ଏହା ହିଁ ହେଉଛି ଦେବୀଙ୍କର ହଂସବିହାରିଣୀର ତାତ୍ପର୍ଯ୍ୟ।

ଯୁଗାବତାର ଶ୍ରୀ ଶ୍ରୀ ଠାକୁର ପୁଣି କହିଲେ - ହଂସ ହେଲା କଳନାଦୀ ବା କଳକଣ୍ଠ। କଲ୍ ଧାତୁ ଅର୍ଥ ଗତି ଓ ଶବ୍ଦ। ହଂସରୂପୀ ପ୍ରତିଟି ବ୍ୟକ୍ତିସତ୍ତା ହିଁ ଶବ୍ଦବ୍ରହ୍ମରୁ ଉଦ୍‌ଭୂତ, ଆଉ ସୃଷ୍ଟିର ପ୍ରତିଟି ଅଣୁପରମାଣୁ ମଧ୍ୟରେ ରହିଛି ଏହି ଗତି ବା ଚଳମାନତା। ଗତି ଓ ଶବ୍ଦ ହଂସ ମଧ୍ୟରେ ନିତ୍ୟ ଅବସ୍ଥିତ। ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ପୁଣି ବ୍ୟକ୍ତ କଲେ - ମା’ଙ୍କର କୋଳରେ ପୂଜାପାଏ ବହି। ମା’ ହେଉଛନ୍ତି ବିଦ୍ୟାଦେବୀ, ତାଙ୍କ ପାଖରେ ଅଛି ସୃଜନ ପ୍ରଗତି ଓ ଏହି ସୃଷ୍ଟି ହିଁ ଆଦିବ୍ରହ୍ମ। ବିଦ୍ୟା ଆସିଛି ବିଦ୍ ଧାତୁରୁ - ଅର୍ଥ ଜ୍ଞାନ, ବିଚାର, ଅସ୍ତିତ୍ୱ ଓ ପ୍ରାପ୍ତି। ପ୍ରକୃତ ବିଦ୍ୟାଲାଭ ହେଲେ ଜ୍ଞାନ, ଅସ୍ତିତ୍ୱ, ବିଚାରଶକ୍ତି ଓ ପ୍ରାପ୍ତି ଲାଭ ହୁଏ। ଆଉ ସେ ପ୍ରାପ୍ତି ହେଉଛି - ଧାରଣ-ପାଳନୀ-ସମ୍ବେଗସିଦ୍ଧ ବ୍ୟକ୍ତିତ୍ୱ ବା ଈଶ୍ୱର ପ୍ରାପ୍ତି।

ମା’ସରସ୍ୱତୀଙ୍କର ହସ୍ତରେ ଅଛି ବୀଣା - ବୀଣାରୁ ଜାତ ଶବ୍ଦ ବା ଧ୍ୱନୀ - ଐଂ ହେଉଛି ମା’ସରସ୍ୱତୀଙ୍କର ବୀଜମନ୍ତ୍ର। ସାଧନାର ବିଭିନ୍ନ ସ୍ତରରେ ଏହି ଧ୍ୱନୀ ଶୁଣାଯାଏ, ମା’ସରସ୍ୱତୀଙ୍କର ବୀଜମନ୍ତ୍ର ଯେଉଁଠାରେ ଶୁଣାଯାଏ ତାହା ହେଉଛି ସତ୍ୟଲୋକ - ଯେଉଁଠାରେ ଅସ୍ତିତ୍ୱର ବାର୍ତ୍ତା ପ୍ରଚାରିତ ହୁଏ। ଶବ୍ଦ ସାଧନାରେ ଅଧିଗତ ହେଲେ ସୃଷ୍ଟିଧାରାର ମୂଳ ରହସ୍ୟ ଭକ୍ତକୁ ପ୍ରାପ୍ତ ହୁଏ। ମା’ସରସ୍ୱତୀଙ୍କର ଆଉ ଏକ ନାମ ଭଦ୍ରକାଳୀ - ଅର୍ଥାତ୍ ସେ କଲ୍ୟାଣଗତିସମ୍ପନ୍ନା। ମା’ସରସ୍ୱତୀଙ୍କର ଆଠଟି ଶକ୍ତି ଯଥା - ଲକ୍ଷ୍ମୀ, ମେଧା, ଧରା, ତୁଷ୍ଟି, ଗୌରୀ, ପୁଷ୍ଟି, ପ୍ରଭା ଓ ଧୃତି।

ମା’ସରସ୍ୱତୀ ଶୁକ୍ଳବର୍ଣ୍ଣା, ଶୁଭ୍ରବସ୍ତ୍ରାବୃତା। ଏହି ଶୁଭ୍ର ବା ଧଳାରଙ୍ଗ ପବିତ୍ରତାର ପ୍ରତୀକ। ପୁଣି ସତ୍ତ୍ୱଗୁଣର ରଙ୍ଗ ମଧ୍ୟ ଧଳା। ସତ୍ତ୍ୱଗୁଣମାନେ ଅସ୍ତିତ୍ୱ ଯେଉଁଠାରେ ବଜାୟ ରହେ ତାହାର ଚର୍ଚ୍ଚା। ସତ୍ତ୍ୱଗୁଣର ଚରିତ୍ର ହେଉଛି ହାଲୁକା। ତାହା ସହଜରେ ଉପରକୁ ଉଠିପାରେ। ଯାହାର ନୀଚ ଦିଗରେ ଓଜନ ଭାରି ନୁହେଁ ଅର୍ଥାତ୍ ପ୍ରବୃତ୍ତିର ପାଷାଣଭାର ଠାରୁ ଯିଏ ମୁକ୍ତ ସେ ହିଁ ପ୍ରକୃତରେ ମୁକ୍ତ। ପୁଣି ସବୁବର୍ଣ୍ଣ ଏକତ୍ର ମିଳିଲେ ଧଳାବର୍ଣ୍ଣ ହୁଏ। ମା’ସରସ୍ୱତୀଙ୍କର ଏହି ଶୁଭ୍ରବର୍ଣ୍ଣ ମଧ୍ୟରେ ଏହି ମିଳନ ବା ସମାହାରର ଇଙ୍ଗିତ ପ୍ରତିଭାତ ହୁଏ। ଏହିସବୁକୁ ଲକ୍ଷ୍ୟ କଲେ ଜଣାଯାଏ ମା’ସରସ୍ୱତୀଙ୍କର ଉପାସନା ମାନେ ପରମବ୍ରହ୍ମର ଉପାସନା, ସୃଷ୍ଟି ତତ୍ତ୍ୱର ଉପାସନା। ଏହି ତାତ୍ପର୍ଯ୍ୟ ବୁଝି ଯେଉଁମାନେ ପୂଜା କରନ୍ତି ସେମାନଙ୍କର ପୂଜା ସାର୍ଥକ ହୁଏ। ଏଥିପାଇଁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସତ୍‌ସଙ୍ଗ ଆଶ୍ରମରେ ମା’ସରସ୍ୱତୀଙ୍କର ପୂଜା ସାଡ଼ମ୍ବରେ କରୁଥିଲେ। ଶ୍ରୀ ଶ୍ରୀ ଠାକୁର ସ୍ୱୟଂ ପୁଷ୍ପାଞ୍ଜଳି ଦେଉଥିଲେ ଓ ପ୍ରଣାମୀ ସହ ପ୍ରଣାମ ନିବେଦନ କରୁଥିଲେ। ପୁଷ୍ପାଞ୍ଜଳି ଦେଇ ଭକ୍ତି ସହକାରେ ମା’ସରସ୍ୱତୀଙ୍କୁ ପ୍ରଣାମ ନକଲା ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଠାକୁର ଆହାର ଗ୍ରହଣ କରୁନଥିଲେ। ସମସ୍ତ ଭାବାର୍ଥ ସହ ଶ୍ରୀ ଶ୍ରୀ ଠାକୁର ବାଣୀ ଦେଲେ - ‘ବିକାଶ-ବ୍ୟାକୁଳ ଗତି ହିଁ ଯାହାଙ୍କର ସଂସ୍ଥିତି - ସେ ହିଁ ମା’ ସରସ୍ୱତୀ, ଆଉ ବାକ୍ ବା ଶବ୍ଦ ହିଁ ଯାହାଙ୍କର ସତ୍ତା - ସେ ହିଁ ବାଗ୍‌ଦେବୀ; ତେଣୁ ଯିଏ ବାଗ୍ ଦେବୀ, ସେ ହିଁ ମା’ ସରସ୍ୱତୀ’।



ଭାପୁର (ଭାସ୍କର ନ୍ୟୁଜ): ନୟାଗଡ ଜିଲ୍ଲା ଭାପୁର ବ୍ଲକ ସଦର ମହକୁମାସ୍ଥ ସରସ୍ୱତୀ ଶିଶୁମନ୍ଦିରରେ ଶୁକ୍ରବାର ଦିନ ୨୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ଶିକ୍ଷା ବିକାଶ ସଂସ୍ଥାନର ସାଧାରଣ ସମ୍ପାଦକ କରୁଣାକର ପ୍ରଧାନ ଯୋଗ ଦେଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ରୂପେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼.ପବିତ୍ର କୁମାର ସୁବୁଦ୍ଧି ଏବଂ ସମ୍ମାନିତ ଅତିଥି ରୂପେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରଦୀପ କୁମାର ପାଇକରାୟ, ବିଦ୍ୟାଳୟ ପ୍ରତିଷ୍ଠାତା ଚରଣ ସାହୁ, ସଭାପତି ସୁବାସ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦାନ କରି ବାର୍ଷିକ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଅନୁଷ୍ଠିତ ବିଭିନ୍ନ କ୍ରୀଡା କ୍ଷେତ୍ରରେ ନୈପୁଣ୍ୟ ଲାଭ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଉପସ୍ଥିତ ଅତିଥି ମାନେ ପ୍ରମାଣପତ୍ର ସହିତ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ । ସ୍କୁଲ ସମ୍ପାଦକ ଅଧ୍ୟାପକ ପଦ୍ମ ଚରଣ ଭୋଳ ବାର୍ଷିକ ଉତ୍ସବକୁ ସମ୍ପାଦନା କରିଥିବାବେଳେ ପ୍ରଧାନ ଶିକ୍ଷକ କାମରାଜ ବରାଡ ଏବଂ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ ।



### ପାରାଦୀପରେ ବଡ଼ ପରିବର୍ତ୍ତନ !

# ପ୍ରକାଶଙ୍କ ସଂଘରେ ସାମିଲ ହେଲେ ଶତାଧିକ ଆଇପିଟି ଡମ୍ପର ଡ୍ରାଇଭର

ପାରାଦୀପ (ଭାସ୍କର ନ୍ୟୁଜ): ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଆନ୍ତଃ ବନ୍ଦର ପରିବହନ (ଆଇପିଟି) କାର୍ଯ୍ୟ କରୁଥିବା ଡମ୍ପର ଡ୍ରାଇଭର ମାନେ ଦୀର୍ଘ ବର୍ଷ ହେବ ବାପି ସରଖେଲଙ୍କ ଶ୍ରମିକ ସଂଘରେ ରହିଆସିଥିଲେ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଡ୍ରାଇଭର ମାନଙ୍କର ମୌଳିକ ସମସ୍ୟା ଗୁଡ଼ିକ ଦୀର୍ଘଦିନ ହେବ ସମାଧାନ ନହେବାରୁ ବାଧହୋଇ ପ୍ରାୟ ୪୦୦ ରୁ ଉର୍ଦ୍ଧ ଡମ୍ପର ଡ୍ରାଇଭର ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱାଧୀନ ପାରାଦୀପ ପୋର୍ଟ ମଜଦୁର ସଂଘରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି । କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ ପ୍ଲାଣ୍ଟ ଭିତରେ ପ୍ରବେଶ କରିବା ପାଇଁ ପିଏଫ ଓ ଇଏସଆଇ ନଥିଲେ ଗେଟ ପାସ ହୋଇପାରେ ନାହିଁ । କିନ୍ତୁ ଡ୍ରାଇଭରଙ୍କର ପିଏଫ ଓ ଇଏସଆଇ କଟା ନଯାଇ କିଭଳି ଭାବେ ପାସ ହୋଇ ବନ୍ଦର ନିଷିଦ୍ଧାଞ୍ଚଳକୁ ପ୍ରବେଶ କରିବାକୁ ଅନୁମତି ମିଳୁଛି ବୋଲି ସଂଘର ସଭାପତି



ପ୍ରକାଶ ତ୍ରିପାଠୀ ବିସ୍ମୟ ପ୍ରକାଶ କରିବା ସହିତ ଖୁବ ଶୀଘ୍ର ବନ୍ଦର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ । ସଂଘର କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ବେହେରା କହିଛନ୍ତି ଯେ, ଡ୍ରାଇଭର ମାନଙ୍କୁ ଦୁଇ ତିନି ମାସକୁ ଥରେ ଦରମା ମିଳେ ଯାହାକି ସ୍ୱଳ୍ପ ଦରମାରେ ଡ୍ରାଇଭର ମାନେ ପାରାଦୀପରେ ଘର ଭଡା ଦେଇ ପିଲାଛୁଆଙ୍କୁ ଧରି ଚଳିବା ସମ୍ଭବ ହେଉନଥିବା ବେଳେ ଯଦି ମାସକୁ ଥରେ ସଠିକ ସମୟରେ ଦରମା ନମିଳେ ତେବେ ସେମାନେ ଚଳିବେ କିପରି ? ସେଥିପାଇଁ ଶ୍ରମିକ ସଙ୍ଘ ତରଫରୁ ଏକ ଦାବିପତ୍ର ପାରାଦୀପ ପୋର୍ଟ ଅଥରିଟିଙ୍କୁ ଖୁବ ଶୀଘ୍ର ପ୍ରଦାନ କରାଯିବ ଏବଂ ଡ୍ରାଇଭର ମାନଙ୍କ ପାଇଁ ଡ୍ରେସ କୋର୍ଡ ଏବଂ ସେଫଟି ଜୋତାର ବ୍ୟବସ୍ଥା ଥିଲାବେଳେ କେଉଁଭଳି ଭାବେ ବିନା ୟୁନିଫର୍ମ ଏବଂ ସେଫଟି ସୁଜ ନଥାଇ ଯିବାକୁ ଅନୁମତି ମିଳୁଛି ବୋଲି ସଭାପତି ପ୍ରକାଶ ତ୍ରିପାଠୀ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ଏହି ତିନୋଟି ମୌଳିକ ସୁବିଧାକୁ ପୂରଣ କରାଯିବ ବୋଲି ଡ୍ରାଇଭର ମାନଙ୍କୁ ପୂର୍ଣ୍ଣ ପ୍ରତିଶ୍ରୁତି ଦେଇଥିଲେ । ପାରାଦୀପ ପୋର୍ଟ ମଜଦୁର ସଙ୍ଘ କାର୍ଯ୍ୟାଳୟରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ଏହି ଡ୍ରାଇଭର ମାନେ ଏକାଠି ହୋଇ ପାରାଦୀପ ପୋର୍ଟ ମଜଦୁର ସଂଘର ସଦସ୍ୟତା ଗ୍ରହଣ କରିଥିଲେ । ତେବେ ଦୀର୍ଘ ବର୍ଷ ପରେ ନୂତନ ସରକାର ଗଠନ ପରେ ପାରାଦୀପର ଚିତ୍ର ଓ ଚରିତ୍ର ବଦଳିବାର ଦେଖିବାକୁ ମିଳୁଛି । ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ସ୍ୱାଇଁ ରାଜ୍ୟ ସମେତ ପାରାଦୀପର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ନିଜର ଜୋରଦାର ପ୍ରୟାସ ଜାରି ରଖିଥିବା ବେଳେ ସ୍ଥାନୀୟ ଶିଳ୍ପ ମାନଙ୍କରେ ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ଲାଗି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ତାଙ୍କର ଅଭିଯାନ ଜାରି ରଖିଛନ୍ତି ।

# ଶିକ୍ଷକ ସଂଘ ସଭାରେ ଯୋଗଦେଲେ ଉପ-ମୁଖ୍ୟମନ୍ତ୍ରୀ

ନିମାପଡ଼ା (ଭାସ୍କର ନ୍ୟୁଜ): ଶନିବାର ଅପରାହ୍ନ ସମୟରେ ନିମାପଡ଼ା ଟାଉନ୍ ହଲ ଠାରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ, ନିମାପଡ଼ାର ସ୍ଥାୟୀ ସଭାପତି ଚିତ୍ତରଂଜନ ଲେଙ୍କାଙ୍କ ଅଧ୍ୟକ୍ଷତାରେ ନିମାପଡ଼ା ବ୍ଲକ୍‌ରେ ନବ ନିଯୁକ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅନ୍ୟ ବ୍ଲକ୍‌ରୁ ବଦଳି ହୋଇ ନିମାପଡ଼ା ବ୍ଲକ୍‌କୁ ଆସିଥିବା ଶିକ୍ଷକ/ଶିକ୍ଷୟିତ୍ରୀ ତଥା ଏକ୍ସ କ୍ୟାଡ଼ରରୁ କ୍ୟାଡ଼ରଭୁକ୍ତ ହୋଇଥିବା ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଯୋଗ ଦେଇଥିବା ବେଳେ ଶ୍ରୀମତି ପରିଡ଼ା ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ସମ୍ବର୍ଦ୍ଧନା କରିଥିଲେ । ଏହି ସଭାରେ ପ୍ରାଥମିକ ବିଦ୍ୟାଳୟ ସଂଘର ନିମାପଡ଼ା ବ୍ଲକ୍ ସଂପାଦକ ଅମୀୟ କୁମାର ସ୍ୱାଇଁ ବିବରଣୀ ପାଠ କରିଥିଲେ । ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ନିମାପଡ଼ା ପ୍ରତିଭା ମହାନ୍ତି, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଈଶ୍ୱର ଚନ୍ଦ୍ର ନାୟକ, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର



ରାଜ୍ୟ ସଂପାଦକ ବିଭୂ ପ୍ରସାଦ ସାହୁ, ପୁରୀ ଜିଲ୍ଲା ସଂପାଦକ ସୁଧାଂଶୁ ଶେଖର ନାୟକ, ଗୋପ ବ୍ଲକ୍ ସଭାପତି ପ୍ରଦୀପ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ପ୍ରାଥମିକ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା ଓ ନ୍ୟାର୍ଯ୍ୟ ଦାବୀ ସଂପର୍କରେ ବକ୍ତବ୍ୟ ରଖିଥିଲେ । ବିଂଶଗତି ଦୂରୀକରଣ, ପ୍ରାଥମିକ ଶିକ୍ଷାରେ ଠିକା ନିଯୁକ୍ତି ଉଚ୍ଛେଦ, ୨୦୦୧ ମସିହାରୁ ପର ଠାରୁ ବିଭିନ୍ନ ସମୟରେ ନିଯୁକ୍ତି ପାଇଥିବା ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କର ୬ ବର୍ଷ ଠିକା କାର୍ଯ୍ୟକାଳକୁ ୬ଟି ନୋସନାଲ୍ ଇନକ୍ରିମେଂଟ୍ ସହ ଚାକିରୀ କାଳରେ ଗଣନା କରିବା, ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ନିମାପଡ଼ା ବିଦ୍ୟାଳୟ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ନିମାପଡ଼ାରେ ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କ ପାଇଁ ଏକ ଶିକ୍ଷକ ସଂଘ ନିର୍ମାଣ ଏବଂ ଏକ ସାଧାରଣ ପାଠାଗାର ନିର୍ମାଣ ନିମନ୍ତେ ଉପ-ମୁଖ୍ୟମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କର ସମସ୍ତ ସମସ୍ୟା ସଂପର୍କରେ ସମାଧାନ କରାଯିବ । ନିମାପଡ଼ାରେ ଏକ ଶିକ୍ଷକ ସଂଘ, ପାଠାଗାର ନିର୍ମାଣ ନିମନ୍ତେ ଶ୍ରୀମତି ପରିଡ଼ା ପ୍ରତିଶ୍ରୁତି ଦେଇଛନ୍ତି ।

## କର୍ମଚାରୀଙ୍କ କଲମଛାଡ ଆନ୍ଦୋଳନ

କଣ୍ଟାପଡ଼ା (ଭାସ୍କର ନ୍ୟୁଜ): କଟକ ସଦର ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ସମୟରେ ରାଜସ୍ୱ ପରିଦର୍ଶକଙ୍କୁ ଜାନୁଆରୀ ୧୫ ତାରିଖରେ ଦୁର୍ବ୍ୟବହାର ଘଟଣାରେ ଗିରଫ ଦାବି ନେଇ କଣ୍ଟାପଡା ତହସିଲ କାର୍ଯ୍ୟାଳୟ ଆଗରେ ବିଭିନ୍ନ ପଦବୀରେ ଥିବା ରାଜସ୍ୱ ନିରୀକ୍ଷକ, ଅମିନ, ଏଆରଆଇ ମାନେ କଲମଛାଡ ଆନ୍ଦୋଳନ କରିଛନ୍ତି । ଏହି ଧାରଣାରେ ଜ୍ଞାନରଞ୍ଜନ ମଲିକ, ମାନସ ରଂଜନ ନାୟକ, କିଶୋର କୁମାର ସ୍ୱାଇଁ, ତପନ ମୁଦୁଲି, ସନ୍ତୋଷିନୀ ପରିଡା, ସୁରଜ ବାରିକ, ଅମିନ ସଂଘ, ଆରଆଇ ଜ୍ଞାନରଂଜନଙ୍କ ନେତୃତ୍ୱରେ ଧାରଣାରେ ବସିଥିଲେ । ଯେ ପର୍ଯ୍ୟନ୍ତ ଦୁର୍ବ୍ୟବହାରକାରୀଙ୍କୁ ଗିରଫ କରାନଯାଇଛି ସେ ପର୍ଯ୍ୟନ୍ତ କଲମଛଡା ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି ।

# ମାଘ ସପ୍ତମୀ ନିମନ୍ତେ ସମନ୍ୱୟ ବୈଠକ



କୋଣାର୍କ (ଭାସ୍କର ନ୍ୟୁଜ): ଶନିବାର କୋଣାର୍କ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ମାଘ ସପ୍ତମୀ ନିମନ୍ତେ ସ୍ୱେଚ୍ଛାସେବୀ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ରାମକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ ଛବିରାଣୀ ସାହୁ, ତହସିଲଦାର ଅନିଲ କୁମାର ମହାନ୍ତି, କୋଣାର୍କ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ, ରାମଚଣ୍ଡୀ ଆଇଆଇସି ସୁରେଶ ଚନ୍ଦ୍ର ପୃଷ୍ଟି, ଚନ୍ଦ୍ରଭାଗା ମେରାଇନ ଆଇଆଇସି ପ୍ରତିମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଚନ୍ଦ୍ରଭାଗା ମାଘ ସପ୍ତମୀ ପୂର୍ବ ରାତି ଷଷ୍ଠୀ ସନ୍ଧ୍ୟା ୬ଟା ସମୟରୁ ସପ୍ତମୀ ସକାଳ ୭ଟା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀମାନେ ନିୟୋଜିତ ରହିବେ । ପୁରୀ ଶିକ୍ଷା ବିଭାଗ ଅଧୀନ ସ୍କାଉଟ ଓ ଗାଇଡ଼, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଜାତୀୟ ସେବା ଯୋଜନା, ନେହରୁ ଯୁବକେନ୍ଦ୍ର, ସବୁଜ ସଙ୍କଳ୍ପ, ଉତ୍ସର୍ଗ, ଜବାହାର ନବୋଦୟ ବିଦ୍ୟାଳୟର ଏନ୍‌ଏସଏସ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରାୟ ୩୫୦ ସ୍ୱେଚ୍ଛାସେବୀ ଯୋଗଦେଇ ଚନ୍ଦ୍ରଭାଗା ମେଳାପଡିଆ, ଚନ୍ଦ୍ରଭାଗା ଗ୍ରଫିକ, ସମୁଦ୍ର ବେଳାଭୂମି, ହଜିଲା ଖୋଜିଲା ମଞ୍ଚ, ରାମଚଣ୍ଡୀ ପୀଠ,ନବଗ୍ରହ ମନ୍ଦିର ନିକଟରେ ସେବା ଯୋଗାଇଦେବା ପାଇଁ ନିଷ୍ପତି ହୋଇଛି ।

# ସରକାରୀ କ୍ୱାର୍ଟରରେ ଚାଲିଛି ଘରୋଇ ଚିକିତ୍ସାଳୟ

ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା ଅଞ୍ଚଳରେ ରୋଗୀ ସେବା ବାଟବଣା ହୋଇଥିବା ବେଳେ ରୋଗୀମାନେ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚିକିତ୍ସା ନପାଇ ଭୁବନେଶ୍ୱର, କଟକ ମୁହାଁ ହେଉଛନ୍ତି । ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ସରକାରୀ କ୍ୱାର୍ଟରରେ ଚାଲିଛି ବେସରକାରୀ ଭାବେ ରୋଗୀ ସେବା । ଏଠାରେ ଡ଼ାକ୍ତର ରୋଗୀ ପିଛା ଅର୍ଥ ଆଦାୟ କରି ସରକାରୀ କ୍ୱାର୍ଟରକୁ ବନେଇଛନ୍ତି ଘରୋଇ ଚିକିତ୍ସାଳୟ । ସବୁ ଜାଣି ମଧ୍ୟ ସ୍ୱାସ୍ଥ୍ୟ ବିଭାଗ କ'ଣ ପାଇଁ ନୀରବ ସାଜିଛି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ପ୍ରତି ସନ୍ଦେହ ପ୍ରକଟ ହୋଇଛି । ଏପରି ଘଟଣା ଦୀର୍ଘଦିନ ହେବ ଚାଲିଥିବା ବେଳେ ପ୍ରତିବାଦ କଲେ ସ୍ୱାସ୍ଥ୍ୟକେନ୍ଦ୍ରର ଡ୍ରାଇଭର ପ୍ରତିବାଦକାରୀଙ୍କୁ ନାଲି ଆଖି ଦେଖାଉଛି । ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଲାଗିଥିବା ସିସିଟିଭି ଯାଞ୍ଚ କଲେ




ଜଣାପଡ଼ିବ ଡ଼ାକ୍ତରମାନେ କିପରି ନିଜକୁ କ୍ୱାର୍ଟରରେ ରୋଗୀମାନଙ୍କ ଠାରୁ ଅର୍ଥ ଆଦାୟ କରି ମାଲେମାଲ୍ ହେଉଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନେ ସଠିକ୍ ଚିକିତ୍ସା ପାଉ ନଥିବା ବେଳେ ଦୂର ଦୂରାନ୍ତକୁ ଯାଇ ଚିକିତ୍ସା ହେଉଛନ୍ତି । ସରକାରୀ କ୍ୱାର୍ଟରରେ ଡ଼ାକ୍ତରମାନେ ବନାଇଛନ୍ତି ଘରୋଇ ଚିକିତ୍ସାଳୟ । ଏଠାରେ ରୋଗୀଙ୍କ ଠାରୁ ଟଙ୍କା ଆଦାୟ କରାଯାଇ ରୋଗ ଚିକିତ୍ସା କରାଯାଉଛି । ମାତ୍ର ଏହି ଡ଼ାକ୍ତରମାନେ ବାହାରେ ରୋଗୀ ନ ଦେଖି ସରକାରୀ କ୍ୱାର୍ଟରରେ ରୋଗୀ ଚିକିତ୍ସା କରିବା କେତେଦୂର ଯଥାର୍ଥ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ରୋଗୀମାନେ ଡ଼ାକ୍ତରଙ୍କ ଉପରେ ବିଶ୍ୱାସ କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ନଯାଇ ସରକାରୀ କ୍ୱାର୍ଟର ଆଗରେ ଡ଼ାକ୍ତରଙ୍କୁ ଅପେକ୍ଷା କରି ଘଣ୍ଟା ଘଣ୍ଟା ଧରି ବସି ରହୁଛନ୍ତି । କୌଣସି ଗଣମାଧ୍ୟମ ପ୍ରତିନିଧି ସେଠାକୁ ଗଲେ ଡ଼ାକ୍ତର ପ୍ରଶ୍ନ କରୁଛନ୍ତି କୁଆଡ଼େ ଆସିଛ ତୁମର ଏଠି କାମ କ'ଣ ବୋଲି । ଯାହାଦ୍ୱାରା ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ହ୍ରାସ ପାଇବାର ମୁଖ୍ୟ ଘଟଣା ଡ଼ାକ୍ତରଙ୍କର ଏପରି କାର୍ଯ୍ୟ ପାଇଁ । ଏହି ଘଟଣା ପ୍ରତି ଦୃଷ୍ଟି ଦିଆଯାଇ ଉଚିତ୍ ପଦକ୍ଷେପ ନେବା ପାଇଁ ନିମାପଡ଼ା ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି । ଜଣେ ବ୍ୟକ୍ତି ସରକାରୀ କ୍ୱାର୍ଟରରେ କ'ଣ ପାଇଁ ରୋଗୀ ଦେଖା ଯାଇ ଟଙ୍କା ଆଦାୟ କରୁଛ ପ୍ରତିବାଦ କରିବାରୁ ସ୍ୱାସ୍ଥ୍ୟକେନ୍ଦ୍ରର ଡ୍ରାଇଭର ନାଲି ଆଖି ଦେଖାଇବା ଘଟଣା ଏବେ ପଦାରେ ପଡ଼ି ହାଟରେ ଗଡୁଛି । ଏହି ଘଟଣା ପ୍ରତି ସ୍ୱାସ୍ଥ୍ୟ ସଚିବ ଦୃଷ୍ଟି ଦେଇ ବିହୀତ କାର୍ଯ୍ୟାନୁଷ୍ଠାନ ନେବାକୁ ନିମାପଡ଼ା ଅଞ୍ଚଳବାସୀ ଦାବୀ କରିଛନ୍ତି ।

# ୧୯୭୯ ମାଟ୍ରିକ ବ୍ୟାଚର ବନ୍ଧୁମିଳନ

କାକଟପୁର (ଭାସ୍କର ନ୍ୟୁଜ): କାକଟପୁର ବ୍ଲକ ବାଜପୁର ଭଗବତୀ ବିଦ୍ୟାପୀଠ ୧୯୭୯ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଉତ୍ସବ ପୀର ଜାହାନିଆ ପୀଠରେ ଅନୁଷ୍ଠିତ ହୋଇଯାଇଛି । ରମେଶ ଚନ୍ଦ୍ର ସାହୁ(ଶ୍ୟାମ ରାୟ ପାଟନା) ଉତ୍ସବର ଶୁଭାରମ୍ଭ କରିଥିଲେ ଓ ସଂଗ୍ରାମ ସ୍ୱାଇଁ ସଞ୍ଚାଳନ କରିଥିଲେ । ସ୍ୱାଗତ ବନ୍ଦନା ପରେ ଉପସ୍ଥିତ ବଂଧୁମାନେ ବ୍ୟକ୍ତିଗତ ଜୀବନଯାତ୍ରାର ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ ଏବଂ ସାଥିରେ ଆସିଥିବା ପରିବାର ର ଅନ୍ୟ ସଦସ୍ୟଙ୍କୁ ପରିଚୟ କରାଇ ଥିଲେ । ନିୟମିତ ବ୍ୟବଧାନରେ ଏହି ପ୍ରକାର କାର୍ଯକ୍ରମ ଆୟୋଜନ କରିବା, ଅସମୟରେ ସବୁ ବଂଧୁଙ୍କୁ ସାହାଯ୍ୟର ହାତ ବଢ଼େଇବା, ସମ୍ପର୍କ ଦୃଢ଼ କରିବା ପାଇଁ ପରସ୍ପର ସାମାଜିକ କାର୍ଯକ୍ରମରେ ମିଳିତ ହେବା ପାଇଁ ଗଠିତ କମିଟିର ଆବାହକ ଭାବରେ ରମେଶ ସାହୁଙ୍କୁ ମନୋନୟନ କରାଯାଇଥିଲା । ଅନ୍ୟ ସଦସ୍ୟମାନଙ୍କ ମଧରେ ବିଚିତ୍ରା ନନ୍ଦ ପୃଷ୍ଟି, ନୀରଦ ବରନ ସାହୁ, ରମେଶ ଚନ୍ଦ୍ର ସାହୁ, ପଦ୍ମଚରଣ ସାହୁ, ସଂଗ୍ରାମ ସିଂ ସ୍ୱାଇଁ, ପ୍ରାଫୁଲ କୁମାର ସାହୁ, କାର୍ତ୍ତିକ ଚନ୍ଦ୍ର ସାହୁ, ବ୍ରହ୍ମାନନ୍ଦ ସୁବୁଦ୍ଧି, ପ୍ରଶାନ୍ତ ତ୍ରିପାଠୀ, ପ୍ରସନ୍ନ ପାତ୍ର, ଈଶ୍ୱର ଚନ୍ଦ୍ର ସାହୁ, ପ୍ରମୋଦ କିଶୋର ଦାସ, ରମେଶ ଚନ୍ଦ୍ର ମଲ୍ଲିକ, ପାର୍ବତୀ, ନର୍ମଦା, ବନଲକ୍ଷ୍ମୀଙ୍କୁ ମନୋନୀତ କରାଯାଇଥିଲା । ଉତ୍ସବ ଶେଷରେ ରମେଶ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ଭଣ୍ଡାରିପୋଖରୀ ମହୋତ୍ସବ କମିଟି ପକ୍ଷରୁ ପ୍ରେସମିଟ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ମହୋତ୍ସବ କମିଟି ପକ୍ଷରୁ ସ୍ଥାନୀୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶନିବାର ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ମହୋତ୍ସବର ବିସ୍ତୃତ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି । ମହୋତ୍ସବ ଆଗାମୀ ୨ ତାରିଖ ରବିବାର ସନ୍ଧ୍ୟାରେ ସାଂସଦ ଅଭିମନ୍ୟୁ ସେଠୀଙ୍କ ଦ୍ୱାରା ଉଦଘାଟିତ ହେବ ବୋଲି କମିଟି ସଦସ୍ୟମାନଙ୍କ ଉପସ୍ଥିତିରେ ସଭାପତି ଲକ୍ଷ୍ମୀଧର ନାୟକ ସୂଚନା ପ୍ରଦାନ କରିଛନ୍ତି । ଏଥିରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ମୁଖ୍ୟଅତିଥି, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେବେ ବୋଲି ପ୍ରକାଶ ପାଇଛି । ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେବାକୁ ସମ୍ମତି ପ୍ରକାଶ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଗୋଲକ ଚନ୍ଦ୍ର ବେହେରା, ଗିରିଶ ସାମଲ, ରଜନୀକାନ୍ତ ଚନ୍ଦ, ସତ୍ୟାନନ୍ଦ ମହାପାତ୍ର, ଲଳିତ କୁମାର ରାଉତ, ବିଜୟ ଶଙ୍କର ମହାନ୍ତି, ପବନ କୁମାର ନାୟକ, ରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

# ବିକାଶ ସମ୍ପର୍କରେ କଥା ହେଲେ ବିଜେପି ସଭାପତି



କେନ୍ଦୁଝର (ଭାସ୍କର ନ୍ୟୁଜ): ଜିଲ୍ଲାର ବିକାଶ ଓ ସ୍ୱାର୍ଥ ସମ୍ପର୍କରେ ନୂତନ ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଛନ୍ତି । କେନ୍ଦ୍ର ଓ ରାଜ୍ୟରେ ଚାଲିଥିବା ଡବଲ ଇଂଜିନ ସରକାର ସର୍ବଦା ଗଣମାଧ୍ୟମ ତଥା ଚତୁର୍ଥ ସ୍ତମ୍ଭର ସୁରକ୍ଷାକୁ ଗୁରୁତ୍ୱ ଦେଉଛି ବୋଲି ନୂତନ ସଭାପତି କହିଛନ୍ତି । ଆଗାମୀ ଦିନରେ ଜିଲ୍ଲାର ବିକାଶ ପାଇଁ ଦଳ ମତ ନିର୍ବିଶେଷରେ ଏକାଠି ହୋଇ କାର୍ଯ୍ୟ କରିବାକୁ ଶ୍ରୀ ମହାନ୍ତ କହିଥିଲେ । ଜିଲ୍ଲା ବିଜେପି ପକ୍ଷରୁ ରୋଟାରି କ୍ଲବ ଠାରେ ଶୁକ୍ରବାର ଦିନ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଜେପିର ନୂତନ ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ଯୋଗଦେଇ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ସହିତ ଜିଲ୍ଲାର ସ୍ୱାର୍ଥ ଓ ବିକାଶ ପାଇଁ ବିଭିନ୍ନ ବିନ୍ଦୁ ଉପରେ ଆଲୋଚନା କରିଥିଲେ । କେନ୍ଦ୍ର ଏବଂ ରାଜ୍ୟରେ ଚାଲିଥିବା ବିଜେପିର ଡବଲ ଇଞ୍ଜିନ ସରକାର ସର୍ବଦା ଗଣମାଧ୍ୟମ ତଥା ଚତୁର୍ଥ ସ୍ତମ୍ଭର ସୁରକ୍ଷାକୁ ଗୁରୁତ୍ୱ ଦେଉଛି ବୋଲି କହିଥିଲେ । ଆଗାମୀ ଦିନରେ ଜିଲ୍ଲାର ବିକାଶ ପାଇଁ ଦଳ ମତ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବାକୁ ଶ୍ରୀ ମହାନ୍ତ କହିଥିଲେ । ଏହିକ୍ରମରେ ନୂତନ ଜିଲ୍ଲା ସଭାପତିଙ୍କୁ କେନ୍ଦୁଝର ଜିଲ୍ଲା ଗଣମାଧ୍ୟମର ପ୍ରତିନିଧିମାନେ ଶୁଭେଚ୍ଛା ଜଣାଇଥିଲେ । ବିଜେପି ଜିଲ୍ଲା ମିଡ଼ିଆ ସଂଯୋଜକ ବ୍ରଜକିଶୋର ରାୟ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରାଜ୍ୟ ପରିଷଦ ସଦସ୍ୟା କିରଣବାଳା ନାୟକ ଏବଂ କେନ୍ଦୁଝର ନଗର ସଭାପତି ବିଶ୍ୱଜିତ ତ୍ରିପାଠୀ ଉପସ୍ଥିତ ରହି ଜିଲ୍ଲାର ଗଣମାଧ୍ୟମ ପ୍ରତିନିଧି ମାନଙ୍କ ସହିତ ଭାବ ବିନିମୟ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟାଳୟ ସମ୍ପାଦକ ପ୍ରକାଶ ସୂତ୍ରଧର, କୃଷକ ନେତା ରାଜେଶ ସିଂହ ଏବଂ ରବିନାରାୟଣ ମହାନ୍ତ ସହଯୋଗ କରିଥିଲେ ।

# ପଞ୍ଚାୟତସ୍ତରୀୟ ଲକ୍ଷପତି ଦିଦି ତାଲିମ ଶିବିର

ରଘୁନାଥପୁର (ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ରାଜିବ ଭବନରେ ଶନିବାର ପଞ୍ଚାୟତସ୍ତରୀୟ ଲକ୍ଷପତି ଦିଦି ତାଲିମ ଶିବିର ପିଏଲଏଫ ସଂପାଦିକା ଲିଲିପ୍ସା ପଣ୍ଡାଙ୍କ ଆୟୋଜନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜଗନ୍ନାଥପୁର ପଞ୍ଚାୟତର ୧୨ଟି ଆଞ୍ଚଳିକ ମଞ୍ଚରୁ ୪୦ଜଣ ମହିଳା ଯୋଗ ଦେଇଥିବା ବେଳେ ଏମବିକେ ଅନୁସୁୟା ସାମନ୍ତରାୟ, ସିଆରପି ଛବିରାଣୀ ମହାପାତ୍ର, ସିଆରପି ସୁଚିସ୍ମିତା ରାଉତରାୟ, ସିଆରପି କୁସୁମ ଦେଇ ପ୍ରମୁଖ ମାଷ୍ଟର ଟ୍ରେନର ମାନେ ଯୋଗଦେଇ ମହିଳାଗ୍ରୁପର ଯେଉଁ ସଦସ୍ୟାଙ୍କ ପରିବାରର ବାର୍ଷିକ ଆୟ ୬୦ହଜାର ଟଙ୍କାରୁ ଉର୍ଦ୍ଧ ସେ ପରିବାରର ଆୟ ବାର୍ଷିକ ୧ଲକ୍ଷ ଟଙ୍କାକୁ କିପରି ବୃଦ୍ଧି କରା ଯାଇପାରିବ ବିସ୍ତୃତ ଭାବେ ବୁଝାଇ କହିଥିଲେ । ଏଥି ସହିତ ମହିଳା ଗ୍ରୁପ ସଦସ୍ୟା ମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ମିଶନ ଶକ୍ତି ବିଭାଗ ସହାୟତାରେ ଶତକଡା ୧ଟଙ୍କା ସୁଧ ହାରରେ ବ୍ୟାଙ୍କ ଋଣ ଯୋଗାଇ ଦେଉଥିବାବେଳେ ଅଧିକ ସୁଧ ହାରରେ ଘରୋଇକରଣ ବ୍ୟାଙ୍କ ଗୁଡ଼ିକରୁ ଋଣ ନ ଆଣିବା ପାଇଁ ଟ୍ରେନର ମାନେ ପରାମର୍ଶ ଦେଇଥିଲେ ।

## ବିଧାୟକଙ୍କ ଦ୍ୱାରା କଂକ୍ରିଟ ଲାଇନିଂ କାର୍ଯ୍ୟର ଶିଳାନ୍ୟାସ

ଡେରାବିଶ (ଭାସ୍କର ନ୍ୟୁଜ): ପାଟକୁରା ନିର୍ବାଚନ ମଣ୍ଡଳୀ ଅଧୀନ ଡେରାବିଶ ବ୍ଲକ ଅନ୍ତର୍ଗତ କରାଣ୍ଡିଆ ଶାଖାନାଳର କଂକ୍ରିଟ ଲାଇନିଂ କାର୍ଯ୍ୟର ଶନିବାର ଶୁଭ ଶିଳାନ୍ୟାସ ପାଣିଓଲା ଠାରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ଦ୍ୱାରା ସମାପନ ହୋଇଯାଇଛି । ଶନିବାର ଅପରାହ୍ନରେ ହରିଅଙ୍କ ପଂଚାୟତ ଅନ୍ତର୍ଗତ ପାଣିଓଲା ସ୍ଥିତ ରାମମନ୍ଦିର ପରିସରରେ ପ୍ରଦୀପ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିଧାୟକ ଶ୍ରୀ ମହାପାତ୍ର ଯୋଗଦେଇ ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ଅଧୀନରେ ଥିବା ଏହି କେନାଲର ଶଯ୍ୟା ଓ ଦୁଇପାର୍ଶ୍ୱକୁ ସିମେଂଟ କଂକ୍ରିଟ ଲାଇନିଂ କରାଯିବା ଫଳରେ ଭବିଷ୍ୟତରେ ଏହି କେନାଲର ବନ୍ଧ ଭାଙ୍ଗି ଜଳନଷ୍ଟ ହେବନାହିଁ ଓ ସଠିକ୍ ପରିମାଣରେ ଜଳ ଚାଷଜମିକୁ ପ୍ରବାହିତ ହେବ । ଯେଉଁଥିପାଇଁ ଏହି କେନାଲର ଦୁଇପର୍ଶ୍ୱରେ ଥିବା ଚାଷଜମି ଗୁଡ଼ିକ ଶତପ୍ରତିଶତ ଜଳସେଚିତ ହୋଇ ଅଧିକ ଶସ୍ୟଶ୍ୟାମଳା ହୋଇପାରିବ ବୋଲି କହିଥିଲେ । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯଥାଁରାବାରିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ହରିଅଙ୍କ ସରପଞ୍ଚ କନକଲତା ପ୍ରଧାନ, ହରିଅଙ୍କର ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ, କୈଳାସ ଚନ୍ଦ୍ର ପରିଡ଼ା, ଚୌଧୁରୀ ରବିନ୍ଦ୍ର ଜେନା, ଯୋଗାନନ୍ଦ ମହାନ୍ତି, ସୁନିତା ବଳ, ଅଶ୍ୱିନୀ ମହାନ୍ତି, ଅଜୟ କୁମାର ବଳ, ଜୟନ୍ତ ଶତପଥି, ଧୀର ଜେନା, ବିଜୟ ପରିଡ଼ା, ରାଜଲକ୍ଷ୍ମୀ ସ୍ୱାଇଁ, ପ୍ରଶାନ୍ତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

ନିମାପଡ଼ା (ଭାସ୍କର ନ୍ୟୁଜ): ଜଣେ ବାଇକ୍ ଆରୋହୀକୁ କାର୍ ଧକ୍କା ଦେବାରୁ ବାଇକ୍ ଆରୋହୀ ଗୁରୁତର ଭାବେ ଆହତ ହୋଇ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପରେ କ୍ୟାପିଟାଲ୍ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି । ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଜାରି ରଖିଛି । ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା-ପିପିଲି ରାସ୍ତା ଗରପଦା ସେତୁ ଉପରେ ଶନିବାର ଅପରାହ୍ନ ସମୟରେ ଏକ କାର୍ ଧକ୍କାରେ ଜଣେ ଚାଳକ ଗୁରୁତର ହୋଇଛି । ସ୍ଥାନୀୟ ଲୋକମାନେ ଗୁରୁତର ଆହତଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଆହତଙ୍କ ଅବସ୍ଥା ଗୁରୁତର ଥିବାରୁ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି । ଆହତ ବାଇକ୍ ଚାଳକଙ୍କର ପରିଚୟ ମିଳିପାରି ନାହିଁ ।

# ଟିପିଏନ୍‌ଓଡିଏଲ୍ ସିଏସ୍‌ଆର୍ ଟିମ୍ ପକ୍ଷରୁ ଧନ୍ଦାମୂଳକ ପ୍ରଶିକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା




ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଟିପି ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍)ର ସିଏସ୍‌ଆର୍ ଟିମ୍ ପକ୍ଷରୁ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏଥିରେ କମ୍ପାନିର ନିଯୁକ୍ତି ଓ ନିୟୋଜନ କାର୍ଯ୍ୟକ୍ରମ 'ରୋଶ୍‌ନି' ଅଧୀନରେ ଧନ୍ଦାମୂଳକ ତାଲିମ କେନ୍ଦ୍ର, ବାଲେଶ୍ୱରରେ ସଫଳତାର ସହ ତାଲିମ ଶେଷ କରିଥିବା ପ୍ରଶିକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଟିପିଏନ୍‌ଓଡିଏଲ୍ ପକ୍ଷରୁ ପାଞ୍ଚଟି ଧନ୍ଦାମୂଳକ ତାଲିମ କେନ୍ଦ୍ର ପରିଚାଳନା କରାଯାଉଛି । ଏହି କେନ୍ଦ୍ରଗୁଡ଼ିକ ମଧ୍ୟରୁ ମୟୂରଭଞ୍ଜରେ ଦୁଇଟି, ବାଲେଶ୍ୱର, ଯାଜପୁର ଓ କେନ୍ଦୁଝର ଜିଲ୍ଲାରେ ଗୋଟିଏ ଲେଖାଏଁ ରହିଛି । ଏହି କେନ୍ଦ୍ରଗୁଡ଼ିକରେ ପ୍ରଶିକ୍ଷାର୍ଥୀମାନଙ୍କୁ କମ୍ପ୍ୟୁଟର ତାଲିମ, ସିଲାଇ ଓ ଏମ୍ବ୍ରୋଡୋରି, ଆସିଷ୍ଟାଣ୍ଟ ବିଉଟି ଥେରାପି, ସ୍ପୋକନ୍ ଇଂଲିଶ, ବେସିକ୍ ଇଲେକ୍ଟ୍ରିକାଲ୍ ହୋମ୍ ଆପ୍ଲାଏନ୍‌ସେସ୍, ସିକ୍ୟୁରିଟି ଗାର୍ଡ ଓ ରିଟେଲ୍ ସର୍ଭିସ୍ ଉପରେ ତାଲିମ ପ୍ରଦାନ କରାଯାଉଛି । ଏହି କାର୍ଯ୍ୟକ୍ରମଗୁଡ଼ିକର ଲକ୍ଷ୍ୟ ହେଉଛି ଯୁବବର୍ଗ ଓ ବେରୋଜଗାର ମହିଳାମାନଙ୍କୁ ଆବଶ୍ୟକ କୌଶଳ ପ୍ରଦାନ କରିବା ଯାହାଦ୍ୱାରା ସେମାନଙ୍କ ନିଯୁକ୍ତି ପାଇବା କ୍ଷମତାରେ ଉନ୍ନତି ଆସିପାରିବ । ଟିପିଏନ୍‌ଓଡିଏଲ୍ ଦ୍ୱାରା ପରିଚାଳିତ ଏହି ଧନ୍ଦାମୂଳକ ତାଲିମ କେନ୍ଦ୍ରଗୁଡ଼ିକ ଶୁଭାରମ୍ଭ ହେବା ପରଠାରୁ ସଫଳତାର ସହ ୧୮୮୧ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରଯାଉଛି । ସେଥିରୁ ୭୯୫ ଜଣ ଛାତ୍ରଛାତ୍ରୀ ତାଲିମ ପାଇବା ପରେ ଟିସିଏସ୍, ଟେକ୍ ମହିନ୍ଦ୍ରା, ବଜାଜ ଫାଇନାନ୍ସ, ଡିଆଇସି ଓ ଶାହି ଏକ୍ସପୋର୍ଟ ଲିମିଟେଡ୍ ଭଳି କମ୍ପାନିରେ ନିଯୁକ୍ତି ପାଇଛନ୍ତି । ବର୍ତ୍ତମାନ ଏହି କେନ୍ଦ୍ରଗୁଡ଼ିକରେ ୧୦୧୭ ଜଣ ଛାତ୍ରଛାତ୍ରୀ ତାଲିମ ନେଉଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟିପିଏନ୍‌ଓଡିଏଲ୍‌ର ସିଇଓ ଦ୍ୱିଜଦାସ ବସାକ ଓ କମ୍ପାନିର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ । ପ୍ରଶିକ୍ଷାର୍ଥୀମାନଙ୍କୁ ସମ୍ବୋଧିତ କରି ଶ୍ରୀ ବସାକ ଦକ୍ଷତା ବିକାଶର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ, ଧନ୍ଦାମୂଳକ ତାଲିମ କେନ୍ଦ୍ରଗୁଡ଼ିକ ସୁଯୋଗକୁ ଦକ୍ଷତାରେ ପରିଣତ କରି ଶିକ୍ଷା ଓ ରୋଜଗାର ମଧ୍ୟରେ ଥିବା ଅନ୍ତର ଦୂର କରୁଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥୀମାନଙ୍କ କଠିନ ପରିଶ୍ରମ ଓ ସମର୍ପଣକୁ ଗୁରୁତ୍ୱାରୋପ କରାଯାଇଥିଲା । ଏହି ଦକ୍ଷତା ବିକାଶ ଓ ନିଯୁକ୍ତି ଅଭିଯାନ, ସମୁଦାୟକୁସଶକ୍ତ କରିବାରେ ଟିପିଏନ୍‌ଓଡିଏଲ୍‌ର ଅତୁଟ ପ୍ରତିବଦ୍ଧତାକୁ ଦର୍ଶାଉଛି ।

## ଅବକାରୀ ଚଢ଼ାଉ, ମହୁଲି ମଦ ଓ ପୋଚ ନଷ୍ଟ

କରଞ୍ଜିଆ (ଭାସ୍କର ନ୍ୟୁଜ): କରଞ୍ଜିଆ ସହର ସମେତ ବ୍ଲକର ବିଭିନ୍ନ ସ୍ଥାନରେ ବେଆଇନ ମହୁଲି ମଦ କାରବାର ବୃଦ୍ଧି ପାଉଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ଉପ ଅଧିକ୍ଷକ ସୌମ୍ୟରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ତଥା ଇନ୍‌ସପେକ୍ଟର ବିନୟ ତିର୍କୀଙ୍କ ନେତୃତ୍ୱରେ କରଞ୍ଜିଆ ଅବକାରୀ ଓଆଇସି ରଶ୍ମି ରଂଜନ ନାୟକ ଏବଂ ଠାକୁରମୁଣ୍ଡା ଓଆଇସି, ଯଶୀପୁର ଓଆଇସି, ସୁକୃଳି ଓଆଇସିଙ୍କ ଏକ ମିଳିତ ଦଳ ଆଜି କରଞ୍ଜିଆ ବ୍ଲକ ଜରାସାହି ନାଳ କଡ଼ରେ ଅପରାହ୍ନ ପ୍ରାୟ ୪ ଘଟିକା ସମୟରେ ଚଢ଼ାଉ କରି ବିପୁଳ ପରିମାଣର ମହୁଲି ମଦ ଓ ପୋଚ ଠାବ କରିଛନ୍ତି । ସେଠାରେ ୫,୮୦୦ ଲିଟର ମହୁଲ ପୋଚ ଓ ୧୨୦ ଲିଟର ଚୋରା ମହୁଲି ମଦକୁ ନଷ୍ଟ କରାଯାଇଥିବା କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ହିଡ଼ିସିଙ୍ଗ ଜଳସେଚନ ପ୍ରକଳ୍ପ ତ୍ୱରାନ୍ୱିତ କରିବାକୁ ଦାବି

ଅନୁଗୋଳ (ଭାସ୍କର ନ୍ୟୁଜ): ଅନୁଗୋଳ ଜିଲ୍ଲା ବନ୍ତଳା ଥାନା ନନ୍ଦପୁର ପଞ୍ଚାୟତ କରଡ଼ାସିଙ୍ଗ ଠାରେ ବହୁ ପ୍ରତିକ୍ଷିତ ହିଡ଼ିସିଙ୍ଗ ମଧ୍ୟମ ଜଳ ସେଚନ ପ୍ରକଳ୍ପକୁ ତ୍ୱରାନ୍ୱିତ ପାଇଁ ଶନିବାର ଅପରାହ୍ନ ୩ ଟା ସମୟରେ ପୋକତୁଙ୍ଗା ବେସିକ ସ୍କୁଲ ଖେଳ ପଡ଼ିଆରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ହିଡ଼ିସିଙ୍ଗ କୃଷକ ମହାସଂଘର ସଭାପତି ଦିନେଶ ଦେହୁରୀଙ୍କ ଆହ୍ୱାନକ୍ରମେ ଏହି ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ନନ୍ଦପୁର, ପୋକତୁଙ୍ଗା , ଧୋକୁଟା, ସଙ୍ଗପୁର , ତଳଗଡ଼ , ବାରଗୌଣିଆ,ବନ୍ତଳା,



କୁମୁରିସିଙ୍ଗା, ବାଲୁଅ କଟା , ଇଙ୍କର ବନ୍ଧ , ଛେଳିଆପଡା ଆଦି ଚାଷୀମାନେ ଯୋଗଦାନ କରିଥିଲେ । ପ୍ରୋଜେକ୍ଟ କାର୍ଯ୍ୟ ଶୀଘ୍ର କରିବା ପାଇଁ ବିଧାନସଭା ସଭାରେ ପ୍ରଥମ ଅଧିବେଶନରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ହିଡ଼ିସିଙ୍ଗ ପ୍ରକଳ୍ପ ନିର୍ମାଣ ପାଇଁ ଦାବି ରଖିବା, ଢେଙ୍କାନାଳ ଏମପି ପରିବେଶ ମଞ୍ଜୁରୀ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବି ଜଣାଇ ସରକାରୀ ସ୍ତରରେ ତତ୍ପରତାକୁ ବନ୍ତଳା ଅଞ୍ଚଳବାସୀ ତରଫରୁ ଓ ହିଡ଼ିସିଙ୍ଗ କୃଷକ ମହାସଂଘ ତରଫରୁ କୃତଜ୍ଞତା ଜଣାଇବା ସହିତ ଧନ୍ୟବାଦ କରିଥିଲେ । ଏହି ଅବସରରେ ନୂତନ ସମ୍ପାଦକ ଭାବରେ ମଧୁପୁର ଗ୍ରାମର ଯତୀନ୍ଦ୍ର ଦେହୁରୀ, କୋଷାଧ୍ୟକ୍ଷ ଭାବରେ ବନ୍ଦାଣପଶିର ରବିନ୍ଦ୍ର ପ୍ରଧାନ, ଉପଦେଷ୍ଟା ଭାବରେ ତଳଗଡ଼ର ମୋହନ ସାହୁ, ମଧୁପୁର ଗ୍ରାମର ନିରଞ୍ଜନ ଦେହୁରୀ, ପାତେଳି ଗ୍ରାମର ବିଜୟ ମାଝୀ ଓ କୁମୁରିସିଙ୍ଗା ଗ୍ରାମର ଦୁର୍ଯ୍ୟୋଧନ ସାହୁଙ୍କୁ ନିର୍ବାଚନ କରାଯାଇଥିଲା ।



ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ଗଣ୍ଡଘୋରା ଉଚ୍ଚ ବିଦ୍ୟାଳୟର ୧୯୯୮ରୁ ୨୦୦୨ ମସିହା ବ୍ୟାଚ ବନ୍ଧୁମିଳନ କାର୍ଯ୍ୟକ୍ରମ ଇବ ନଦୀ କୂଳ ସର୍ଗିମାଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ସରୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ୮ ଜଣ ଦିବଙ୍ଗତ ସହପାଠୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ୨୩ ବର୍ଷ ପରେ ବନ୍ଧୁମିଳନ କାର୍ଯ୍ୟକ୍ରମରେ ତତ୍କାଳୀନ ଛାତ୍ରଛାତ୍ରୀ ଯୋଗ ଦେଇ ହାଇସ୍କୁଲ ସମୟର ଅଫେରା ଅତୀତ ସ୍ମୃତିକୁ ମନେ ପକାଇଥିଲେ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଆଇନଜୀବୀ ସରୋଜ କୁମାର ସାହୁ, ପୁନମ ପାଲ, ଜ୍ୟୋତ୍ସ୍ନା ପରଧୀଆ, ଲତିକା ସାହୁ, ସଂଜୀବ ପ୍ରଧାନ, ଦୀପକ ଖମାରୀ, ସୁଶାନ୍ତ ବାରିକ, ବଲ୍ଲଭ ପ୍ରଧାନ, ରେବତୀ ଓରାମ, କ୍ଷୀରୋଦ ପ୍ରଧାନ, ଜିତେନ୍ଦ୍ର ଖମାରୀ, ଜୟରାମ ଭଇଁସାଲ, ପୁଷ୍ପାଞ୍ଜଳି ଭଇଁସାଲ, ବଲ୍ଲଭ ପ୍ରଧାନ, ସରୋଜ ବଡ଼େଇ, ରିଙ୍କୁ ବଡ଼େଇ ପ୍ରମୁଖ ଯୋଗ ଦେଇଥିଲେ।

# ଜାତୀୟ ସଡ଼କ ସୁରକ୍ଷା ମାସ-୨୦୨୫ ଉଦ୍‌ଯାପିତ



ରାୟଗଡା, (ଭାସ୍କର ନ୍ୟୁଜ୍ ) : ରାୟଗଡ଼ା ଜିଲ୍ଲା ଜାତୀୟ ସଡ଼କ ସୁରକ୍ଷା ମାସର ଉଦଜାପନୀ ସମାରୋହ ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିଅମ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାୟଗଡ ଜିଲ୍ଲାପାଳ ପାରୁଲ ପଟାୱରୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ନିଜର ବକ୍ତବ୍ୟରେ କହିଲେ ଯେ ପୃଥିବୀରେ ଯେତେ ଦୁର୍ଘଟଣା ଘଟୁଛି ସେଥିରୁ ଭାରତରେ ସର୍ବାଧିକ। ସେଥି ପାଇଁ ସମସ୍ତଙ୍କର ସଚେତନତା ନିହାତି ଆବଶ୍ୟକ। ଦୁର୍ଘଟଣା କେବଳ ସହରରେ ହୁଏ ନାହିଁ ଗ୍ରାମାଞ୍ଚଳରେ ମଧ୍ୟ ବହୁତ ହେଉଛି। ମଦ୍ୟପାନ ଓ ଦ୍ରୁତଗତି ଯୋଗୁଁ ଦୁର୍ଘଟଣା ମାତ୍ରା ବୃଦ୍ଧି ପାଉଛି। ଗାଡ଼ି ଚଳାଇଲା ବେଳେ ମାନସିକ ସ୍ଥିତି ଠିକ୍ ରଖିବା ନଚେତ ଦୁର୍ଘଟଣା ଘଟିପାରେ। ଛାତ୍ରଛାତ୍ରୀ ମାନଙ୍କୁ କହିଥିଲେ ଯେ ଆପଣ ମାନେ ଭବିଷ୍ୟତର ନାଗରିକ ଆଗକୁ ଦେଶ ପାଇଁ ଭଲ କାମ କରିବାକୁ ପଡିବ ବୋଲି କହିଥିଲେ। ସେହିପରି ଆରକ୍ଷୀ ଅଧିକ୍ଷିକା ରାୟଗଡ଼ ସୁଶ୍ରୀ ସ୍ୱାତୀ ଏସ୍ କୁମାର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟରେ କହିଲେ ଯେ ସଡ଼କ ସୁରକ୍ଷା ହେଉଛି ପରିବାରର ରକ୍ଷା। ଭାବନ୍ତୁ ନାହିଁ ଦୁର୍ଘଟଣାରେ କେବଳ ଜଣକର ମୃତ୍ୟୁ ହେଉଛି କିନ୍ତୁ ଭାବି ଦେଖନ୍ତୁ ଜଣକ ପାଇଁ ସାରା ପରିବାର ଅକ୍ଷମ ହେଉଛି। ଗାଡ଼ି ଚଳାଇଲା ବେଳେ ସିଟି ବେଲ୍ଟ, ହେଲମେଟ ବ୍ୟବହାର ନିହାତି ଜରୁରୀ। ଗାଡ଼ି ଚଳାଇଲା ବେଳେ ମଦ୍ୟପନ ଓ ମୋବାଇଲ ବ୍ୟବହାର ଠାରୁ ଦୁରେଇ ରହନ୍ତୁ ନଚେତ ଆମେ ଲାଇସେନ୍ସ ରଦ୍ଧ କରିଦେବୁ ବୋଲି କହିଥିଲେ। ପିଲାମାନେ ନିଜର ବାପା ମାଙ୍କୁ ସିଟିବେଲ୍ଟ, ହେଲମେଟ ବ୍ୟବହାର ପାଇଁ କହିବାକୁ ଅନୁରୋଧ କରିଥିଲେ। ସେହିପରି ଅତିରିକ୍ତ ଜିଲ୍ଲାପାଳ ନିହାର କହଁର ଏବଂ ଅତିରିକ୍ତ ଅରକ୍ଷୀ ଅଧିକ୍ଷକ ବିଷ୍ଣୁ ପ୍ରସାଦ ପାତ୍ର ଏହି କାର୍ଯ୍ୟକ୍ରମରେ ଯୋଗଦାନ ନିଜର ପ୍ରେରଣା ଦାୟୀ ଭାଷଣ ଜରିଆରେ ସଚେତନତା କରିଥିଲେ ଓ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ ଅଧକ୍ଷତା କରିଥିବା ବେଳେ ଏଭିଆଇ ରାଜ କୁମାର ବେହେରା, ଅତିରିକ୍ତ ଆରଟିଓ, ଅନ୍ୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଜିଲ୍ଲାରେ ସଡ଼କ ଦୁର୍ଘଟଣା ମାମଲା ହ୍ରାସ କରିବା ନିମନ୍ତେ ସଡ଼କ ସୁରକ୍ଷା ମାସ ଜାନୁଆରୀ ୧ତାରିଖ ଠାରୁ ଆରମ୍ଭ କରାଯାଇ ଜାନୁଆରୀ ୩୧ତାରିଖ ଯାଏଁ ଜିଲ୍ଲାରେ ପାଳନ କରାଯାଇଥିଲା। ଏହି ସମୟରେ ଜିଲ୍ଲାରେ ବ୍ୟାପକ କାର୍ଯ୍ୟକ୍ରମ ଓ ଜନସଚେତନତା ସୃଷ୍ଟି କରିବା ନିମନ୍ତେ ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆୟୋଜିତ କରାଯାଇଥିଲା। ଶୋଭାଯାତ୍ରା, ରକ୍ତଦାନ ଶିବିର, ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ବସ ମାଲିକ ସଙ୍ଘ, ଟ୍ରକ ମାଲିକ ସଙ୍ଘ, ଅଟଆସୋସିଏସନ, ଡ୍ରାଇଭର ମହାସଂଘ ଓ ଜନସାଧାରଣ ଛାତ୍ରଛାତ୍ରୀ ଆଦି ବହୁ ସଂଖ୍ୟାରେ ସାମିଲ ହୋଇ ରକ୍ତଦାନ କରିଥିଲେ।

# ଅଙ୍ଗନବାଡ଼ି କର୍ମୀଙ୍କ ଦ୍ୱାରା ସାମ୍ବାଦିକ ସମ୍ମାନିତ



ଉମରକୋଟ, (ଭାସ୍କର ନ୍ୟୁଜ୍) : ସାମ୍ବାଦିକ ମାନଙ୍କ ସହ ଗଠନ ମୂଳକ ସମ୍ପର୍କ ରଖି ଏକ ସୁସ୍ଥ ପରମ୍ପରାରେ କାର୍ଯ୍ୟ କରିବ। ଉଦ୍ଦେଶ୍ୟରେ ଉମରକୋଟ ଅଞ୍ଚଳର ସମସ୍ତ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ଉମରକୋଟ ପୌର ପରିଷଦରେ ଥିବା ସମସ୍ତ ୧୪ ଗୋଟି ୱାର୍ଡର ଅଙ୍ଗନବାଡ଼ି କର୍ମୀ ମାନଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ବିଡ୍ରି ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉମରକୋଟରେ କାର୍ଯ୍ୟରତ ସମ୍ରାଟ ସାମ୍ବାଦିକ ମାନଙ୍କୁ ଉପଢୌକନ ଓ ଫୁଲ ତୋଡା ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଆଗାମୀ ଦିନରେ ପୌର ପରିଷଦର ସମସ୍ତ ଅଙ୍ଗନବାଡି କର୍ମଚାରୀଙ୍କ ସହ ସାମ୍ବାଦିକଙ୍କ ସମ୍ପର୍କ ସବୁବେଳେ ଭଲ ରହିବ ଏବଂ ପ୍ରତ୍ୟେକ କ୍ଷେତ୍ରରେ ସାମ୍ବାଦିକ ମାନଙ୍କୁ ସହଯୋଗ କରାଯିବ ବୋଲି ଅଙ୍ଗନବାଡି କର୍ମୀ ଉକ୍ତ କାର୍ଯ୍ୟକ୍ରମରେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସଭାପତି ଅର୍ଚ୍ଚନା ରୟ, ସମ୍ପାଦକ ଅରୁନ୍ଧତୀ ପଟନାୟକଙ୍କ ସହ ଅନ୍ୟମାନଙ୍କ ମଧ୍ୟରେ ତୃପ୍ତି ଘରାମୀ, ଗୌରୀ ସରକାର, ସଂଜିତା ତୁରୁକ, ବାସନ୍ତୀ ସେବତୀ, ହେମ ବାଇ, ମୋତି ମାଝୀ, ଗୌରୀ ମଣି, ରେଖା ହାଲଦାର, ବନ୍ଦନା ମଜୁମଦାର, ଦମୟନ୍ତୀ, ମଙ୍ଗଳ ଦେଇ, ତୃଷା ଦେଇ ନାୟକଙ୍କ ସହ ଅନ୍ୟ କର୍ମୀ ମାନେ ମଧ୍ୟ ଉପସ୍ଥିତ ଥିଲେ।

# ୧୩ତମ ମୁଲଗୁଡ଼ି ବାର୍ଷିକ ଉତ୍ସବ ପାଳିତ



ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍ ) : ଝାରସୁଗୁଡ଼ା ଜିଲ୍ଲା ଗଣ୍ଡଘୋରା ଗ୍ରାମର ଗ୍ରାମଦେବୀ ମାଁ ମୁଲଗୁଡ଼ି ମନ୍ଦିର ଠାରେ ୧୩ତମ ମୂଳଗୁଡ଼ି ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି । ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମୂଳଗୁଡ଼ିର ପୂଜକ ଲଳିତ ମୋହନ ଭୋଇ ମାଙ୍କ ମନ୍ଦିରରେ ପୂଜା ଅର୍ଚ୍ଚନା କରିବା ସହ କର୍ତ୍ତା ଭାବରେ ଦୀର୍ଘ ୧୨ ବର୍ଷ ହେବ ଦାୟିତ୍ୱ ତୁଲାଉଥିବା ପ୍ରମୋଦ କୁମାର ସାହୁ ଓ ଧର୍ମ ପତ୍ନୀ ସୁରେଶ୍ୱରୀ ସାହୁ ଦାୟିତ୍ୱ ତୁଲାଇଛନ୍ତି। ଚଳିତବର୍ଷ ମୂଳଗୁଡ଼ି ବାର୍ଷିକ ଉତ୍ସବ ଦୁଇଦିନ ଧରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ଇବ ନଦୀ ଠାରୁ କଳସ ଯାତ୍ରାରୁ ଆରମ୍ଭ ହୁଏ ଏବଂ ଦ୍ୱିତୀୟ ଦିନ ମାଙ୍କ ମନ୍ଦିରରେ ଚଣ୍ଡୀ ପାଠ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଏ । ଏହି ଚଣ୍ଡୀ ପାଠରେ କର୍ତ୍ତା ଭାବେ ଜିତେନ୍ଦ୍ର ସାହୁ ଓ ଦିପା ସାହୁ କାର୍ଯ୍ୟ ତୁଲାଇ ଥିବା ବେଳେ ପଣ୍ଡିତ ଗୁରୁ ଚରଣ ଷଡ଼ଙ୍ଗୀ ଏବଂ ତାଙ୍କ ସାଥୀ ପୂଜାକାର୍ଯ୍ୟ ତୁଲାଇ ଥିଲେ। ଏହି କାର୍ଯ୍ୟକ୍ରମ ମା' ମୁଲଗୁଡି ଉନ୍ନୟନ୍ ପରିଷଦ ପାଞ୍ଚପାଲିର ଯୁବକ ମାନେ ବିଶେଷ ଭାବରେ ସହଯୋଗ କରିଥିଲେ।

# ରାଷ୍ଟ୍ରପତିଙ୍କ ଅପମାନକୁ ବିରୋଧ



ଉମରକୋଟ, (ଭାସ୍କର ନ୍ୟୁଜ୍): ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ନେତା ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ଆପତ୍ତିଜନକ ମନ୍ତବ୍ୟକୁ ଉମରକୋଟ ବିଜେପି ପକ୍ଷରୁ ବିରୋଧ କରାଯାଇଛି। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମୀ ବିଜେପି କାର୍ଯ୍ୟାଳୟରୁ ରାଲି ମାଧ୍ୟମରେ ଶୋଭାଯାତ୍ରା କରି ନୂତନ ବସଷ୍ଟାଣ୍ଡ ନିକଟରେ ଏକ ପଥପ୍ରାନ୍ତ ସଭା ପରେ ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କ ଛବିକୁ ନିଆଁ ଲଗାଇ ପ୍ରତିବାଦ କରିବା ସହ ସୋନିଆ ଓ ରାହୁଲଙ୍କ ମନ୍ତବ୍ୟକୁ ଦୃଢ଼ ନିନ୍ଦା କରିଛନ୍ତି। ଉଭୟେ ସର୍ବ ସମ୍ମୁଖରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରିଛନ୍ତି। ଏହି ସମୟରେ ରମେଶ ଚନ୍ଦ୍ର ସାହୁ, ପ୍ରଭାତ ନାୟକ, ଅଶୋକ ପାଢ଼ୀ, ଭଜନାଥ ଗଣ୍ଡ, ମିଲୁ ପଣ୍ଡା, ସତ୍ୟ ବେହେରାଙ୍କ ସହ ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ସ୍ୱୟଂଶାସିତ ମହାବିଦ୍ୟାଳୟର ୪୭ତମ ବାର୍ଷିକ ଉତ୍ସବ ଓ ସବୁଜିମା ପତ୍ରିକା ଲୋକାର୍ପଣ



ଖଡ଼ିଆଳ (ଭାସ୍କର ନ୍ୟୁଜ୍): ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ୪୭ ତମ ବାର୍ଷିକ ଉତ୍ସବ ଓ ସବୁଜିମା ପତ୍ରିକା ଲୋକାର୍ପଣ ପର୍ବ ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ବରେଣ୍ୟ ଅତିଥି ମଧୁସୂଦନ ଦାଶ (ଜିଲ୍ଲାପାଳ ନୂଆପଡା) ସମ୍ମାନୀତ ଅତିଥି ବିରଞ୍ଚି ନାରାୟଣ ମୁଣ୍ଡ, ସମ୍ମାନୀତ ଅତିଥି ବିଶ୍ୱଜିତ ପାଢ଼ୀ (ସଭାପତି ମହାବିଦ୍ୟାଳୟ), ଅନ୍ୟତମ ସଂମ୍ମାନୀତ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ଉଜ୍ଜ୍ୱଳ ଗୁପ୍ତା, ମୁଖ୍ୟବକ୍ତା ଭୁବନେଶ୍ୱର କିସ୍ ମହାବିଦ୍ୟାଳୟ ଅଧ୍ୟାପିକା ଦେବହୂତୀ ପଟ୍ଟନାୟକ, ଯୁକ୍ତ ଦୁଇ ଅଧକ୍ଷ ଡ଼ ରଣବୀର ସିଂ, ଛାତ୍ର କଲ୍ୟାଣ ଅଧିକାରୀ ଅଧ୍ୟାପିକା ଡ଼ ଗୀତାଶ୍ରୀ ପ୍ରିୟମ୍ବଦା ପ୍ରମୁଖ ଶିକ୍ଷା ସମାଜ ଓ ସମୟର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ପ୍ରାକ୍ତନ ଅଧକ୍ଷ ମେଜର ଡ଼ ରାମଚନ୍ଦ୍ର ମିଶ୍ର, ଡ଼ ଫନିନ୍ଦମ ସିଂ, ଶ୍ରୀକାନ୍ତ ଯୋଶୀ, ହରେନ୍ଦ୍ର ପଣ୍ଡା ପ୍ରମୁଖ ଶିକ୍ଷା ସାଧକ ମାନଙ୍କୁ ସମ୍ମାନୀତ କରାଯାଇଥିଲା । ଓଡ଼ିଆ ପ୍ରଶାସନିକ ସେବାରେ କୃତିତ୍ୱ ହାସଲ କରିଥିବା ୪ଜଣ ପୂର୍ବତନ ଛାତ୍ରଛାତ୍ରୀଙ୍କୁ ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନ ଅଳଙ୍କୃତ କରିଥିବା ୨୦୨୨-୨୪ ମହାବିଦ୍ୟାଳୟ ଦ୍ୱାରା ସମ୍ପାଦିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ବିଜୟ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମର ଆକର୍ଷଣ ଭାବେ ଯୋଗ ଦେଇଥିଲେ ପଶ୍ଚିମ ଓଡିଶାର ଖ୍ୟାତନାମା କଣ୍ଠଶିଳ୍ପୀ ଉମାକାନ୍ତ ବାରିକ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବାପରେ ଉମାକାନ୍ତ ବାରିକଙ୍କ ସଙ୍ଗୀତ ଓ ନୃତ୍ୟରେ ସମସ୍ତେ ନାଚି ଉଠିଥିଲେ। ଏହି ଅବସରରେ ନିଜେ ବିଧାୟକ ଶ୍ରୀ ପାଣିଗ୍ରାହୀ ସମ୍ବଲପୁରୀ ଗୀତ ଗାନ କରିବା ସହ ନୃତ୍ୟ କରିଥିଲେ । ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପରୀକ୍ଷା ନିୟନ୍ତ୍ରକ ସୁନିଲ କୁମାର ପାଢ଼ୀ, ସୂର୍ଯ୍ୟକାନ୍ତ ଠାକୁର, ଡ଼ ସରୋଜ କୁମାର ପଣ୍ଡା, ରାଜଲକ୍ଷ୍ମୀ ରଥ, ବିଯୁଟି ଅଗ୍ରୱାଲ, ସଂଗୀତା ନେତମ, ଗୁଣବନ୍ତ ସାହୁ, ଦୁର୍ଯ୍ୟୋଧନ ଭୋଇ, ହରିହର ବେଶରା ସମସ୍ତେ ସହଯୋଗୀ ଉପସ୍ଥିତ ଥିଲେ ।

# ୪୦ ଟିକିଆ ହାତୀ ପଲ: ଆତଙ୍କିତ ଗ୍ରାମବାସୀ

ମୁରିବାହାଲ, (ଭାସ୍କର ନ୍ୟୁଜ) : ବଲାଙ୍ଗୀର ଜିଲ୍ଲା ମୁରିବାହାଲ ସଦର ମହକୁମାରେ ବଣୁଆ ହାତୀଙ୍କ ଆତଙ୍କ ଦେଖିବାକୁ ମିଳିଛି। ଏହି ବଣୁଆ ହାତୀପଲ ଲୋକଙ୍କୁ ଅସ୍ତବ୍ୟସ୍ତ କରିସାରିଲେଣି। କେତେବେଳେ କାହା ଘର ଭାଙ୍ଗିଲେଣି ତ କେତେବେଳେ ଚାଷୀଙ୍କ ବହୁ ମୂଲ୍ୟବାନ ଚାଷ ନଷ୍ଟ କରୁଛନ୍ତି। ହାତୀ ପଲ ଆସିବା ମାତ୍ରେ ବିଦ୍ୟୁତ ବିଭାଗ ଦିନ ଦିନ ଧରି ବିଦ୍ୟୁତ କାଟ କରୁଥିବା ଯୋଗୁଁ ଅଞ୍ଚଳ ମଧ୍ୟ ଅନ୍ଧାରରେ। ହାତୀ ପଲ ମୁରିବାହାଲ ଅଞ୍ଚଳର ଅନେକ ଗ୍ରାମରେ ଧାନ, ପନିପରିବା, କଦଳୀ କିଆରୀକୁ ପସି ଚାଷ ଚୁରମାର କରିବାରେ ଲାଗିଛନ୍ତି। ମୁରିବାହାଲ ଅଞ୍ଚଳକୁ ହାତୀ ପଲ ବାରମ୍ବାର ଆସି ଚାଷୀ ମାନଙ୍କ ଚାଷ ନଷ୍ଟ କରୁଥିବା ବେଳେ ବନ ବିଭାଗ କିଛି ପଦକ୍ଷେପ ନେଉନଥିବା ଲୋକେ ଅଭିଯୋଗ କରିଛନ୍ତି। ତେବେ ଏହି ହାତୀ ପଲଟି ଅନେକ ଦିନରୁ ମୁରିବାହାଲ ପାର୍ଶ୍ୱବର୍ତ୍ତୀ ଅଂଚଳରେ ରହିଥିବାବେଳେ କିପରି ଭାବରେ ଏହି ହାତୀ ପଲକୁ ଏହି ଅଂଚଳରୁ ଜଙ୍ଗଲ ରାସ୍ତା ଦେଖାଇ ଘୋଉଡାଇ ଫସଲକୁ ସୁରକ୍ଷା ଦେବା ପାଇଁ ଦାବି ହେଉଛି।



# କୁଆଁଲୋ କଲେଜର ବାର୍ଷିକୋତ୍ସବ



ପରଜଙ୍ଗ, (ଭାସ୍କର ନ୍ୟୁଜ୍ ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ କୁଆଁଲୋ ଅଷ୍ଟଶମ୍ଭୁ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ପୁଷ୍ପଲତା ଗଡ଼ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ବ୍ଲକ ଉପାଧକ୍ଷା ଯଶଶ୍ୱିନୀ ରାଉତ, ଅନୁଷ୍ଠାନର ଅଧ୍ୟାପକ ପ୍ରଦୀପ୍ତ କୁମାର ତ୍ରିପାଠୀ, ପଞ୍ଚାୟତ ସରପଞ୍ଚ ଅଜିତ୍ କୁମାର ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ସଭା ଆରମ୍ଭ କରିଥିଲେ। ବର୍ତ୍ତମାନ ସମାଜରେ ପାଠପଢା ସାଙ୍ଗକୁ ଖେଳ କସରତ ନିତ୍ୟାନ୍ତ ଅପରିହାର୍ଯ୍ୟ ରହିଛି, ଛାତ୍ରଛାତ୍ରୀ ପାଦେ ଆଗେଇଲେ କଲେଜ ଓ ଦେଶ ପାଦେ ଆଗେଇବ ବୋଲି ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀ ମାନଙ୍କୁ ଦିଗଦର୍ଶନ ଦେଇଥିଲେ । ବିଦ୍ୟାଳୟର ବର୍ଷ ତମାମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ଓ କ୍ରୀଡାରେ ଅଂଶ ଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ମାନଙ୍କୁ ମଞ୍ଚାସୀନ ଅତିଥି ପୁରସ୍କାର ବିତରଣ କରିଥିଲେ । ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟକ୍ରମକୁ ସହଯୋଗ ରଖିଥିଲା ବେଳେ, ଅଧ୍ୟାପିକା ଦିଲେଶ୍ୱରୀ ଶତପଥୀ ଅତିଥି ପରିଚୟ ଦେଇ ମଞ୍ଚ ସଞ୍ଚାଳନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ପରିଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ଅଟୋ ଚାଳକଙ୍କ ମହାନତା



ବୋଲଗଡ, (ଭାସ୍କର ନ୍ୟୁଜ୍ ) : ବାଘମାରୀ-କଣ୍ଟିଲୋ ୪୮ ନମ୍ବର ଜାତୀୟ ରାଜପଥର ଧଳାପଥର ଛକ ଠାରୁ ଜଣେ ମହିଳା ନିଜ ପୁତୁରାର ବାହାଘରରେ ଯୋଗ ଦେବାପାଇଁ ଏକ ଯାତ୍ରୀବାହୀ ଅଟୋରେ ଯାଉଥିଲେ। ତେବେ ବାଘମାରୀ ଛକ ଠାରେ ପହଂଚି ଅନ୍ୟ ମନସ୍କ ହୋଇ ଲଗେଜ ବ୍ୟାଗଟିକୁ ଛାଡ଼ି ଦେଇ ଓହ୍ଲାଇ ପଳାଇ ଯିବା ପାଇଁ ଉଦ୍ୟମ କରୁଥିଲେ। ଏହି ସମୟରେ ତାଙ୍କର ଲଗେଜ ବ୍ୟାଗଟିକୁ ଅଟୋରେ ଛାଡ଼ି ଦେଇଥିବାରୁ ସ୍ଥାନୀୟ ଲୋକ ମାନଙ୍କ ସହାୟତାରେ ପାଇବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ପରେ ସିମୋର ବଜାରରେ ଶିକ୍ଷାବିତ ଗୌର ଚରଣ ପ୍ରହରାଜ ଓ ଅଟୋ ଚାଳକ ଜଗନ୍ନାଥ ପଣ୍ଡାଙ୍କ ସହ ସଂଘର ସଦସ୍ୟ ମାନେ ଉପସ୍ଥିତ ରହି ମହିଳା ଜଣକ କିପରି ଲଗେଜ ବ୍ୟାଗ ପାଇ ପାରିବେ ସେଥିପାଇଁ ସେମାନେ ପ୍ରତି ପଞ୍ଚାୟତରେ ଗଠନ ହୋଇଥିବା ଚାଳକ ସଂଘ ସହ ଯୋଗାଯୋଗ କରିଥିଲେ। ଶେଷରେ ସିମୋର ଗ୍ରାମର ଅଟୋ ଚାଳକ ସୌମ୍ୟ ରଞ୍ଜନ ତ୍ରିପାଠୀଙ୍କ ଅଟୋରେ ରହିଥିବାର ଖବର ପାଇବା ପରେ ସମସ୍ତଙ୍କ ଉପସ୍ଥିତିରେ ମହିଳାଙ୍କ ଲଗେଜ ବ୍ୟାଗଟିକୁ ଫେରସ୍ତ କରି ମହାନତା ଦେଖାଇ ଥିବାରୁ ସାଧାରଣରେ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି।

# ନିଆଁ ଲାଗି ଜଳିଗଲା ଟଙ୍କା ଓ ଆସବାବପତ୍ର

ଉମରକୋଟ(ଭାସ୍କର ନ୍ୟୁଜ୍): ରାତ୍ରରେ ଉମରକୋଟ ସହରର ଗୁଲି ପାଟଣା ସାହିରେ ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ନଗଦ ୧୦ ହଜାର ଟଙ୍କା ପୋଡି ଯିବା ସହ ବହୁ ଆସବାବ ପତ୍ର ମଧ୍ୟ ନଷ୍ଟ ହୋଇ ଯାଇଛି। ସାହିର ମଞ୍ଜୁ ପରିଡ଼ା ଶୋଇଥିବା ସମୟରେ ହଠାତ ବିଦ୍ୟୁତ୍ ସର୍ଟ ସର୍କିଟ ହୋଇ ନିଆଁ ଲାଗି ମିଟର ବକ୍ସରେ ନିଆଁ ଲାଗି ଯାଇଥିଲା। ଖବର ପାଇଁ ଉମରକୋଟ ଅଗ୍ନିଶମ ବାହିନୀ ମଧ୍ୟ ପହଞ୍ଚି ନିଆଁ ଲିଭାଇବାରେ ସାହାଯ୍ୟ କରିଥିଲେ। ଅଭିଯୋଗ ପାଇବା ପାରେ ଉମରକୋଟ ରାଜସ୍ୱ ନିରୀକ୍ଷକ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଫେରି ଯାଇଛନ୍ତି। ତେବେ ସରକାରଙ୍କ ନିୟମ ଅନୁସାରେ ମଞ୍ଜୁ ପରିଡ଼ାଙ୍କୁ ସାହାଯ୍ୟ ପ୍ରଦାନ କରାଯିବ ବୋଲି ଉମରକୋଟ ତହସିଲଦାର ମେଘବାନ ବାଘ ସୁଚଂନା ପ୍ରଦାନ କରିଛନ୍ତି।



# ବ୍ଲକସ୍ତରୀୟ ଖାଉଟି ସଚେତନତା ଶିବିର



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ବାଂଶପାଳ ବ୍ଲକର ଶୁଆକାଟି ସରକାରୀ ବାଳିକା ଆବାସିକ ଉଚ୍ଚ ବିଦ୍ୟାଳୟ ସଭାଗୃହଠାରେ ଜିଲ୍ଲା ବୈଧ ମାପ ବିଜ୍ଞାନ ବିଭାଗ ଓ ସ୍ୱେଚ୍ଛାସେବୀ ସଂଗଠନ ତଦାସା ସହଯୋଗରେ ଏକ ବ୍ଲକସ୍ତରୀୟ ଖାଉଟି ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି। ସର୍ବପ୍ରଥମେ ମଂଚାସୀନ ଅତିଥିବୃନ୍ଦ କେନ୍ଦୁଝରର ଆରାଧ୍ୟଦେବି ମାତାରିଣୀଙ୍କ ଫଟୋ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମଟିକୁ ଆନୁଷ୍ଠାନିକ ଭାବେ ଶୁଭାରାମ୍ଭ କରିଥିଲେ। ଜିଲ୍ଲାର ସୁନାମଧନ୍ୟ କଣ୍ଠଶିଳ୍ପୀ ତଥା ବିଦ୍ୟାଳୟର ସଂଗୀତ ଶିକ୍ଷୟତ୍ରୀ ସୁନିତା ପଟ୍ଟନାୟକଙ୍କ ନେତୃତ୍ୱରେ ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ପରେ ସାମ୍ବାଦିକ ସତ୍ୟଜିତ ମିଶ୍ର ଅତିଥି ପରିଚୟ ଦେବା ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ପରେ ତଦାସାର ସମ୍ପାଦକ ଅକ୍ଷୟ କୁମାର ଚକ୍ର ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀ ମାନେ ହେଉଛନ୍ତି ଦେଶର ଭବିଷ୍ୟତ, ସଚେତନତାର ମୂଳ ଆଧାର ଏବଂ ସେମାନେ ଚାହିଁଲେ ଖାଉଟି ମାନେ ଶୋଷଣରୁ ମୁକ୍ତି ପାଇବେ ବୋଲି କହିଥିଲେ। ଉକ୍ତ ଶିବିରରେ କେନ୍ଦୁଝର ବୈଧ ମାପ ବିଜ୍ଞାନ ବିଭାଗର ବରିଷ୍ଠ ଯୁଗ୍ମ ନିୟନ୍ତ୍ରକ ସ୍ନେହପ୍ରଭା ଦାସ ଯୋଗଦେଇ ତାଙ୍କ ଅଭିଭାଷଣରେ କହିଥିଲେ ଖାଉଟି ମାନେ କିପରି ଅସାଧୁ ବ୍ୟବସାୟୀ ମାନଙ୍କଠାରୁ ଶୋଷଣର ଶିକାର ନହେବେ ସେଥିପ୍ରତି ସରକାରୀ ସ୍ତରରେ ଥିବା ବିଭିନ୍ନ ଆଇନଗତ ଦିଗଗୁଡିକୁ ଉପସ୍ଥାପନା କରି ଅସାଧୁ ବ୍ୟବସାୟୀମାନେ ସର୍ବଦା ଖାଉଟିମାନଙ୍କୁ ଶୋଷଣ କିପରି କରୁଛନ୍ତି ଏବଂ ଖାଉଟି କିପରି ଅଧିକରୁ ଅଧିକ ସଚେତନ ହେବା ନିହାତି ଜରୁରୀ ସେ ବାବଦରେ ମତ ରଖିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ସାହୁ ଖାଉଟିମାନେ କିପରି ଶୋଷଣ ଏବଂ ଠକାମୀର ଶିକାର ହେଉଛନ୍ତି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଶିକ୍ଷକ ପର୍ଶୁରାମ ଜେନା ଖାଉଟି ସଚେତନତା ଉପରେ ନିଜର ବକ୍ତବ୍ୟ ରଖି ବିଭିନ୍ନ ପ୍ରଦର୍ଶନୀ ମାଧ୍ୟମରେ ଛାତ୍ରୀମାନଙ୍କୁ ସଚେତନ କରାଇ ଗ୍ୟାସ ବ୍ୟବହାର ଔଷଧ ଓ ଖାଦ୍ୟସାମଗ୍ରୀ ବ୍ୟବହାର ବେଳେ ସତର୍କତା ଅତ୍ୟନ୍ତ ଜରୁରୀ ବୋଲି ମତ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀ ନନ୍ଦିନୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିବାବେଳେ ବିଦ୍ୟାଳୟର ସଂଗୀତ ଶିକ୍ଷୟତ୍ରୀ ସୁନିତା ପଟ୍ଟନାୟକ ସହକାରୀ ଶିକ୍ଷକ ଗୋବର୍ଦ୍ଧନ ମହାନ୍ତ ଏବଂ ବିଦ୍ୟାଳୟର କର୍ମଚାରୀ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ ପରେ ପରେ ପ୍ରଶ୍ନୋତର କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କର ପ୍ରଶ୍ନର ଉତ୍ତର ଅତିଥିମାନେ ପ୍ରଦାନ କରିଥିଲେ।

# ଜାତୀୟ ସଡ଼କ ସୁରକ୍ଷା ମାସ ଉଦ୍‌ଯାପିତ



ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ଜିଲ୍ଲା ପରିବହନ କାର୍ଯ୍ୟାଳୟ ଠାରେ ଜାତୀୟ ସଡକ ସୁରକ୍ଷା ସଚେତନତା ମାସର ଉଦ୍‌ଯାପନୀ ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ଉଦ୍‌ଯାପନୀ ଉତ୍ସବରେ ବିଧାୟକ ନବରଂଗପୁର ଗୌରୀ ଶଙ୍କର ମାଝୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଥିବାବେଳେ ସମ୍ମାନୀତ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବଟକୃଷ୍ଣ ମିଶ୍ର ଓ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ମନୋଜ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଆର୍‌ଟିଓ ଜୀତେନ୍ଦ୍ର କୁମାର ଭୋଇ ସଭାର ଅଧକ୍ଷତା କରି ପରିବହନ ବିଭାଗ ଦ୍ୱାରା ଜିଲ୍ଲାରେ ମାସ ବ୍ୟାପି ସଡ଼କ ସୁରକ୍ଷା ସଚେତନତା ଉପରେ ନିଆଯାଇଥିବା ପଦକ୍ଷେପ ଉପରେ ବିଶେଷ ସୂଚନା ଦେଇଥିଲେ । ଦୃତଗତି, ମଦ୍ୟ ଓ ନିଶା ପାନ ସହ ଗାଡ଼ି ଚାଳନା, ଅଳ୍ପ ବୟସ୍କଙ୍କ ଗାଡ଼ି ଚାଳନା, ବିନା ହେଲମେଟ ଓ ସିଟ୍ ବେଲଟ୍‌ରେ ଗାଡ଼ି ଚାଳନା, ବିନା ଲାଇସେନ୍ସରେ ଓ ମୋବାଇଲ୍ ବ୍ୟବହାର କରି ଗାଡ଼ି ଚାଳନା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠନ, ସଡ଼କ ସୁରକ୍ଷା ନିୟମ ପାଳନ, ସ୍କୁଲ୍ କଲେଜ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତା, ଦୁର୍ଘଟଣା ପୀଡିତ ବ୍ୟକ୍ତିଙ୍କୁ ଉଦ୍ଧାର, ଚକ୍ଷୁ ପରୀକ୍ଷା, ପ୍ରାଥମିକ ଚିକିତ୍ସା ଉପରେ ଜ୍ଞାନ ବିଷୟରେ ଉପସ୍ଥିତ ରହି ଥିବା ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ବିଜୟ କୁମାର ମିଶ୍ର ଓ ଅତିଥି ମାନେ ନିଜ ଅଭିଭାଷଣ ମାଧ୍ୟମରେ ବିଶେଷ ମତ ରଖିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ମାଝୀ ଜିଲ୍ଲାର ୨୧ ଜଣ ଉତ୍ତମ ସହାୟକ ବ୍ୟକ୍ତିଙ୍କୁ ମାନପତ୍ର ସହ ପୁରସ୍କାର ରାଶି ୨୦୦୦ ଟଙ୍କାର ଚେକ୍ ବିତରଣ କରିଥିଲେ। ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ଗୌରୀ ଶଙ୍କର ମାଝୀ ନିଜେ ଦୁର୍ଘଟଣା ପୀଡିତ ବ୍ୟକ୍ତିଙ୍କୁ ଉଦ୍ଧାର କରି ନିଜ ଗାଡିରେ ଡ଼ାକ୍ତରଖାନାରେ ପହଞ୍ଚାଇ ଚିକିତ୍ସା ବ୍ୟବସ୍ଥା କରି ଏକ ଉତ୍ତମ ସହାୟକ ବ୍ୟକ୍ତି ରୂପେ ଉଦାହରଣ ସୃଷ୍ଟି କରିଛନ୍ତି। ଏବଂ ଏକ ମାନପତ୍ର ସହ ଚେକ୍ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକଙ୍କ ଠାରୁ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଲୋଗାନ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆର୍‌ସିଡି ସ୍କୁଲ୍‌ର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ଡ୍ରାଇଭର ସଂଘର ପ୍ରତିନିଧି, ଲଘୁ ଓ ଭାରିଯାନ ଗାଡ଼ି ଚାଳକ, ଗଣ ମାଧ୍ୟମ ପ୍ରତିନିଧି, ସହରର ବୁଦ୍ଧିଜୀବୀ, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପରିଶେଷରେ ଆର୍‌ଟିଓ ଜୀତେନ୍ଦ୍ର କୁମାର ଭୋଇ ନବରଙ୍ଗପୁର ଜିଲ୍ଲାକୁ ଦୁର୍ଘଟଣା ମୁକ୍ତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଶେଷରେ ଡିଆଇପିଆର୍ ଓ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।




ଭାପୁର (ଭାସ୍କର ନ୍ୟୁଜ) : ନୟାଗଡ ଜିଲ୍ଲା ଭାପୁର ବ୍ଲକ ସଭାଗୃହ ପରିସରରେ ଶୁକ୍ରବାର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶାରଦା ପ୍ରସାଦ ପଣ୍ଡାଙ୍କ ପୌରହିତ୍ୟରେ ୭ତମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ବୈଠକରେ, ଖଣ୍ଡପଡା ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ, ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ୧୮ନଂ ଜୋନ ଜିଲ୍ଲାପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧି ତଥା ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନଙ୍କର ପ୍ରତିନିଧି ଯୋଗ ଦେଇଥିଲେ। ଉକ୍ତ ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ କୃଷି, ପ୍ରାଣୀ ଓ ପଶୁ ଚିକିତ୍ସା, ବିଶୁଦ୍ଧ ପାନୀୟ ଜଳ ଓ ପରିମଳ, ମୃତ୍ତିକା ସଂରକ୍ଷଣ, ବିଦ୍ୟୁତ ତଥା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ବିଷୟରେ ବିଭିନ୍ନ ଅଭିଯୋଗ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ବିଶେଷ କରି ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଓ ପାନୀୟ ଜଳ ସମସ୍ତଙ୍କ ପାଇଁ ମୁଖ୍ୟ ହୋଇଥିବା ବେଳେ ବର୍ତ୍ତମାନ ତାହା ବିପନ୍ନ ଘଟିଥିବାରୁ ସେ ବିଷୟରେ ଆଲୋଚନାବେଳେ ବିଭାଗୀୟ ମୁଖ୍ୟ ଅଧିକାରୀ ଅନୁପସ୍ଥିତ ରହିଥିବା ଏବଂ ଉପସ୍ଥିତ ସେମାନଙ୍କର ପ୍ରତିନିଧି ଉତ୍ତର ଦେଇ ନପାରିବାରୁ ବିଧାୟକଙ୍କ ଆକ୍ରୋଶର ଶିକାର ହୋଇଥିଲେ ଏବଂ ଅଫିସରରାଜ୍‌କୁ ନିନ୍ଦା କରିଥିଲେ। କାରଣ, ଭାପୁର ବ୍ଲକରେ ଉନ୍ନତିକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଥିବା ନେଇ ବିଭିନ୍ନ ସମସ୍ୟା ବଢ଼ି ଯାଇଥିବାରୁ ଜନପ୍ରତିନିଧିମାନେ ବିଧାୟକଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ। ବୈଠକରେ କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ପ୍ରାଣୀ ଓ ପଶୁ ଚାଷ ସମ୍ବନ୍ଧୀୟ ବିଭିନ୍ନ ଯୋଜନା ଗୁଡିକ ଉପରେ ଆଲୋକପାତ କରାଯାଇଥିଲା।

## ଗ୍ରୀନ୍ ଟ୍ରିବ୍ୟୁନାଲ୍ ଆଇନ୍‌କୁ ଫୁ...
# ପରିବେଶ ପ୍ରଦୂଷିତ କରୁଛି ଇଟାଭାଟି

ଆସିକା (ଭାସ୍କର ନ୍ୟୁଜ) : ଆଇନ ବାଟରେ ବେଆଇନ କାମ । ପରିବେଶ ସୁରକ୍ଷା ଆଇନ ଓ ବାୟୁ ପ୍ରଦୂଷଣ ନିବାରଣ ଆଇନକୁ ଗଞ୍ଜାମ ଜିଲ୍ଲାରେ ଖୋଲାଖୋଲି ଭାବେ ଉଲ୍ଲଙ୍ଘନ । ସବୁ ଦେଖି ଆଖି ବନ୍ଦ କରିଦେଇଛି ଜିଲ୍ଲା ପ୍ରଶାସନ। ଉଲ୍ଲଙ୍ଘନକାରୀଙ୍କ ଉପରେ ଆଇନ ଛାଟ ପକାଇବା ବଦଳରେ ସେମାନଙ୍କ ଠାରୁ ଜୋରିମାନା ନାଁରେ ଆଦାୟ ହେଉଛି ରାଜସ୍ୱ। ଯାହାଫଳରେ ଏବେ ଆସିକା ବ୍ଲକରେ ଗଢ଼ି ଉଠିଛି ଅନେକ ପୋଡ଼ାଇଟା ଭାଟି। ବ୍ଲକରେ ୪୦ରୁ ଅଧିକ ଇଟା ଭାଟି ବେଆଇନ ଭାବେ ଚାଲିଛି। ସେଥିରୁ ବାହାରୁଥିବା ଧୂଆଁ ବାୟୁମଣ୍ଡଳକୁ ଦୂଷିତ କରୁଛି। ଅନେକ ଚାଷ ଜମିରେ ଉର୍ବରତା ନଷ୍ଟ ହୋଇଥିବା ବେଳେ ଭାଟି ବନ୍ଦ କରିବା ବଦଳରେ ଜରିମାନା ଆଦାୟ କରି ସେମାନଙ୍କୁ ପ୍ରୋତ୍ସାହନ ଦିଆଯାଉଛି। ପୂର୍ବରୁ ଇଟା ପ୍ରସ୍ତୁତ କରିବା ପାଇଁ ନଦୀ ଗର୍ଭରୁ ମାଟି ଓ ବାଲି ଖନନ କରାଯାଉଥିଲା। ଜାତୀୟ ସବୁଜ ପ୍ରାଧିକରଣ ( ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ) ଏହା ଉପରେ ରୋକ ଲଗାଇବା ପରେ ଚାଷ ଜମିରୁ ମାଟି ଖୋଳି ଇଟା ଭାଟି କରାଯାଉଛି। ଜମିରେ ଉର୍ବରତା ନଷ୍ଟ ହେବା ସହ ପୋଡ଼ା ଇଟା ଭାଟିରୁ ବାହାରୁଥିବା ଧୂଆଁରେ ପରିବେଶ ଦୂଷିତ ହେଉଥିବାରୁ ଗ୍ରୀନ୍ ଟ୍ରିବ୍ୟୁନାଲ୍ ଏହା ଉପରେ ରୋକ୍ ଲଗାଇଛି। ପୋଡ଼ା ଇଟା ଭାଟି ବନ୍ଦ କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ହୋଇଛି। ଜିଲ୍ଲା ପ୍ରଶାସନ ପ୍ରଥମେ ଏହି ଭାଟି ଭାଙ୍ଗି ଦେଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଆଇନ ବାଟରେ ବେଆଇନ ଭାବେ ପୁଣି ଇଟା ଭାଟିକୁ ଆରମ୍ଭ କରାଗଲା ।



ଆସିକା ତହସିଲ ଭାଟି ମାଲିକ ଉପରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ସେମାନଙ୍କୁ ଭାଟି କରିବାକୁ ପ୍ରୋତ୍ସାହନ ଯୋଗାଉଛି। ସେମାନଙ୍କ ଠାରୁ ଜରିମାନା ଆଧାରରେ ଆଦାୟ ହେଉଛି ରାଜସ୍ୱ । ଆସିକା ତହସିଲ ଅଧୀନ ଆସିକା, ବାବନପୁର, ଗୁଣ୍ଡପଡ଼ା ଓ ହରିଡ଼ାପଦର ଅଞ୍ଚଳରେ ବ୍ୟାପକ ଭାବେ ଇଟାଭାଟି କରାଯାଉଛି। ଇଟା ଭାଟି ଆରମ୍ଭ କରିବାକୁ ଏବେଠୁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। କିନ୍ତୁ ଆଇନ ଉଲ୍ଲଙ୍ଘନ କରି ପରିବେଶକୁ ଦୂଷିତ କରାଯାଉଥିବା ବେଳେ ପ୍ରଶାସନ ଏଠାରୁ ଜରିମାନା ନାଁରେ ରାଜସ୍ୱ ଆଦାୟ କରି ଚୁପ୍ ବସିଛି। ମିଳିଥିବା ସୂଚନା ପ୍ରକାରେ ଆସିକା, ବାବନପୁର, ଗୁଣ୍ଡପଡ଼ା ଓ ହରିଡ଼ାପଦର ଅଞ୍ଚଳରେ ଇଟାଭାଟିରୁ ଗତବର୍ଷ ୬୬, ୧୬, ୭୯୫ ଟଙ୍କା ଜରିମାନା ଆଦାୟ ହୋଇଥିବା ବେଳେ ୯ଲକ୍ଷ ୮୧ ହଜାର ଟଙ୍କା ବକେୟା ରହିଛି। ଜମି ମାନଙ୍କରେ ଇଟା ଭାଟି କରିବା ଦ୍ୱାରା ପରିବେଶକ୍ଷ ଦୂଷିତ ହେବା ସହ ଜମିର ଉର୍ବରତା ମଧ୍ୟ ନଷ୍ଟ ହେଉଥିବା ପରିବେଶବିତ୍‌ମାନେ ଅଭିଯୋଗ କରୁଛନ୍ତି। ଆସିକା ଅଞ୍ଚଳରେ ପୋଡ଼ା ଇଟା ଭାଟି ବନ୍ଦ ନହେଲେ ଆଗାମୀ ଦିନରେ ପ୍ରଦୂଷଣ ବଢ଼ିବା ନିଶ୍ଚିତ।

## ରାଷ୍ଟ୍ରପତିଙ୍କ ପ୍ରତି ନିନ୍ଦନୀୟ ମନ୍ତବ୍ୟ
# ସୋନିଆଙ୍କ କୁଶପୁତ୍ତଳିକା ଦାହ କଲା ବିଜେପି

ପାରାଦୀପ (ଭାସ୍କର ନ୍ୟୁଜ୍) : ସଂସଦରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନିନ୍ଦନୀୟ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ରାଜ୍ୟ ବିଜେପି ଡାକରାରେ ସମଗ୍ର ରାଜ୍ୟରେ ପ୍ରତିବାଦ ସୂଚକ ବିକ୍ଷୋଭ ଓ ସୋନିଆ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସନ୍ଧ୍ୟାରେ ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ପାରାଦୀପ ବଡ଼ପଡ଼ିଆ ଥାନା ପ୍ରେସଛକ ନିକଟରେ ପାରାଦୀପ ନଗର ବିଜେପି ସଭାପତି ସୁବ୍ରତ ପ୍ରଧାନଙ୍କ ନେତୃତ୍ୱରେ ମନ୍ତ୍ରୀଙ୍କ ପ୍ରତିନିଧି ତଥା ବିଜେପି ନେତା ସର୍ବେଶ୍ୱର ବଳିୟାରସିଂହ, ପାରିଷଦ ପ୍ରତାପ ନାୟକ, ସୋଲମନ ରାଜୁ, ଦିଲୀପ ବେହେରା, ସର୍ବେଶ୍ୱର ଜେନା, କ୍ରିଷ୍ଣା ଜେନା, ପ୍ରଦୀପ ମଲ୍ଲିକ, ହୃଷିକେଶ ଦାସ, ରଞ୍ଜନ ବେହେରା, ଗୌରାଙ୍ଗ ମଣ୍ଡଳ, ପ୍ରକାଶ ସାହୁ, ପ୍ରୀତିରେଖା ମାନା, ବିଜୟଲକ୍ଷ୍ମୀ ପରିଜା, ନନ୍ଦିନୀ ପରିଡା, କନକ ଲତା ସାହୁ ପ୍ରମୁଖଙ୍କ ସମେତ ଶତାଧିକ ବିଜେପି କାର୍ଯ୍ୟକର୍ତ୍ତା ଓ କର୍ମୀ ଏକତ୍ରିତ ହୋଇ କଂଗ୍ରେସ ବିରୋଧରେ ନାରା ଦେବା ସହ ସୋନିଆ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ।




# ଅଗ୍ନିକାଣ୍ଡରେ ୫ ବଖରା ଘର ଭସ୍ମ

ତିହିଡ଼ି (ଭାସ୍କର ନ୍ୟୁଜ) : ଭଦ୍ରକ ଜିଲ୍ଲା ତିହିଡ଼ି ତହସିଲ ଫତେପୁର ପଞ୍ଚାୟତ ଅଧିନ ବଡ଼ଗାଲୋ ଗ୍ରାମର ଅଗ୍ନିକାଣ୍ଡ ଘଟି ୫ ବଖରା ଘର ଭସ୍ମୀଭୂତ ହୋଇଯାଇଛି। ଗ୍ରାମର ରାମଚନ୍ଦ୍ର ଖୁଣ୍ଟିଆଙ୍କର ୫ ବଖରା ଘର ଅଗ୍ନିକାଣ୍ଡରେ ଜଳି ପାଉଁଶ ହୋଇଯାଇଛି। ଶୁକ୍ରବାର ରାତିରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ରାମଚନ୍ଦ୍ରଙ୍କର ସମସ୍ତ ଆସବାବପତ୍ର ଓ ଧାନ-ଚାଉଳ, ସୁନା-ରୁପା ଇତ୍ୟାଦି ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ତିହିଡ଼ି ଦମକଳ କେନ୍ଦ୍ର ଘଟଣାସ୍ଥଳରେ ପହଞ୍ଚି ଆଗ୍ନିକ ଅନନ୍ତ ପ୍ରସାଦ ବେହେରାଙ୍କ ନେତୃତ୍ୱରେ ନିଆଁକୁ ଆୟତ୍ତ କରିଥିଲେ। ଖବରପାଇ ସକାଳୁ ଫତେପୁର ସରପଞ୍ଚ ପ୍ରଦୀପ ବଳ ଅଗ୍ନିବିପନ୍ନଙ୍କ ନିକଟରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିବା ସହ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇ ସମବେଦନା ଜଣାଇଥିଲେ। ବିଜେଡି ଜିଲ୍ଲା ଉପସଭାପତି ସୁରେନ୍ଦ୍ର ନାୟକ ମଧ୍ୟ ଅଗ୍ନିବିପନ୍ନଙ୍କୁ ସମବେଦନା ଜଣାଇବା ସହିତ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ତହସିଲଦାରଙ୍କ ନିକଟରେ ଦାବି କରିଥିଲେ।



# ଓଏସ୍‌ସିଆଇଟି ଶିକ୍ଷା କ୍ଷେତ୍ରରେ ଗଞ୍ଜାମ ରାଜ୍ୟରେ ୨ୟ

ଛତ୍ରପୁର (ଭାସ୍କର ନ୍ୟୁଜ୍) : ରାଜ୍ୟରେ ଆନ୍ତର୍ଜାତିକ ସ୍ତରର କମ୍ପ୍ୟୁଟର ପାଠ୍ୟକ୍ରମ ପ୍ରଦାନ କରି ଉଚ୍ଚକୋଟୀର ମାନବ ସମ୍ବଳ ବିକାଶ କରୁଥିବା ଓକେସିଏଲର ପାଠ୍ୟକ୍ରମ ପ୍ରଦାନ କ୍ଷେତ୍ରରେ ଗଞ୍ଜାମ ଜିଲ୍ଲା ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ବୁଧବାର ଦିନ ଭୁବନେଶ୍ୱରର ରେଳ ଅଡିଟୋରିୟମ ଠାରେ ଆୟୋଜିତ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଓକେସିଏଲର ଗଞ୍ଜାମ ଜିଲ୍ଲାର ମୁଖ୍ୟ ଏସ୍. ରେଖା ମହାନ୍ତିଙ୍କୁ ପୁରସ୍କୃତ କରାଯାଇଛି। ଓକେସିଏଲର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ମନୋରଞ୍ଜନ ପୁଥଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓକାକ୍‌ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡକ୍ଟର ପ୍ରଦୀପ କୁମାର ରାଉତ, ହରିଆଣା ନଲେଜ କର୍ପୋରେସନର ପରିଚାଳନା ନିର୍ଦ୍ଦେଶକ ଅଭିଜିତ କୁଲକର୍ଣ୍ଣୀ, ମହାରାଷ୍ଟ୍ର ନଲେଜ କର୍ପୋରେସନର ବରିଷ୍ଠ କର୍ମକର୍ତ୍ତା ସୌମ୍ୟ ପାଣି ଓ ଓକେସିଏଲ୍‌ର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ସନ୍ତୋଷ ବିରାରୀ ଅତିଥି ଭାବେ ଯୋଗ ଦେଇ କୃତ୍ରିମ ବୁଦ୍ଧିମତା (ଏ.ଆଇ) ସମୃଦ୍ଧ ଓ ସଂଲଗ୍ନିତ ଓକେସିଏଲ୍‌ର ନୂତନ ପୀଢୀର କମ୍ପ୍ୟୁଟର ପାଠ୍ୟକ୍ରମ ଓଡ଼ିଶାର ଆଗାମୀ ପୀଢୀକୁ ପ୍ରତିଯୋଗିତାମୂଳକ ଦୁନିଆରେ ପ୍ରକୃତ ରୂପରେ ନିଜ ସ୍ଥାନ ଅଧିକାର କରିବା ପାଇଁ ସହାୟକ ହେବ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିବା ବରିଷ୍ଠ ଅର୍ଥନୀତିଜ୍ଞ ଅରୁଣ କୁମାର ସାବତ ଓ ବରିଷ୍ଠ ଗଣମାଧ୍ୟମ ବ୍ୟକ୍ତିତ୍ୱ ଅଶୋକ ଦାସ ଓଡ଼ିଶାର କୋଣ ଅନୁକୋଣରୁ ଆସି କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ଏକ ହଜାରରୁ ଊର୍ଦ୍ଧ୍ୱ ଓକେସିଏଲର ନେଟୱର୍କ ପାର୍ଟନର ଚଳିତ ବର୍ଷ ନୂତନ ଉତ୍ସାହର ସହ ନିଜ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ସୁନ୍ଦର ଭବିଷ୍ୟତ ଗଢି ତୋଳିବାକୁ ପ୍ରଚେଷ୍ଟା କରିବାକୁ ଆହ୍ୱାନ ଦେଇଥିଲେ। ପୁରସ୍କାର ଗ୍ରହଣ କରିବା ପରେ ରେଖା ମହାନ୍ତି ଏହି ସଫଳତାର ଶ୍ରେୟ ଗଞ୍ଜାମ ଜିଲ୍ଲାର ସମସ୍ତ ନେଟୱର୍କ ପାର୍ଟନରମାନଙ୍କୁ ଦେବା ସହ ଆଗାମୀ ଦିନରେ ଏହି ସଫଳତାକୁ ଦୋହରାଇବାକୁ ଆହ୍ୱାନ ଦେଇଥିଲେ।




# ମେସିନ ଜଗିବ ବ୍ଲକ କର୍ମଚାରୀଙ୍କ ଉପସ୍ଥାନ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଦୀର୍ଘଦିନ ହେବ କର୍ମଚାରୀମାନେ ଅଫିସ ମନଇଚ୍ଛା ଯା'ଆସ କରନ୍ତି। ବାରମ୍ବାର ଏ ନେଇ ଖବର ପ୍ରକାଶିତ ହେବା ସହ ବିଡ଼ିଓଙ୍କୁ ଗଣମାଧ୍ୟମ ପ୍ରତିନିଧି ଜଣାଇବା ପରେ ଜିଲ୍ଲା ପ୍ରଶାସନ ତରଫରୁ ନିର୍ଦ୍ଦେଶ ପରେ ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟରେ ଲାଗିଲା ବାୟୋମେଟ୍ରିକ। କର୍ମଚାରୀଙ୍କ ବାୟୋମେଟ୍ରିକ ପଂଚ ଜରୁରି। ଦିନ ୧୦ଘ ୩୦ମିନିଟ ସୁଦ୍ଧା ଅଫିସରେ ପହଞ୍ଚିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଦିନ ୧୧ଟା ପରେ ପହଞ୍ଚିଲେ କାର୍ଯ୍ୟାନୁଷ୍ଠାନ ଘୋଷଣା ହେବ। ଦିନକୁ ୭ଘଣ୍ଟାରୁ ଊର୍ଦ୍ଧ୍ୱ ଅଫିସରେ ରହିବା ବାଧ୍ୟତାମୂଳକ। ପୂର୍ବରୁ କର୍ମଚାରୀମାନେ ନିଜ ମନଇଚ୍ଛା ଯା'ଆସ କରୁଥିଲେ। ଏବେ ମେସିନ ଲାଗିବା ପରେ ଆସିବା ଓ ଯିବାବେଳେ ବାୟୋମେଟ୍ରିକ ପଂଚ ଜରୁରି ଅଟେ। ଇନ୍ ଓ ଆଉଟ ପଂଚ ନଦେଲେ ଅନୁପସ୍ଥିତ ଗଣାହେବ।

# ସୋନିଆ ଏବଂ ରାହୁଲଙ୍କ କୁଶ ପୁତ୍ତଳିକା ଦାହ



କେନ୍ଦୁଝର(ଭାସ୍କର ନ୍ୟୁଜ୍) : ମହାମହିମ ରାଷ୍ଟ୍ରପତିଙ୍କ ପ୍ରତି କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏବଂ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଅପମାନଜନକ ବୟାନକୁ ବିରୋଧ କରି ଶନିବାର ଦିନ କେନ୍ଦୁଝର ନଗର ମଣ୍ଡଳ ବିଜେପି ପକ୍ଷରୁ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏହି ବିକ୍ଷୋଭ କାର୍ଯ୍ୟକ୍ରମ ରେ ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ଯୋଗ ଦେଇ କଂଗ୍ରେସର ଏଭଳି ମନ୍ତବ୍ୟକୁ ବିରୋଧ କରିବା ସହିତ କଂଗ୍ରେସ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀକୁ ଅସମ୍ମାନ କରିଛି ବୋଲି କହିଥିଲେ। ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ କଂଗ୍ରେସ ଦଳ ଦେଶବାସୀଙ୍କୁ କ୍ଷମା ମାଗନ୍ତୁ ବୋଲି ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ କହିଛନ୍ତି। ନଗର ମଣ୍ଡଳ ବିଜେପି ସଭାପତି ବିଶ୍ୱଜିତ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ନଗର ମଣ୍ଡଳ ତଥା ଜିଲ୍ଲା ବିଜେପିର ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ସଡ଼କ ସୁରକ୍ଷା ମାସ-୨୦୨୫ ଉଦ୍‌ଯାପିତ




ଜଗତସିଂହପୁର (ଭାସ୍କର ନ୍ୟୁଜ) : ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଆଞ୍ଚଳିକ ପରିବହନ ପ୍ରାଧିକରଣ ପକ୍ଷରୁ ସଡ଼କ ସୁରକ୍ଷା ମାସ ୨୦୨୫ ଉଦ୍‌ଯାପିତ ହୋଇଯାଇଛି । ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଦୀପ ପ୍ରଜ୍ୱଳନ କରିବା ସହ ସମସ୍ତେ ରାସ୍ତାରେ ଗଲାବେଳେ ସଚେତନ ହେଲେ ସଡ଼କ ଦୁର୍ଘଟଣାକୁ କମ୍ କରାଯାଇ ପାରିବ ବୋଲି ମତବ୍ୟକ୍ତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାଶ ଯୋଗଦେବା ସହ ସମସ୍ତେ ଶୃଙ୍ଖଳାର ସହ ନିୟମ ମାନିଲେ ଦୁର୍ଘଟଣାକୁ ନିୟନ୍ତ୍ରଣ କରିହେବ ବୋଲି ବକ୍ତବ୍ୟ ରଖିଥିଲେ। ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରଶ୍ମୀରଞ୍ଜନ ପଟ୍ଟନାୟକ ଆବେଗ ପୂର୍ଣ୍ଣ ସଚେତନତା ମନ୍ତବ୍ୟ ଦେବାକୁ ଯାଇ, ଦୁର୍ଘଟଣାରେ କିପରି ଜୀବନ ହାନି ହେଉଛି ତା'ର ପ୍ରତିକାର ବିଷୟରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ। ଏଥିରେ ସୂଚନା ଲୋକ ସମ୍ପର୍କ ଅଧିକାରୀ ପ୍ରତିଟୀ ତନୟା ମହାନ୍ତି, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୀମା ଜେନା, ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା ଯୋଗଦେଇ ରାସ୍ତାରେ ଗଲାବେଳେ ସମସ୍ତଙ୍କର ସଚେତନ ହେବାର ଆବଶ୍ୟକ ଅଛି ବୋଲି ମନ୍ତବ୍ୟ ରଖିଥିଲେ। ପ୍ରକାଶ ଥାଉ କି, ଚଳିତ ମାସ ପ୍ରଥମ ଦିନରୁ ଏହି କାର୍ଯ୍ୟକ୍ରମ ଜଗତସିଂହପୁରସ୍ଥିତ ଶ୍ରୀକୃଷ୍ଣ ଏକାଡେମୀରୁ ବିଭିନ୍ନ ପ୍ରକାରର ସଚେତନତାଧର୍ମୀ ପ୍ରତିଯୋଗିତା ସହିତ ସଚେତନତା ରଥର ଉଦ୍‌ଘାଟନ ହୋଇ ଆରମ୍ଭ ହୋଇଥିଲା। ପରେ ସମଗ୍ର ଜିଲ୍ଲାର ପଞ୍ଚାୟତସ୍ତରର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ଠାରୁ ଆରମ୍ଭ କରି ବ୍ଲକସ୍ତର ଜନସାଧାରଣଙ୍କୁ ନେଇ ସଡ଼କ ସୁରକ୍ଷା ମାସ ୨୦୨୫ର ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ୧୩୦ଜଣ ରକ୍ଷକମାନଙ୍କୁ ନେଇ ତାଲିମ ଦେବା ସହ ହେଲମେଟ ପ୍ରଦାନ କରାଯାଇଥିଲା। ପାରାଦୀପରେ ଚକ୍ଷୁ ପରୀକ୍ଷା ଶିବିର କରି ପୀଡିତଙ୍କୁ ଚଷମା ଦେବା, ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି ସୂଚନା ଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ ଉପସ୍ଥିତ ସମସ୍ତ ଅତିଥି ତଥା ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ସଚେତନତା ପାଇଁ ଶପଥପାଠ କରାଇଥିଲେ। ଶେଷରେ ୧୩ଜଣ ଗୁଡ଼ ସମରଟିଆନ୍‌ଙ୍କୁ ମାନପତ୍ର ଉପଢୌକନ ସହ ଦୁଇ ହଜାର ଲେଖାଏଁ ପୁରସ୍କାର ରାଶି ପ୍ରଦାନ ହେଉଥିଲା। ଯେଉଁ ଅନୁଷ୍ଠାନଗୁଡିକ ଚଳିତ ମାସ ସାରା ସଡ଼କ ସଚେତନତା କାର୍ଯ୍ୟକ୍ରମ କରିଥିଲେ ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ସେଥିମଧ୍ୟରୁ ପି.ପି.ଏଲ୍ ପାରାଦୀପ, ଇଫ୍‌କୋ ପାରାଦୀପ, ଆଇ.ଓ.ସି.ଏଲ୍ ପାରାଦୀପ, ଜେ.ଏସ୍.ଡବ୍ଲ୍ୟୁ ପାରାଦୀପ, ଓ.ଏସ୍‌ଏଲ୍ ପାରାଦୀପ, ପାରାଦୀପ ପରିବହନ ଲିମିଟେଡ, ପାରାଦୀପ ଟ୍ରକ ମାଲିକ ସଂଘ, ପାରାଦୀପ ବସ୍ ମାଲିକ ସଂଘ, ସୁଶ୍ରୀ ଅଟୋମୋଟିଭ, କାଞ୍ଚନ ମୁରଲି ଅଟୋ, ଗୀତା ମୋଟରସ୍, ଶାରଳା ଅଟୋ ମୋବାଇଲ୍, ସୁନି ଅଟୋ ବାଇକ, ନଭଜ୍ୟୋତି ମଟରସ, ମୈତ୍ରୀ ଅଟୋ କେୟାର, ଦାସ ଅଟୋ ଓ ବିଭିନ୍ନ ପ୍ରତିଯୋଗିତାକୁ ଏବଂ ଶ୍ରୀକୃଷ୍ଣ ଏକାଡ଼େମୀ ସ୍କୁଲକୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପକ ତଥା ରାଜ୍ୟ ରେଡକ୍ରସ ସୋସାଇଟି ସଂଯୋଜକ ଗୋପାଳ କୃଷ୍ଣ ମିଶ୍ର ସୁନ୍ଦର ଭାବରେ ସଂଯୋଜନା କରିଥିବାବେଳେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

# କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଓ ରାହୁଲଙ୍କ କୁଶ ପୁତ୍ତଳିକା ଦାହ

ଭଞ୍ଜନଗର (ଭାସ୍କର ନ୍ୟୁଜ୍) : ଦେଶର ଗଣତନ୍ତ୍ରର ମନ୍ଦିରର ଯୁଗ୍ମ ସଂସଦୀୟ ବୋର୍ଡରେ ଶୁକ୍ରବାର ଦେଶର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କର ଅଭିଭାଷଣ ପ୍ରଦାନ କରିଥିଲେ। ତେବେ ରାଷ୍ଟ୍ରପତିଙ୍କର ଏହି ଅଭିଭାଷଣ ଶେଷ ହେବାର କିଛି କ୍ଷଣ ମଧ୍ୟରେ କଂଗ୍ରେସର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଯେଉଁଭଳି ଅରୁଚିକର ମନ୍ତବ୍ୟ ଦେଲେ ତାହା ସାରା ଦେଶବାସୀଙ୍କୁ ସ୍ତବ୍ଧ କରିଦେଇଛି। ଦେଶର ସର୍ବୋଚ୍ଚ ପଦବୀରେ ବସିଥିବା ଜଣେ ଆଦିବାସୀ ଜନଜାତିର ମହିଳାଙ୍କୁ ଯେଉଁଭଳି ଭାବରେ କଂଗ୍ରେସ ନେତାମାନେ ବାରମ୍ବାର ଅପମାନିତ କରୁଛନ୍ତି ତାହା ଦେଶର ନାରୀଜାତି ପାଇଁ ଘୋର ଅପମାନ। ଏଣୁ ଏହାର ପ୍ରତିବାଦରେ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନେତୃତ୍ୱରେ ବିଜେପି ନେତାମାନେ ସନ୍ଧ୍ୟାରେ ସ୍ଥାନୀୟ ଯୁବି ହାଇସ୍କୁଲ ଛକ ଠାରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରି କଂଗ୍ରେସ ବିରୋଧୀ ନାରାବାଜି କରିଥିବା ଦେଖିବାକୁ ମିଳିଥିଲା। ଏଥିରେ ଦଳ ପକ୍ଷରୁ ସନ୍ତୋଷ ତିଆଡି, ସାଂସଦ ପ୍ରତିନିଧି ରବିନ୍ଦ୍ର କୁମାର ଗୌଡ, ଉଦ୍ଧବ ମିଶ୍ର, ସୁବାସ ଚନ୍ଦ୍ର ବରାଡ ଓ କୁବେର ପ୍ରଧାନ ପ୍ରମୁଖ କୁଶ ପୁତ୍ତଳିକା ଦାହ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

# ବରିଷ୍ଠ ନାଗରିକ ସଂଘର ନୂତନ ଗୃହ ଉଦ୍‌ଘାଟିତ

ଭାପୁର (ଭାସ୍କର ନ୍ୟୁଜ) : ନୟାଗଡ ଜିଲ୍ଲା ଭାପୁର ବ୍ଲକ ବରିଷ୍ଠ ନାଗରିକ ସଂଘର ତହସିଲ କାର୍ଯ୍ୟାଳୟ ପଛପଟେ ନିର୍ମିତ ନୂତନ ଗୃହକୁ ଶୁକ୍ରବାର ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ପରସ୍ପର ଭାବ ବିନିମୟ ପାଇଁ ବାରଦୁଆର ହେଉଥିବା ବରିଷ୍ଠ ନାଗରିକମାନଙ୍କ ପାଇଁ ଏହି ନୂତନ ଗୃହ ଶେଷ ସମୟର ସାହାରା ହୋଇଥିବାରୁ ସେମାନେ ଖୁସି ବ୍ୟକ୍ତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜେପି ଯୁବଛାତ୍ର ସଭାପତି ଅଭିଳାଷ ପଣ୍ଡା, ରାଜ୍ୟ ବରିଷ୍ଠ ନାଗରିକ ସଂଘ ସଭାପତି ଯୁଗଳ କିଶୋର ସାହୁ, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ସମାଜସେବୀ ଜିତେନ୍ଦ୍ର ରଣସିଂ, ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ପ୍ରମୋଦ କୁମାର ପଟ୍ଟନାୟକ, ସୁବାସ ଚନ୍ଦ୍ର ତ୍ରିପାଠୀ, ବରିଷ୍ଠ ପତ୍ରକାର ରବୀନ୍ଦ୍ର ପଟ୍ଟନାୟକ, ସଭାପତି ଲକ୍ଷ୍ମୀଧର ସାମନ୍ତରାୟ, ସମ୍ପାଦକ ପ୍ରଭାକର ସାହୁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ, ବରିଷ୍ଠ ଶିକ୍ଷାବିତ୍‌ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ନାରାୟଣ ଶୁକ୍ଳ ସଭା ପରିଚାଳନା କରିଥିଲେ ।



# ବିଜେପି ପକ୍ଷରୁ ସୋନିଆଙ୍କ କୁଶପୁତ୍ତଳିକା ଦାହ



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଦେଶର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆମ ଓଡ଼ିଆ ଜାତିର ସ୍ୱାଭିମାନ, ଓଡ଼ିଶାର ଗର୍ବ ଭାବେ ପରିଚିତ। ଦେଶର ପ୍ରଥମ ନାଗରିକ ରାଷ୍ଟ୍ରପତିଙ୍କ ପ୍ରତି କଂଗ୍ରେସ ଦଳର ନେତ୍ରୀ ସୋନିଆ ଗାନ୍ଧୀ ଦେଇଥିବା ମନ୍ତବ୍ୟ ଅତ୍ୟନ୍ତ ନିନ୍ଦନୀୟ। ଏହାର ପ୍ରତିବାଦରେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀର ପରଜଙ୍ଗ ବିଜେପି ଦଳ ପକ୍ଷରୁ ବଜାର ମଧ୍ୟରେ ରହିଥିବା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ମହେଶ୍ୱନ୍ଦ୍ର ସୁବାହୁସିଂଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ସୋନିଆ ଗାନ୍ଧିଙ୍କ କୁଶପୁତ୍ତଳିକା ଦାହ କରାଯାଇଥିବା ଜଣାପଡିଛି।

# ରାଶିଫଳ

ରବିବାର, ୨ ଫେବୃଆରୀ ୨୦୨୫



**ମେଷ:** ବ୍ୟବସାୟ ଭଲ କରିବ। ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ଏବଂ ଯୁକ୍ତି ହୋଇପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ସହିତ ଯୁକ୍ତିତର୍କ ହୋଇପାରେ। ବିବାଦ ଏବଂ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ। ନକାରାତ୍ମକତା ଶକ୍ତି ବୃଦ୍ଧି ପାଇବ।



**ବୃଷ:** ବ୍ୟବସାୟ ଲାଭଦାୟକ ହେବ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ଚାକିରିରେ ବୃଦ୍ଧି ଘଟିବ। ସମସ୍ତ କାର୍ଯ୍ୟ ଠିକ୍ ସମୟରେ କରାଯିବ । ବିନିଯୋଗ ଭଲ ହେବ । ଆୟ ବୃଦ୍ଧି ପାଇବ। ଆଇନଗତ ପ୍ରତିବନ୍ଧକକୁ ହଟାଇ ଲାଭର ପରିସ୍ଥିତି ସୃଷ୍ଟି ହେବ।



**ମିଥୁନ:** ସ୍ଥାବର ସମ୍ପତ୍ତି ବୃଦ୍ଧି ପାଇବ। ଏକ ବଡ ଡିଲ୍ ହୋଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ପ୍ରଲୋଭିତ ହୁଅ ନାହିଁ । ଥକ୍କା ଏବଂ ଦୁର୍ବଳତା ଦେଖାଯିବ।



**କର୍କଟ:** ସୃଜନଶୀଳ କାର୍ଯ୍ୟ ସଫଳ ହେବ । ବ୍ୟବସାୟରେ ବ୍ୟସ୍ତ ହୋଇପାରେ । ପରିବାର ପାଇଁ ଚିନ୍ତା ହେବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ । ଆପଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହିତ ପରିଚିତ ହେବେ । ତୁମର ପ୍ରିୟ ଖାଦ୍ୟ ଉପଭୋଗ କର ।



**ସିଂହ:** ବ୍ୟବସାୟରେ ଅନୁକୂଳ ଲାଭ ହେବ । ମୂଲ୍ୟବାନ ସାମଗ୍ରୀ ତୁମ ସହିତ ରଖ । ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ । କଠିନ ପରିଶ୍ରମ ଅଧିକ ହେବ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ଶତ୍ରୁମାନେ କ୍ଷତି ଘଟାଇ ପାରନ୍ତି। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ସମବେଦନା ଖବର ଆସିପାରେ ।



**କନ୍ୟା:** ବିନିଯୋଗ ଶୁଭ ହେବ । କଠିନ ପରିଶ୍ରମର ଫଳ ଗ୍ରହଣ କରାଯିବ । ଘର ବାହାରେ ପଚରାଉଚରା କରାଯିବ। ଲାଭ ସୁଯୋଗ ଆସିବ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ଚାକିରିରେ ବୃଦ୍ଧି ଘଟିବ । ଆପଣ ଉଚ୍ଚ କର୍ତ୍ତୃପକ୍ଷଙ୍କ ସୁଖ ପାଇବେ । ପାରିବାରିକ ଚିନ୍ତା ବୃଦ୍ଧି ପାଇବ । ଶତ୍ରୁମାନଙ୍କଠାରୁ ସତର୍କତା ଆବଶ୍ୟକ ।



**ତୁଳା:** ସୁଖ ବୃଦ୍ଧି ପାଇବ । କିଛି ମହତ୍ କାର୍ଯ୍ୟ କରିବାକୁ ତୁମର ମନ ପ୍ରସ୍ତୁତ କରିବ । ତତ୍ପରତା ନାହିଁ । ବ୍ୟବସାୟ ଲାଭଦାୟକ ହେବ । ନୂତନ ବନ୍ଧୁ ସୃଷ୍ଟି ହେବ । ଘର ବାହାରେ ପଚରାଉଚରା କରାଯିବ। ଆୟରେ ନିଶ୍ଚିତତା ରହିବ । ଆତ୍ମ ସମ୍ମାନ ରହିବ ।



**ବିଛା:** ଉପହାର ଗ୍ରହଣ କରାଯିବ । ବେକାରୀ ଦୂର ହେବ । ବ୍ୟବସାୟ ବୃଦ୍ଧି ପାଇବ । ଆପଣ ଚାକିରିରେ ପଦୋନ୍ନତି ପାଇପାରିବେ । ବିନିଯୋଗ ଭଲ ହେବ । ଭାଗ୍ୟ ଅନୁକୂଳ ହେବ । ପ୍ରଲୋଭିତ ହୁଅ ନାହିଁ । ଆପଣ ଉତ୍ସାହ ଏବଂ ଖୁସିରେ କାମ କରିବାକୁ ସମର୍ଥ ହେବେ । କିଛି ବଡ କାମ କରି ସୁଖରେ ବୃଦ୍ଧି ଘଟିବ ।



**ଧନୁ:** ତୁମ ଜୀବନ ସାଥୀଠାରୁ ସମର୍ଥନ ପାଇବ । ଚିନ୍ତା ଏବଂ ଚାପ ଦୂର ହେବ । ଟଙ୍କା କାରବାରରେ ଶୀଘ୍ର ଏବଂ ବେପରୁଆ ହୁଅନ୍ତୁ ନାହିଁ । ଟଙ୍କା ନଷ୍ଟ ହୋଇପାରେ । ବିବାଦରୁ ଦୂରେଇ ରୁହନ୍ତୁ । ଅସୁବିଧାରୁ ଦୂରରେ ରୁହନ୍ତୁ। ଆୟରେ ନିଶ୍ଚିତତା ରହିବ। ଅପଚୟ ଖର୍ଚ୍ଚ ହେବ । ସ୍ୱାସ୍ଥ୍ୟ ଦୁର୍ବଳ ହେବ ।



**ମକର:** ରୋଜଗାର ବୃଦ୍ଧି ପାଇବ । ଆୟ ବୃଦ୍ଧି ପାଇବ । ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ । ଅଟକି ରହିଥିବା ଟଙ୍କା ପାଇବାର ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ । ଭ୍ରମଣ ଲାଭଦାୟକ ହେବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ । ଭାଇମାନଙ୍କ ସହଯୋଗ ସୁଖ ବୃଦ୍ଧି କରିବ । ଘର ବାହାରେ ଜୀବନ ଖୁସି ହେବ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।



**କୁମ୍ଭ:** ରୋଜଗାର ବୃଦ୍ଧି ପାଇବ । ଆପଣ ସାମାଜିକ କାର୍ଯ୍ୟ କରିବାକୁ ଏକ ସୁଯୋଗ ପାଇପାରନ୍ତି । ଘର ବାହାରେ ପଚରାଉଚରା କରାଯିବ। ନୂତନ ଚାକିରି ମିଳିପାରିବ । ବାହାରକୁ ଯିବାକୁ ଇଚ୍ଛା କରିବେ । ସେଠାରେ ସୁଖ ଏବଂ ତୃପ୍ତି ରହିବ । ତତ୍ପରତା ନାହିଁ । ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। କର୍ମକ୍ଷେତ୍ରରେ ପରିବର୍ତ୍ତନ ହୋଇପାରେ ।



**ମୀନ:** ଆପଣ ସତସଙ୍ଗର ଲାଭ ପାଇବେ । ବ୍ୟବସାୟ ବୃଦ୍ଧି ପାଇବ । ରାଜନୈତିକ ସମର୍ଥନ ପାଇବେ । ଲାଭ ସୁଯୋଗ ଆସିବ । ସବୁ ଦିଗରୁ ସଫଳତା ଆସିବ । ସୁଖ ବୃଦ୍ଧି ପାଇବ। ବ୍ୟସ୍ତତା ହେତୁ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ। ଥକ୍କା ଲାଗିବ। ତନ୍ତ୍ର-ମନ୍ତ୍ର ପ୍ରତି ଆଗ୍ରହ ଜାଗ୍ରତ ହେବ । ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ ।



ଜ୍ୟୋତିଷ ଜ୍ଞାନ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

# ରାଜ୍ୟ ଖବର



ଉମରକୋଟ(ଭାସ୍କର ନ୍ୟୁଜ)ଅଲେଖ ମହିମା ମହାବିଦ୍ୟାଳୟ,ଧୋଡ୍ରା ପକ୍ଷରୁ ମହାସମାରୋହରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ କାର୍ଯ୍ୟକ୍ରମ ଅବଧୂତ ବାବା ଡମ୍ବୁ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ବିଧାୟକ ନରସିଂ ଭତ୍ରା, ବରେଣ୍ୟ ଅତିଥି ପେଣ୍ଡ୍ରାଣୀ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ. ଅନୀଲ କୁମାର ମିଶ୍ର, ମୁଖ୍ୟବକ୍ତା ପ୍ରାକ୍ତନ ସଦସ୍ୟ, ଓଡିଶା ସାହିତ୍ୟ ଏକାଡ଼େମୀ ବଲ୍ଲଭ କୁମାର ରାଉତ, ସମ୍ମାନିତ ଅତିଥି ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ନରସିଂ ହୋମ ଅଧକ୍ଷା ସିସ୍ଟା ମିନତୀ ଦାନୀ, ଝରିଗାଁ ମହାବିଦ୍ୟାଳୟ ଅଧାପକ ଗୋପାଳ ମହାରଣା, ଆଦିବାସୀ ଭାଷା ସଂସ୍କୃତି ସଂଗଠକ ସାଇମନ ବିଡିକା, ଅଲେଖ ମହିମା ମହାବିଦ୍ୟାଳୟର ଉପସଭାପତି ମଙ୍ଗଳା ମାଝୀ ଓ ପ୍ରଶିକ୍ଷାର୍ଥୀ (ଓଏଏସ୍) ସୁମିତ କୁମାର ମଣ୍ଡଳ ଯୋଗ ଦେଇଥିବାବେଳେ ମହିମା ମହାବିଦ୍ୟାଳୟର ଅଧକ୍ଷ ବିବେକାନନ୍ଦ ବାରିକ ବିବରଣୀ ପାଠ କରିଥିଲେ। ସମସ୍ତ କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷା କୌଶଲ୍ୟା ଦାସଙ୍କ ଧନ୍ୟବାଦ ପ୍ରଦାନ ପରେ, ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସଂପାଦକ କେଦାରେଶ୍ୱର ପଟ୍ଟନାୟକ ସଂଯୋଜନା କରିଥିବ ।ବେଳେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ।



## ସାମ୍ବାଦିକଙ୍କ ବନ୍ଧୁମିଳନ

ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ): ଲକ୍ଷ୍ମୀପୁର ବ୍ଲକ ସାମ୍ବାଦିକଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଚମ୍ପି ଗ୍ରାମସ୍ଥିତ ଗଦଗଦା ଜଳ ପ୍ରପାତଠାରେ ବ୍ଲକର କାର୍ଯ୍ୟରତ ସମସ୍ତ ସାମ୍ବାଦିକ ଏକତ୍ରିତ ହୋଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବ୍ଲକରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସାମ୍ବାଦିକମାନଙ୍କୁ ଅଣଦେଖା କରାଯାଉଥିବାକୁ ନେଇ ସମୂହ ନିଜ ନିଜ ମତ ଉପସ୍ଥାପନା କରିଥିଲେ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଭିନ୍ନ ଖବର କାଗଜର ସାମ୍ବାଦିକମାନେ ଯୋଗ ଦେଇଥିବା ବେଳେ ବାବୁଲା ଦାସ ଓ ପାତ୍ର ପିଲେଣ୍ଟି ସବୁ କ୍ଷେତ୍ରରେ ସହଯୋଗ କରିଥଲେ।

## ଆଶା କର୍ମୀଙ୍କ ଦେହାନ୍ତ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ବ୍ଲକ ସଦରର ଆଶା କର୍ମୀ ଦିୟୁତୁ ମାଣ୍ଡିଙ୍ଗାଙ୍କ ଦେହାନ୍ତ ହୋଇଯାଇଛି। ଉକ୍ତ କର୍ମୀ ଜଣଙ୍କ ଛଅ ବର୍ଷ ଧରି ବିନା ପାରିଶ୍ରମିକରେ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରହି ବହୁ ଲୋକଙ୍କ ସେବା କରି ଆସୁଥିବା ବେଳେ ୨୨ ବର୍ଷ ହେବ ସିଏ ଆଶାକର୍ମୀଭାବେ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଜର ଜୀବନକୁ ଉତ୍ସର୍ଗୀକୃତ କରିଥିଲେ। ସିଏ ସବୁବେଳେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ରୋଗୀଙ୍କୁ ନିଜର ଭାବି ସେବା କରି ଆସୁଥିଲେ। ଗତ ମଙ୍ଗଳବାର ରାତିରେ ତାଙ୍କ ଦେହ ଖରାପ ହେବା ଦେଖି ପରିବାର ଲୋକେ ଲକ୍ଷ୍ମୀପୁର ମେଡିକାଲରେ ଭର୍ତ୍ତି କରାଇ ବୁଧବାର ଦିନ ଘରକୁ ଆଣିଥିଲେ। ପରେ ତାଙ୍କ ଦେହ ଅସୁସ୍ଥ ହେବା ଦେଖି ଗୁରୁବାର ଦିନ କୋରାପୁଟ ନେଇ ସନ୍ଧ୍ୟାରେ ଘରକୁ ଆଣିଥିବା ବେଳେ ଶୁକ୍ରବାର ପାହାନ୍ତିଆରେ ତାଙ୍କର ମୃତ୍ୟୁ ହୋଇଥିଲା। ଉକ୍ତ ଆଦିବାସୀ ମହିଳା ଜଣକ ନିଜ ଜୀବନ ପର ଲୋକଙ୍କ ପାଇଁ ଉତ୍ସର୍ଗୀକୃତ କରିଥିବାରୁ ଆଜି ତାଙ୍କ ମୃତ୍ୟୁ ଖବର ଶୁଣି ବହୁ ରାଜନେତା ଓ ବୁଦ୍ଧିଜୀବୀଙ୍କ ଗହଳି ତାଙ୍କ ଘରେ ଦେଖିବାକୁ ମିଳିଥିଲା। ସମୂହ ତାଙ୍କର ଶେଷ ଦର୍ଶନ କରି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

■ ଛାତ୍ରୀଙ୍କ ୧୦ କିଲୋମିଟର ଚାଲିବା ଘଟଣା

## ତଦନ୍ତ ପାଇଁ ଛାତ୍ରୀ ନିବାସରେ ପହଞ୍ଚିଲେ ଗଣଶିକ୍ଷା ମନ୍ତ୍ରୀ



ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ବୁର୍ଜା ପଞ୍ଚାୟତସ୍ଥିତ କସ୍ତୁରିବା ଗାନ୍ଧୀ ଛାତ୍ରୀ ନିବାସର ଛାତ୍ରୀମାନେ ପ୍ରାୟ ୧୦ କିଲୋମିଟର ଚାଲି ଚାଲି ଉମରକୋଟ ଆସିବା ଘଟଣାରେ ଆଜି ନିଜେ ଗଣଶିକ୍ଷା ମନ୍ତ୍ରୀ ତଦନ୍ତ କରିବାକୁ ପିଲାଙ୍କ ନିକଟକୁ ଯାଇଥିଲେ। ଛାତ୍ରୀ ନିବାସରେ ପହଞ୍ଚି ସମସ୍ତ ଛାତ୍ରୀଙ୍କ ସହ ଆଲୋଚନା କରିବା ସହ ଛାତ୍ରୀଙ୍କୁ ବୁଝାସୁଝା କରିଥିଲେ। ଅଭିଯୋଗକୁ ଆଧାର କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପିଲାଙ୍କୁ ଆଶ୍ୱାସନା ଦେଇଥିଲେ। ଏହି ଘଟଣା କୁ ଅତି ସମ୍ବେଦନଶୀଳ କହିଥିଲେ ମଧ୍ୟ ଅଭିଯୋଗ ଗୁଡିକ ଅତି ଛୋଟ ଥିଲା। ଅଭିଯୋଗ ବିଶେଷ କରି ଛାତ୍ରୀନିବାସର ମୁଖ୍ୟ ରୋଷେଇୟାଙ୍କ ବିରୋଧରେ ଥିଲା ବୋଲି ପ୍ରକାଶ କରିଛନ୍ତି। ତଦନ୍ତ ରିପୋର୍ଟକୁ ଆଧାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ଶିକ୍ଷା ଅଧିକାରୀ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଗଣଶିକ୍ଷା ମନ୍ତ୍ରୀ। ସୂଚନାଯୋଗ୍ୟ ଯେ ଗତ ୨୯ ତାରିଖରେ ନିମ୍ନ ମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ କରି ,ଝିଅ ମାନେ ପ୍ରାୟ ୧୦ କିଲୋମିଟର ଚାଲି ଚାଲି ଉମରକୋଟ ଆସି ଅଭିଯୋଗ କରିବା ପାଇଁ ବାହାରିଥିଲେ। ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅଧୀନ ବୁର୍ଜା ପଞ୍ଚାୟତର ମା ପେଣ୍ଡ୍ରାଣୀ ଉଚ୍ଚ ବିଦ୍ୟାଳୟ, ବୁର୍ଜାରେ ଅଧ୍ୟୟନ କରୁଥିବା ଛାତ୍ରୀ ମାନେ ଉକ୍ତ ଗ୍ରାମର କସ୍ତୁରବା ବାଳିକା ହଷ୍ଟେଲରେ ରହୁଥିଲେ। ଘଟଣା ବିଷୟରେ ନବରଙ୍ଗପୁର ଜିଲ୍ଲା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀ ପହଞ୍ଚି ଛାତ୍ରୀମାନଙ୍କୁ ବୁଝାସୁଝା କରି ସ୍କୁଲକୁ ଫେରାଇବାରେ ସଫଳ ହେଇଥିଲେ। ଆଜିର ମନ୍ତ୍ରୀଙ୍କ ଗସ୍ତ ସମୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସରକାର, ଜେଣ୍ଡର କୋଡିନେଟର ମମତା ପରିଛା, ପୋଲିସ ଉପଖଣ୍ଡ ଅଧିକାରୀ ମିନାକ୍ଷୀ ଠାକୁର, ସବ୍ ଇନିସ୍ପେକ୍ଟର ଶିବଜି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲିଚିଂ କିଣାରେ ଦୁର୍ନୀତି ଅଭିଯୋଗ



ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରାଞ୍ଚଳରେ ବ୍ଲିଚିଂ କିଣାରେ ଦୁର୍ନୀତି ହୋଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ୧୪ ଟି ୱାର୍ଡକୁ ନେଇ ପୌରାଞ୍ଚଳ ଗଠିତ। ଲୋକସଂଖ୍ୟା ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ରହିଛନ୍ତି। ନାଳ ନର୍ଦ୍ଦମାରୁ ବାହାରୁଥିବା ଦୁର୍ଗନ୍ଧ, ମଶା, ମାଛିରୁ ସହରକୁ ମୁକ୍ତ କରିବାକୁ ସରକାର ପର୍ଯ୍ୟାପ୍ତ ପରିମାଣର ଟଙ୍କା ଯୋଗାଇ ଦେଉଛନ୍ତି, କିନ୍ତୁ ତାହାର ସଠିକ ଉପଯୋଗ ହୋଇପାରୁନାହିଁ ଉମରକୋଟ ପୌରାଞ୍ଚଳ ଠାରେ। ସୂଚନା ଆଇନ ଅଧିକାର ମାଧ୍ୟମରେ ହସ୍ତଗତ ହୋଇଥିବା କାଗଜପତ୍ରକୁ ଅନୁଧ୍ୟାନ କରି ସ୍ଥାନୀୟ ବାସିନ୍ଦା ପର୍ଶୁରାମ ପାତ୍ର ଅଭିଯୋଗ କରିଛନ୍ତି ଯେ ଦୁଇ ବର୍ଷ ପୂର୍ବରୁ ପ୍ରାୟ ୧୮ ଲକ୍ଷ ୫୪ ହଜାର ଟଙ୍କାର ବ୍ଲିଚିଂ ପାଉଡର ଏକ ଘରୋଇ ସଂସ୍ଥା ଠାରୁ କ୍ରୟ କରାଯାଇଥିଲା। ଯାହାକି ସେହି ସମୟରେ ଆବଶ୍ୟକତା ଠାରୁ ଅଧିକ ପରିମାଣର ବ୍ଲିଚିଂ ପାଉଡର କିଣା ଯାଇଥିଲା । ଯାହାର ବଜାର ଦାମ ୫୦୦ ରୁ ୬୦୦ଟଙ୍କା ରହିଥିବା ବେଳେ ୧୩୦୦ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ଦେଇ କଣ ପାଇଁ କିଣା ଯାଇଛି ଏବଂ ଏହି ବ୍ଲିଚିଂ କିଣାରେ ନିଶ୍ଚୟ ଭାବେ ଆର୍ଥିକ କାରବାର ହୋଇଛି ବୋଲି ଅଭିଯୋଗ କରିଛନ୍ତି। ଯେଉଁ ବ୍ଲିଚିଂ କିଣାଯାଇଥିଲା ସେହି ବସ୍ତାରେ ୦୮.୦୯.୨୨ ନିର୍ମାଣ ତାରିଖ ଉଲ୍ଲେଖ ରହିଛି । ସାଧାରଣତଃ ବ୍ଲିଚିଂ ପାଉଡରର ଅବଧି ପ୍ରାୟ ୬ ମାସ ରହିଥାଏ। ପରେ ସେହି ବ୍ଲିଚିଂ ପାଉଡର ଏକ୍ସପାଇରୀ ହୋଇଯାଇଥାଏ। କିନ୍ତୁ ଏହିଭଳି ଚିତ୍ର ଉମରକୋଟ ପୌରାଞ୍ଚଳ ରେ ଦେଖିବାକୁ ମିଳିଛି। ଅନ୍ୟପଟେ ବର୍ତ୍ତମାନ ଯେଉଁ ବ୍ଲିଚିଂ ପାଉଡର ଗୋଦାମ ଗୃହରେ ରହିଛି ସେସବୁ ନଷ୍ଟ ହେବାସହ ସେହି ବ୍ଲିଚିଂରେ କୌଣସି ବାସ୍ନା ହିଁ ନାହିଁ କେବଳ ପାଉଡର ଭଳି ଦୃଶ୍ୟମାନ ହେଉଛି। ଦୁଇବର୍ଷ ତଳେ କଣ ପାଇଁ ଏତେ ଟଙ୍କାର ବ୍ଲିଚିଙ୍ଗ ଏକା ସହିତ କିଣାଗଲା ? ଏହି ବ୍ଲିଚିଂ କିଣାରେ କେଉଁ ଅଧିକାରୀଙ୍କ ହାତ ରହିଛି ଓ ଗୋଟିଏ ବଡ଼ ଆକାରରେ ବ୍ଲିଚିଂ କିଣାରେ କିଛି ସ୍ୱାର୍ଥପର ଅଧିକାରୀଙ୍କ ପକେଟ ଗରମ ହୋଇଛିକି ଏହିଭଳି ଅନେକ ପ୍ରଶ୍ନ ଲୋକଙ୍କ ମନରେ ଉଙ୍କିମାରୁଛି କିନ୍ତୁ ସଠିକ ଉତ୍ତର ଦେବାକୁ କେହି ରାଜି ନୁହଁନ୍ତି । ନିୟମ ଅନୁଯାୟୀ ପ୍ରତି ଛମାସ କିମ୍ବା ଏକ ବର୍ଷ ପାଇଁ ଆବଶ୍ୟକତା କୁ ଦେଖି ବ୍ଲିଚିଙ୍ଗ କିଣାଯାଇଥାଏ। କିନ୍ତୁ ଆବଶ୍ୟକତା ଠାରୁ ଅଧିକ ବ୍ଲିଚିଂ କିଣାଗଲା ଏବଂ ବ୍ୟବହାର କମ କରାଗଲା ତେଣୁ ତାହା ଗୋଦାମ ଗୃହରେ ରହି ରହି ନଷ୍ଟ ହୋଇଗଲା ବୋଲି କହିଛନ୍ତି ନିର୍ବାଚିତ ହୋଇଥିବା ଲୋକ ପ୍ରତିନିଧି ମାନେ। ବିଗତ ଦିନରେ ବ୍ଲିଚିଙ୍ଗ ପାଉଡର କ୍ରୟ ପାଇଁ ପ୍ରାୟ ୨୦ ଲକ୍ଷ ଟଙ୍କା ପୌର ପରିଷଦ ୨୦୨୩ ମସିହା ରେ ଯେଉଁ ସଂସ୍ଥାକୁ ଟଙ୍କା ଦିଆଯାଇଛି ସେହି ସଂସ୍ଥା ବ୍ଲିଚିଂ ଯୋଗାଇ ନାହାଁନ୍ତି ବୋଲି ସାଙ୍ଘାତିକ ଅଭିଯୋଗ କରିଛନ୍ତି କାଉନସିଲର ତଥା ସାନିଟେସନ କମିଟି ସଦସ୍ୟ ତପନ ଦେବନାଥ। ସାନିଟେସନ ବାବଦକୁ ଯାହା ମଧ୍ୟ କ୍ରୟ କରାଯାଏ ପୂର୍ବରୁ ସାନିଟେସନ କମିଟି ସହ କୌଣସି ଯୋଗାଯୋଗ ହୋଇନାହିଁ କିମ୍ବା ଜିନିଷ ଆସିବା ପରେ ମଧ୍ୟ ଆମକୁ ଦେଖା ଯାଇନାହିଁ। ନିୟମ ଅନୁଯାୟୀ ସାନିଟେସନ ବାବଦକୁ ଯେଉଁ ଜିନିଷ କ୍ରୟ କରାଯାଏ ତାହା କମିଟି ଦ୍ୱାରା ମାନ ପରୀକ୍ଷା କରାଯିବା କଥା ଏବଂ ମାନ ପରୀକ୍ଷା କରାଯାଇ ରଖାଯିବା କଥା କିନ୍ତୁ ତାହା କରାଯାଇ ନାହିଁ। ତେଣୁ ବ୍ଲିଚିଂ ପାଉଡର ଆସିଛି କି ନାହିଁ ଆମେ ଜାଣି ନାହୁଁ ବୋଲି କହିଛନ୍ତି। ଅନ୍ୟପଟେ ପ୍ରାୟ ଅନେକ ଦିନ ହେଲା କୌଣସି ବ୍ଲିଚିଂ ଓ ମଶାତେଲ କିଣାଯାଇ ନାହିଁ ତେଣୁ ବର୍ତ୍ତମାନ ପୌରାଞ୍ଚଳରେ କୌଣସି ୱାର୍ଡ ବା ନାଳ ନର୍ଦ୍ଦମାରେ ବ୍ଲିଚିଂ ଓ ମଶା ତେଲ ସିଞ୍ଚନ କରାଯାଉ ନାହିଁ। ଦୁଇବର୍ଷ ତଳର ଯେଉଁ ବିଲ ପୈଠ କରାଯାଇଛି ସେଥିରେ ମହାଦୁର୍ନୀତି ହୋଇଛି ଓ ଏହାର ତଦନ୍ତ ସରକାର କରନ୍ତୁ ବୋଲି ଦାବି କରିଛନ୍ତି ସାନିଟେସନ କମିଟି ସଦସ୍ୟ। ସେହିଭଳି ୱାର୍ଡ ଗୁଡ଼ିକରେ ମଧ୍ୟ କାଁ ଭାଁ ବର୍ଷକୁ ଥରେ ବା ଦୁଇଥର ପକାନ୍ତି ନଚେତ ଅନ୍ୟ ସମୟରେ ବ୍ଲିଚିଙ୍ଗ, ମଶା ତେଲ ପରିଷଦ ପକ୍ଷରୁ ପକାଯାଉ ନାହିଁ। ବ୍ୟବହାର ଉପଯୋଗୀ ନଥିବା ବ୍ଲିଚିଂ ପକାଇବା ଦ୍ୱାରା ଲୋକଙ୍କ ଉପକାର ବଦଳରେ ଅପକାର ହେଉଛି ଏବଂ ପୌର ପରିଷଦ ଲୋକଙ୍କ ବିଶ୍ୱାସ ସହିତ ଖେଳିବା ଉଚିତ ନୁହେଁ ବୋଲି ସାଧାରଣ ଲୋକେ ଅଭିଯୋଗ କରିଛନ୍ତି।

## ବନ ବିହାର କାର୍ଯ୍ୟକ୍ରମ

ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ସିଦ୍ଧେଶ୍ୱରୀ ପବ୍ଲିକ ସ୍କୁଲ ତରଫରୁ ଆଜି ବନବିହାର କାର୍ଯ୍ୟକ୍ରମ ସ୍ଥାନୀୟ ରଞ୍ଜିତ ଗୁଡା ନର୍ସରୀଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବନବିହାର କାର୍ଯ୍ୟକ୍ରମରେ ବିଦ୍ୟାଳୟର କୁନି କୁନି ଛାତ୍ର ଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ କରାଜାଇଥିଲା ।ଏହି ବନ ବିହାର କାର୍ଯ୍ୟକ୍ରମ ସକାଳ ଏଗାରଟାରୁ ଆରମ୍ଭ ହୋଇ ଅପରାହ୍ନ ତିନିଟା ବେଳେ ସମାପନ୍ନ ହୋଇଥିଲା ବେଳେ କୁନି କୁନି ଛାତ୍ରଛାତ୍ରୀ ମାନେ ଯୋଗ ଦେଇ ବେଶ୍ ଖୁସି ଉପଭୋଗ କରିଥିବା ଦେଖିବାକୁ ମିଳିଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।



## ସୋନିଆଙ୍କ ମନ୍ତବ୍ୟ ବିରୁଦ୍ଧରେ ବିଜେପିର କୁଶପୁତ୍ତଳିକା ଦାହ



କୁଚିଣ୍ଡା (ଭାସ୍କର ନ୍ୟୁଜ୍): ଭାଷଣ ଉପରେ କଂଗ୍ରେସ ନେତ୍ରୀ ଶ୍ରୀମତୀ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟ ଅତ୍ୟନ୍ତ ନିନ୍ଦନୀୟ । ଏହି ବୟାନ କଂଗ୍ରେସର ସାମନ୍ତବାଦୀ ମାନସିକତା, ସେମାନଙ୍କ ଅହଂକାର ଏବଂ ଅନୁସୂଚିତ ଜନଜାତି ସମ୍ପ୍ରଦାୟରୁ ଆସିଥିବା ରାଷ୍ଟ୍ରପତିଙ୍କ ପ୍ରତି ସେମାନଙ୍କର ନିରାଶାକୁ ପ୍ରତିଫଳିତ କରୁଛି। କଂଗ୍ରେସର ଚିନ୍ତାଧାରା ସବୁବେଳେ ଏସସି-ଏସଟି-ଓବିସି ବିରୋଧୀ ରହିଆସିଛି। ପୁଣି ଥରେ କଂଗ୍ରେସ ସେହି ମାନସିକତାର ପରିଚୟ ଦେଇଛି । ଦେଶର ସର୍ବୋଚ୍ଚ ପଦବୀରେ ରହିଥିବା ଦଳିତ, ଅବହେଳିତ ଓ ପଛୁଆ ସମ୍ପ୍ରଦାୟର ଲୋକମାନଙ୍କୁ କଂଗ୍ରେସ ନେତାମାନେ କେବେ ବି ବରଦାସ୍ତ କରିପାରିବେ ନାହିଁ । କଂଗ୍ରେସ କେବଳ ଏସଟି ସମ୍ପ୍ରଦାୟକୁ ଅପମାନିତ କରିନାହିଁ ବରଂ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀକୁ ଅସମ୍ମାନ କରିଛି । ଜଣେ ମହିଳା ଏବଂ ଓଡ଼ିଶାକୁ ଅପମାନିତ କରିଛନ୍ତି । ରାଷ୍ଟ୍ରପତିଙ୍କ ବିରୋଧରେ ଅପମାନ ସୂଚକ ମନ୍ତବ୍ୟ ଦେଇଥିବାରୁ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ କଂଗ୍ରେସ ଦଳ କ୍ଷମା ମାଗିବା ଦରକାର । ଏହି ଉକ୍ତି ରଖି ଆଜି ପୁରୁଣା ବସ୍ ଷ୍ଟାଣ୍ଡ କୁଚିଣ୍ଡା ଠାରେ ଭାରତୀୟ ଜନତା ପାର୍ଟିର ଜିଲ୍ଲା ସାଧାରଣ ସମ୍ପାଦକ ସୁଶୀଲ କୁମାର କର ଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ କର୍ମୀ ସୋନିଆ ଗାନ୍ଧୀ ତଥା ରାହୁଲ ଗାନ୍ଧି ଙ୍କ ଉକ୍ତି ପାଇଁ ଭର୍ସନକ୍ଷ କରିଥିଲେ ଓ ଉଭୟଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି ଏହି କାର୍ଯ୍ୟକ୍ରମରେ କୁଚିଣ୍ଡା ନଗର ମଣ୍ଡଳ ସଭାପତି ପ୍ରାଣବନ୍ଧୁ ନାଥ, ଅନୁପମା ନାୟକ, କୁଞ୍ଜଲତା ନାଏକ ସୁନୟନା ବେହେରା, ସଚ୍ଚିଦା ନନ୍ଦ ଶର୍ମା, ଚିତ୍ତରଞ୍ଜନ ଭୋଇ, ବିବେକ ରାୟ, ପ୍ରିତମ ପାଣିଗ୍ରାହୀ, ଯୁଧିଷ୍ଠିର ମିଞ୍ଜ, ପ୍ରଭାତ ବାଘ , ରୁଦ୍ରପ୍ରତାପ ସିଂ, ଶିବୁ ମୁଣ୍ଡା, ପ୍ରମୁଖ ବିଭୂତି କଲ୍ୟାଣ ପଟେଲ ଓ ତାଙ୍କ ସହିତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ୩ ଚୋରି ଲୁନା ଜବତ, ୪ ଗିରଫ




ବ୍ରଜରାଜନଗର (ଭାସ୍କର ନ୍ୟୁଜ୍): ଗାନ୍ଧିଛକ ଫାଣ୍ଡି ଅଞ୍ଚଳରୁ ଲୁନା ଚୋରୀ ଅଭିଯୋଗରେ ପୋଲିସ ୪ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବରପାଲିର ସୁଦାମ ବଢ଼େଇ(୨୭), ରାଧେଶ୍ୟାମ ସେଠ (୩୮), ଲମଟିବାହାଲ ଅଂଚଳର ଆକାଶ ରୋହିଦାସ (୩୦) ଓ ରେଙ୍ଗାଲି ଥାନା ଜାମଗାଁ ଅଞ୍ଚଳର ଗୋକୁଳ ରୋହିଦାସ(୨୧)।ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୩ଟି ଲୁନା ଜବତ କରିବା ସହିତ ଆଜି ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ଗାନ୍ଧିଛକ ଫାଣ୍ଡି ଅଧିକାରୀ ମଦନମୋହନ ନାୟକ ସୂଚନା ଦେଇଛନ୍ତି। ଅଭିଯୁକ୍ତ ସୁଦାମ ବଢ଼େଇ ଲୁନା ଗୁଡିକ ଚୋରୀ କରିବା ପରେ ଗୋକୁଳ ରୋହିଦାସଙ୍କ ସହଯୋଗରେ ରାଧେଶ୍ୟାମ ଓ ଆକାଶକୁ ବିକ୍ରି କରିଥିଲା। ସେପଟେ ଗତ ୨୪ ତାରିଖ ଦିନ ଗାୟତ୍ରୀ ନଗର ଅଞ୍ଚଳର ପରିବା ବେପାରୀ ଭୀମ ସାଓଙ୍କ ଲୁନା ଗାନ୍ଧିଛକ ପରିବା ବଜାରରୁ ଚୋରି ହେବା ପରେ ସେ ଗାନ୍ଧିଛକ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏହି ମାମଲାର ଅନୁସନ୍ଧାନ ଜାରି ରଖିବା ପରେ ଅଭିଯୁକ୍ତଙ୍କୁ ଧରିବା ଓ ଲୁନାଗୁଡ଼ିକୁ ଜବତ କରିବାରେ ସଫଳ ହୋଇଛି ।

# କେଶାଇବାହାଲ ଗ୍ରାମ୍ୟ ଜଙ୍ଗଲରେ ମାଫିଆରାଜ



### ମୁହଁ ଖୋଲୁନାହାନ୍ତି ଡିଏଫ୍ଓ

ସମ୍ବଲପୁର(ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ, ବାମରା ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ କେଶାଇବାହାଲରେ ବେଆଇନ ୟୁକାଲିପଟାସର ଚୋରାଚାଲାଣ ଏହି ଅଞ୍ଚଳର ମାଫିଆ କରି ଆସୁଥିଲେ। କେଶାଇବାହାଲ ଓ ଭିକାପାଲି ଗ୍ରାମ୍ୟ ଓ ଜଙ୍ଗଲ କମିଟୀ , ଅଭିଯୋଗ ପରେ, ବାମରା ବନ୍ୟପ୍ରାଣୀ ରେଞ୍ଜର, ନିକ୍ରିମାଳ ଫରେଷ୍ଟର ଆସି ୧୨ ଚକିଆ ଉଦ୍ଦିଷ୍ଟ ଟ୍ରକ ନଂ ସିଜି,୦୪, ଏମ ଏମ୍ ୮୧୯୩ ଆର୍ଶିବାଦ ନାମକ ଟ୍ରକକୁ ଜବତ କରିବା ସହ, ଅନ୍ୟକାଠକୁ ଜବତ କରି କେଶାଇବାହାଲ ବିଭାଗୟ ବନରକ୍ଷୀଙ୍କୁ ଜିମା ଦିଆଯାଇଥିଲା। ଜିମା ଦେଇଥିବା କାଠ ଆହୁରି ୨,୩ଟ୍ରିପ୍ ହେବ ବୋଲି କମିଟି ଅଭିଯୋଗ କରିଛି। ତେବେ ଇତିପୂର୍ବରୁ ୧୨ ଚକିଆ ଟ୍ରକ୍ ରେ୨ଟ୍ରିପ ଜଙ୍ଗଲ ମାଫିଆ ବଡ଼ଗଣ୍ଡି ପାର କରିସାରିଛି ବୋଲି ମଧ କୁହାଯାଉଛି। ଏହାର ମୂଲ୍ୟ ଏକ କୋଟି ପାଖାପାଖି ହେବ ବୋଲି କୁହାଯାଉଛି। କମିଟୀ ଅଭିଯୋଗ ପରେ, ବାମରା ରେଞ୍ଜର ଜବତ ଟ୍ରକ୍‌କୁ ଫ୍ରିପାସ ନେଇ ଛାଡିଥିବା କହିଛନ୍ତି ଏବଂ ୬୦ହଜାର ଫାଇନ କଟାଯାଇଛି ବୋଲି ସଫେଇ ଦେଇଛନ୍ତି। ଉଲ୍ଲେଖ ଯୋଗ୍ୟଯେ, ଅନେକ ଦିନ ତଳେ ରାଜ୍ୟ ରାଜକୋଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ୟୁକାଲିପଟାସ ପ୍ଲାଟେସନ୍ କେଶାଇବାହାଲ-ଡ଼ଙ୍ଗାଯୋଗ ମଧ୍ୟରେ କରାଯାଇଥିଲା। ସେ ଭିତରେ ଜଙ୍ଗଲମାଫିଆ ବିନା ପାସରେ କଟିବା ଅବାଞ୍ଛନୀୟ କଥାନୁହେଁ କି ? ବେଆଇନ ଯୁକ୍ତ ବୋଟେ୍ ଇ ଟ୍ରକକୁ ଜବତ କରିବା ଜଙ୍ଗଲ ଆଇନ୍ ଧାରା-୫୬-ରେ ମାମଲା ରୁଜ୍ଜୁ ହେଲେ, ବିଚାରବିଭାଗୀୟ ମାଜିଷ୍ଟ୍ରେଟ ଓ ଡିଏଫ୍ ଓ ଅଦାଲତରେ ବିଚାର ବା ନିୟମ ରହିଛି। ଏପରି ଅନେକ ଗାଡିରେଞ୍ଜ ଅଫିସମାନଙ୍କରେ ଖତ ଖାଉଛି। ଏହାକୁ ଛାଡିବା ମାନେ କ'ଣ,ଏଡ଼େ ବଡ଼ ଘଟଣାର ୯ଦିନପରେ ମଧ ଡିଫ୍ଓ ବାମରା ମୁହଁ ନଖୋଲିବା ଓ ମୋବାଇଲ ସୁଇଚ ଅଫ୍ ରଖିବା ମାନେ କ'ଣ ସେବି ଏହି ଘଟଣାରେ ସଂପୃକ୍ତ କି ବୋଲି ଏବେ କେଶାଇବାହାଲ ଗ୍ରାମପଞ୍ଚାୟତରେ ଚର୍ଚ୍ଚା ଜୋର ଧରିଛି। ଏଣେ ଗ୍ରାମ୍ୟ ଓ ଜଙ୍ଗଲ କମିଟୀ, ଜିଲ୍ଲାପାଳ, ସମ୍ବଲପୁର, ବନ୍ୟପ୍ରାଣୀ, ପରିବେଶ ଓ ଜଙ୍ଗଲ ମନ୍ତ୍ରୀଙ୍କୁ ମେଲରେ ଅଭିଯୋଗ କରିବା ସହ, ତୁରନ୍ତ ସଂପୃକ୍ତ ଅଧିକାରୀଙ୍କ ଏତାଦୃଶ କାର୍ଯ୍ୟକଳାପ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି।

## ନିପୁଣ ଓଡ଼ିଶା ମେଳା ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ସଚେତନତା




ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳି ଖୁଣ୍ଟି ବ୍ଲକ୍ ଅନ୍ତର୍ଗତ ଚିତ୍ରକୋଟ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନିପୁଣ ଓଡ଼ିଶା ମେଳା ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି । ଅଞ୍ଚଳ ଗୁମ୍ମା ସିଆରସିସି ଇନ୍ଦ୍ରଦ୍ୟୁମ୍ନ ବିଷୋୟୀଙ୍କ ଅଧକ୍ଷତାରେ କ୍ଲଷ୍ଟର ଲେବଲ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଞ୍ଚଳ ଗୁମା ସରପଞ୍ଚ ଶ୍ରୀମତୀ କୁସୁମା ପୂଜାରୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ତେନ୍ତୁଳିଖୁଣ୍ଟି ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ମୋହନ ମଧୁସୁଦନ ବାଘ୍ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମଟି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସାରଦା ପ୍ରସନ୍ନ ପାତ୍ର ଙ୍କ ସଭାପତିତ୍ୱରେ ହୋଇ ଥିବାବେଳେ ସ୍କୁଲର ସଭାପତି ଗଗନ ଟାକ୍ରି, ନାଏବ ସରପଞ୍ଚ ମଙ୍ଗଳ ଦେଇ ନାୟକ ଓ ପଞ୍ଚାୟତର ୱାର୍ଡ ମେମ୍ବର ମାନେ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟ କ୍ରମ ଆଞ୍ଚଳିକ ସାଧନକେନ୍ଦ୍ର ଅଞ୍ଚଳଗୁମା ଅନ୍ତର୍ଗତ ୧୦ ଗୋଟି ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ଟିଏଲଏମ ପ୍ରଦର୍ଶନ କରାଯାଇଥିଲା । ଏଥିପାଇଁ ୪ଟି ଷ୍ଟଲ ମଧ୍ୟ ହୋଇଥିଲା ।୧୦ ଗୋଟି ବିଦ୍ୟାଳୟ ର ୮୫ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଏହା ଦ୍ୱାରା ପ୍ରଥମ ରୁ ତୃତୀୟ ଶ୍ରେଣୀ ଛାତ୍ର ଛାତ୍ରୀ ମାନେ ଶ୍ରେଣୀ ଅନୁଯାୟୀ ଦକ୍ଷତା ହାସଲ କରିବା ସହିତ ବିଶ୍ଳେଷଣାତ୍ମକ୍ ଓ ସର୍ଜନାତ୍ମକ ଚିନ୍ତନ ପରି ଉଚ୍ଚ ସ୍ତରୀୟ କୌଶଳ ହାସଲ କରି ଭବିଷ୍ୟତରେ ଏକ ଉତ୍ତମ ଦାୟିତ୍ୱ ସମ୍ପନ୍ନ ଓ ସକ୍ରିୟ ନାଗରିକ ହୋଇ ପାରିବେ । ଯାହାଫଳରେ ଛାତ୍ର ଛାତ୍ରୀ ମାନେ ସାମାଜିକ ଓ ଆର୍ଥିକ ସମସ୍ୟାର ସମାଧାନ କରି ପାରିବେ। ଛାତ୍ର ଛାତ୍ରୀମାନଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତା ବୃଦ୍ଧି କରି ସେମାନଙ୍କ ସର୍ବାଙ୍ଗିନ ବିକାଶ ତଥା ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମରେ ଗୋଷ୍ଠୀ ର ସହଯୋଗ ଓ ସଚେତନ କରିବା ହେଉଛି ଏହି ନିପୁଣ ଓଡ଼ିଶାର ମୁଖ୍ୟ ଲକ୍ଷ୍ୟ । ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଆବଶ୍ୟକତା ବିଷୟରେ ଛାତ୍ର ଛାତ୍ରୀ ଓ ଅଭିଭବକ ମାନଙ୍କୁ ବିସ୍ତୃତ ଭାବରେ ବୁଝାଇଥିଲେ । ଏଥିପାଇଁ ଅଭିଭାବକ ମାନଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ରହିଛି । ଏହି କର୍ଯ୍ୟକ୍ରମରେ ଅଞ୍ଚଳ ଗୁମ୍ମା କ୍ଲଷ୍ଟର୍ ସମସ୍ତ ସ୍କୁଲ ର ୨୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସିଆରସିସି ଇନ୍ଦ୍ରଦ୍ୟୁମ୍ନ ବିଷୋୟୀ ପରିଚାଳନା କରିବା ସହ ପରିଶେଷରେ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ ।

# ମୌଳିକ ସମସ୍ୟା ଘେରରେ ଜାଙ୍ଗଯୋଡ଼ି ଗ୍ରାମ

ରାୟଗଡା(ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ଓ ବିଷମକଟକ ବ୍ଲକ ସୀମାନ୍ତ ରେ ଥିବା ଜାଙ୍ଗଯୋଡି ଗ୍ରାମ ମୌଳିକ ସମସ୍ୟା ଭିତରେ ଛନ୍ଦି ହୋଇ ରହିଥିବା ଦେଖିବାକୁ ମିଳିଛି। ଉକ୍ତ ଗ୍ରାମକୁ କଲ୍ୟାଣସିଂହପୁର ବ୍ଲକ ସୁନାଖଣ୍ଡି ପଞ୍ଚାୟତ ରାଇଲିମା ଠାରୁ ଯିବାକୁ ହେଲେ ଦୁର୍ଗମ ଅଙ୍କା ବଙ୍କା ପଥୁରିଆ ଘାଟି ରାସ୍ତା ରହିଛି । ବିଷମକଟକ କୁର୍ଲି ପଞ୍ଚାୟତ ଠାରୁ ପ୍ରାୟ ୧୦ କିମି ଦୂର ଦୁର୍ଗମ ଘାଟି ରାସ୍ତା ତଳେ ରହିଛି ଜାଙ୍ଗଯୋଡି ଗ୍ରାମ । ଗ୍ରାମବାସୀ ରାସ୍ତା ପାଇଁ ବାରମ୍ବାର ବ୍ଲକ ଓ ଜିଲା ପ୍ରଶାସନକୁ ଗୁହାରି କରିବା ପରେ ପ୍ରାୟ୩ବର୍ଷ ପୂର୍ବରୁ ଟେଣ୍ଡର ମାଧ୍ୟମରେ ଚାଟିକଣା ଠାରୁ ଜାଙ୍ଗଯୋଡି ୧୦କିମି ପର୍ଯ୍ୟନ୍ତ ପ୍ରାୟ ୬କୋଟି ଟଙ୍କାର ରାସ୍ତା କାର୍ଯ୍ୟ କରିବାକୁ ଠିକାଦାର ନେଇଥିଲେ । ଉକ୍ତ କାର୍ଯ୍ୟକୁ ଠିକାଦାର କିଛି ଦୂରତା ପର୍ଯ୍ୟନ୍ତ କାମ କରି କୌଣସି କାରଣରୁ କାମ ବନ୍ଦକରି ଦେଇଛନ୍ତି । ଏହାକୁ ନେଇ ଗ୍ରାମବାସୀ ତୁରନ୍ତ କାର୍ଯ୍ୟ କରିବାପାଇଁ ଦାବି କରିଛନ୍ତି । ଉକ୍ତ ଗ୍ରାମରେ ରାସ୍ତା ନଥିବାରୁ ଶିକ୍ଷକ ମାନେ ଯାଉନଥିବା କହିଛନ୍ତି । ୨୦୧୦ ମସିହାରେ ପ୍ରାଥମିକ ବିଦ୍ୟାଳୟର ସ୍ଥାପିତ ହୋଇଛି । ଉକ୍ତ ବିଦ୍ୟାଳୟରେ ଦୁଇଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି । ମାତ୍ର ସେହିମାନେ ମାସକୁ ଥରେ ଲେଖାଏଁ ଯାଉଥିବା ଗ୍ରାମବାସୀ କହିଛନ୍ତି । କାରଣ ରାସ୍ତା ଖରାପ ରହିଥିବାରୁ ଶିକ୍ଷକମାନେ ନିୟମିତ ବିଦ୍ୟାଳୟକୁ ଯାଉନଥିବା ମଧ୍ୟ ଗାଁ ଲୋକେ କହିଛନ୍ତି । ଏହି ଗ୍ରାମରେ ମୋଟ ୪୦ଘର ରହିଛି । ୩୦ଘର ଆଦିବାସୀ ଓ ୧୦ଘର ହରିଜନ (ଡମ୍ବ) ସମ୍ପ୍ରଦାୟର ଲୋକମାନେ ମୋଟ ୪୦୦ ଜନ ସଂଖ୍ୟା ରହିଛନ୍ତି । ଶିକ୍ଷକ ନ ଆସିବାରୁ ପିଲାମାନେ ପାଠ ନ ପଢି ଘର କାମରେ, ଗାଈଗୋରୁ ଚୋରାଇବା କାମ ରେ ଲିପ୍ତ ରହୁଛନ୍ତି। ଗାଁରେ ଅଙ୍ଗନ ବାଡ଼ି କେନ୍ଦ୍ର ରହିଛି ।କିନ୍ତୁ ମାସକୁ କି ଦୁଇ ମାସକୁ ଥରେ ପିଲାଙ୍କୁ ଛତୁଆ ,ଅଣ୍ଡା ଓ ପୁଷ୍ଟିକର ଖାଦ୍ୟ ଦିଆଯାଉଛି । ଏହି ଗ୍ରାମରେ ପ୍ରାୟ ୩୦ ଘରକୁ ଏକ ବର୍ଷ ହେବ ଆବାସ ଗୃହ ନିମନ୍ତେ କାର୍ଯ୍ୟାଦେଶ ମିଳିଛି । ଉଭୟ ପାର୍ଶ୍ୱର ରାସ୍ତା ଖରାପ ଘାଟି ହୋଇଥିବାରୁ ସିମେଣ୍ଟ, ବାଲି ,ଇଟା ଆସି ପାରୁ ନ ଥିବା ଯୋଗୁଁ ଘର ତିଆରି କରିବାରେ ବିଳମ୍ବ ହେଉଥିବା ଗ୍ରାମବାସୀ କହିଛନ୍ତି । ଏହି ଗ୍ରାମର ଲୋକମାନେ ଜଙ୍ଗଲ ଜାତ ଦ୍ରବ୍ୟ ଯଥା ହଳଦୀ, ମହୁଲ ,ଝୁଣା, ଝାଡ଼ୁ, ଅଦା,କନ୍ଦା,କଞ୍ଚା କଦଳୀ ,ସପୁରୀ , ଛତୁ , ଶିଆଳି ଦୌଡ଼ି, ଶିଆଳି ପତ୍ର ସଂଗ୍ରହ କରି ଚାଟିକଣାକୁ ନେଇ ବିକ୍ରି କରି ସେହି ପଇସାରେ ପରିବାର ଭରଣ ପୋଷଣ କରୁଥିବା ଗ୍ରାମର ଗଦା ହୁଇକା, ଜେମା ହୁଇକା, ସମ୍ବାରୁ ହୁଇକା, ବୁଦୁରୁ ହୁଇକା, ଝିମି ହୁଇକା, ମାଣ୍ଡି ହୁଇକା ପ୍ରମୁଖ ଅଭିଯୋଗ କରିଛନ୍ତି । ଏସମ୍ପର୍କରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନବୀନ ଖରାଙ୍କୁ ପଚାରିବାରୁ ସେ କହିଲେ ରାସ୍ତା ଖରାପ ଯୋଗୁଁଯାଉନଥିବେ । ଜାନୁୟାରୀ ଠାରୁ ନିୟମିତ ବିଦ୍ୟାଳୟକୁ ଯିବା ପାଇଁ ତାଗିଦ କରିଛି। ଆଞ୍ଚଳିକ ସାଧନ ସଂଯୋଜକ ଙ୍କୁ ପରିଦର୍ଶନ କରିବାକୁ କୁହାଯାଇଛି । ଯଦି ଶିକ୍ଷକ ମାନେ ଯାଉ ନାହାଁନ୍ତି ତାହାର ତଦନ୍ତ କରିବି ବୋଲି କହିଛନ୍ତି । (ଆରଡ଼ି ) ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ମହେନ୍ଦ୍ର କାଲେଟଙ୍କୁ ପଚାରିବାରୁ ସେ କହିଛନ୍ତି ପୁରଣା କାର୍ଯ୍ୟ ବିଳମ୍ବ ହେବାରୁ ତାହାକୁ ବନ୍ଦ କରି ନୂତନ ଭାବେ ଟେଣ୍ଡର କରିବା ପାଇଁ ସରକାରଙ୍କୁ ଅବଗତ କରାଯାଇଛି ।ଏହାର ନିର୍ଦ୍ଦେଶ ଆସିଲେ କାର୍ଯ୍ୟର ଟେଣ୍ଡର କରାଯିବ ବୋଲି ସୂଚନା ଦେଇଛନ୍ତି ।





ନୂଆଦିଲ୍ଲୀ: ନିର୍ବାଚନ ସମୟରେ ପ୍ରତି ମତଦାନ କେନ୍ଦ୍ରର ଭିଡିଓ ରେକର୍ଡିଂକୁ ସଂରକ୍ଷିତ କରି ରଖିବାକୁ ସୁପ୍ରିମକୋର୍ଟ ନିର୍ବାଚନ ଆୟୋଗ (ଇସି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ଓ ବିଚାରପତି ସଞ୍ଜୟ କୁମାରଙ୍କୁ ନେଇ ଗଠିତ ପୀଠ ଇନ୍ଦୁ ପ୍ରକାଶ ସିଂହଙ୍କ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ମତଦାନ କେନ୍ଦ୍ରରେ ଭୋଟ ଦେଉଥିବା ଭୋଟରଙ୍କ ସଂଖ୍ୟାରେ ଅହେତୁକ ବୃଦ୍ଧିକୁ ନେଇ ସିଂହ ଚ୍ୟାଲେଞ୍ଜ କରିବା ପୂର୍ବକ ପିଆଇଏଲ୍ ଦାୟର କରିଥିଲେ। ସିଂହ ତାଙ୍କ ଆବେଦନରେ ଦର୍ଶାଇଥିଲେ ଯେ ଜଣେ ଭୋଟର ଗୋଟିଏ ଇଭିଏମ୍‌ରେ ମତଦାନ କରିବାକୁ ୬୦ରୁ ୯୦ ସେକେଣ୍ଡ ସମୟ ନେଇଥାନ୍ତି। ଗୋଟିଏ ଦିନରେ ୧୧ ଘଣ୍ଟା ମତଦାନ ହୋଇଥାଏ। ଏହି ହାରରେ ଗୋଟିଏ ମତଦାନ କେନ୍ଦ୍ରରେ ଗୋଟିଏ ଇଭିଏମ୍‌ରେ ସର୍ବାଧିକ ୬୬୦ ଭୋଟର ମତଦାନ କରିପାରିବେ। ମାତ୍ର କେତେକ ମତଦାନ କେନ୍ଦ୍ରରେ ୧୨୦୦ରୁ ୧୫୦୦ ଭୋଟର ମତଦାନ କରିବା ଭଳି ତଥ୍ୟ ଆସୁଥିବାରୁ ସିଂହ ଏହାକୁ ଚ୍ୟାଲେଞ୍ଜ କରିଛନ୍ତି।

# ସହରକୁ ବିକାଶ କେନ୍ଦ୍ର ପାଇଁ ୧ଲକ୍ଷ କୋଟି ଟଙ୍କାର ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ




ନୂଆଦିଲ୍ଲୀ: କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ ଶନିବାର ସଂସଦରେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ କରିବା ଅବସରରେ କହିଛନ୍ତି ଯେ ଗତ ଜୁଲାଇ ବଜେଟରେ ସହରକୁ ବିକାଶ କେନ୍ଦ୍ର ଭାବେ ଘୋଷଣା କରାଯାଇଥିବା ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ଏକ ଲକ୍ଷ କୋଟି ଟଙ୍କାର ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ୍ ଗଠନ କରିବେ। ଏହି ପାଣ୍ଠି ବଣ୍ଡ, ବ୍ୟାଙ୍କ ଋଣ ଏବଂ ପିପିପି ମାଧ୍ୟମରେ ଅତି କମରେ ୫୦ ପ୍ରତିଶତ ଅର୍ଥ ପ୍ରଦାନ କରିବା ସର୍ତ୍ତରେ ବିଶ୍ୱସନୀୟ ପ୍ରକଳ୍ପଗୁଡ଼ିକର ମୂଲ୍ୟର ୨୫ ପ୍ରତିଶତ ପର୍ଯ୍ୟନ୍ତ ଅର୍ଥ ପ୍ରଦାନ କରିବ ବୋଲି ସେ ଉଲ୍ଲେଖ କରିଛନ୍ତି। ଏବାବଦରେ ୨୦୨୫-୨୬ ବର୍ଷ ପାଇଁ ୧୦ ହଜାର କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରହିଛି। ବଜେଟରେ ମୌଳିକ ଭୂସ୍ଥାନୀୟ ଭିତ୍ତିଭୂମି ଏବଂ ଡାଟା ବିକାଶ ପାଇଁ ନ୍ୟାସନାଲ ଜିଓସ୍ପେସାଲ ମିଶନ ଆରମ୍ଭ କରିବାକୁ ପ୍ରସ୍ତାବ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଗତି ଶକ୍ତିର ଉପଯୋଗ କରି ଏହି ମିଶନ ଜମି ରେକର୍ଡର ଆଧୁନିକୀକରଣ, ସହରୀ ଯୋଜନା ଏବଂ ଭିତ୍ତିଭୂମି ପ୍ରକଳ୍ପର ଡିଜାଇନକୁ ସକ୍ଷମ କରିବ। ଶ୍ରୀମତୀ ସୀତାରମଣ କହିଥିଲେ ଯେ ସରକାର ସହରାଞ୍ଚଳଗରିବ ଏବଂ ଦୁର୍ବଳ ଗୋଷ୍ଠୀଙ୍କୁ ସହାୟତାକୁ ପ୍ରାଥମିକତା ଦେଉଛନ୍ତି। ସହରାଞ୍ଚଳର ଶ୍ରମିକମାନଙ୍କର ଆୟ ବୃଦ୍ଧି, ସ୍ଥାୟୀ ଜୀବିକା ହାସଲ ଏବଂ ସେମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବା ପାଇଁ ଏକ ଯୋଜନା କାର୍ଯ୍ୟକାରୀ କରାଯିବ। ଅନଲାଇନ୍ ପ୍ଲାଟଫର୍ମରେ ଗିଗ୍ କର୍ମଚାରୀମାନେ ନୂତନ ଯୁଗର ସେବା ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଗତିଶୀଳତା ପ୍ରଦାନ କରନ୍ତି। ସେମାନଙ୍କ ଅବଦାନକୁ ସ୍ୱୀକୃତି ଦେଇ ଆମ ସରକାର ସେମାନଙ୍କ ପରିଚୟ ପତ୍ର ଏବଂ ଇ-ଶ୍ରମ ପୋର୍ଟାଲରେ ପଞ୍ଜୀକରଣର ବ୍ୟବସ୍ଥା କରିବେ। ସେମାନଙ୍କୁ ପିଏମ୍ ଜନ ଆରୋଗ୍ୟ ଯୋଜନା ଅଧୀନରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ। ଏହି ପଦକ୍ଷେପ ଦ୍ୱାରା ପାଖାପାଖି ୧ କୋଟି ଗିଗ୍ ଶ୍ରମିକଙ୍କୁ ସହାୟତା ମିଳିବ ବୋଲି ଆଶା କରାଯାଉଛି। ଅର୍ଥମନ୍ତ୍ରୀ ଗୁରୁତ୍ୱାରୋପ କରି କହିଛନ୍ତି ଯେ ପିଏମ ସ୍ୱନିଧି ଯୋଜନା ଉଚ୍ଚ ସୁଧରେ ଅନୌପଚାରିକ କ୍ଷେତ୍ର ଋଣରୁ ମୁକ୍ତି ପ୍ରଦାନ କରି ୬.୮ ନିୟୁତ ଷ୍ଟ୍ରିଟ୍ ଭେଣ୍ଡରଙ୍କୁ ଉପକୃତ କରିଛି। ଏହି ସଫଳତାକୁ ଦୃଷ୍ଟିରେ ରଖି ବ୍ୟାଙ୍କରୁ ବର୍ଦ୍ଧିତ ଋଣ, ୩୦,୦୦୦ ଟଙ୍କା ସୀମା ସହିତ ୟୁପିଆଇ ଲିଙ୍କ୍ କ୍ରେଡିଟ୍ କାର୍ଡ ଏବଂ ଦକ୍ଷତା ବିକାଶ ସହାୟତା ସହିତ ଏହି ଯୋଜନାର ନବୀକରଣ କରାଯିବ।

## ବାର୍ଷିକ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଲାଗୁ ହେବ ନାହିଁ

୨୦୨୫-୨୬ ବଜେଟରେ ପ୍ରଥମେ ବିଶ୍ୱାସ, ପରେ ଯାଞ୍ଚ ଦର୍ଶନ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ ମଧ୍ୟବିତ୍ତବର୍ଗଙ୍କ ଉପରେ ଆସ୍ଥା ପ୍ରକଟ କରାଯାଇଛି ଏବଂ ସାଧାରଣ ଟିକସଦାତାଙ୍କୁ ଟିକସ ବୋଝରୁ ମୁକ୍ତି ଦେବାର ଧାରା ଜାରି ରହିଛି। କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ସଂସଦରେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ କରି ସମସ୍ତ ଟିକସଦାତାଙ୍କୁ ଫାଇଦା ଦେବା ପାଇଁ ଟିକସ ସ୍ଲାବ୍ ଏବଂ ଦରରେ ଉଲ୍ଲେଖନୀୟ ପରିବର୍ତ୍ତନ ପ୍ରସ୍ତାବ ଦେଇଛନ୍ତି। ଟିକସଦାତାଙ୍କୁ ଖୁସି ଖବର ଦେଇ ଅର୍ଥମନ୍ତ୍ରୀ କହିଛନ୍ତି ଯେ ନୂଆ ଟିକସ ବ୍ୟବସ୍ଥା ଅନୁଯାୟୀ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ (ଅର୍ଥାତ୍ କ୍ୟାପିଟାଲ ଗେନ୍ ଭଳି ସ୍ୱତନ୍ତ୍ର ହାର ଆୟକୁ ବାଦ୍ ଦେଇ ହାରାହାରି ଏକ ଲକ୍ଷ ଟଙ୍କା ମାସିକ ଆୟ ଉପରେ) ଉପରେ କୌଣସି ଆୟକର ଆଦାୟ କରାଯିବ ନାହିଁ। ୭୫,୦୦୦ ଟଙ୍କାର ଷ୍ଟାଣ୍ଡାର୍ଡ ଡିଡକ୍ସନ ଯୋଗୁଁ ବେତନଭୋଗୀ ଟିକସଦାତାଙ୍କ ପାଇଁ ଛାଡ଼ସୀମା ୧୨.୭୫ ଲକ୍ଷ ଟଙ୍କା ରହିବ। ସ୍ଲାବ୍ ହାର ହ୍ରାସର ଲାଭ ବ୍ୟତୀତ ଟିକସ ରିହାତି ଏପରି ଭାବେ ଯୋଗାଇ ଦିଆଯାଉଛି ଯେ ସେମାନଙ୍କୁ କୌଣସି ଟିକସ ଦେବାକୁ ପଡ଼ିବ ନାହିଁ ବୋଲି ସେ କହିଛନ୍ତି। ଶ୍ରୀମତୀ ସୀତାରମଣ କହିଛନ୍ତି ଯେ ନୂତନ ଟିକସ ଢାଞ୍ଚା ମଧ୍ୟବିତ୍ତଙ୍କ ଉପରେ ଟିକସ ବୋଝକୁ ଯଥେଷ୍ଟ ହ୍ରାସ କରିବ ଏବଂ ସେମାନଙ୍କ ହାତରେ ଅଧିକ ଟଙ୍କା ଉପଲବ୍ଧ କରାଇବ, ଯାହା ଦ୍ୱାରା ଘରୋଇ ବ୍ୟବହାର, ସଞ୍ଚୟ ଏବଂ ନିବେଶକୁ ପ୍ରୋତ୍ସାହନ ମିଳିବ। ନୂଆ ଟିକସ ବ୍ୟବସ୍ଥା ଅନୁଯାୟୀ, ଅର୍ଥମନ୍ତ୍ରୀ ଟିକସ ହାର ଢାଞ୍ଚାରେ ନିମ୍ନଲିଖିତ ସଂଶୋଧନ ପ୍ରସ୍ତାବ ଦେଇଛନ୍ତି:

# ସୀମାରେ ଅନୁପ୍ରବେଶ ଉଦ୍ୟମକାରୀଙ୍କ ଶବ ଜବତ



ପୁଞ୍ଛ: ନିୟନ୍ତ୍ରଣ ରେଖାରେ ଆତଙ୍କବାଦୀଙ୍କ ବିରୋଧରେ ଭାରତୀୟ ସେନାଙ୍କ ଅଭିଯାନ ରାତିରେ ଆରମ୍ଭ ହୋଇଥିଲା। ପାଖାପାଖି ୨୦ ଘଣ୍ଟା ଧରି ଚାଲିଥିବା ଏହି ଅପରେସନରେ ପ୍ରାଣ ହରାଇଥିବା ଆତଙ୍କବାଦୀଙ୍କୁ ପାକିସ୍ତାନ ବର୍ଡର ଆକ୍ସନ ଟିମ୍ (ବ୍ୟାଟ୍) ସଦସ୍ୟ ସନ୍ଦେହ କରାଯାଉଛି। ତେବେ ସେନା ଏ ନେଇ କୌଣସି ଅଧିକାରୀକ ବୟାନ ଜାରି କରିନାହିଁ। ରଖହବେଲୀ କ୍ଷେତ୍ରରେ ପାକ୍ ଅଧିକୃତ ଅଞ୍ଚଳରୁ ୪ରୁ ୫ ଜଣ ଆତଙ୍କବାଦୀ ଅନୁପ୍ରବେଶ ଉଦ୍ୟମ କରିଥିଲେ। ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁ ସେନା ବିଫଳ କରିଦେଇଥିଲା। ସେନା ଯବାନମାନଙ୍କ କାର୍ଯ୍ୟାନୁଷ୍ଠାନରେ ୨ ଆତଙ୍କବାଦୀ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଘଟଣା ପରେ ରାତିତମାମ ଅଞ୍ଚଳରେ ଗୁଳି ବିନିମୟ ଜାରି ଥିଲା। ଶୁକ୍ରବାର ସକାଳେ ତଲାସୀ ଅଭିଯାନ ଚଳାଯିବା ବେଳେ ୨ ଆତଙ୍କବାଦୀଙ୍କ ଶବ ମିଳିଥିଲା। ଘଟଣା ସ୍ଥଳରେ ସେନା ବିପୁଳ ପରିମାଣରେ ଖାଦ୍ୟପଦାର୍ଥ ସାଙ୍ଗକୁ ଅସ୍ତ୍ରଶସ୍ତ୍ର ଜବତ କରିଛି। ସେନା କାର୍ଯ୍ୟାନୁଷ୍ଠାନରେ ଜଣେ ଆତଙ୍କବାଦୀ ଆହତ ହୋଇଥିବା ଅନୁମାନ କରାଯାଉଛି। ସମ୍ପୃକ୍ତ ଅଞ୍ଚଳରେ ଆହତ ଆତଙ୍କବାଦୀର ସନ୍ଧାନ ଜାରି ରହିଛି। ଜଣେ ଆତଙ୍କବାଦୀକୁ ଆଉଜଣେ କାନ୍ଧରେ ବୋହି ପାକିସ୍ତାନ ସୀମା ଆଡକୁ ନେଇଯାଇଥିବା ଦେଖାଯାଇଛି। ତେବେ ପ୍ରାଣ ହରାଇଥିବା ଆତଙ୍କବାଦୀଙ୍କୁ ପାକିସ୍ତାନ ବର୍ଡର ଆକ୍ସନ ଟିମ୍‌ର ସଦସ୍ୟ ବୋଲି ଅନୁମାନ କରାଯାଉଛି, ଯେଉଁମାନେ ନିକଟରେ ବର୍ଡର ଅଞ୍ଚଳରେ ବୁଲି ରେକି କରି ଯାଇଥିଲେ।

# ଯୁବବର୍ଗଙ୍କ ଉଜ୍ଜ୍ୱଳ ଭବିଷ୍ୟ ପାଇଁ ଗୁଣବତ୍ତାପୂର୍ଣ୍ଣ ଭୋଜନ, ଶିକ୍ଷା ଓ ସୁବିଧା ଉପଲବ୍ଧ ପ୍ରାଥମିକତା




ରାୟପୁର: ଦେଶରେ ପାଖାପାଖି ୩୦ କୋଟି ଶିଶୁ ଏବଂ ଯୁବବର୍ଗ ବିଭିନ୍ନ ସ୍ତରରେ ଶିକ୍ଷା ନେଉଛନ୍ତି। ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଗୁଣବତ୍ତା ଭୋଜନ, ଉତ୍ତମ ଶିକ୍ଷା ଏବଂ ସୁବିଧା ଉପଲବ୍ଧ କରାଇବା ଆମ ସମସ୍ତଙ୍କ ପାଇଁ ପ୍ରାଥମିକତା ହେବା ଉଚିତ୍। ଏହାକୁ ଦୃଷ୍ଟିରେ ରଖି ନୂଆ ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ସାରା ଦେଶରେ ଲାଗୁ କରାଯାଇଛି। ସେଥିରେ ଦକ୍ଷତା ବିକାଶକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଭାରତକୁ ୫ ଟ୍ରିଲିୟନ୍ ଅର୍ଥ ବ୍ୟବସ୍ଥାରେ ପରିଣତ କରିବା ପାଇଁ ଯୁବବର୍ଗଙ୍କ ମହତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାୟପୁରସ୍ଥିତ ଇନ୍ଦିରା ଗାନ୍ଧି କୃଷି ବିଶ୍ୱବିଦ୍ୟାଳୟର ୧୦ମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ କହିଛନ୍ତି ରାଜ୍ୟପାଳ ରମଣ ଡେକା। ଶ୍ରୀ ଡେକା ଏବଂ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଏହି ସମାରୋହରେ ସାମିଲ ହୋଇ ବିଶ୍ୱବିଦ୍ୟାଳୟ ପରିସରରେ ସ୍ଥାପନ କରାଯାଇଥିବା ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ସମାରୋହରେ ଛତିଶଗଡ଼ କୃଷିମନ୍ତ୍ରୀ ରାମବିଚାର ନେତମ୍ ଏବଂ ଇଣ୍ଟରନ୍ୟାସନାଲ ସେଣ୍ଟର ଫର ଜେନେଟିକ୍ ଇଞ୍ଜିନିୟରିଂ ଏବଂ ବାୟୋ ଟେକ୍ନୋଲୋଜିର ପୂର୍ବ ମହାନିର୍ଦ୍ଦେଶକ ବାଙ୍ଗାଶିବା ରେଡ୍ଡୀ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟର ସଭାଗୃହରେ ଆୟୋଜିତ ଏହି ଗରିମାମୟ ଦୀକ୍ଷାନ୍ତ ସମାରୋହରେ ୨୦୨୨-୨୩ ଏବଂ ୨୦୨୩-୨୪ ବର୍ଷରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ପଦକ ଓ ଉପାଧି ପ୍ରଦାନ କରାଯାଇଥିଲା। ୧୬ଜଣ ମେଧାବୀଙ୍କୁ ସ୍ୱର୍ଣ୍ଣ, ୧୮ଜଣଙ୍କୁ ରୌପ୍ୟ ଏବଂ ଚାରିଜଣଙ୍କୁ କାଂସ୍ୟ ପଦକ ପ୍ରଦାନ କରାଯାଇଥିଲା। ଏଥିସହ ୪୨୦୦ ଗ୍ରାଜୁଏଟ୍ ଓ ପୋଷ୍ଟ ଗ୍ରାଜୁଏଟ୍ ଏବଂ ପିଏଚ୍‌ଡିଧାରୀଙ୍କୁ ସମ୍ମାନିତ କରାଯାଇଥିଲା।

## ଜଳ ଜୀବନ ମିଶନ ପାଇଁ ବଜେଟ୍ ବ୍ୟୟବରାଦ ୬୭,୦୦୦ କୋଟି ଟଙ୍କାକୁ ବୃଦ୍ଧି

ନୂଆଦିଲ୍ଲୀ: ଶନିବାର ସଂସଦରେ କେନ୍ଦ୍ର ବଜେଟ୍ ୨୦୨୫-୨୬ ଉପସ୍ଥାପନ କରିଥିବା ବେଳେ କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ ଜଳ ଜୀବନ ମିଶନ ପାଇଁ ମୋଟ ବଜେଟ ବ୍ୟୟବରାଦ ୬୭,୦୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ସେ କହିଛନ୍ତି ଯେ ମିଶନ ଅବଧିକୁ ୨୦୨୮ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇଛି। ନିର୍ମଳା ସୀତାରମଣ କହିଛନ୍ତି ଯେ ୨୦୧୯ ମସିହାରୁ ଭାରତର ଗ୍ରାମାଞ୍ଚଳର ୮୦ ପ୍ରତିଶତ ପ୍ରତିନିଧିତ୍ୱ କରୁଥିବା ୧୫ କୋଟି ପରିବାର ଜଳ ଜୀବନ ମିଶନ ଦ୍ୱାରା ଉପକୃତ ହୋଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ମିଶନ ଅଧିନରେ ଟ୍ୟାପ୍ ଜଳ ସଂଯୋଗ ଯୋଗାଇ ଦିଆଯାଉଛି ଏବଂ ଆଗାମୀ ତିନିବର୍ଷ ମଧ୍ୟରେ ଶତ ପ୍ରତିଶତ ଲକ୍ଷ୍ୟ ହାସଲ କରାଯାଇ ପାରିବ। ଜଳ ଜୀବନ ମିଶନର ଫୋକସ ଜନ ଭାଗିଦାରୀ ମାଧ୍ୟମରେ ଗ୍ରାମୀଣ ପାଇପ୍ ଜଳ ଯୋଗାଣ ଯୋଜନାର ଗୁଣାତ୍ମକ ଭିତ୍ତିଭୂମି ଏବଂ ଓ ଆଣ୍ଡ୍ ଏମ୍ ଉପରେ ରହିଛି। ସ୍ଥାୟୀ ଏବଂ ନାଗରିକ-କୈନ୍ଦ୍ରିକ ଜଳ ସେବା ବିତରଣକୁ ସୁନିଶ୍ଚିତ କରିବା ପାଇଁ ରାଜ୍ୟ /କେନ୍ଦ୍ରଶାସିତ ଅଞ୍ଚଳ ସହିତ ପୃଥକ ବୁଝାମଣା ସ୍ୱାକ୍ଷରିତ ହେବ ବୋଲି ଶ୍ରୀମତୀ ସୀତାରମଣ ସୂଚନା ଦେଇଛନ୍ତି।

## କୁମ୍ଭମେଳାରୁ ଫେରିବା ବେଳେ ନେପାଳ ପର୍ଯ୍ୟଟକଙ୍କ ଗାଡି ଦୁର୍ଘଟଣାଗ୍ରସ୍ତ: ୫ ମୃତ



ପାଟନା: ବିହାରର ମୁଜାଫରପୁରରେ ମହାକୁମ୍ଭରୁ ଫେରୁଥିବା ନେପାଳର ଶ୍ରଦ୍ଧାଳୁଙ୍କ ସହ ଏକ ବଡ଼ ଦୁର୍ଘଟଣା ଘଟିଛି। ଏକ ବାଇକ୍‌କୁ ବଞ୍ଚାଇବାକୁ ଚେଷ୍ଟା କରିବା ସମୟରେ, ଶ୍ରଦ୍ଧାଳୁମାନଙ୍କୁ ନେଇ ଯାଉଥିବା ଏକ ସ୍କର୍ପିଓ ଓଲଟି ପଡିଥିଲା। ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ସମୟରେ ସ୍କର୍ପିଓର ବେଗ ଘଣ୍ଟା ପ୍ରତି ୧୦୦ କିଲୋମିଟରରୁ ଅଧିକ ବୋଲି କୁହାଯାଉଛି। ସଦର ଥାନା ଅଞ୍ଚଳର ମଧୁବନୀ ମନ୍ଦିର ନିକଟ ଚାରି ଲେନ ରାସ୍ତାରେ ଏହି ଦୁର୍ଘଟଣା ଘଟିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଜଣେ ବାଇକ୍ ଚାଳକ ହଠାତ୍ ଦ୍ରୁତ ଗତିରେ ଯାଉଥିବା ଗାଡ଼ି ସାମ୍ନାକୁ ଆସିଗଲେ। ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରୁଥିବା ସମୟରେ ଡ୍ରାଇଭର ହଠାତ୍ ନିୟନ୍ତ୍ରଣ ହରାଇଲେ ଏବଂ କାରଟି ଡିଭାଇଡର୍ ସହିତ ଧକ୍କା ହେଲା। ଏହା ପରେ କାରଟି ଓଲଟି ପଡ଼ିଥିଲା। ଏହା ପରେ ପୁଲିସକୁ ସୂଚନା ଦିଆଯାଇଥିଲା। ପୁଲିସ ମୃତକଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା କରୁଛି। କୁହାଯାଉଛି ଯେ ସମସ୍ତ ଆହତ ନେପାଳର ଜନକପୁର ଅଞ୍ଚଳର ବାସିନ୍ଦା।

# ବାଣିଜ୍ୟ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପୂର୍ବତଟ ରେଳପଥ ପକ୍ଷରୁ ଶନିବାର ଭୁବନେଶ୍ୱରର ରେଳ ଅଡିଟୋରିୟମଠାରେ ବିଶିଷ୍ଟ ରେଳସେବା ପୁରସ୍କାର ୨୦୨୪ ମହୋତ୍ସବ ପାଳନ କରି ଏହାର କର୍ମଚାରୀଙ୍କ ଅତୁଳନୀୟ ସେବା ତଥା ଉତ୍ସର୍ଗୀକୃତତାକୁ ସମ୍ମାନିତ କରିଛି। ମୋଟ ୪୯ ରେଳ କର୍ମଚାରୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇ ସ୍ୱୀକୃତି ଦିଆଯିବା ସହ ବିଭିନ୍ନ ରେଳମଣ୍ଡଳ ଏବଂ ରେଳ ୟୁନିଟର କାର୍ଯ୍ୟଦକ୍ଷତା ପାଇଁ ବିଭିନ୍ନ ଦକ୍ଷତା ସିଲ୍ଡ ପ୍ରଦାନ କରାଯାଇଛି। ଉତ୍ସବରେ ରେଳବାଇ କର୍ମଚାରୀଙ୍କୁ ଉଦବୋଧନ ଦେଇ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସେମାନଙ୍କ ଅତୁଳନୀୟ ପ୍ରତିବଦ୍ଧତା ଏବଂ ଦାୟିତ୍ୱ ପୂରଣ କରିବାରେ ଅତୁଳନୀୟ ଉଦ୍ୟମ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ବିଶିଷ୍ଟ ରେଳ ସେବା ପୁରସ୍କାର ୨୦୨୪ ସମାରୋହରେ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ (ଇକୋରୋ)ର ସଭାପତି କବିତା ଫୁଙ୍କୱାଲ, ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରା, ସମସ୍ତ ବିଭାଗୀୟ ପ୍ରମୁଖ ଓ ବରିଷ୍ଠ ଅଧିକାରୀ ଓ ମଣ୍ଡଳ ରେଳବାଇ ପ୍ରବନ୍ଧକ ଯୋଗ ଦେଇଥିଲେ। ରେଳପଥର ବରିଷ୍ଠ ଉପ ମହାପ୍ରବନ୍ଧକ ତଥା ମୁଖ୍ୟ ସତର୍କତା ଅଧିକାରୀ ବି.କେ.ମିଶ୍ର ଅତିଥିଙ୍କୁ ସ୍ୱାଗତ କରିବା ସହ ପୁରସ୍କାରର ମହତ୍ତ୍ୱ ଉପରେ ଆଲୋକପାତ କରିଥିବାବେଳେ ଉପ ମହାପ୍ରବନ୍ଧକ କେ.କେ.ଖାଡ଼ଙ୍ଗା ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରି ଧନ୍ୟବାଦ ଅର୍ପଣ କରିଥିଲେ।

# ଆଚାର୍ଯ୍ୟକୁଳମ୍‌ରେ ବିଦ୍ୟାର୍ଥୀଙ୍କ ଶିକ୍ଷାରୋହଣ ପାବନ ଉତ୍ସବ




ହରିଦ୍ୱାର: ଆଚାର୍ଯ୍ୟକୁଳମ୍ ହେଉଛି ବିଶ୍ୱର ଏକମାତ୍ର ଶିକ୍ଷଣୀୟ ସଂସ୍ଥା, ଯେଉଁଠାରେ ଯୋଗ ଏବଂ ଆଧ୍ୟାତ୍ମ ପ୍ରାପ୍ତ କରି ବିଦ୍ୟାର୍ଥୀମାନେ ସଂସ୍କାରି ହୋଇଥାନ୍ତି। ଶନିବାର ପରମ ପୂଜ୍ୟନୀୟ ସ୍ୱାମୀ ରାମଦେବଜୀ ମହାରାଜ ଏବଂ ପରମ ଶ୍ରଦ୍ଧେୟ ଆଚାର୍ଯ୍ୟ ବାଳକୃଷ୍ଣଜୀଙ୍କ ଦ୍ୱାରା ସ୍ଥାପିତ

PATANJALI

ଆବାସିକ ବିଦ୍ୟାଳୟ ଆଚାର୍ଯ୍ୟକୁଳମ୍‌ରେ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ବିଦ୍ୟାର୍ଥୀଙ୍କ ଦୀକ୍ଷରୋହଣ ପାବନ ଉତ୍ସବ ବୈଦିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷା ସଂସ୍ଥାନ ପକ୍ଷରୁ ୧୩କୁଣ୍ଡିୟ ବିଶେଷ ଯଜ୍ଞର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପରମ ପୂଜ୍ୟ ସ୍ୱାମୀଜୀ ମହାରାଜ ଏବଂ ପରମ ଶ୍ରଦ୍ଧେୟ ଆଚାର୍ଯ୍ୟ ବାଳକୃଷ୍ଣଜୀ ଉପସ୍ଥିତ ରହିଥିଲେ। ଏହି ଶିକ୍ଷାବର୍ଷରେ ୫୭ବାଳକ ଏବଂ ୪୦ ବାଳିକାଙ୍କ ସହିତ ମୋଟ ୯୭ଶିକ୍ଷାର୍ଥୀଙ୍କ ଦୀକ୍ଷାରୋହଣ ସମ୍ପନ୍ନ ହୋଇଥିଲା। ମନ୍ତ୍ର ଉଚ୍ଚାରଣ ସହିତ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କୁ ସ୍ୱାମୀଜୀ ସ୍ୱାଗତ ଜଣାଇବା ସହ ପ୍ରଦୀପ ପ୍ରଜ୍ୱଳନ ସହ ଏହି ସମାରୋହକୁ ଉଦ୍‌ଘାଟନ କରିଥିଲେ। ଆଚାର୍ଯ୍ୟକୁଳମ୍‌ର ପ୍ରବନ୍ଧକ ତଥା ଉପାଧକ୍ଷା ଡକ୍ଟର ଋତୁମ୍ଭରା ଶାସ୍ତ୍ରୀ ଭଉଣୀ ଏବଂ ସ୍ୱାତୀ ମୁନ୍‌ସୀ ପ୍ରମୁଖ ଯୋଗଦେଇ ବିଦ୍ୟାର୍ଥୀମାନଙ୍କ ଶୁଭକାମନା କରିବା ସହିତ ଶୁଭାଶିଷ ପ୍ରଦାନ କରିଥିଲେ। ଏହି ଅବସରରେ ପତଞ୍ଜଳି ବିଶ୍ୱବିଦ୍ୟାଳୟର କୁଳ ସଚିବ ତଥା ଡିନ୍ ସ୍ୱାଧ୍ୱୀ ଦେବପ୍ରିୟାଜୀ, ଦିଦି ଆଶୁଜୀ, ଦିଦି ପାରୁଲଜୀ, ବିଶିଷ୍ଟ ଅତିଥି ସ୍ନେହାଜୀ, ପତଞ୍ଜଳି ସଂସ୍ଥାନର ସୌଧ ବିଶେଷଜ୍ଞ ଡାକ୍ତର ଅନୁରାଗଜୀ, ଭାରତୀୟ ଶିକ୍ଷାବୋର୍ଡର କାର୍ଯ୍ୟକାରୀ ଅଧ୍ୟକ୍ଷ ଏନ୍.ପି.ସିଂହ, ଭାରତୀୟ ସ୍ୱାଭିମାନ ଏବଂ ପତଞ୍ଜଳି ମିଡିଆ ମୁଖ୍ୟ ରାକେଶ ମିତ୍ତଲ ପ୍ରମୁଖ ଉପସ୍ଥିତ ଥିଲେ।

# ‘ମହିଳା କପାଚାଷୀଙ୍କ ନେତୃତ୍ୱରେ ପରିଚାଳିତ ଗ୍ରାମସଭା ଜଳାଭାବ ପ୍ରତି ଦୃଷ୍ଟି ଦେଉଛି’



ଖପ୍ରାଖୋଲ(ଭାସ୍କର ନ୍ୟୁଜ): ଅଟକି ରହିଥିବା ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରି ଜଳସେଚିତ ଚାଷଜମି ପରିମାଣ ତିନିଗୁଣ ବୃଦ୍ଧି ଘଟାଇବା କାର୍ଯ୍ୟ ସୁନିଶ୍ଚିତ କରିବା ଏବଂ ୨୦୨୯ ସୁଦ୍ଧା ଜଳସେଚନ ଯୋଜନାଗୁଡିକର ପରିପୂର୍ଣ୍ଣତା ସମ୍ପୂର୍ଣ୍ଣ କରିବାକୁ ରାଜ୍ୟ ସରକାର ପ୍ରତିବଦ୍ଧ ରହିଛନ୍ତି। ଏକ ଉଲ୍ଲେଖନୀୟ ଘଟଣାରେ ପ୍ରଥମ କରି ଖପ୍ରାଖୋଲ ବ୍ଲକ ପଡିଆବାହାଲ ଗ୍ରାମ ପଞ୍ଚାୟତରେ ୧୧୦ ମହିଳା କପାଚାଷୀ ଏକ ସ୍ୱତନ୍ତ୍ର ଗ୍ରାମସଭା ଆହୂତ କରିବାକୁ ଆଗେଇ ଆସିଛନ୍ତି, ଯାହା ଉକ୍ତ ଅଞ୍ଚଳରେ ଜଳାଭାବ ଭଳି ଏକ ଧ୍ୟାନ ଆକର୍ଷଣକାରୀ ସମସ୍ୟା ସମ୍ପର୍କରେ ଦୃଷ୍ଟିପାତ କରୁଛି। ଉକ୍ତ ଅଞ୍ଚଳରେ କପା ଏକମାତ୍ର ଫସଲ ଭାବେ ଚାଷ କରାଯାଉଥିବା ବେଳେ ତାହା ଚାଷୀଙ୍କ ବର୍ଷତମାମ ଜୀବନ ଉପାର୍ଜନର ମେରୁଦଣ୍ଡ ଭାବରେ ପରିଗଣିତ ହେଉଛି ଏବଂ ଜଳସେଚନ ଏକ ଜରୁରି ଆବଶ୍ୟକତା ହୋଇଛି। ସଭାରେ ସରପଞ୍ଚ, ୧୧ ୱାର୍ଡ ସଦସ୍ୟ, ଗ୍ରାମ ପଞ୍ଚାୟତ ସ୍ତରୀୟ ମହାସଂଘ ସଭାପତି, ୮ କ୍ଲଷ୍ଟର ରିସୋର୍ସ ପର୍ସନ ଏବଂ ଏମ୍‌ବିକେମାନେ ଯୋଗ ଦେଇଥିବା ବେଳେ ମହିଳା ଚାଷୀ ଜଳାଭାବ ପରିସ୍ଥିତି ଦୂର କରିବାକୁ ବାସ୍ତବ ସମାଧାନ ସମ୍ପର୍କରେ ସକ୍ରିୟ ଆଲୋଚନା କରିଥିଲେ। ଦେଧରା, ସାନଉଦେନ୍, ପଡିଆବାହାଲ ଓ ପାଚେର ଗ୍ରାମର ମହିଳା ଚାଷୀ ଜଳସେଚନ ଚାନେଲର ଚିତ୍ର ଉପସ୍ଥାପନ କରିଥିଲେ, ଯେଉଁଥିରେ ସେମାନେ ୯ଟି ଉଠା ଜଳସେଚନ ପଏଣ୍ଟ ସ୍ଥାପନ ନିମନ୍ତେ ପ୍ରସ୍ତାବ ଦେଇଛନ୍ତି, ଯଦ୍ଦ୍ୱାରା ଜମ୍‌ଜୋର ନାଳ (ଅପର୍ ସୁକତେଲର ଏକ ଶାଖା)ରୁ ସେମାନେ ଜଳ ସଂଗ୍ରହ କରିପାରିବେ ଏବଂ ୭୦ ଏକର ଜମିରେ କପା ଚାଷ ପାଇଁ ଜଳ ଯୋଗାଇ ଦେବେ।

## ଆରଏସ୍‌ପି ହଟ୍ ଷ୍ଟ୍ରିପ୍ ମିଲ୍-୨ ଦ୍ୱାରା ଶ୍ରେଷ୍ଠ ମାସିକ ଉତ୍ପାଦନ ରେକର୍ଡ



ରାଉରକେଲା(ଭାସ୍କର ନ୍ୟୁଜ): ସେଲ୍ ରାଉରକେଲା ଇସ୍ପାତ କାରଖାନାର ହଟ୍ ଷ୍ଟ୍ରିପ୍ ମିଲ୍-୨ (ଏଚଏସଏମ-୨), ବିଭାଗ ୨୦୨୫ ଜାନୁଆରୀ ମାସରେ ନୂତନ ରେକର୍ଡ ସ୍ଥାପନ ସହ ସ୍ଲାବ୍ ଓଜନ ଏବଂ କଏଲ୍ ଓଜନ ଦୃଷ୍ଟିରୁ ଶ୍ରେଷ୍ଠ ମାସିକ ଉତ୍ପାଦନ ହାସଲ କରିଛି। ଏହି ମାସରେ ମିଲ୍ ୨,୫୩,୬୮୦ ଟନ୍ ସ୍ଲାବ୍ ରୋଲିଙ୍ଗ ପୂର୍ବକ ୨,୪୭,୪୯୩ ଟନ୍ କଏଲ୍ ଉତ୍ପାଦନ କରିଛି ଯାହା ଅକ୍ଟୋବର ୨୦୨୪ ରେ ରେକର୍ଡ ହୋଇଥିବା ଏହାର ପୂର୍ବ ଶ୍ରେଷ୍ଠ ୨,୩୯,୩୨୦ ଟନ୍ ସ୍ଲାବ୍ ରୋଲିଙ୍ଗ ଏବଂ ୨,୩୨,୯୩୪ ଟନ୍ କଏଲ୍ ଉତ୍ପାଦନକୁ ଅତିକ୍ରମ କରିଛି। ଉଲ୍ଲେଖନୀୟ ସଫଳତା ନିମନ୍ତେ ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଏଚଏସଏମ-୨ ବିଭାଗ ପରିଦର୍ଶନ କରିବା ସହ ସମ୍ପୃକ୍ତ ଦଳଙ୍କୁ ଅଭିନନ୍ଦନ ଜଣାଇଥିଲେ। ତାଙ୍କ ସହ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ପଲାଇ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ସୁଦୀପ ପାଲ ଚୌଧୁରୀ ଏବଂ ବିକ୍ରୟ ଓ ଏସଆରଏମ ବିଭାଗର ସିଜିଏମ ସିଦ୍ଧାର୍ଥ ବାନାର୍ଜୀ ଉପସ୍ଥିତ ଥିଲେ। ଏହି ଅବସରରେ ବହୁ ମୁଖ୍ୟ ମହାପ୍ରବନ୍ଧକ, ବିଭାଗ ମୁଖ୍ୟ, ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏଚଏସଏମ-୨ ଓ ଆନୁଷଙ୍ଗିକ ବିଭାଗ ସିଜିଏମ ସୁବ୍ରତ କୁମାର ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ଏହି ସଫଳତାର ଆଧାର ବିଷୟରେ ସୂଚନା ଦେଇଥିଲେ। ଶ୍ରୀ ବର୍ମା ଏଚଏସଏମ-୨ ବିଭାଗର ଉଲ୍ଲେଖନୀୟ ସଫଳତା ପାଇଁ ନିଜର ଖୁସି ବ୍ୟକ୍ତ କରିବା ସହିତ ସମସ୍ତ ସହାୟକ ବିଭାଗର ସମନ୍ୱୟ, ଦଳଗତ କାର୍ଯ୍ୟ ଏବଂ ଉତ୍ସର୍ଗଭାବକୁ ପ୍ରଶଂସା କରିଥିଲେ। ତରୁଣ ମିଶ୍ର ନିଜର ବକ୍ତବ୍ୟରେ ବିଭାଗ ଆଗାମୀ ମାସଗୁଡ଼ିକ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟ ହାସଲ କରାପାରିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ବିଶ୍ୱରଞ୍ଜନ ପଲାଇ ସିଟ୍ ସିୟରିଂ ଲାଇନର ରେକର୍ଡକୁ ପ୍ରଶଂସା କରିବା ସହିତ ଆରଏସପିର ଏଚଏସଏମ ବିଭାଗକୁ ସଫଳତାର ମଶାଲବାହକ ରୂପରେ ବର୍ଣ୍ଣନା କରିଥିଲେ। ସୁଦୀପ ପାଲ ଚୌଧୁରୀ, ରକ୍ଷଣାବେକ୍ଷଣ ଏବଂ ସହାୟତା ବିଭାଗଗୁଡ଼ିକର ଉତ୍କୃଷ୍ଟ ପ୍ରଦର୍ଶନ ଉପରେ ଆଲୋକପାତ କରି ସୁଗମ କାର୍ଯ୍ୟ ସୁନିଶ୍ଚିତ କରିବାରେ ଉକ୍ତ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକାର ପ୍ରଶଂସା କରିଥିଲେ। ସିଦ୍ଧାର୍ଥ ବାନାର୍ଜୀ ଏଚଏସଏମ-୨ ବିଭାଗକୁ ପ୍ରଶଂସା କରି କହିଥିଲେ ଯେ ଏହି ବିଭାଗ ଏକ ସଫଳତାର ନୂତନ ରେକର୍ଡ ସ୍ଥାପନ କରିଛି ଯାହା ଭବିଷ୍ୟତର ଉନ୍ନତି ପାଇଁ ପଥ ସୁଗମ କରିବ।

## ଓଲା ପକ୍ଷରୁ ନୂଆ ଏସ୍ ୧ ଜେନ୍ ୩ ପୋର୍ଟଫୋଲିଓର ଶୁଭାରମ୍ଭ



କଟକ(ଭାସ୍କର ନ୍ୟୁଜ): ଭାରତର ସର୍ବବୃହତ ପ୍ୟୋର-ପ୍ଲେ ଇଭି କମ୍ପାନୀ ଓଲା ଇଲେକ୍ଟ୍ରିକ ପକ୍ଷରୁ ଶନିବାର ଏହାର ଏସ୍୧ ଜେନ ୩ ପୋର୍ଟଫୋଲିଓ ଲଞ୍ଚ୍ କରାଯାଇଛି ଯାହା ଇଭି ଟେକ୍ନୋଲୋଜିକୁ ନେକ୍ସଟ ଲେଭେଲ ବା ପରବର୍ତ୍ତୀ ସ୍ତରକୁ ନେଇଛି। ଆଡ୍‌ଭାନ୍ସଡ ଜେନ ୩ ପ୍ଲାଟଫର୍ମ ଉପରେ ନିର୍ମିତ ନୂଆ ପୋର୍ଟଫୋଲିଓର ମୂଲ୍ୟ ଏବେ ଏସ୍୧ ଏକ୍ସ (୨କେଡବ୍ଲ୍ୟୁଏଚ) ପାଇଁ ୭୯,୯୯୯ ଟଙ୍କାରୁ ଆରମ୍ଭ ହେଉଛି ଏବଂ ଏସ୍୧ ପ୍ରୋ+ ୫.୩ କେଡବ୍ଲ୍ୟୁଏଚ୍ ପାଇଁ ୧୬୯,୯୯୯ ଟଙ୍କା ରହିଛି (ପ୍ରାରମ୍ଭିକ ମୂଲ୍ୟ)। ଏହି ଲଞ୍ଚ ସମ୍ପର୍କରେ ଓଲା ଇଲେକ୍ଟ୍ରିକର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଭାବିଶ ଅଗ୍ରୱାଲ କହିଛନ୍ତି, ଆମର ପ୍ରଥମ ପିଢିର ସ୍କୁଟରଗୁଡିକ ସହ ଆମେ ଗ୍ରାହକଙ୍କୁ ବାସ୍ତବରେ ଏକ ଆକାଂକ୍ଷିତ ଇଲେକ୍ଟ୍ରିକ ସ୍କୁଟର ପ୍ରଦାନ କରୁଛି ଯାହା ଦେଶରେ ଇଭି ବିପ୍ଳବର ଆରମ୍ଭ କରିଥିଲା। ଜେନ ୨ ସହିତ ଆମେ ପ୍ରତ୍ୟେକ ମୂଲ୍ୟ ବର୍ଗରେ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସ୍କୁଟର ସହ ଆମର ପୋର୍ଟଫୋଲିଓକୁ ବିସ୍ତାର କରି ଆମର ସ୍କୁଟରଗୁଡିକୁ ସ୍ମାର୍ଟ ଓ ଅଧିକ ପହଞ୍ଚଯୋଗ୍ୟ କରିଛୁ। ଆଜି ଜେନ ୩ ସହିତ ଆମେ ଇଭି ୨ଡବ୍ଲ୍ୟୁ ଶିଳ୍ପକୁ ନେକ୍ସଟ ଲେଭେଲକୁ ନେଇଛି। ଜେନ ୩ ଅତୁଳନୀୟ ପ୍ରଦର୍ଶନ, ଉନ୍ନତ ଦକ୍ଷତା ଓ ଆମେ ନିଜ ପାଇଁ ସୃଷ୍ଟି କରିଥିବା ପୁନଃଆବିଷ୍କୃତ ବେଞ୍ଚମାର୍କ ଆଣିଛି ଯାହା ଶିଳ୍ପକୁ ପୁଣିଥରେ ପରିବର୍ତ୍ତନ କରିବ।

# ନିୟୁ ହୋଣ୍ଡା ସିଟି ଆପେକ୍ସ ଏଡିସନ୍‌ର ବଜାର ପ୍ରବେଶ




ନୂଆଦିଲ୍ଲୀ: ଭାରତରେ ଏକ ଅଗ୍ରଣୀ ପ୍ରିମିୟମ କାର୍ ନିର୍ମାତା ହୋଣ୍ଡା କାରସ୍ ଇଣ୍ଡିଆ ଲିମିଟେଡ (ଏଚସିଆଇଏଲ) ତାହାର ଲୋକପ୍ରିୟ ହୋଣ୍ଡା ସିଟି ମଡେଲର ଏକ ନୂଆ ଆପେକ୍ସ ଏଡିସନ୍ ବଜାର ପ୍ରବେଶ କରାଇଛି। ଆପେକ୍ସ ଏଡିସନ୍ ସୀମିତ ସଂଖ୍ୟାରେ ଉପଲବ୍ଧ ହେଉଛି ଏବଂ ଏହା ଉଭୟ ମାନୁଆଲ ଟ୍ରାନ୍ସମିଶନ (ଏମଟି) ଓ କଣ୍ଟିନିଓସଲି ଭାରିଏବଲ ଟ୍ରାନ୍ସମିଶନ (ସିଭିଟି)ରେ ଯୋଗାଇ ଦିଆଯିବ ଏବଂ ଏହା ହୋଣ୍ଡା ସିଟିର ଭି ଏବଂ ଭିଏକ୍ସ’ ଗ୍ରେଡ ଉପରେ ଆଧାରିତ। ଦେଶରେ ଦୀର୍ଘକାଳରୁ ଚଳାଚଳ କରୁଥିବା ହୋଣ୍ଡା ସିଟି ୧୯୯୮ରେ ପ୍ରଥମ କରି ପ୍ରଚଳନ ହେବା ଦିନଠାରୁ ତାହାର ଏହି ଶ୍ରେଣୀରେ ଅଗ୍ରଣୀ ଡିଜାଇନଗତ ପରିବର୍ତ୍ତନ ଏବଂ ପ୍ରଯୁକ୍ତିଗତ ଉନ୍ନତିସାଧନ ପାଇଁ ଗ୍ରାହକଙ୍କୁ ଆନନ୍ଦ ପ୍ରଦାନ କରିଆସୁଛି। ସିଟିର ଷ୍ଟାଇଲିଶ୍ ଏବଂ ଆରାମଦାୟକ ଡିଜାଇନ ଉପରେ ନିର୍ମିତ ଏବଂ ତାହାସହିତ ଭି ଓ ଭିଏକ୍ସ ଗ୍ରେଡ ସହିତ ଅଧିକ ମୂଲ୍ୟଯୁକ୍ତ କରି ଆପେକ୍ସ ସଂସ୍କରଣ (ଏଡିସନ) ନୂତନ ପରିବର୍ଦ୍ଧିତ ପ୍ରିମିୟମ ପ୍ୟାକେଜ ସହିତ ଆସୁଛି ଯାହା ସମସ୍ତ କଳର ବିକଳ୍ପରେ ଯୋଗାଇ ଦିଆଯିବ। ହୋଣ୍ଡା ସିଟିର ଆପେକ୍ସ ଏଡିସନ୍ ସମ୍ପର୍କରେ ପ୍ରକାଶ କରି କୁନାଲ ବେହଲ, ଭାଇସ ପ୍ରେସିଡେଣ୍ଟ, ମାର୍କେଟିଂ ଆଣ୍ଡ ସେଲ୍ସ, ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ କହିଥିଲେ, ହୋଣ୍ଡା ସିଟି ଏକ ଅତ୍ୟନ୍ତ ମଜଭୁତ ଆକାଂକ୍ଷିତ ବ୍ରାଣ୍ଡ୍ ଏବଂ ହୋଣ୍ଡା କାରସ୍ ଇଣ୍ଡିଆ ପାଇଁ ପ୍ରମୁଖ ବ୍ୟବସାୟିକ ସ୍ତମ୍ଭ ହୋଇଛି। ଆପେକ୍ସ ଏଡିସନ୍ ବଜାର ପ୍ରବେଶ ସହିତ ଆମେ ଆମ ଗ୍ରାହକଙ୍କୁ ଅଧିକ ପରିବର୍ଦ୍ଧିତ ଏବଂ ପ୍ରିମିୟମ ପ୍ୟାକେଜ ଯୋଗାଇଦେବା ଲକ୍ଷ୍ୟ ରଖିଛୁ। ଆମେ ଦୃଢ ନିଶ୍ଚିତ ଯେ ଗ୍ରାହକମାନେ ଏହି ନୂଆ ଏଡିସନ୍‌କୁ ପସନ୍ଦ କରିବେ, ଏବଂ ଏଥିସହିତ ଆମେ ହୋଣ୍ଡା ପରିବାରକୁ ଅଧିକରୁ ଅଧିକ ଗ୍ରାହକଙ୍କୁ ସ୍ୱାଗତ କରିବାକୁ ଅପେକ୍ଷା କରୁଛୁ।

ଓଡ଼ିଶା ଭାସ୍କର
ODISHA BHASKAR
# ଖେଳ ଖବର






କେନ୍ଦ୍ରାପଡା, (ଭାସ୍କର ନ୍ୟୁଜ୍): ଜାତୀୟ ସ୍ତରୀୟ ପଞ୍ଚମ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ ପକ୍ଷରୁ ଶନିବାର ଏକ ବାଳିକା ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ କେନ୍ଦ୍ରାପଡା ଜିଲ୍ଲାର ଆଳି ଆଥଲେଟିକ ଆସୋସିଏସନ୍ ଯାଜପୁରର ସ୍ପୋର୍ଟସ ଆଣ୍ଡ ଆଡଭେଞ୍ଚର କ୍ଲବକୁ ୬-୦ ଗୋଲରେ ହରାଇ ବିଜୟୀ ହୋଇଛି। ଫକିରାବାଦ ଲକି ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ଖେଳପଡିଆରେ କ୍ଲବର ସଭାପତି ମହମ୍ମଦ ସଲିମ ଖାନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ କେନ୍ଦ୍ରାପଡା ପୌରପରିଷଦର ପୌରାଧ୍ୟକ୍ଷା ସରିତା ସାହୁ ମୁଖ୍ୟଅତିଥି, ଟାଉନ ଥାନା ଅଧିକାରୀ ଦିଲ୍ଲିପ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ଖେଳପଡିଆକୁ ଯାଇ ଉଭୟ ଦଳର ଖେଳାଳୀମାନଙ୍କ ସହ ହାତମିଳାଇ ଶୁଭେଚ୍ଛା ଜଣାଇଥିଲେ। ଆଜିର ଏହି ପ୍ରଦର୍ଶନୀ ମ୍ୟାଚରେ ଆଳି ଆଥଲେଟିକ ଆସୋସିଏସନ୍ ଯାଜପୁରର ସ୍ପୋର୍ଟସ ଆଣ୍ଡ ଆଡଭେଞ୍ଚର କ୍ଲବକୁ ୬-୦ ଗୋଲରେ ହରାଇ ବିଜୟୀ ହୋଇଛି। ଏହି ମ୍ୟାଚ୍‌କୁ ରେଫରୀ ଭାବେ ପ୍ରଦୀପ୍ତ କୁମାର ମହାନ୍ତି, ମହମ୍ମଦ ସାକଲିନ, ସୁକାନ୍ତ ସିଂ ଓ ମହମ୍ମଦ ମୋକିମ ପ୍ରମୁଖ ପରିଚାଳନା କରିଥିଲେ। ରବିବାର ଅନୁଷ୍ଠିତ ହେବାକୁ ଥିବା ଫାଇନାଲ୍ ମ୍ୟାଚରେ କଟକର ମା'ମଙ୍ଗଳା କ୍ଲବ କେନ୍ଦ୍ରାପଡାର ଚାନ୍ଦ କ୍ଲବକୁ ଭେଟିବ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର କାର୍ଯ୍ୟକାରୀ ସଭାପତି ମହମ୍ମଦ ନିଆଜ, ସାଧାରଣ ସମ୍ପାଦକ ସେକ ସାହାବୁଲ୍ଲା, ଉପସଭାପତି ମହମ୍ମଦ ଆଝାରୁଦ୍ଦିନ ପ୍ରମୁଖ ମଞ୍ଚାସୀନ ଥିଲେ। କ୍ଲବର ଉପଦେଷ୍ଟା ସୟଦ ଅକମଲ ଅଲ୍ଲୀ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ବାରବାଟୀ ଦିନିକିଆ ପାଇଁ ରବିବାରଠୁ ଅନ୍‌ଲାଇନ୍ ଟିକେଟ୍ ବିକ୍ରି



କଟକ, (ଭାସ୍କର ନ୍ୟୁଜ୍): କଟକ ସହରର ବାରବାଟି ଷ୍ଟାଡ଼ିୟମରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ବହୁ ପ୍ରତୀକ୍ଷିତ ଦିବାରାତ୍ର କ୍ରିକେଟ୍ ଦିନିକିଆ ମ୍ୟାଚ୍ ପାଇଁ ଟିକେଟ୍ ଫେବୃଆରୀ ୨ରୁ ଅନଲାଇନରେ ଉପଲବ୍ଧ ହେବ। ଏହି ସମ୍ବନ୍ଧରେ କ୍ରୀଡ଼ା ଏବଂ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ୪,୦୦୦ ଟିକେଟ୍ ଅନଲାଇନରେ ବିକ୍ରୟ ପାଇଁ ବ୍ୟବସ୍ଥା କରାଯାଇଛି ଏବଂ ଫେବୃଆରୀ ୨ରୁ ଏହି ପ୍ରକ୍ରିୟା ଆରମ୍ଭ ହେବ। ଦୁଇଦିନ ପାଇଁ ଅଫଲାଇନରେ ଟିକେଟ୍ ବିକ୍ରି ଅନୁଷ୍ଠିତ ହେବ ବୋଲି ପ୍ରକାଶ କରି ସେ କହିଛନ୍ତି ଯେ, କ୍ରିକେଟ୍ ପ୍ରେମୀମାନେ ଫେବୃଆରୀ ୫ ଏବଂ ୬ ତାରିଖରେ ବାରବାଟି ଷ୍ଟାଡ଼ିୟମର କାଉଣ୍ଟରରୁ ଆଗାମୀ ଭାରତ-ଇଂଲଣ୍ଡ ଦିନିକିଆ ପାଇଁ ଟିକେଟ୍ କିଣିପାରିବେ। କାଉଣ୍ଟର ବିକ୍ରୟ ପୂର୍ବରୁ, ଅନଲାଇନରେ କିଣା ପାଇଁ ୪,୦୦୦ ଟିକେଟ୍ ପ୍ରଦାନ କରାଯିବ। ଏହି ପଦକ୍ଷେପ ଟେକ୍-ସାଭୀ କ୍ରିକେଟ୍ ପ୍ରେମୀମାନଙ୍କୁ ସେମାନଙ୍କର ସ୍ଥାନ ଶୀଘ୍ର ସୁରକ୍ଷିତ କରିବାକୁ ଆଗ୍ରହୀ କରିବ ବୋଲି ଆଶା କରାଯାଉଛି। ଏକ ନୂତନ ବୈଶିଷ୍ଟ୍ୟରେ, ୯ଫେବୃଆରୀ, ୨୦୨୫ ରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ହେବାକୁ ଥିବା ମ୍ୟାଚ୍ ପାଇଁ ପ୍ରଥମ ଥର ପାଇଁ ବାରବାଟୀ ଷ୍ଟାଡ଼ିୟମ ପରିସରରେ ଏକ ଫ୍ୟାନ୍ ପାର୍କ ସ୍ଥାପନ କରାଯିବ। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ମ୍ୟାଚ୍-ଡେ ଅଭିଜ୍ଞତାକୁ ବୃଦ୍ଧି କରିବା, ଦର୍ଶକଙ୍କ ପାଇଁ ମନୋରଞ୍ଜନ ଏବଂ ସୁବିଧା ଯୋଗାଇବା।

## ଗତ ବର୍ଷ ତୁଳନାରେ କ୍ରୀଡ଼ା ବଜେଟ୍‌ରେ ୩୫୨ କୋଟି ଟଙ୍କା ବୃଦ୍ଧି



ନୂଆଦିଲ୍ଲୀ: କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଶନିବାର ୨୦୨୫-୨୬ ପାଇଁ ସାଧାରଣ ବଜେଟ୍ ଉପସ୍ଥାପନ କରିଛନ୍ତି। ଏଥିରେ କ୍ରୀଡ଼ା ପାଇଁ ୩୭୯୪.୩୦ କୋଟି ଟଙ୍କା ବ୍ୟୟ ମଞ୍ଜୁର କରାଯାଇଛି। ଯାହା ଗତ ବର୍ଷ ତୁଳନାରେ ୩୫୨ କୋଟି ଟଙ୍କା ଅଧିକ ରହିଛି। କ୍ରୀଡ଼ା ବଜେଟ୍‌ରେ ସରକାରଙ୍କ ପ୍ରମୁଖ ଯୋଜନା ଖେଲୋ ଇଣ୍ଡିଆକୁ ବେଶ୍ ଫାଇଦା ମିଳିଛି। ତୃଣମୂଳସ୍ତରରେ କ୍ରୀଡ଼ାକୁ ପ୍ରୋତ୍ସାହନ ଦେଉଥିବା ଏହି କାର୍ଯ୍ୟକ୍ରମ ପାଇଁ କେନ୍ଦ୍ରୀୟ ବଜେଟ୍‌ରେ ସବୁଠୁ ଅଧିକ ଅର୍ଥରାଶି ଆବଣ୍ଟିତ କରାଯାଇଛି। ଆସନ୍ତାବର୍ଷ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସୀୟ କ୍ରୀଡ଼ାର ଆୟୋଜନ କରାଯିବ। ତେଣୁ କ୍ରୀଡ଼ା ମନ୍ତ୍ରଣାଳୟର ବଜେଟ୍‌ରେ ଗତବର୍ଷ ତୁଳନାରେ ୩୫୨ କୋଟି ଟଙ୍କା ବୃଦ୍ଧି କରାଯାଇଛି। ଏଥର କ୍ରୀଡ଼ା ବଜେଟ୍ ୩୭୯୪.୩୦ କୋଟି ଟଙ୍କାର ରହିଛି, ଯାହା ଗତବର୍ଷ ୩,୪୪୨.୩୨ କୋଟି ଟଙ୍କା ରହିଥିଲା। କ୍ରୀଡ଼ା ମନ୍ତ୍ରଣାଳୟ ପାଇଁ ୨୦୨୩ ବଜେଟ୍‌ରେ ୩,୩୯୬.୯୬ କୋଟି ଟଙ୍କାର ବ୍ୟବସ୍ଥା ରହିଥିଲା। ପ୍ରଧାନମନ୍ତ୍ରୀ ଧନଧାନ୍ୟ ଯୋଜନା କ୍ରୀଡ଼ା ମନ୍ତ୍ରଣାଳୟ ଏଥର ବଜେଟ୍‌ରେ ଖେଲୋ ଇଣ୍ଡିଆ ପାଇଁ ୧୦୦୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଗତ ବର୍ଷ ୨୦୨୪-୨୫ରେ ଖେଲୋ ଇଣ୍ଡିଆ ପାଇଁ ୯୦୦ କୋଟି ଟଙ୍କା ଆବଣ୍ଟିତ କରାଯାଇଥିଲା। ସରକାର ଗତ କିଛି ବର୍ଷ ହେବ ଖେଲୋ ଇଣ୍ଡିଆରେ ଅଧିକ ଅର୍ଥ ନିବେଶ କରୁଛନ୍ତି ଯଦ୍ୱାରା ସମଗ୍ର ଦେଶର କୋଣ ଅନୁକୋଣରୁ ପ୍ରତିଭାଙ୍କ ଚିହ୍ନଟ କରାଯାଇ ସେମାନଙ୍କ କ୍ୟାରିୟର ଗଢ଼ାଯାଇ ପାରିବ। ୨୦୨୩-୨୪ବଜେଟରେ ପାଖାପାଖି ୪୦୦ କୋଟିରୁ ଅଧିକ ବଢାଯାଇ ଖେଲୋ ଇଣ୍ଡିଆ ପାଇଁ ୧୦୦୦ କୋଟି ବ୍ୟୟବରାଦ କରାଯାଇଥିଲା। କିନ୍ତୁ ପରେ ଏହାକୁ ସଂଶୋଧିତ କରାଯାଇ ୮୮୦ ଟଙ୍କା କରାଯାଇଥିଲା। ଖେଲୋ ଇଣ୍ଡିଆ ୨୦୧୮ର ଆରମ୍ଭ ହେବା ପରେ ସରକାର ଏଥିରେ ଆହୁରି କ୍ରୀଡ଼ା କାର୍ଯ୍ୟକ୍ରମକୁ ଯୋଡ଼ିବା ଜାରି ରଖିଛନ୍ତି। ମନ୍ତ୍ରଣାଳୟ ସେହି ବର୍ଷ ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ା ଓ ୨୦୨୩ରେ ଖେଲୋ ଇଣ୍ଡିଆ ପାରା କ୍ରୀଡ଼ା ଆରମ୍ଭ କରିବା ସହିତ ୨୦୨୦ରେ ଖେଲୋ ଇଣ୍ଡିଆ ବିଶ୍ୱ ବିଦ୍ୟାଳୟ ଆରମ୍ଭ କରିଥିଲେ। ସମଗ୍ର ଦେଶରେ ଶତାଧିକ ଖେଲୋ ଇଣ୍ଡିଆ ରାଜ୍ୟ ଉତ୍କୃଷ୍ଟତା କେନ୍ଦ୍ର ସ୍ଥାପନ କରାଯାଇଛି। ଏହାର ଉଦ୍ଦେଶ୍ୟ ପ୍ରତିଭାଶାଳୀ ଉଦୀୟମାନ ଖେଳାଳିଙ୍କୁ ଆନୁସଙ୍ଗିକ ସୁବିଧା ପ୍ରଦାନ କରିବା। ଖେଲୋ ଇଣ୍ଡିଆର ଅନେକ ଆଥଲେଟ୍ ଅଲିମ୍ପିକ୍ସ ଦଳରେ ମଧ୍ୟ ସାମିଲ ହୋଇଛନ୍ତି। ଧିନିଧି ଦେସିଙ୍ଘୁ ହେଉଛନ୍ତି ଏହାର ସବୁଠୁ ବଡ଼ ଉଦାହରଣ।

## ମହାବୀର ୟୁଥକ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସେମିରେ ଉତ୍କଳିକା ଦଳ




ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ମଞ୍ଜୁରୀରୋଡ ମହାବୀର ୟୁଥକ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ ଜେ.ସି.ସି ଭଦ୍ରକ ଓ ବାସୁଦେବ ପୁର ଉତ୍କଳିକା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜେ.ସି.ସି ଭଦ୍ରକ ଟସ ଜିଣି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଉତ୍କଳିକା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୦୦ ରନ ସ୍କୋର କରିଥିଲା। ଦଳର ବ୍ୟାଟ୍ସମ୍ୟାନ ମାନସ ମହାଲିକ ୯୩ ରନ ଓ ରୋନାଲ୍ଡୋ ଦାସ ୩୧ ରନ ହାସଲ କରିଥିଲେ। ପ୍ରତିପକ୍ଷ ବୋଲର ପ୍ରୀତମ ଦାସ ୪ ଓଭର ବୋଲିଂ କରି ୪୨ ରନ ବିନିମୟରେ ୨ଉଇକେଟ ଓ ଅଜିତ ପଲାଇ ୪ ଓଭର ବୋଲିଂ କରି ୩୩ ରନ ଦେଇ ୨ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଜେ.ସି.ସି. ଭଦ୍ରକ ୧୯ ଓଭରରେ ସମସ୍ତ ଉଇକେଟ ହରାଇ ୧୬୮ ରନ କରି ଶୋଚନୀୟ ଭାବେ ପରାଜିତ ହୋଇଥିଲା। ବ୍ୟାଟ୍ସମ୍ୟାନ ଅଂଶୁମାନ ମହାନ୍ତି ୬୨ ରନ ସ୍କୋର କରିଥିଲେ। ବୋଲର ରାକେଶ ପଣ୍ଡା ୪ ଓଭର ବୋଲିଂ କରି ୩୮ରନ ଦେଇ ୨ ଉଇକେଟ ଓ ରୋନାଲ୍ଡୋ ଦାସ ୪ଓଭର ବୋଲିଂ କରି ୨୯ରନ ଦେଇ ୩ଉଇକେଟ ହାସଲ କରିଥିଲେ। ମାନସ ମହାଲିକ ମ୍ୟାନ ଅଫ ଦି ମ୍ୟାଚ ଓ ହାଟ୍ରିକ ସିକ୍ସର ଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ରବିବାର ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଜେ.ଏ.ସି. ଇଞ୍ଚୁଡ଼ିପୁର ସହ ବାସୁଦେବପୁର ଉତ୍କଳିକା ସହ ଅନୁଷ୍ଠିତ ହେବ।

## ବାବା ସେହେଂସା ଗ୍ରାମୀଣ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



କୁଜଙ୍ଗ : ଜଗତସିଂହପୁର ଜିଲ୍ଲା ପାରାଦ୍ୱୀପ ଗଡ଼ ଗ୍ରାମ ପଞ୍ଚାୟତ ଚନକଣ ଖେଳ ପଡ଼ିଆରେ ବାବା ସେହଂସା ୟୁଥ୍ କ୍ଲବ ଆନୁକୂଲ୍ୟରେ ୧୪ତମ ସୀମିତ ଓଭର ଟେନିସ୍ ବଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ବ୍ୟାପୀ ଉକ୍ତ ଟୁର୍ଣ୍ଣାମେଣ୍ଟରେ ଜିଲ୍ଲା ଓ ଜିଲ୍ଲା ବାହାରର ୧୦ ଗୋଟି କ୍ରିକେଟ୍ ଟିମ୍ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ଯୋଗଦେଇ ଗ୍ରାମାଞ୍ଚଳରେ ସୀମିତ ଓଭର ଟେନିସ୍ ବଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଏକ ନିଆରା ଅନୁଭୂତି କହିବା ସହିତ ଖେଳପଡ଼ିଆ ଚତୁଃପାର୍ଶ୍ୱରେ ବସି କୁନିକୁନି ପିଲାମାନେ, ଗାଁ' ବୟସ୍କ ଲୋକ ଏବଂ ମହିଳାମାନେ କ୍ରିକେଟ୍ ଖେଳ ଦେଖିବା, ତାଳିମାରି ଖେଳାଳୀଙ୍କୁ ଉତ୍ସାହିତ କରିବା ଅତ୍ୟନ୍ତ ଚିତ୍ତାକର୍ଷକ। ଏହି ଟୁର୍ଣ୍ଣାମେଣ୍ଟରେ ସମ୍ମାନିତ ଅତିଥି ଭାବେ ଚନ୍ଦ୍ର ଶେଖର ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ। ପୁରୀ ଜିଲ୍ଲା ପିପିଲିର 'ପିପିଲି ନାୟକ' କ୍ରିକେଟ୍ ଟିମ୍ ପାରାଦ୍ୱୀପ 'ଭିମାନାସି ରାଇଡ଼ର'କୁ ୧୫ ରନ୍‌ରେ ପରାସ୍ତ କରି ଚମ୍ପିୟାନ ଟ୍ରଫି ସହିତ ନଗଦ ୫ ହାଜର ଟଙ୍କା ଓ ରନର୍ସ ଅପ୍ ଟିମ୍‌କୁ କପ୍ ସହିତ ନଗଦ ୨ହଜାର ଟଙ୍କା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଶେଖ୍ ଆଲିଫ୍ ସଂଯୋଜନା କରିଥିବା ବେଳେ ମହମ୍ମଦ ହବିବ ଓ ଶେଖ୍ ମୋମିନ ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଗୋପିଆକୁଦ ପଞ୍ଚାୟତ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ଶିବଶକ୍ତି କ୍ରିକେଟ୍ କ୍ଲବ୍‌ର ସମ୍ପାଦକ ସଂଗ୍ରାମ କୁମାର ମଲ୍ଲ ଯୋଗଦେଇ ଗ୍ରାମାଞ୍ଚଳରେ କ୍ରିକେଟ୍ ଖେଳ ଏକ ନିଆରା ଓ ସ୍ୱତନ୍ତ୍ର ଅନୁଭୂତି ବୋଲି ବର୍ଣ୍ଣନା କରିଥିଲେ। ଉଦ୍‌ଯାପନୀ ମ୍ୟାଚ୍‌ରେ ନବାଡ଼ିଆ କ୍ରିକେଟ୍ କ୍ଲବ୍ କୁଜଙ୍ଗ କ୍ରିକେଟ୍ କ୍ଲବ୍‌କୁ ୪୩ ରନ୍‌ରେ ପରାସ୍ତ କରି ଚମ୍ପିୟାନ ଟ୍ରଫି ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚନ୍ଦନ, ଉମାଶଙ୍କର, ମାନିଆ ପ୍ରମୁଖ ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ।

## ବିରାଟଙ୍କୁ ଭେଟିବାକୁ ଆସିଥିବା ପ୍ରଶଂସକଙ୍କୁ ମାରିଲେ ପୋଲିସ

ନୂଆଦିଲ୍ଲୀ: ଦିଲ୍ଲୀ ଏବଂ ରେଳବାଇ ମଧ୍ୟରେ ମ୍ୟାଚ୍ ୩୦ ଜାନୁଆରିରୁ ୧ ଫେବ୍ରୁଆରି ମଧ୍ୟରେ ରଣଜୀ ଟ୍ରଫି ଅରୁଣଜେଟଲୀ ଷ୍ଟାଇଡିୟମରେ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ବିରାଟ କୋହଲି ମଧ୍ୟ ୧୨ ବର୍ଷର ବ୍ୟବଧାନ ପରେ ରଣଜୀ ଖେଳିବାକୁ ଆସିଥିଲେ। ବିରାଟଙ୍କୁ ଦେଖିବା ପାଇଁ ହଜାର ହଜାର ପ୍ରଶଂସକ ପହଞ୍ଚିଥିଲେ। ମ୍ୟାଚ୍‌ର ତୃତୀୟ ଦିନରେ ଜଣେ ପ୍ରଶଂସକ ଜବରଦସ୍ତ ପଡ଼ିଆରେ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ, ପରେ ସୁରକ୍ଷାକର୍ମୀ ଏବଂ ପୁଲିସ ପ୍ରଶଂସକଙ୍କୁ ମାଡ ମାରିଥିଲେ। ଭାଇରାଲ ହେଉଥିବା ଭିଡିଓରେ ଦେଖିବାକୁ ମିଳୁଛି ଯେ, ଜଣେ ପ୍ରଶଂସକ ବିରାଟ କୋହଲିଙ୍କୁ ଭେଟିବା ପାଇଁ ବେଆଇନ ଭାବେ ଷ୍ଟାଡିୟମରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିଲେ। ଏହି ସମୟ ମଧ୍ୟରେ ଜଣେ ସିକ୍ୟୁରିଟି ଗାର୍ଡ କ୍ରମାଗତ ଭାବରେ ପ୍ରଶଂସକଙ୍କୁ ପିଟୁଥିଲେ। ତେବେ ଏହା ପରେ ମଧ୍ୟ ପ୍ରଶଂସକ ଷ୍ଟାଡିୟମରେ ପ୍ରବେଶ କରିବାକୁ ଚାହୁଁଥିଲେ।

## ଏକ ଦିବସୀୟ ଗ୍ରାଉଣ୍ଡ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ପରଜଙ୍ଗ,(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବଜାର ନିକଟସ୍ଥ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ନିକଟରେ ରହିଥିବା ପଡ଼ିଆରେ ହନୁମାନ ସାହି କ୍ରିକେଟ କ୍ଲବ୍ ଆନୁକୁଲ୍ୟରେ ଏକ ଦିବସୀୟ ଗ୍ରାଉଣ୍ଡ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ପୁରାତନ ଖେଳାଳୀ ତଥା ସାମ୍ବାଦିକ ନିର୍ମଳ ଚନ୍ଦ୍ର ଗଡ଼ନାୟକ ପଡ଼ିଆ ମଧ୍ୟରେ ମୁଖ୍ୟ ଅତିଥି ଭାବେ ପ୍ରବେଶ କରି ଫିତା କାଟି ନଡ଼ିଆ ବାଡେଇ ପରଜଙ୍ଗ ବୃନ୍ଦାବନ-ପୁର ସାହି ଟିମ ଓ କମର ଟିମ ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚକୁ ଶୁଭ ଉଦଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଆୟୋଜକ ହନୁମାନସାହି ଟିମ୍ ଓ କନ୍ଦରସିଂହା କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୮ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚ୍‌ରେ କନ୍ଦରସିଂହା ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୩ ୱିକେଟ ବିନିମୟରେ ୮୦ରନ ସଂଗ୍ରହ କରିଥିବା ବେଳେ ଜବାବରେ ହନୁମାନ ସାହି ଟିମ୍ ୫,୦୨ ଓଭରରେ ୫ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିନେଇ ବିଜୟୀ ହେବା ସହ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସମାଜ ସେବୀ ତଥା ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପରଜଙ୍ଗ ପଞ୍ଚାୟତ ସରପଞ୍ଚ ଗାୟତ୍ରୀ ମହାପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ରନର୍ସ ଦଳକୁ ସମ୍ମାନୀତ ଅତିଥି ମହାପାତ୍ର ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରିଥିବା ବେଳେ ଚାମ୍ପିଅନ ଦଳକୁ ମୁଖ୍ୟ ଅତିଥି ପ୍ରଧାନ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରିଥିଲେ। ଆଦିତ୍ୟ ଓ ମିଳନ ଖେଳ ପରିଚାଳନା କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ୍ ହନୁମାନ ସାହି ସପକ୍ଷରେ ଯାଇଥିବା ବେଳେ ମ୍ୟାନ ଅଫ ଦି ସିରିଜ କନ୍ଦରସିଂହା ଟିମ୍ ସପକ୍ଷରେ ଯାଇଥିଲା।

### ସନ୍ନ୍ୟାସ ଘୋଷଣା କରି ଚମକାଇଲେ ଭାରତୀୟ କ୍ରିକେଟର

କୋଲ୍‌କାତା: ଇଡେନ୍ ଗାର୍ଡେନ୍ସ ମଇଦାନରେ ରଣଜୀ ଟ୍ରଫି ମ୍ୟାଚ୍ ଖେଳିବା ପରେ କ୍ରିକେଟର ସମସ୍ତ ଫର୍ମାଟ୍‌ରୁ ଅବସର ଘୋଷଣା କରି ଚମକାଇଛନ୍ତି ଭାରତୀୟ କ୍ରିକେଟର। ସେ ହେଲେ ଭାରତ ଉଇକେଟ୍‌କିପର ବ୍ୟାଟର ରିଦ୍ଧିମାନ ଶାହା। ୪୦ ବର୍ଷୀୟ ଶାହା ୨୦୧୦ ଫେବୃଆରୀରେ ଭାରତ ପାଇଁ ଡେବ୍ୟୁ କରିଥିଲେ। ସେ ତାଙ୍କ କ୍ୟାରିୟରରେ ମୋଟ ୪୯ ମ୍ୟାଚ୍ (୪୦ଟେଷ୍ଟ ଓ ୯ଅନ୍ତର୍ଜାତୀୟ ଦିନିକିଆ) ଖେଳିଛନ୍ତି। ଏହାଛଡ଼ା ଘରୋଇ କ୍ରିକେଟରେ ସେ ବେଙ୍ଗଲ ଓ ତ୍ରିପୁରା ତରଫରୁ ପ୍ରତିନିଧିତ୍ୱ କରି ୧୪୨ ପ୍ରଥମଶ୍ରେଣୀ ଓ ୧୧୬ ଲିଷ୍ଟ ଅଭିଜ୍ଞ ଖେଳାଳି ତାଙ୍କର ଶେଷ ରଣଜୀ ମ୍ୟାଚ୍‌ରେ ଖାତା ନ ଖୋଲି ଆଉଟ ହୋଇଥିଲେ। କିନ୍ତୁ ତାଙ୍କ ଦଳ ବେଙ୍ଗଲ ପଞ୍ଜାବକୁ ଏକ ଇନିଂସ ଏବଂ ୧୩ ରନ୍‌ରେ ପରାସ୍ତ କରି ଏହି ମ୍ୟାଚ୍‌କୁ ତାଙ୍କ ପାଇଁ ସ୍ମରଣୀୟ କରିଦେଇଥିଲା। ମ୍ୟାଚ ପରେ ତାଙ୍କ ସାଥୀ ଖେଳାଳି ମାନେ ତାଙ୍କୁ କାନ୍ଧରେ ଉଠାଇ ନେଇଥିବା ଦେଖାଯାଇଥିଲା।

## ଜିଲ୍ଲାସ୍ତରୀୟ ମୁରିବାହାଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ମୁରିବାହାଲ, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଖେଳ ପଡିଆ ଠାରେ ୧୧ ତମ ଜିଲ୍ଲା ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଶନିବାରଦିନ ଉତଘାଟିତ ହୋଇ ଯାଇଛି। ପ୍ରଥମ ଦିବସରେ ବୋର୍ଡ଼ଖ ଓ ଘୁଷୁରାମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇ ଥିବା ବେଳେ ଘୁଷୁରାମୁଣ୍ଡା ଦଳ ବିଜୟୀ ହୋଇ ଥିଲେ। ୟୁଥ ଆଣ୍ଡ ସ୍ପୋର୍ଟିଙ୍ଗ କ୍ଲବ ମୁରିବାହାଲ ତରଫରୁ ଆୟୋଜିତ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ୮ ଦଳ ଅଂଶ ଗ୍ରହଣ କରି ଥିବା ବେଳେ ଉଦ୍‌ଘାଟନ ଦିବସରେ ଘୁଷୁରାମୁଣ୍ଡା ସହ ବୋର୍ଡ଼ଖ ମଧ୍ୟରେ ଘୁଷୁରାମୁଣ୍ଡା ଦଳ ୩/୦ ଗୋଲରେ ବିଜୟୀ କରିଥିଲେ। ଉଦ୍‌ଘାଟନ ଦିବସରେ ଭାଜପା ବଲାଙ୍ଗୀର ଜିଲ୍ଲା, ସଭାପତି ଶ୍ରୀବସ୍ତ ବେହେରା ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ରହି ଅନୁଷ୍ଠାନିକ ଉଦ୍‌ଘାଟନ କରିବା ସହ ଉତ୍ସାହିତ କରିଥିଲେ। ସୌତନ୍ତ ଅତିଥି ବଲାଙ୍ଗୀର ଜିଲ୍ଲା ପରିଷଦ ଅଧକ୍ଷା ମିଥିଲା ମାଝୀ, ସମ୍ମାନୀୟ ଅତିଥି ମୁରିବାହାଲ ବ୍ଲକ ଅଧକ୍ଷ ହରିବନ୍ଧୁ ମେହେର, ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ସମିତି ସଭ୍ୟ ଚକ୍ରଧର ହେର୍ଣ୍ଣା, ବିଶିଷ୍ଟ ସମାଜସେବୀ ଟିକେମନ ମାଝୀ ପ୍ରମୁଖ ଉପସ୍ଥିତ ରହି ପତାକା ଉତ୍ତୋଳନ କରିବା ସଙ୍ଗେଙ୍ଗେ ପୂଜାର୍ଚ୍ଚନା ଓ ରିବନ କାଟି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ମ୍ୟାଚକୁ ଶ୍ରୀବସ୍ତ ବେହେରା, ଯୁବରାଜ ଭୋଇ ଓ ବଡ଼ ଭୋଇ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ସଫଳ କରିବା ପାଇଁ ୟୁଥ ଆଣ୍ଡ ସ୍ପୋର୍ଟିଙ୍ଗ କ୍ଲବର ସମସ୍ତ ସଦସ୍ୟ ଶ୍ରୀବସ୍ତ ବେହେରା, ପଦ୍ମଲୋଚନ ବାଗ, ପ୍ରକାଶ ବଘାର, ଯଶୋବନ୍ତ ନାଏକ, ବଡ ଭୋଇ, ଭିକି ମହାରଣା, ଗୋପୀନାଥ ମାଝୀ, ଦୁର୍ବାଦଳ ଭୋଇ, ଖଗେଶ୍ୱର ଭୋଇ, ପ୍ରଦୀପ କୁମାର ବଘାର, ଦିବ୍ୟସୁନ୍ଦର ସାହୁ, ସୁଧାଂଶୁ ପୋଡ଼ ଯାଦବ, ସାନ ଭୋଇ, ଯୁଧିଷ୍ଠିର ବଘାର, ଜିତେନ୍ଦ୍ରିୟ ଭୋଇ, ଯଦୁପତି ଅଗସ୍ତି, ଅଗସ୍ତି ବଘାର, ପ୍ରଫୁଲ୍ଲ ବଘାର, ଶ୍ରୀପତି ସାଣ୍ଟ, ଅଜିତ ତରିଆ, ସାମନ୍ତ ବାଗ, ମାନସ ଦଳାଇ, ରାମରଞ୍ଜନ ପାତ୍ର, ଲଳିତ ବଘାର, ରୁପେଶ ସାଣ୍ଟ,ପିଙ୍କୁ ଭୋଇ, ଅକୁର ମେର୍ଲି, ଶମ୍ଭୁ ଭୋଇ, ଜୟଦୀପ ପୁରୋହିତ, ସୁଦାମ ଚରଣ ବଘାର ପ୍ରମୁଖ ସହଯୋଗ କରିଥିଲେ।

## ବେଲପାହାଡ଼ ଲିଓ କପ୍ କ୍ରିକେଟ୍ ଉଦ୍‌ଘାଟିତ



ବେଲପାହାଡ଼, (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲା ବେଲପାହାଡ଼ ଲିଓ ୟୁଥ୍ ଆସୋସିଏସନ୍ ପକ୍ଷରୁ ସ୍ଥାନୀୟ ରତନ ଟାଟା ଷ୍ଟାଡ଼ିୟମରେ ୧୯ ବର୍ଷରୁ କମ୍ ରାଜ୍ୟସ୍ତରୀୟ ବେଲପାହାଡ଼ ଲିଓ କପ୍‌କ୍ରିକେଟ୍ ପ୍ରତିଯୋଗିତା ଆଜି ଶୁକ୍ରବାର ଉଦ୍?ଘାଟିତ ହୋଇଯାଇଛି। ଏହା ଚଳିତ ଜାନୁଆରୀ ୩୧ ତାରିଖ ଆରମ୍ଭ ହୋଇଥିବା ବେଳେ ଆସନ୍ତା ଫେବୃୟାରୀ ୯ ତାରିଖ ସମାପ୍ତ ହେବ। ଏଥିରେ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିବାକୁ ସ୍ଥିର କରାଯାଇଛି। ପ୍ରଥମ ଦିନର ପ୍ରଥମ ଖେଳ ଛତିଶଗଡ଼ କୋର୍ବା ଏମଏସ କ୍ଲବ ଦଳ ଓ ସମ୍ବଲପୁର ରାଇଜିଂ ଷ୍ଟାର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ଦଳ ଟସ୍ ଜିତି ପ୍ରଥମେ ବେଟିଂ ଗ୍ରହଣ କରି ନିର୍ଦ୍ଧାରିତ ୩୦ ଓଭରରେ ୯ ୱିକେଟ୍ ବିନିମୟରେ ମୋଟ ୧୬୨ ରନ୍? ହାସଲ କରିଥିଲା। ଏହାର ଜବାବରେ କୋର୍ବା ଦଳ ୧୦ ଓଭରରେ ୧ ୱିକେଟ୍ ବିନିମୟରେ ମାତ୍ର ୧୬୩ ରନ ସମାପ୍ତ କରି ଶେଷରେ ବିଜୟଲାଭ କରି ଆଗାମୀ ଖେଳକୁ ଉନ୍ନୀତ ହୋଇଛି। ଜୟନ୍ତ କୈବର୍ତ୍ତ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ଅମ୍ପାୟାର ଭାବରେ ପ୍ରଜ୍ୱଲ ପଟେଲ ଓ ଅନିରୁଦ୍ଧ କେଓ୍ୱଟ ଖେଳ ପରିଚାଳନା କରିଥିଲେ। ଅନୁଭବ ପ୍ରଧାନ ସ୍କୋରିଂ କରିଥିବା ବେଳେ ସଞ୍ଜୟ ଛତ୍ରିଆ ଖେଳରେ ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଟିଆରଏଲ କ୍ରୋସାକି କମ୍ପାନୀର ବରିଷ୍ଠ ଅଧିକାରୀ ସୌମେଶ ସାହୁ, ସମ୍ମାନିତ ଅତିଥି ଭାବେ ଲିଓ ୟୁଥ୍ ଆସୋସିଏସନ୍‌ର ସଭାପତି ତଥା ବେଲପାହାଡ଼ ନଗରପାଳ ନିମାଇଁ ଚରଣ (ବୁଲୁ) ପଣ୍ଡା, ବିଜେପି ନେତା ପ୍ରମୋଦ ସେନାପତି, ଜିଲା କ୍ରିକେଟ ସଂଘର ସଭାପତି ପ୍ରଜ୍ୱଲ ପଟେଲ, ସମ୍ପାଦକ ମେହେତାବ ଖାନଙ୍କ ସମେତ ରବୀନ୍ଦ୍ର ସିଂ ପ୍ରମୁଖ ସାମିଲ ରହିଥିଲେ। ଆୟୋଜକ ଲିଓ ୟୁଥ୍ ଆସୋସିଏସନର ସାଧାରଣ ସମ୍ପାଦକ ଦିଲୀପ ପଟ୍ଟନାୟକ, କୋଷାଧ୍ୟକ୍ଷ କମଲେଶ ଶର୍ମା, ଉପସଭାପତି ନୀତେଶ ଅଗ୍ରୱାଲ, ସାଗର ରାଉତ, ଏମଡି ଶାହା ଅର୍ମାନ, ସଞ୍ଜୟ ମିଶ୍ର, ସୁବ୍ରତ ପାଣ୍ଡେ, କିରଣ ସାହୁ, ଧୀରଜ ମହାରାଜ ପ୍ରମୁଖ ଖେଳ ଆୟୋଜନରେ ସହଯୋଗ କରୁଛନ୍ତି।

## ସୁଶ୍ରୀଦେବୀ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ନରେନ୍ଦ୍ରପୁର ମା' ପନ୍ଦରଶିଳା ଭଲିବଲ ପଡିଆ ଠାରେ ପ୍ରଥମ ବାର୍ଷିକ ରାଜମାତା ସୁଶ୍ରୀଦେବୀ ମେମୋରିଆଲ ଏକ ଦିବସୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଦିବଂଗତ ରାଜମାତା ସୁଶ୍ରୀଦେବୀଙ୍କ ସାନପୁଅ ତଥା ଆଳି ବିଧାୟକ ପ୍ରତାପ କେଶରୀ ଦେବ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିବା ସହିତ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିବା ଦେଖିବାକୁ ମିଳିଥିଲା। ଉକ୍ତ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟରେ ମୋଟ ଚାରିଗୋଟି ଦଳ -ଭୂମିକା ଯାଜପୁର, ନେହେରୁ ଷ୍ଟାଡିୟମ ଭଦ୍ରକ, ଏପି ସିକ୍ସର ବାଲେଶ୍ୱର ଓ କେନ୍ଦ୍ରାପଡ଼ାର ନରେନ୍ଦ୍ରପୁର ମା ପନ୍ଦର ଶିଳା ଘରୋଇ ଟିମ ଭାଗ ନେଇଥିଲେ। ଏପି ସିକ୍ସର ବାଲେଶ୍ୱର ଓ କେନ୍ଦ୍ରାପଡ଼ା ର ମା ପନ୍ଦରଶିଳା ଟିମ ଫାଇନାଲକୁ ଉତୀର୍ଣ୍ଣ ହୋଇଥିବା ବେଳେ ୩ଟି ସେଟ ରୁ ୨-୧ରେ କେନ୍ଦ୍ରାପଡ଼ାର ମା ପନ୍ଦରଶିଳା ନରେନ୍ଦ୍ରପୁର ଟିମକୁ ପରାସ୍ତ କରି ବାଲେଶ୍ୱର ଏପି ସିକ୍ସର ଚମ୍ପିୟାନ ହୋଇଥିଲା। ସମ୍ମାନିତ ଅତିଥି ଭାବରେ ନରେନ୍ଦ୍ରପୁର ପଞ୍ଚାୟତର ସରପଞ୍ଚ ଇନ୍ଦୁମତୀ ସ୍ୱାଇଁ, ନଟବର ସ୍ୱାଇଁ ଓ ବଂଶୀଧର ସ୍ୱାଇଁ ପ୍ରମୁଖ ଯୋଗଦେଇ ଚମ୍ପିୟାନ ଓ ରନର୍ସପ ଦଳ କୁ ଟ୍ରଫି ପ୍ରଦାନ କରିଥିଲେ। ରେଫରୀ ଭାବେ ବିଶ୍ୱଜିତ ପରିଡା, ଚନ୍ଦନ କୁମାର ଚଇନି ଓ ସୁବାସ ବାରିକ ଖେଳ ପରିଚାଳନା କରିଥିଲା ବେଳେ ଭାଷ୍ୟକାର ଭାବରେ ପ୍ରବୀର ସ୍ୱାଇଁ ଖେଳରେ ସମ୍ପୂର୍ଣ୍ଣ ଧାରାବିବରଣୀ ପ୍ରଦାନ କରିଥିଲେ। ଦିନିକିଆ ଦିବାରାତ୍ର ସୁଶ୍ରୀଦେବୀ ମେମୋରିଆଲ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟକୁ ଅଶୋକ ପଲାଇଙ୍କ ସମେତ ନରେନ୍ଦ୍ରପୁର ମା' ପନ୍ଦରଶିଳା ଟିମର ସଦସ୍ୟମାନେ ସଫଳତାର ସହିତ ପରିଚାଳନା କରିଥିବା ଦେଖିବାକୁ ମିଳିଥିଲା।



## ଶୁଭ ଶ୍ରୀପଞ୍ଚମୀ

**ଜଗଦୀଶ ସାହୁ**

ସରସ୍ୱତୀ ପୂଜା ଆସିଲା
ବିଦ୍ୟାଳୟ କୋଠା ହସିଲା
ଖୁସିରେ ବିଭୋର ଶ୍ୱେତ ପଦୁଅଁର
ବାସ ମହମହ ବାସିଲା ।
ଛାତ୍ର ଛାତ୍ରୀ ମନ ମଜେଇ
ପୂଜା ମଣ୍ଡପକୁ ସଜେଇ
ମାଆଙ୍କ ପାଦରେ ପୂଜିବେ ଭକ୍ତିରେ
ଶଙ୍ଖ ଫୁଙ୍କି ଘଣ୍ଟ ବଜେଇ ।
ମାଆ ପାଦତଳେ ପଡ଼ିକି
କହିବେ ହାତକୁ ଯୋଡ଼ିକି
କରି ବିଦ୍ୟାଦାନ ଦିଅ ସଦଜ୍ଞାନ
କୁସଂସ୍କାର ପ୍ରଥା ତଡ଼ିକି ।

ତୁମରି ଆଶିଷ ବଳରେ
ଯଶ ରହୁ ଧରା ତଳରେ
ଏତିକି ଗୁହାରି ଚରଣେ ତୁମରି
ଶୁଭ ଶ୍ରୀପଞ୍ଚମୀ ବେଳରେ ।

*ଢେଙ୍କାନାଳ*
*ମୋ :-୯୦୭୮୧୮୫୬୧୬*

## ମୁରବୀର ପରିଚୟ

**ଅନସୂୟା ପଣ୍ଡା**



ଚୌଧୁରୀ ବୃନ୍ଦାବନ ଦାଶ କୋଡିଏ ଖଣ୍ଡ ଗାଁରେ ଭାରି ଲୋକପ୍ରିୟ। ଖୁବ୍ ଥିଲା ଥୋଇଲା ଦାଶ ଘର। ସକାଳ ହେଲା ବେଳକୁ ତାଙ୍କ ବାରଣ୍ଡାରେ ପଡିଥିବା କାଠ ବେଞ୍ଚରେ ଲୋକ ଆସି ବୃନ୍ଦାବନ ବାବୁଙ୍କୁ ଭେଟିବା ଉଦ୍ଦେଶ୍ୟରେ ଅପେକ୍ଷା କରିଥାନ୍ତି। ତାଙ୍କ ଉପସ୍ଥିତି ବିନା ଗାଁରେ କେଉଁ ନ୍ୟାୟ ନିଃଶାପ ହେବା ଅସମ୍ଭବ। ସେ ଯାହା କହନ୍ତି ସମସ୍ତେ ବିନା ଦ୍ୱିଧାରେ ମୁରବୀ ଭାବି ଆଦରରେ ମାନି ନିଅନ୍ତି। ଭାରି ନୀତିବାନ ଗାନ୍ଧୀ ବିଚାରର ଲୋକ। ଏତେ ଗୋରା ନୁହନ୍ତି, ଶ୍ୟାମଳ ରଙ୍ଗ ଡେଙ୍ଗା ଚେହେରା। ପୁରା ଟିଭିରେ ଦେଖିଥିବା ବ୍ୟୋମକେଶ ବକ୍ସି ପରି ଦିଶନ୍ତି। ନିଜ ମର୍ଜିର ମାଲିକ। ସେମିତି ସବୁବେଳେ ଷ୍ଟାଇଲରେ ନୀଳ ମଣ୍ଡଦିଆ, ଆଇରନ ହେଇଥିବ, ଧୋତି ପଞ୍ଜାବୀ ସହିତ ପିନ୍ଧିଥାନ୍ତି। ଆଗରୁ ଧୋତିର ଯତ୍ନ ଗାଁ ଧୋବା ନେଉଥିଲା। ହେଲେ ଏବେତ ସେ ସବୁ ଉଠିଗଲାଣି। ତେଣୁ ଶ୍ରୀମତୀ ଦାଶଙ୍କୁ ସେତିକ ବିବଶରେ କରିବାକୁ ପଡେ। ଧୋତି ବେଶ ତାଙ୍କ ସ୍ୱାଭିମାନର ପରିଚୟ। ଟିକେ ଦାଗ ଲାଗିଲେ ସୃଷ୍ଟି ପ୍ରଳୟ।

ଏମିତି ଖାତିର ଥିଲା ଯେ କେହି ସାଇକେଲରେ ଯାଉଥିଲେ, ଚୌଧୁରୀଙ୍କୁ ରାସ୍ତାରେ ଦେଖି କେହି ଓହ୍ଲେଇ ପଡେ ତ କେହି ରାସ୍ତା ତଳକୁ ଖସି ଦଣ୍ଡବତ ହୋଇଯାଏ। ଏବେ ତାଙ୍କ ନିଜର ପିଲାମାନେ ବଡ ହେଲେଣି। ଝିଅ ଦୁଇବର୍ଷ ହେଲାଣି ସ୍ନାତକ ପରେ ବ୍ୟାଙ୍କରେ ଚାକିରି କଲାଣି। ପୁଅ ବୁର୍ଲା ବୈଷୟିକ ବିଶ୍ୱବିଦ୍ୟାଳୟରେରେ ଏମ.ସି.ଏ ଶେଷବର୍ଷରେ ପଢୁଛି। କ୍ୟାମ୍ପସ ଚୟନରେ ତାକୁ ଚାକିରି ମିଳିଛି।

ସ୍ତ୍ରୀ ସବୁବେଳେ ଗରଗର ହେଉଛନ୍ତି ଝିଅକୁ ହାତକୁ ଦୁଇହାତ କରିବାକୁ ବରପାତ୍ରଟିଏ ଖୋଜ। ତେଣୁ ଗୋଟେ ମଧ୍ୟସ୍ଥିକୁ ଡାକି ଝିଅର ଟିପଣା ସହିତ କିଛି ଟଙ୍କା ଧରେଇ ଦେଲେ। ଆଉ କହିଲେ ଚାକିରି କରିଥିବା ପୁଅ ହେଲେ ଭଲ। ତା' ସାଙ୍ଗକୁ ଟିକେ ଝିଅଠାରୁ ଉଚ୍ଚଶିକ୍ଷିତ ହ୍ୱାଇଁ ହେଇଥିଲେ ଆହୁରି ଭଲ। ଯୋଗାଡିଆ ମଧ୍ୟସ୍ଥି ଭଲ ପ୍ରସ୍ତାବଟିଏ ଧରି ଆସିଗଲା। ପୁଅର ମାଆ ଅଡିଟର ଅଛନ୍ତି। ଆଉ ବାପା ଗୋଟେ କଲେଜରେ ପ୍ରିନ୍ସିପାଲ୍। ପୁଅଟି ସଫ୍ଟୱେୟାର କମ୍ପାନୀରେ ଅଛି। ଘରଦ୍ୱାର ସବୁ ଅଲଟ୍ରା ମଡ଼ର୍ଣ୍ଣ। ଝିଅର ଫଟୋ ଦେଖି ସେମାନଙ୍କ ମନକୁ ଯାଇଛି। ଟିପଣା ବି ଭଲ ପଡିଛି।

ବୃନ୍ଦାବନ ବାବୁ କହିଲେ ଆଗ ପୁଅଘର ଲୋକେ ଆସି ଦେଖି ଗଲେ ଭଲ ହୁଅନ୍ତା।

ମଧ୍ୟସ୍ଥି କହିଲା ନାଁ ଆଜ୍ଞା ଆପଣ ଝିଅ ଦେବେ। ଆଗ ଚାଲନ୍ତୁ ତାଙ୍କ ଘର ଦ୍ୱାର ଦେଖି ସ୍ଥିର କରି ଆସିବେ।

ବୃନ୍ଦାବନ ବାବୁ ରାଜି ହେଇଗଲେ ମଧ୍ୟସ୍ଥି କଥାରେ। କହିଲେ, “ତେବେ ଆମେ ଆସନ୍ତା ରବିବାର ଛୁଟି ଅଛି। ସେମାନେ ଘରେ ନିଶ୍ଚୟ ଥିବେ। ଆମେ ଦୁହେଁ ଯିବା।”

ମଧ୍ୟସ୍ଥି ରାଜିହେଲା, “ହଁ ଆଜ୍ଞା ! ମୁଁ ଆଜି ପୁଅ ଘରକୁ ଫୋନ୍ କରି ଜଣେଇ ଦେବି।”

ରବିବାର ଗଲେ ବୃନ୍ଦାବନ ବାବୁ। ଘରଦ୍ୱାର ପିଲା ଦେଖି ସବୁ ମନକୁ ପୁରା ପାଇଲା। ସେମାନଙ୍କୁ ନିଜର ସମ୍ମତି ଜଣେଇ ଚାଲି ଆସିଲେ ଏବଂ ତାଙ୍କ ଘରେ ଝିଅ ଦେଖିବାକୁ ଅନୁରୋଧ କରି ଆସିଲେ।

ତା'ପରେ ପନ୍ଦର ଦିନ ହେଲାଣି କିଛି ଖବର ନଥାଏ। କିନ୍ତୁ ସେଠୁ ଫେରି ବୃନ୍ଦାବନବାବୁ ବାହାଘର ଜିନିଷ ସବୁ କିଣିବାରେ ଲାଗି ପଡିଲେ।

ସ୍ତ୍ରୀ ରାଗୁଥାନ୍ତି। ଅନୁନୟ ହୋଇ କହିଲେ, “କାହିଁକି ଏମିତି ବ୍ୟସ୍ତ ହେଉଛ ? ସେମାନେ ଆସି ଆମ ଘର ପରିବାର ଆଗଦେଖନ୍ତୁ।ତାଙ୍କ ମନକୁ ଝିଅ ଯାଉ।”

ସହଧର୍ମିଣୀଙ୍କ କଥାରେ ହସିପଡିଲେ, “ଆରେ କାହା ଜିଭରେ ହାଡ ଅଛି ମୋ ଝିଅକୁ ବାରିବାକୁ ? ପାଠରେ ଯେମିତି ସାଠରେ ସେମିତି।”

ସେତେବେଳକୁ ପନ୍ଦର ଦିନ ହେଲାଣି। ଚୈତ୍ର ମାସରେ ତ ଦେଖାଦେଖି ହେବନି। ସମସ୍ତେ ବାରିବେ। ଶୁଭଙ୍କର ନୁହେଁ।

ପୁଣି ଫୋନ୍ କଲେ ମଧ୍ୟସ୍ଥିକୁ। ଫୋନ୍ ଉଠେଇଲାନି। ବାହାଘର ବଜାର ଭାରି ମହଙ୍ଗା। ବିଚଳିତ ହୋଇଉଠିଲେ।

ତା ପରଦିନ ସକାଳୁ କିନ୍ତୁ ବାବୁ ଆସି ହାଜର। ହାତ ଯୋଡି କହିଲା, “ଗତକାଲି ଟିକେ କାମ ବ୍ୟସ୍ତରେ ରହି ଫୋନ୍ ଉଠେଇ ପାରିଲିନି। ଆଜି ଆଉ ଗୋଟିଏ ଭଲ ପ୍ରସ୍ତାବଟେ ମୁଁ ଆଣିଛି। ଜାତକ ସହ ଭଲ ଫଟୋ ଇ-ମେଲ୍ କରନ୍ତୁ। ତା' ପରେ ଦେଖିବାକୁ ଯିବା କେଉଁଦିନ।”

ବୃନ୍ଦାବନ ବାବୁ ପଚାରିଲେ, “କାହିଁକି ! ଆଗର ପ୍ରସ୍ତାବ କ'ଣ ଅସୁବିଧା ହେଲା ?”

“ନାହିଁ ଆଜ୍ଞା ! ସେ କଥା ଛାଡନ୍ତୁ। ସେମାନେ ରାଜି ହେଲେନାହିଁ।”

“ଆରେ କାରଣ କ'ଣ ? ଝିଅକୁ ଥରେ ହେଲେ ନଦେଖି ଏପରି ନାହିଁ କେମିତି କହିଦେଲେ।”

“ହଁ ବାବୁ ... !”

ରାଗିକରି ବୃନ୍ଦାବନ ବାବୁ ପାଟି କରି କହିଲେ, “ଆଗ ଏଇଠି ଫୋନ୍ ଲଗାଅ। କାହିଁକି ନାହିଁ କଲେ ? ଆମର ଜାଣିବା ଜରୁରୀ।”

ମୁହଁ ତଳକୁ କରି ମଧ୍ୟସ୍ଥି କହିଲା “ପୁଅର ଧୋତି ପିନ୍ଧା ଶଶୁର ପସନ୍ଦ ନୁହେଁ।”

ବୃନ୍ଦାବନ ବାବୁଙ୍କର ଏତକ ଶୁଣି ପାଟିରୁ କିଛି ବାହାରିଲାନି। କଥାଟା କାହିଁକି ଅପ୍ରାସଙ୍ଗିକ ଲାଗିଲା। ଭଦ୍ର ଓ ସଂଯମୀ ଲୋକଟି ଚୁପ୍ ହୋଇଗଲେ। ସେତିକିବେଳେ ଝିଅ ଅଫିସ୍ ଯିବାକୁ ବାହାରୁଥିଲା। ଶୁଣି ପକାଇଲା ସବୁ କଥା। ଘୃଣା ଲାଗିଲା ତାକୁ। ସ୍କୁଟି ରଖି ଆସି କହିଲା, “ଏମିତି ଅଭଦ୍ର ଅଶିକ୍ଷିତଙ୍କ ଘରେ ମୁଁ ବାହା ହେବିନି। ଯେଉଁମାନେ ଇମିଟେସନରେ ଖୁସି, ସେମାନେ ସୁନାକୁ ଚିହ୍ନନ୍ତି ନାହିଁ।” କହି ଚାଲିଗଲା ଅଫିସ। ମର୍ମାହତ ବୃନ୍ଦାବନ ବାବୁଙ୍କ ଆଖିରେ ଲୁହ ଜକେଇ ଆସିଲା। ବଡ ବିଚିତ୍ର ଏ ଦୁନିଆ। ସମାଜରେ ଧୋତି ପିନ୍ଧା ବି ମାନସମ୍ଭ୍ରମ ଓ ଲୌକିକତା ଉପରେ ଆଞ୍ଚ ଆଣିଦିଏ। ସମୟ ସୁଅରେ ବଦଳୁଛି ସମାଜ, ବଦଳୁଛି ସଂସ୍କୃତି, ବଦଳୁଛି ଆମ ଚଳଣି, ପରମ୍ପରା ଓ ପ୍ରଥା। ବର ଆଜି କନ୍ୟାର ରୂପ-ଗୁଣର ବିବେଚନାଠାରୁ କନ୍ୟା ପିତାର ପଦପଦବୀ ତଥା ବେଶକୁ ତର୍ଜମା କରୁଛି। ଆଧୁନିକତାର ଅହଂବୋଧରେ, ଇଂରେଜୀ ଛାଷ୍ଟକାଷ୍ଟରେ ଅବକ୍ଷୟର ଏ ଅଦ୍ଭୁତ ଶୃଗାଳପଣ।

ମଧ୍ୟସ୍ଥି ନୂଆ ପ୍ରସ୍ତାବଟି ଦାଶବାବୁଙ୍କୁ ଦେଇ ଫେରିଗଲା।

ସେଦିନ ଅଫିସରୁ ଫେରିଲା ପରେ ଝିଅ ତା'ର ମାଆକୁ ବେଡରୁମ୍ ଆଡକୁ ଡାକି କହିଲା, “ଯିଏ ମୋ ବାପାଙ୍କ ଧୋତିକୁ ସମ୍ମାନ ଦେବନି ସେଠି ମୁଁ ବାହା ହେବିନି।”

ଝିଅର ଅଭିମାନ ଭରା କଥା ଶୁଣି ଖୁସି ଲାଗିଲା। ହେଲେ ଧୀରେଧୀରେ ପିତା ହିସାବରେ ନିଜକୁ ବଦଳାଇଲେ। ସନ୍ତାନର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମୁରବି ହିସାବରେ ନିଜେ ପ୍ୟାଣ୍ଟଟିଏ ଓ ମ୍ୟାଚିଂ ସାର୍ଟଟିଏ କରି ରଖିଲେ। ପୁଣି ଯେବେ ବିବାହ ପ୍ରସ୍ତାବ ଦେଖିଗଲେ,ତାକୁ ପିନ୍ଧି ଆଦବ କାଇଦାରେ ବାହାରିଗଲେ।

ଶ୍ରୀମତୀ ଦାଶ ସ୍ୱାମୀଙ୍କ ପରିଣତ ବୟସରେ ଏ ବେଶ ପରିବର୍ତ୍ତନ ଦେଖି ଅତି ଆଶ୍ଚର୍ଯ୍ୟ। ବାହାହେଲା ଦିନରୁ ମୁଁ କହୁଛି,“ତୁମେ ପ୍ୟାଣ୍ଟ ଓ ସାର୍ଟ ପିନ୍ଧନ୍ତୁ। ମତେ ଦେଖିବାକୁ ଭଲ ଲାଗେ। ତୁମେ ଜମା ଶୁଣୁ ନଥିଲ। ଆଜି ଝିଅ ବାହାଘର ପାଇଁ ଧୋତି ପିନ୍ଧାକୁ ବାଧ୍ୟରେ ବଦଳେଇଦେଲ। ସତରେ ସରଳ ମଣିଷ ପରିସ୍ଥିତିର ଦାସ।”

ସତକୁ ସତ ନୂତନ ପ୍ରସ୍ତାବଟିରେ ଦାଶଙ୍କୁ ତ୍ୱରିତ ସଫଳତା ମିଳିଲା। ପୁଅ ଘର ଝିଅ ଦେଖି ବିଭାଘର ପାଇଁ ଖୁସିଖୁସି ସମ୍ମତି ଦେଲେ। କ୍ଷୀରାବ୍ଧିର ଜୁଆରିଆ ଛାତି ପରି ମୁରବି ମନଟା ସଫଳତାର ଉନ୍ମାଦନାରେ ଫୁଲି ଉଠୁଥିଲା। ଭଲ ତିଥି ଦେଖି ଆୟୋଜନକୁ କେବଳ ବାକି ରହିଲା।

*ବୁର୍ଲା, ସମ୍ବଲପୁର*
*ମୋ- ୮୩୨୮୯୪୫୮୮୫*

# କବିତା ଗୁଚ୍ଛ

## ବିଦ୍ୟାଦାତ୍ରୀ



**ସୁଜିତ କୁମାର ମିଶ୍ର**

ତମସା ଘେରରେ ମୁଁ ଯେ ମୂଢ଼ମତୀ ଅପାର ଅଜ୍ଞାନ ତାତି,
କରୁଣା ଛୁଆଁରେ ମୋତେ କରିଦିଅ କମନୀୟ ଜ୍ଞାନବତୀ ।
ପୀଡିତ ପରାଣ ଚାଲିପାରୁନାହିଁ କାଳ କଣ୍ଟକିତ ପଥେ,
ଜ୍ୟୋତି ଭରିଦିଅ ଅନ୍ଧଆଖିରେ ମୋ ଜଗତକୁ ନିତି ଜିତେ ।

ବନ୍ଦନୀୟା ତୁମେ ଦେବୀ ବିଦ୍ୟାଦାତ୍ରୀ ଭାବବନ୍ଧନର ନଈ,
ତୁମ ବୀଣାର ସେ ମଧୁ ମୂର୍ଚ୍ଛନାରେ ତୋଳିଛ ମଳୟ ଛାଇ।
ଆଶାର ପ୍ରଦୀପ ହୋଇ ଅସରନ୍ତି ସଂସାରେ ଓହ୍ଲାଇ ଆସ,
ଲେଖନୀକୁ ଦିଅ ସୃଜନ ଶକତି ଭାବନା ବଉଳ ବାସ ।

ହଂସବାହିନୀ ମା' ଆଶିଷରେ ତୋର ହସୁଥାଉ ଏ ମରତ,
ଅପୂର୍ଣ୍ଣ ପାତ୍ରଟି ହେଉ ଦିବ୍ୟତାର ଅସୁମାରୀ ଭବ୍ୟ ସ୍ରୋତ।
ନୀରବ ନିଶ୍ଚଳ ଏ ମନ ପରାଣେ ତୁମେ ନିର୍ଝରିଣୀ ରାଗ,
ବିଶ୍ୱାସପଣର ବସନ୍ତ ବସନେ ବଶୀଭୂତ ଭକ୍ତିରଙ୍ଗ ।

ମୋ ଅନ୍ତରେ ଥାଅ ମିଠାମୋହେ ତୁମେ ମମତାଚନ୍ଦନ ହୋଇ,
ଜାଣେ ତୁମେ ଥିଲେ ଶୂନ୍ୟତା ମୋହର ଜୀବନରେ କେବେ ନାହିଁ ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ- ୭୬୮୩୮୬୭୭୪୨*

## ଚତୁର୍ଭୁଜା ମା' ଭାରତୀ...

**ରାମଚନ୍ଦ୍ର ବେହେରା**

ବସନ୍ତ ପଞ୍ଚମୀ ଆସିଛି ରାଇଜେ
ହସୁଛି ପବିତ୍ର ଧରଣୀ
ସାରା ବିଦ୍ୟାଳୟ ଉତ୍ସବ ମୁଖର
ପୂଜା ହେବେ ବିଦ୍ୟାଦାୟିନୀ
ମରାଳ ବାହନେ ଆସିବେ
ବୀଣା ଓ ପୁସ୍ତକ ହସ୍ତେ ଧରି ମାତ
କରୁଣାର ବାରି ଢାଳିବେ।

ମାତା ଜ୍ଞାନଦାତ୍ରୀ ବିଦ୍ୟା ପ୍ରଦାୟିନୀ
ଅଜ୍ଞାନ ଅନ୍ଧାର ନାଶିନୀ
ଶ୍ୱେତ ପଦ୍ମାସନା ମାତା ଶୁଭାଙ୍ଗିନୀ
ବିଦ୍ୟାଦାତ୍ରୀ ଚାରୁ ହାସିନୀ
ମାତାଙ୍କ ଆଶିଷ ବଳରେ
ମୂର୍ଖ କାଳିଦାସ ମହାଜ୍ଞାନୀ ହୋଇ
ରଖିଗଲା ଯଶ ମହୀରେ।

ଧବଳ ବସନେ ହରଷ ବଦନେ
ଆସିବେ ଶ୍ରୀପଦା ରାଇଜେ
ବିଦ୍ୟା ବୁଦ୍ଧି ଜ୍ଞାନ ପରଶି ଦେବେ ମା'
ସଭିଂକ ପରାଣେ ମଉଜେ
ଶୁଣିବେ ସଭିଙ୍କ ଗୁହାରି
ଜ୍ଞାନ ଅନ୍ଧକାର ଦୂରେଇ ଦେବେ ମା'
ମଂଗଳ କରିବେ ସବୁରି।

ମଣ୍ଡପେ ବସେଇ ପୁଷ୍ପରେ ସଜେଇ
ପୂଜିବେ ସରବେ ହରଷେ
ପୁଷ୍ପାଞ୍ଜଳି କାଳେ ବନ୍ଦନା ଗାଇବେ
ବିଦ୍ୟା ଦେବେ ମା' ଆଶିଷେ
କରିବେ ବିନମ୍ର ପ୍ରଣତି
ଜ୍ଞାନ ଗାରିମାରେ ସଭିଙ୍କୁ ମୋହିବେ
ଚତୁର୍ଭୁଜା ମା' ଭାରତୀ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

## ଗାନ୍ଧାରୀଙ୍କୁ ପଦେ....

**ସୁଜାତା ଦାସ ମହାନ୍ତି**

ଶତପୁତ୍ରର ଜନନୀ ବାରେ
ଅନ୍ଧପଟିକା ଖୋଲିବ କି ?
ପୁତ୍ର ମୋହର କୁହୁଟିକାରୁ
ନିଜକୁ ଉନ୍ମୁକ୍ତ କରିବ କି ?

କାହିଁକି ବାନ୍ଧିଲ ଅନ୍ଧ ପଟିକା
ଆଜି ମଧ ବୁଝିପାରେ ନାହିଁ
ପତିବ୍ରତା ଧର୍ମ ନିଭାଇଲ ଅବା
ଦାୟିତ୍ୱଶୂନ୍ୟ ହେବା ପାଇଁ ?

ଧୃତରାଷ୍ଟ୍ର ଅନ୍ଧ ବିଧିର ନିର୍ଦ୍ଦେଶ
ନିୟତିକୁ ଟାଳିହେବ ନାହିଁ
ତୁମେ ପୁଣି କିଆଁ ଅନ୍ଧୁଣୀ ସାଜିଲ
ଶତପୁତ୍ରର ମାତା ହୋଇ ?

ମା'ର ଦାୟିତ୍ୱ ମା'ର କର୍ତ୍ତବ୍ୟ
ଗାନ୍ଧାରୀ କିବା ଜାଣନାହିଁ
ଧରାପୃଷ୍ଠରେ ଈଶ୍ୱରଙ୍କ ପରେ
ଦ୍ୱିତୀୟ ପରା ଅଟ ତୁହିଁ !

ଆଚାରବିଚାର ଶିକ୍ଷା ଓ ସଂସ୍କାର
ମା'ଠାରୁ ପିଲା ପାଇଥାଏ
ଯିଏ ନଦିଅଇ ପିଲାର କି ଦୋଷ
ମା'କୁ ଅଯୋଗ୍ୟ ବୋଲାଯାଏ।
ମଣିଷ ଛୁଆକୁ ମଣିଷ କରିବା
ସହଜ କଥା ତ କେବେ ନୁହେଁ
ସେଥିପାଇଁ ପରା ସାରା ଜୀବନକୁ
ବିନା ସ୍ୱାର୍ଥେ ବାଜି ଲଗାଯାଏ।

ଏକ ଦୁର୍ଯ୍ୟୋଧନ ଏକ ଦୁଃଶାସନ
ଏକଇ ଶକୁନି କାଲି ଥିଲେ
ଆଜି କିନ୍ତୁ ଦେଖ ଶହ ଶହ ହୋଇ
ଏମାନେ ଯେ ସବୁ ମାତିଗଲେ।

ଖୋଲିଦିଅ ଏବେ ଅନ୍ଧ ପଟିକା
ଆଙ୍କିଦିଅ ବାରେ ବିଜୟର ଟୀକା
କୁରୁବଂଶର କୁଳବଧୂ ଆଜ
କୁଳରକ୍ଷା କର ବିଳମ୍ବେ ନ ମଜ।

ପଥ ପ୍ରଦର୍ଶିକା ହୁଅ ଗୋ ଗାନ୍ଧାରୀ
ନହେଉ ସନ୍ତାନ ସଂସାରର ବୈରୀ
ସଂସ୍କାରୀ ହେଉ, ହେଉ ସେ ଶିକ୍ଷିତ
ଦ୍ରୌପଦୀ ନହେଉ ଆଜି ନିର୍ଯାତିତ।

ମହାଭାରତୀୟ ଚିନ୍ତା ଓ ଚେତନା
ଭରିଦିଅ ମନେ ଯାଉ ଅବସାଦ
ନବ ଭାରତର ନିର୍ମାଣ କାମନା
ପୂର୍ଣ୍ଣ ହେଉ ଦିଅ ଏହି ଆଶୀର୍ବାଦ।

*କଟକ*
*ମୋ- ୬୩୭୦୨୯୪୧୩୮*

## ଶାନ୍ତିର ମୂରତି ମାଆ ସରସ୍ୱତୀ

**ପ୍ରଶାନ୍ତ କୁମାର ଦାଶ**

ପାଠଦିଅ ମାଆ ଶାଠ ବି ଦିଅ
ହେବୁ ଆମେ ସୁନାପିଲା
ହସାଇବୁ ଦେଶ ରାଇଜ ସମାଜ
ଗାଆଁ ସହର ଓ ଜିଲ୍ଲା ।।

ପାଠମାଆ ବୋଲି ଜାଣନ୍ତି ସବୁ
ଅନ୍ଧାର ରାତିର ଶଶୀ
ପୂଜିବୁ ତୁମର ଅଭୟ ପାଦ
ପାଠଶାଳା ଘରେ ବସି ।।

ଅଜ୍ଞାନ ଅନ୍ଧାରେ ଦେଖାଅ ମାଆ
ଆମକୁ ଆଲୁଅ ବାଟ
ତୁମ ଆଶିଷରେ ହେବୁ ଦୁନିଆରେ
ଭଲପିଲା ଭଲଚାଟ ।।

ଆମ ରାଇଜର କେତେପିଲା ଆଜି
ଦୁଖେ କାଟୁଛନ୍ତି କାଳ
ହୁଅମା ସହାୟ ଲିଭିଯାଉ ତାଙ୍କ
ଆଖିଲୁହ ଲହୁ ଝାଳ ।।

ତାଙ୍କୁ ଦିଅ ବୁଦ୍ଧି ଭଲଜ୍ଞାନ ଦାନ
ପାଇବେ ଜୀବନେ ସୁଖ
ହଟିଯାଉ ତାଙ୍କ ଫଟାକପାଳରୁ
ଲେଖାଥିବା ସବୁ ଦୁଃଖ ।।

ମାଆ ସରସ୍ୱତୀ ଶାନ୍ତିର ମୂରତି
ସୁନ୍ଦର ଧବଳ ବାସ
କଅଁଳମନର ଭକତି ବଳରେ
ପୂଜିବୁ ମାଆଗୋ ଆସ ।।

*କୁଞ୍ଜର ସଙ୍ଗଳାଇ*
*ପିପିଲି -ପୁରୀ*
*ମୋ -୯୬୬୮୮୨୨୧୯୦*

## ଅବଲୋକରା

**ନିରଞ୍ଜନ ସାହୁ**

ଅମାନିଆ ମନ ମାନେନାହିଁ କିଛି
ଭୁଲବାଟ ଧରିନିଏ
ଭଲକଥା ତାକୁ ଜମାରୁ ରୁଚେନା
ତା ଇଛାରେ ଚାଲେ ସିଏ ।

ଲଗାମ ଛଡା ସେ ହୋଇକି ଚାଲଇ
ବାଛବିଚାର ନ କରେ
ନିଜକୁ ନିଜେ ସେ ମହାନ ଭାବିକି
ତା ସୁବିଧା ବାଟ ଧରେ
ଅବୋଲକରାକୁ ଯେତେ ବୁଝାଇଲେ
ସିଏ କହେ, ' ତୁମେ କିଏ ?

ହିତାହିତ ଜ୍ଞାନ ଭୁଲିଯାଏ ସେହି
କାହାକୁ ନଥାଏ ଡ଼ର
କେତେ ଲାଭ ପୁଣି କେତେ କ୍ଷତି ହେବ
ବୁଝିବାକୁ ନାହିଁ ତର
ସାଙ୍ଗ ଗହଳରେ ନାଶ ହୋଇଯାଏ
ନିଶାପାଣି ପୁଣି ପିଏ ।

ଖରାପ କାମଟା ତାକୁ ଭଲଲାଗେ
ଅଙ୍କୁଶ ଯେହେତୁ ନାହିଁ
ବିବେକ ଆକଟ ବନ୍ଧ ଭାଙ୍ଗେ ସିଏ
କାହା କଥା ମାନେ କାହିଁ
ଯେତେ ଉପଦେଶ ଦେଲେ ବି ତାହାକୁ
ସେସବୁ ଆଡେଇ ଦିଏ ।

*ନିହଲ ପ୍ରସାଦ , ଗଁଡିଆ ପାଟଣା*
*ଢେଙ୍କାନାଳ*
*ମୋ : ୯୯୩୮୭୪୧୫୮୩*

## ବାପୁଜୀଙ୍କ ସ୍ମରଣେ

**ଆଦ୍ୟାଶା ମହାପାତ୍ର**

ହେ ପ୍ରିୟ ବାପୁଜୀ ଖୋଜୁଛ କି ତୁମେ
ତୁମରି ସ୍ୱପ୍ନର ରାମ ରାଇଜ
କେତେ ଦୂର ଆଜି ସଫଳ ହୋଇଛି
ଅବା କିଛି ବାକି ରହିଛି ଆଜ
ହେଉଛି କି ମନଦୁଃଖ
ତୁମ ସ୍ୱପ୍ନ ଆଜି ଭାଙ୍ଗି ଚୁରମାର
ଦୃଶ୍ୟ ହୁଏ ନାହିଁ ସେ ରୂପରେଖ ।।

ନାରୀ ଜାଗରଣ କରିଅଛୁ ଆମେ
ନାରୀ କୁ କରିଛୁ ହାତ ଖେଳନା
ଭୋଟ ବେଳରେ ତାଙ୍କ ହାତ ଧରି
ନିର୍ବାଚନ ଆମେ ଜିତୁଛୁ ସିନା
ଗଣତନ୍ତ୍ର ଶାସନରେ
ନାରୀ ସହୁଅଛି ଧର୍ଷଣ ଯନ୍ତ୍ରଣା
ନିର୍ଯାତିତ ହୁଏ ଘରେ ବାହାରେ ।।

ତୁମେ କହିଥିଲ ଆରାମ ହାରାମ
କଷ୍ଟ କରି କୃଷ୍ଣ ପାଇବା ପାଇଁ
ସେ ନୀତି ଆଦର୍ଶ ନାହିଁ ଆମ ପାଶ
ଆରାମରେ ଦିନ ଦେଉ ବିତାଇ
ବିନା ପରିଶ୍ରମେ ଫଳ
ସରକାର ଦିଏ ମୋଫତରେ ଧନ
ଅୟସରେ ଆମେ କାଟୁଚୁ କାଳ ।।

କୋଟି ପ୍ରଣିପାତ ଅରପଣ କରୁ
ଆଜି ତୁମ ଶ୍ରାଦ୍ଧ ଦିବସରେ
କ୍ଷୋଭ ଆସେ ମନେ ତୁମ କଥା ଭାବି
ଉଦାସ ଆବେଗ ମନରେ ଭରେ
ବାପୁ ! ମନ ଊଣା କରିବନି
ତୁମରି ଆଦର୍ଶ ହିତ ଉପଦେଶ
ତୁମ ପରେ ଦେଶ ଭୁଲି ଗଲାଣି ।।

*ନୂଆପଡା, କଟକ*

## ଜୀବନ ଗୀତି

**ରତ୍ନକାନ୍ତି ମିଶ୍ର**

କେଡ଼େ ଅଦ୍ଭୁତ ଏ ଜୀବନଟା ସତେ
ଅଡୁଆ ସୂତାର ଗଣ୍ଠି
ଛନ୍ଦି ହେଉଥାଏ ବେଳରୁ ବେଳକୁ
ଡାକିବା ଆଗରୁ ମାଟି,
ଜୀଇଁବାକୁ ହୁଏ ତମାମ ଜୀବନ
କେତେ ଲହୁ ଲୁହ ଢାଳି
ହଜାର ଥର ମୁଁ ମରି ଜୀଉଁଥାଏ
ସୁଖ ସୌଭାଗ୍ୟକୁ ଭାଳି।

ପାଇବାକୁ ଖୁସି ସାରାଟା ଜୀବନ
କେତେ ମୁଁ ଖୋଜିଛି ବାଗ
ବଦାଳାଇଛି ମୁଁ ଅନ୍ତର ଆବେଗ
କେବେ ଜୀଇଁବାର ଢଙ୍ଗ,
ଯୁକ୍ତ ବିଯୁକ୍ତର ଜୀବନକୁ ନେଇ
ଚାଲିଛି ମୋ ଅଙ୍କକଷା
ତଥାପି ଛାଡୁନି ମୋହ ମାଦକତା
ଉଜ୍ଜୀବିତ ଜୀଜିବିଷା ।।

କେବେ ଦୁର୍ଦ୍ଦିନେ ଦ୍ରବୀଭୂତ ହୋଇ
ଟେକି ମୁଁ ଦେଇଛି ହାତ
କ୍ଷଣିକରେ ପୁଣି ଝାଙ୍କି ମୁଁ ଦେଖିଛି
ଆଶାଲୋକ ପ୍ରକଟିତ,
ତେଣୁ ଶ୍ରେୟସ୍କର ସଂସାର ଭେଳାକୁ
ବାହିନେବି ଧରି ଧୈର୍ଯ୍ୟ
ଓଠେ ମୋ ଫୁଟିବ ହସର ପାଖୁଡ଼ା
କାଳେ ଉଇଁ ଭାଗ୍ୟସୂର୍ଯ୍ୟ।

ତୋଳୁଛି ଉଚ୍ଛ୍ୱାସେ ମୂର୍ଚ୍ଛନା
କେବେ ଭାବରେ ହୋଇ ବିହ୍ୱଳ
ଜୀବନ ଗୀତି ମୁଁ ଗାଉଛି
ନିରତେ ନିଆରା ମୋ ସୁର ତାଳ ।।

*ଆଳି, କେନ୍ଦ୍ରାପଡା*

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ପାହିମହୁରା ଉପ୍ରା ବିଦ୍ୟାଳୟର ବାର୍ଷିକୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ପରିଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବକୁ ମଣ୍ଡଳ ଶିକ୍ଷାଧିକାରୀ ଅଧିର କୁମାର ତରାଇ ଉଦଘାଟନ କରିଥିଲେ। ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ସ୍ଥାନୀୟ ସରପଞ୍ଚ କାଞ୍ଚନବାଳା ପାତ୍ର ମୁଖ୍ୟଅତିଥି, ଶିକ୍ଷାବିତ ପ୍ରଫୁଲ୍ଲ କୁମାର ସାହୁ ମୁଖ୍ୟବକ୍ତା, କବି ସନ୍ତୋଷ କୁମାରସାହୁ, ଶିକ୍ଷାବିତ ସୁରେନ୍ଦ୍ର କୁମାର ପଣ୍ଡା, ପ୍ରାକ୍ତନ ଶିକ୍ଷାଧିକାରୀ ପୁରୁଷୋତ୍ତମ ଧଳ, ନାଟ୍ୟ ନିର୍ଦ୍ଦେଶକ କରୁଣାକର ବାରିକ, ଶିକ୍ଷା ସଂଯୋଜକ ବିଶ୍ୱରଞ୍ଜନ ଶେଣ୍ଠ, ଦେବେନ୍ଦ୍ର ନାୟକ, ରାଜକିଶୋର ନାୟକ, ଶ୍ରୀନିବାସ ପାଲ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ଶାନ୍ତିଲତା ଜେନା, ବିଦ୍ୟାଳୟ କମିଟି ସଭାପତି ତରୁଣ ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଅତୀତ ଗୌରବ ଓ ଭବିଷ୍ୟତ ଆଶା ସମ୍ପର୍କରେ ଆଲୋକପାତ କରିଥିଲେ।

# ରାସ୍ତା ପାଲଟିଛି ମରଣଯନ୍ତା, ଆନ୍ଦୋଳନ ପାଇଁ ସଜବାଜ



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା ଏକ କେନାଲ ବନ୍ଧ ରାସ୍ତା ମରଣଯନ୍ତାରେ ପରିଣତ ହୋଇଥିବାର ଅଭିଯୋଗ ହୋଇଛି। ଏହାର ପ୍ରତିକାର ଦିଗରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ ପ୍ରଶାସନ ତରଫରୁ ଏହି ରାସ୍ତା ମରାମତି କରାଯାଉନଥିବା କାରଣରୁ ଲୋକେ ଗଣ ଆନ୍ଦୋଳନ ନିମନ୍ତେ ସଜବାଜ ହେଉଥିବାର ଜଣାଯାଇଛି। ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀଙ୍କ ଅଧିନରେ ୯ ନମ୍ବର କେନାଲ ବନ୍ଧ ରାସ୍ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ରହିଛି। ପ୍ରତିବର୍ଷ ଏହି ରାସ୍ତା ମରାମତି ନାମରେ ବିଭାଗୀୟ ଅଧିକାରୀ ସ୍ଥାନୀୟ ରାଜନେତା ଓ ଠିକାଦାର ଅସାଧୁ ମେଣ୍ଟ କରି ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଉଥିବାର ସାଧାରଣରେ ଚର୍ଚ୍ଚା ହେଉଛି। ଏହି ରାସ୍ତାଟି ମନ୍ତ୍ରୀ ଯନ୍ତ୍ରୀ ଓ ଠିକାଦାରଙ୍କ ନିମନ୍ତେ ଏକ ରକମ ଲେଉଟିଆ କିଆରିରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ରାସ୍ତା ପ୍ରତିବର୍ଷ ସରକାରୀ କାଗଜକଲମରେ ନିର୍ମାଣ କରାଯାଉଥିବାର ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବା କାରଣରୁ ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡୁଥିବାର ଅଭିଯୋଗ ହୋଇଛି। ଏହି ରାସ୍ତା ଉପରେ ଦୈନନ୍ଦିନ ସ୍ଥାନୀୟ ନିଶ୍ଚିନ୍ତକୋଇଲି ବ୍ଲକର ସୁକରପଡା, କଟିକଟା, କେଂଟାଲୋ ସମେତ ମାହାଙ୍ଗା ବ୍ଲକର ଗୋପାଳପୁର, ଭଦ୍ରେଶ୍ୱର, ନାହାଙ୍ଗ, ହଳଦିଆ, ଗୋତରା, ଉମର ଓ ଡେରାବିଶ ବ୍ଲକର ବହୁ ପଞ୍ଚାୟତର ଶହ ଶହ ଲୋକ ଓ ସ୍କୁଲ କଲେଜ ଛାତ୍ର ଛାତ୍ରୀ ଗମନାଗମନ ନିମନ୍ତେ ନିର୍ଭର କରିଥାନ୍ତି। ଏହି ରାସ୍ତାର ସୁକରପଡା ଠାରୁ କୁରୁଜଙ୍ଗା ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ରାସ୍ତାରେ ମେଂଟାଲ ଗୁଡିକ ବାହାରିଯାଇ ବିସ୍ତାରିତ ଭାବେ ରାସ୍ତା ସାରା ପଡି ରହିଛି। ରାସ୍ତାର ବିଭିନ୍ନ ସ୍ଥାନରେ ବଡ ବଡ ଗାତ ସୃଷ୍ଟି ହୋଇଛି। ଟିକିଏ ବର୍ଷା ହେଲେ ଏହି ଗାତରେ ପାଣି ଜମି ରହୁଛି। ରାସ୍ତାର ଅବସ୍ଥା ଏପରି ହୋଇଛି ଯେ ରାସ୍ତାରେ ଯାନ ବାହାନ ଗମନା ଗମନ କରିବା ତ ଦୂରର କଥା ଖାଲି ପାଦରେ ଚାଲିକି ଯିବା କାଠିକର ପାଠ ଅଟେ। ରାସ୍ତାର ଦୂରବସ୍ଥା ହେତୁ ଦୈନନ୍ଦିନ ଏହି ରାସ୍ତାରେ ଛୋଟବଡ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ହେଉଥିବାର ଅଭିଯୋଗ ହୋଇଛି। ଏପରିକି ରାସ୍ତାର ଦୂରବସ୍ଥା ହେତୁ ଜରୁରୀ କାଳୀନ ପରିସ୍ଥିତିରେ ସ୍ଥାନୀୟ ଗ୍ରାମ ଗୁଡିକୁ ଦମକଳ ଗାଡି କିମ୍ବା ଆମ୍ବୁଲାନ୍ସ ଯାଇଆସିପାରୁନାହିଁ। ଫଳରେ ବହୁ ସମୟରେ ଲୋକେ ଡାକ୍ତରଖାନାକୁ ଯାଇନପାରି ଅକାଳରେ ମୃତ୍ୟୁ ମୁଖରେ ପଡୁଥିବାର ଅଭିଯୋଗ ହୋଇଛି। ଏହି ରାସ୍ତାକୁ ମରାମତି କରାଯିବା ନିମନ୍ତେ ଲୋକେ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ ଏଥିପ୍ରତି ବିଭାଗୀୟ ସ୍ତରରେ କୌଣସି ଦୃଷ୍ଟି ଦିଆଯାଉନଥିବାର ଅଭିଯୋଗ ହୋଇଛି। ତୁରନ୍ତ ଏହି ରାସ୍ତା ପୁନଃ ନିର୍ମାଣ କରାନଗଲେ ସ୍ଥାନୀୟ ଲୋକେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ପଛାଇବେ ନାହିଁ ବୋଲି ଚରମ ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ଏହି ରାସ୍ତା ନିର୍ମାଣରେ ହୋଇଥିବା ଅନିୟମିତତା ଓ ଦୁର୍ନୀତିର ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ଦୁର୍ନୀତିଖୋର ଯନ୍ତ୍ରୀ ଓ ଠିକାଦାରଙ୍କ ଅସଲମୁଖାର ପର୍ଦ୍ଦାଫାସ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଲକ୍ଷପତି ଦିଦି ତାଲିମ ଶିବିର



ଡେରାବିଶ (ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ଅନ୍ତର୍ଗତ ହରିଅଙ୍କ ଓ ଯଅଁରାବାରିମୂଳ ପଞ୍ଚାୟତରେ ଦୁଇଦିନିଆ ଲକ୍ଷପତି ଦିଦି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳର ମହିଳାମାନଙ୍କୁ ଆର୍ଥିକ କ୍ଷେତ୍ରରେ ଶସକ୍ତିକରଣ ନିମନ୍ତେ ଓଡ଼ିଶା ଜୀବିକା ମିଶନ ଓ ମିଶନଶକ୍ତି ବିଭାଗ ଦ୍ୱାରା ଏହି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ହରିଅଙ୍କ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ କନକଲତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତାଲିମ ଶିବିରରେ ମୁଖ୍ୟ ଅତିଥିଭାବେ ସମାଜସେବୀ ସୁଖଦାନନ୍ଦ ପ୍ରଧାନ ଯୋଗଦେଇ ଏହି ତାଲିମ ଦ୍ୱାରା ଗ୍ରାମାଞ୍ଚଳର ମହିଳାମାନେ କିପରି ବିଭିନ୍ନ ଲଘୁ ଉଦ୍ୟୋଗ ଓ ବିଭିନ୍ନ ବ୍ୟବସାୟ କରି ସ୍ୱାବଲମ୍ବୀ ହୋଇପାରିବେ ସମ୍ପର୍କରେ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ତାଲିମଦାତା ଭାବେ ସୁଶାନ୍ତି ଦାସ ଓ ରଶ୍ମିତା ନାୟକ ଯୋଗଦେଇ ପଞ୍ଚାୟତ ଅନ୍ତର୍ଗତ ୮୦ ଜଣ ଲକ୍ଷପତି ଦିଦିଙ୍କୁ ଦୁଇଦିନଧରି ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିପିଏଲଫ୍ ସଭାପତି ନିର୍ମଳା ରାୟ, ସମ୍ପାଦିକା ସୌଦାମିନୀ ସ୍ୱାଇଁ, ଏମ୍‌ବିକେ ମାନସୀ ନାୟକଙ୍କ ସମେତ ସମସ୍ତ ସିଆରପି ଓ ଇସି ସଦସ୍ୟମାନେ ପରିଚାଳନା କରିଥିଲେ। ସେହିପରି ଯଅଁରାବାରିମୂଳ ପଂଚାୟତ କାର୍ଯ୍ୟାଳୟ ପରିସରରେ ଯଅଁରାବାରିମୂଳ ଜିପିଏଲ୍‌ଏଫ ସଭାପତି ହରପ୍ରିୟା ପରିଡ଼ା ଓ ସମ୍ପାଦିକା ଅନିତା ମଞ୍ଜରୀ ରାଉତଙ୍କ ଦ୍ୱାରା ପରିଚାଳିତ ଦୁଇଦିନିଆ ଲକ୍ଷପତି ଦିଦି ତାଲିମ କାର୍ଯ୍ୟକ୍ରମରେ ପଞ୍ଚାୟତ ଅନ୍ତର୍ଗତ ୬୯ ଜଣ ମହିଳା ତାଲିମ ଗ୍ରହଣ କରିଥିଲେ।

# ୧୪ରୁ ସତ୍ୟବାଦୀ ମହୋତ୍ସବ



ପୁରୀ (ଭାସ୍କର ନ୍ୟୁଜ): ଫେବୃୟାରୀ ୧୪ ରୁ ୧୬ ତାରିଖ ପର୍ଯ୍ୟନ୍ତ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ପଞ୍ଚସଖା ପଡିଆ ଠାରେ ଅନୁଷ୍ଠିତ ହେବ ୮ମ ସତ୍ୟବାଦୀ ମହୋତ୍ସବ। ଏହି ୩ ଦିନିଆ ମହୋତ୍ସବକୁ ଆକର୍ଷଣୀୟ ତଥା ଶୃଙ୍ଖଳାର ସହ ଆୟୋଜନ ପାଇଁ ଏକ ବୈଠକ ଶନିବାର ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଯାଇଛି।ଏଥିରେ ଯୋଗ ଦେଇ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ମହୋତ୍ସବ ଏକ ଆନନ୍ଦ ଓ ଉଲ୍ଲାସର ପର୍ବ ସହ ଭାଇଚାରା ଓ ସଦଭାବନା ସୃଷ୍ଟି କରିବାରେ ସହାୟକ ହେଉ ଥିବାରୁ ଏହାକୁ ଶାନ୍ତି ଶୃଙ୍ଖଳା ର ସହ ଆୟୋଜନ ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ଚଳିତ ବର୍ଷ ଏହାକୁ ଅଧିକ ଆକର୍ଷଣୀୟ କରିବା ସହ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି ନିକଟରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ମାଧ୍ୟମରେ ଜ୍ୟୋତି ଯାତ୍ରା ଅନୁଷ୍ଠିତ ହେବ। ଏଥିରେ ସମସ୍ତେ ଯୋଗ ଦାନ ପାଇଁ ସେ ଅନୁରୋଧ କରିଥିଲେ। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିବା ସହ ପ୍ରତ୍ୟେକ ବିଭାଗ ମଧ୍ୟରେ ସମନ୍ୱୟ ରଖି ସତ୍ୟବାଦୀ ମହୋତ୍ସବ କୁ ଶୃଙ୍ଖଳାର ସହ ପରିଚାଳନା ପାଇଁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ଜାନକୀ ବଲ୍ଲଭ ବରାଳ ଅନୁଷ୍ଠାନର ପୂର୍ବତନ ସମ୍ପାଦକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ବୈଠକରେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡ଼ିଓ ଦେବାଶିଷ ନାୟକ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

## ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଯୋଗଦାନ

ଉମରକୋଟ (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦର କାର୍ଯ୍ୟ ନିର୍ବାହି ଅଧିକାରୀଙ୍କ ଗତ ଏକ ମାସ ତଳେ ଅନ୍ୟତ୍ର ବଦଳି ହୋଇଥିବା ବେଳେ ଶନିବାର ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି ନୂତନ କାର୍ଯ୍ୟ ନିର୍ବାହି ଅଧିକାରୀ ଆଲୋକ ଅନୁଗୁଳିଆ। ଏଥି ପୂର୍ବରୁ ଆଲୋକ ଅନୁଗୁଳିଆ ନୂଆପଡା ଜିଲ୍ଲା ରେ ଜିଲ୍ଲା ପାଳ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ। ବର୍ତ୍ତମାନ ଦେଖିବାକୁ ବାକି ରହିଲା ଏହି ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ କେତେ ଦିନ ପର୍ଯ୍ୟନ୍ତ କାର୍ଯ୍ୟ ଭାର ସମ୍ଭାଳିବେ, କାରଣ ଗତ ଏକ ବର୍ଷ ହେବ ପୌର ପରିଷଦରେ ପ୍ରାୟ ୬ ଜଣ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବଦଳି ହୋଇ ସାରିଛି। ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉମରକୋଟ ପୌର ପରିଷଦରେ ଯୋଗ ଦେବାରୁ ସମସ୍ତ କର୍ମଚାରୀ ଆନନ୍ଦିତ ହୋଇଛନ୍ତି।

# ଆଦିବାସୀ ହରିଜନ ଉନ୍ନୟନ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



କରଞ୍ଜିଆ (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲାର ରରୁଆଁ ବ୍ଲକ୍ ଅନ୍ତର୍ଗତ ନିଉଣ୍ଟି ଗ୍ରାମ ପଞ୍ଚାୟତରେ ଥିବା ବାଲାନପୋଷି ସରକାରୀ ଆଧିବାସୀ ହରିଜନ ଉନ୍ନୟନ ଉଚ୍ଚ ବିଦ୍ୟାଳୟ, ନିୟୁଣ୍ଟିର ବାର୍ଷିକ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ପୂର୍ବତନ ପ୍ରଧାନ ଶିକ୍ଷକ ଶରତ କୁମାର ସିଠ ସଭାପତିତ୍ୱ କରିଥିଲେ। ରରୁଆଁ ବ୍ଲକର ବିଡ଼ିଓ ପ୍ରେମାନନ୍ଦ ବେହେରା ମୁଖ୍ୟ ଅଥିତି ଭାବେ ଯୋଗ ଦେଇଥିଲା ବେଳେ, ସିପି ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁବୋଧ ଚନ୍ଦ୍ର ବାରିକ ମୁଖ୍ୟ ବକ୍ତା ଏବଂ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଆଲୋକ କୁମାର ମାଝୀ, ବି.ଏନ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭିମନ୍ୟୁ ମୋହନ୍ତା, ସରକାରୀ ଏସ.ଏସ.ଡି ଉଚ୍ଚ ବିଦ୍ୟାଳୟ, ହାତିବାରୀର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାକର ଦଳେଇ, ବିଦ୍ୟାଳୟର ଏସ.ଏମ.ସି ଅଧ୍ୟକ୍ଷ କପିଳ ନାଏକ ସମ୍ମାନିତ ଅଥିତି ଭାବେ ଯୋଗଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲୋକନାଥ ମୋହନ୍ତ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ମଞ୍ଚରେ ମୁଖ୍ୟ ଅତିଥି ବି.ଡ଼ି.ଓ ଶ୍ରୀ ବେହେରା ତ୍ରିପାକ୍ଷିକ ଶିକ୍ଷ୍ୟା ସମ୍ବନ୍ଧରେ ଶିକ୍ଷକ, ଛାତ୍ରଛାତ୍ରୀ ଓ ସେମାନଙ୍କ ପିତାମାତାଙ୍କର ଆବଶ୍ୟକ ଥିବା କର୍ତ୍ତବ୍ୟ ସମ୍ବୋଧରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀ ସର୍ବଦା କିଭଳି ସତକଥା କହିବେ ଓ ବ୍ରହ୍ମମୁହୂର୍ତ୍ତରୁ ଶଯ୍ୟା ତ୍ୟାଗ କରି ଭଗବାନଙ୍କ ନିକଟରେ ପାର୍ଥନା କରି ଏବଂ ପିତାମାତା ଓ ଶିକ୍ଷକ ଆଶୀର୍ବାଦ ଭିକ୍ଷ୍ୟାକରି କଠୋର ପରିଶ୍ରମକରି ପାଠପଢି ଉଚ୍ଚ ଶିକ୍ଷ୍ୟା ଲାଭ କରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଅତିଥି ଶିକ୍ଷକ ଯୋଗେନ୍ଦ୍ର ନାଥ ମହାନ୍ତ ଅଥିତି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ଅନ୍ନପୂର୍ଣ୍ଣା ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଚିତ୍ରାନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀ ଓ ପ୍ରତିମୂର୍ତ୍ତି ଉନ୍ମୋଚିତ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ଓ ସର୍ବୋଦୟ ନେତା ବିଚିତ୍ରାନନ୍ଦ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ପାଳନ ସହିତ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଏଥିସହ ତାଙ୍କ ପନ୍ନୀ ବିଶିଷ୍ଟ ସର୍ବୋଦୟ ନେତ୍ରୀ ନିର୍ମଳା ମହାନ୍ତିଙ୍କ ପ୍ରତିମୂର୍ତ୍ତି ମଧ୍ୟ ସ୍ଥାନୀୟ କପାଳେଶ୍ୱରସ୍ଥିତ 'ନିତ୍ୟ ବୈକୁଣ୍ଠ'ରେ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ 'ବିଚିତ୍ରାୟନ' ନାମକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ଡ. ରାମଚନ୍ଦ୍ର ବେହେରା, ପଦାର୍ଥ ବିଜ୍ଞାନୀ ଜ୍ଞାନଦେବ ମହାରଣା, ପ୍ରଫେସର ନନ୍ଦକିଶୋର ପରିଡା, ଡାକ୍ତର ବିଶ୍ୱପ୍ରକାଶ କାନୁନଗୋ, କେନ୍ଦ୍ରାପଡ଼ା ଅର୍ବାନ୍ କୋଅପରେଟିଭ୍ ବ୍ୟାଙ୍କ ସଭାପତି ଗୁରୁପ୍ରକାଶ ମହାନ୍ତି, ମୁଖ୍ୟ ନିର୍ବାହି ଅଧିକାରୀ ଭାଗ୍ୟଲକ୍ଷ୍ମୀ ପଣ୍ଡା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ବାସୁଦେବ ଦାସ, ନିରାକାର ଦାସ, ନବଜ୍ୟୋତି ରାୟ, ଅତୁଲ ବଳ, ହିରଣ୍ମୟୀ ମିଶ୍ର, ଜ୍ଞାନରଞ୍ଜନ ନାୟକ, ଅବନ୍ତୀ ବେହେରା, ରଣଧୀର ଜେନା, ବିଜେପି ନେତା ଭୁବନମୋହନ ଜେନା, ଜ୍ଞାନଦେବ ବେହୁରା, ଅଜୟ ସାମଲ ପ୍ରମୁଖ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ପ୍ରଦାନ କରି ଦିବଂଗତଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ନଟରାଜ କଳାପରିଷଦର କଳାକାର ପଣ୍ଡା, ଚିନ୍ମୟୀ ଚାରୁଦର୍ଶନୀ ହୋତା, ମୃତ୍ୟୁଞ୍ଜୟ ପଣ୍ଡା ପ୍ରମୁଖ ଭଜନ ପରିବେଷଣ କରିଥିଲେ। କବି ଅପର୍ଣ୍ଣା ମହାନ୍ତି ଓ ପ୍ରଫେସର ଧୀରେନ୍ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ନାବାଳିକା ଗର୍ଭବତୀ ମାମଲାରେ ଅଭିଯୁକ୍ତ ଗିରଫ

ବାଲିମେଳା (ଭାସ୍କର ନ୍ୟୁଜ): ନାବାଳିକାଙ୍କ ସହ ବାଧ୍ୟତାମୂଳକ ଭାବେ ଶାରୀରିକ ସମ୍ପର୍କ ରଖି ମାଲକାନଗିରି ଜିଲ୍ଲା ଓରକେଲ ଥାନା ଅନ୍ତର୍ଗତ ସୋମନାଥପୁର ପଞ୍ଚାୟତର ତୋଟାଗୁଡା ଗ୍ରାମର ଜଣେ ବୃଦ୍ଧ ଗିରଫ ହୋଇଛନ୍ତି। ମିଳିଥିବା ସୂଚନାନୁଯାୟୀ ନାବାଳିକା(୧୬) ଜଣକ କାମ କରିବା ନିମନ୍ତେ ଗତ ୪ ମାସ ତଳେ ଧାନ ବିଲକୁ ଯାଉଥିଲା। ସେହି ସମୟରେ ସେଠାରେ କାମ କରୁଥିବା ସେହି ଗ୍ରାମର ଶ୍ୟାମ ସୀସା(୬୦) ନାମକ ବୃଦ୍ଧଙ୍କ ସମ୍ପର୍କରେ ଆସିଥିଲା ଏହି ନାବାଳିକା। ତେବେ ଦିନେ ବୃଦ୍ଧ ଜଣକ କିଛି କାମ ଅଛି ବୋଲି କହି ନାବାଳିକା ଜଣଙ୍କୁ ଡାକିନେଇ ନିକଟସ୍ଥ ଜଙ୍ଗଲରେ ନାବାଳିକାଙ୍କ ସହ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲା। ଏହାପରେ ଯଦି ନାବାଳିକା ଟି ନିଜ ଘରେ ଏସବୁ କଥା କୁହେ, ତାହେଲେ ଜୀବନ ରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲା ଏହି ବୃଦ୍ଧ। ଏହାପରେ ଗତ କିଛି ଦିନ ତଳେ ନାବାଳିକା ଜଣଙ୍କ ପେଟ କାଟିବାରୁ ସେ ବାଧହୋଇ ନିଜ ମାଙ୍କୁ କହିଥିଲା। ପରେ ନାବାଳିକାର ମା ଜଣଙ୍କ କୁଡୁମୁଲୁଗୁମ୍ମା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇବା ପରେ ଡାକ୍ତର ଗର୍ଭବତୀ ଥିବା କହିଥିଲେ। ଏହାପରେ ମା ନିଜ ଝିଅକୁ ପଚାରିବା ପରେ ସବୁ ସତ କଥା ମା ଆଗରେ ଝିଅ ଓଗାଳିଥିଲା। ପରେ ନାବାଳିକାର ମା ଓରକେଲ ଥାନାକୁ ଆସି ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଏସଆଇ ଅଜିତ ସିଂ ବରିହାଙ୍କ ନେତୃତ୍ୱରେ ଏକ ଟିମ ଘଟଣା ର ସମ୍ପୂର୍ଣ୍ଣ ତଦନ୍ତ ପରେ କେସ ନଂ ୪୦/୨୫ ରେ ଧାରା ୬ରେ ପୋକ୍‌ସୋ ଆକ୍ଟ ଅନୁଯାୟୀ ଆଜି ଅଭିଯୁକ୍ତ ବୃଦ୍ଧ ଶ୍ୟାମ ସୀସାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି।

# ଟାଟା ଷ୍ଟିଲ୍ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

ଢେଙ୍କାନାଳ (ଭାସ୍କର ନ୍ୟୁଜ): ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଟାଟା ଷ୍ଟିଲ୍ ମେରାମଣ୍ଡଳୀ (ଟିଏସ୍‌ଏମ୍) ପକ୍ଷରୁ ଏନଏଚ ୫୫ରେ ଏକ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଆୟୋଜିତ ହୋଇଯାଇଛି। ଜାତୀୟ ରାଜପଥ ଦେଇ ଯାଆସ କରୁଥିବା ଗାଡି ଚାଳକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଢେଙ୍କାନାଳ ଏସପି ଅଭିନବ ସୋନକର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ଡିଏସ୍‌ପି ନଳିତା ମୋଦୀ, କଂଟାବଣିଆ ଥାନା ଆଇଆଇସି ଶ୍ରୀମତୀ ତୁଳସୀ ମଂଜରୀ ଭୂୟାଁ, ଟିଏସ୍‌ଏମ୍‌ର ସିକ୍ୟୁରିଟି ମୁଖ୍ୟ ଅଭିଷେକ ଶର୍ମା, ଟିଏସ୍‌ଏମ୍ ସୁରକ୍ଷା ମୁଖ୍ୟ ବିଳାଶ ଗାଏକ୍ୱାଡ, ଟିଏସ୍‌ଏମ୍ କର୍ପୋରେଟ ସର୍ଭିସେସ ମୁଖ୍ୟ ମୋହିତ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଢେଙ୍କାନାଳ ଏସପି ଅଭିନବ ସୋନକର ସଡ଼କ ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସଡ଼କ ସୁରକ୍ଷା ସମସ୍ତ ପାଇଁ ଏକ ମିଳିତ ଦାୟିତ୍ୱ ବୋଲି ସେ କହିଥିଲେ। ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କୁ ସୁରକ୍ଷିତ ଗାଡ଼ି ଚାଳନା ସମ୍ପର୍କରେ ସୂଚିତ କରିବା ସହ ଟ୍ରାଫିକ ନିୟମ, ଦାୟିତ୍ୱପୂର୍ଣ୍ଣ ଗାଡ଼ିଚାଳନା ଓ ପଥଚାରୀଙ୍କ ସୁରକ୍ଷା ଉପରେ ସଚେତନତ କରିବା ଲାଗି ଏକ ସଡ଼କ ସୁରକ୍ଷା ସଚେତନତା ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନରେ ବେଗ ନିୟନ୍ତ୍ରଣ, ଗାଡ଼ି ଚଲାଇବା ବେଳେ ଅନ୍ୟମନସ୍କ ନ ହେବା, ହେଲମେଟ୍ ଓ ସିଟ୍‌ବେଲ୍ଟ ପିନ୍ଧିବାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଛି।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନାଗିରି ବ୍ଲକ୍ ଅନ୍ତର୍ଗତ ନୂଆ ବଣ୍ଡିକି ଗ୍ରାମ ନିକଟବର୍ତ୍ତି ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଓ ଗ୍ରାମବାସୀଙ୍କ ଦ୍ୱାରା ଏହି ଗ୍ରାମର ପ୍ରଧାନ ଶିକ୍ଷକ ପଦ୍ମ ଚରଣ ବେହେରାଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉକ୍ତ ସଭାରେ ମାଲକାନଗିରି ଜିଲ୍ଲା ଶିକ୍ଷକ ସଂଘର ସଭାପତି ତାରକ୍ ମଣ୍ଡଳ ସଭାପତିତ୍ୱ କରିଥିଲେ। ଏହି ସଭାରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଗୌରାଙ୍ଗ ସଜ୍ଜନ ଓ ରାଜ୍ୟ ଶିକ୍ଷକ ସଂଘ ଉପ ସଭାପତି ରଞ୍ଜିତ ନାୟକ ଯୋଗ ଦେଇଥିଲେ। ବ୍ଲକ ଶିକ୍ଷକ ସଂଘ ସଭାପତି ରାମ ପ୍ରସାଦ ପାଢ଼ୀ, ସ୍ଥାନୀୟ ସରପଞ୍ଚ ବାବୁଲା ମାଢ଼ି, ସମ୍ମାନୀତ ଅତିଥି ରୂପେ ଯୋଗ ଦେଇ ପଦ୍ମ ଚରଣ ବେହେରାଙ୍କ ଆଦର୍ଶ ଶିକ୍ଷକତା ଉପରେ ପ୍ରଶଂସା କରିଥିଲେ।

# ମଣ୍ଡିରୁ ଉଠୁନି ଧାନ, ଚିନ୍ତାରେ ଚାଷୀ



ବନ୍ଧୁଗାଁ (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକରେ ଥିବା ୩ ଟି ମଣ୍ଡିରୁ ଧାନ ନେବାକୁ ମିଲର୍ ମାନେ କିଣିବାକୁ ନ ଆସିବା ଚାଷୀଙ୍କୁ ଚିନ୍ତାରେ ପକାଇଛି। ଚଳିତ ବର୍ଷ ଭଲ ବର୍ଷା ହୋଇ ନ ଥିବା ଯୋଗୁଁ ଚାଷୀଙ୍କ ଧାନ ଅମଳ ବହୁତ କମି ଯାଇଛି। ଏଥିପାଇଁ ଚାଷୀ ଚିନ୍ତାରେ ଭାଙ୍ଗି ପଡ଼ିଥିଲେ। ତଥାପି ଚାଷୀ ଯାହା ଅମଳ ପାଇଛନ୍ତି ତାହାକୁ ସରକାରଙ୍କ ଧାନ ମଣ୍ଡିକୁ ନେଇ ଉଚିତ ମୂଲ୍ୟରେ ବିକ୍ରି କରି ଟଙ୍କା ପାଇବାକୁ ଟୋକନ୍ ପାଇଁ ଅପେକ୍ଷା କରୁଥିବା ବେଳେ ମିଲର ମାନେ କିଣିବାକୁ ଆସୁ ନ ଥିବା ଯୋଗୁଁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଚଳିତ ବର୍ଷ ବନ୍ଧୁଗାଁ ବ୍ଲକର ଏବି ଲ୍ୟାମ୍ପ ଆଲମଣ୍ଡା ତରଫରୁ ନିଲାବାଡି, ଆଲମଣ୍ଡା ଓ କୁମ୍ଭାରିପୁଟ ଠାରେ ୩ ଟି ଧାନ ମଣ୍ଡି କରାଯାଇଛି। ଏମଡି ଆର,ରାମକ୍ରୀଷ୍ଣା ଙ୍କ ଠାରୁ ପ୍ରାପ୍ତ ସୂଚନା ଅନୁଯାୟୀ ୨୪୨ ଜଣ ଚାଷୀ ରହିଥିବା ବେଳେ ୫୨୬ ଜଣଙ୍କ ପଞ୍ଜିକରଣ କରାଯାଇ ମାତ୍ର ୪୧୦ ଟି ଟୋକନ ଜେନେରେଟ୍ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଏହି ଚାଷୀଙ୍କ ଠାରୁ ୧୦୫୬୮ କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ରଖାଯାଇଛି। ମଣ୍ଡିରୁ ଧାନ ଉଠାଇବା ପାଇଁ ଅନେକ ମିଲେର ମାନେ ଆସୁ ନ ଥିବା ଯୋଗୁଁ ଚାଷୀଙ୍କ ଧାନ ଖୋଲା ଆକାଶ ତଳେ ପଡି ରହିଛି। ତେବେ ମଣ୍ଡିରେ ପଡ଼ି ରହିଥିବା ଧାନ ସରକାର ଅତି ଶୀଘ୍ର ମିଲର ମାନଙ୍କୁ ପଠାଇ ଉଠାଇ ନେବାକୁ ଚାଷୀ ଅନୁରୋଧ କରିଛନ୍ତି।

# 'ୟୁଡିଏ'ର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଭଞ୍ଜନଗର (ଭାସ୍କର ନ୍ୟୁଜ): ଭଞ୍ଜନଗର ଲଣ୍ଡେଇ ସାହି ସ୍ଥିତ ଅଗ୍ରଣୀ ନୃତ୍ୟାନୁଷ୍ଠାନ ୟୁନିକ ଡ୍ୟାନ୍ସ ଏକାଡେମୀର ୫ମ ବାର୍ଷିକ ଉତ୍ସବ ବେଶ ଧୁମଧାମ ସହକାରେ ପାଳନ କରାଯାଇଛି। ସ୍ଥାନୀୟ ଜେଲ ପଡ଼ିଆରେ ଆୟୋଜିତ ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ସମ୍ମାନିତ ଅତିଥି ରୂପେ ଉପଦେଷ୍ଟା ତଥା ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଭଞ୍ଜନଗର ଉପଜିଲ୍ଲାପାଳ ଅନୀଲ କୁମାର ସେଠୀ, ଏସଡ଼ିପିଓ ସୁଜିତ କୁମାର ନାୟକ, ଆଇଆଇସି କୁମର ମୁଦୁଲି, ସମାଜସେବୀ ଦୁର୍ଗା ଚରଣ ସ୍ୱାଇଁ, ଅନୁଷ୍ଠାନର ମୁଖ୍ୟ ଜୟକୃଷ୍ଣ ପଟ୍ଟନାୟକ, ନିର୍ଦ୍ଦେଶକ ମାଷ୍ଟର ପିଣ୍ଟୁ ଓ ପ୍ରମୋଦ ମଞ୍ଚରେ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀ ମାନେ କେବଳ ପାଠ ପଢା ବ୍ୟତୀତ, ନୃତ୍ୟ ସଙ୍ଗୀତ ଓ ଖେଳକୁଦ କରିବା ଦ୍ୱାରା ସେମାନଙ୍କ ଶାରିରୀକ ଓ ମାନସିକ ବିକାଶ ହୋଇ ପାରିବ ଏବଂ ପିଲାମାନଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ଘଟିବ ତେଣୁ ପିଲାଙ୍କ ଆଗ୍ରହକୁ ଗୁରୁତ୍ୱ ଦେବା ପାଇଁ ବିଧାୟକ ଶ୍ରୀ ନାୟକ କହିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବହୁ ପ୍ରତିଭସମ୍ପନ୍ନ ବ୍ୟକ୍ତିଙ୍କୁ ୟୁଡିଏ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅରକ୍ଷିତ ପରିଚ୍ଛା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# 'ଯୁବକମାନେ ଲକ୍ଷ୍ୟ ସ୍ଥିର କରି ପ୍ରୟାସ ଜାରି ରଖିଲେ ଅସାଧ କାର୍ଯ୍ୟ ସାଧନ କରିପାରିବେ'



ବ୍ୟାସନଗର (ଭାସ୍କର ନ୍ୟୁଜ): ବ୍ୟାସନଗର ସ୍ୱଂୟ ଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ମହାବିଦ୍ୟାଳୟର ମୁକ୍ତ ମଞ୍ଚରେ ମହା ସମାରୋହରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ହିମାଂଶୁ ଶେଖର ଦ୍ୱିବେଦୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରାଧାପକ ଡଃ ଅକ୍ଷୟ କୁମାର ମହାନ୍ତି ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷା ଅଧିକାରୀ ପ୍ରାଧାପକ ଅମୂଲ୍ୟ କୃଷ୍ଣ ପାଢ଼ୀ ବାର୍ଷିକ ବିବରଣୀ ପାଠ କରି ବିଗତ ବର୍ଷରେ ମହାବିଦ୍ୟାଳୟର ସାଫଲ୍ୟ ବିଷୟ ପ୍ରକାଶ କରିବା ସହ ମହାବିଦ୍ୟାଳୟର ବିଭିନ୍ନ ଅଭାବ ଅସୁବିଧା ସଂପର୍କରେ ମୁଖ୍ୟ ଅତିଥିଙ୍କ ଦୃଷ୍ଟିକୁ ଆଣିଥିଲେ। ମୁଖ୍ୟ ଅତିଥି ରୂପେ ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ର ତଥା କୋରେଇର ବିଧାୟକ ଆକାଶ ଦାସ ନାୟକ ଯୋଗଦେଇ ଛାତ୍ରଛାତ୍ରୀ ମାନେ ନିଜର ଲକ୍ଷ୍ୟକୁ ସ୍ଥିରକରି ଏଥିପାଇଁ ପ୍ରୟାସ ଜାରି ରଖିଲେ ଅସାଧ କାର୍ଯ୍ୟ ସାଧନ କରିପାରିବେ ବୋଲି ମତ ବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀ ମାନେ ଚାକିରି ପଛରେ ନ ଗୋଡାଇ ନିଜ ଗୋଡ଼ରେ ଛିଡ଼ା ହେବା ସହ ଅନେକଙ୍କୁ ଚାକିରି ଯୋଗାଇଦେବାରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ। ନିଜ ଜୀବନର ଉଦାହରଣ ଦେଇ ସର୍ବଦା ନିର୍ଭୟ ହେବାକୁ କହିଥିଲେ। ଏଥିସହ ପ୍ରାକ୍ତନ ଛାତ୍ର ହିସାବରେ ମହାବିଦ୍ୟାଳୟକୁ ରାଜ୍ୟର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ଗଢି ତୋଳିବାକୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରୂପେ ଓଡ଼ିଆ ଚଳଚ୍ଚିତ୍ରର ନାୟିକା ଶୀତଳ ପାତ୍ର ଯୋଗଦେଇ ଛାତ୍ର ଛାତ୍ରୀମାନଙ୍କର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତାରେ ସନ୍ତୋଷ ପ୍ରକାଶ କରିଥିଲେ। ପରିଶେଷରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା କୃତି ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ସଭାରେ ମଞ୍ଚ ପରିଚାଳନା କରିଥିଲେ ପ୍ରାଧାପକ ଗୌରାଙ୍ଗ ଚରଣ ମାଲିକ, ପ୍ରାଧାପକ ଅଜୟ କୁମାର ମହାକୁଡ ଓ ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧାପକ ଦିଲ୍ଲୀପ କୁମାର ମହାନ୍ତି। ସଭାଶେଷରେ କଟକର ସଙ୍ଗମ ଅର୍କେଷ୍ଟ୍ରା ଓ ଗାୟିକା ଅର୍ପିତା ଚୌଧୁରୀ ରଙ୍ଗାରଙ୍ଗ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମହାପ୍ରଭୁଙ୍କ ଜମିରେ ଫଳକ ମାରିଲା ଶ୍ରୀମନ୍ଦିର ପ୍ରଶାସନ




ପୁରୀ (ଭାସ୍କର ନ୍ୟୁଜ): ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀଙ୍କ ନାମରେ ଥିବା ଜମିକୁ ପ୍ଲଟିଂ କରି ବିକ୍ରି କରିବା ଲାଗି ଉଦ୍ୟମ କରିଥିବା ଜବରଦଖଲକାରୀଙ୍କୁ ଲାଗିଛି ବଡ ଝଟକା। ଶ୍ରୀମନ୍ଦିର ପ୍ରଶାସନ ମହାପ୍ରଭୁଙ୍କ ଜମିରେ ସୂଚନା ଫଳକ ମାରିଛି। ଏହା ନିଜସ୍ୱ ଭୂସମ୍ପତ୍ତି ବୋଲି ଫଳକ ଲଗାଇ ସ୍ପଷ୍ଟ କଛି ମନ୍ଦିର ପ୍ରଶାସନ। 'ଜଗନ୍ନାଥଙ୍କ ଜମିରେ ଅନଧିକାର ପ୍ରବେଶ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ' ବୋଲି ସୂଚନା ଫଳକରେ ଉଲ୍ଲେଖ କରାଯାଇଛି। ଶ୍ରୀଗୁଣ୍ଡିଚା ମନ୍ଦିର ନିକଟ ତାଳବଣିଆ ମୌଜା ଖାତା ନମ୍ବର ୬୯୧ର ୬ଟି ପ୍ଲଟ (ନମ୍ବର ୮୨୭, ୮୨୪, ୮୨୧, ୮୨୩, ୮୨୫, ୮୨୧/୧୮୧୬)ରେ ଏହି ବେଆଇନ ଜବରଦଖଲ କରାଯାଇଛି। ପ୍ରାୟ ୫୦ ଡେସିମିଲ ଜାଗାକୁ ତାର ବାଡ ବୁଲାଇ ଜବରଦଖଲ କରାଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ନଜରକୁ ଏହା ଆସିବା ପରେ ଏ ନେଇ କୁମ୍ଭାରପଡା ଥାନାରେ ଏତଲା ଦିଆଯାଇଥିଲା। ଏ ସମ୍ପର୍କରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ମହାପ୍ରଭୁଙ୍କ ଜମି ଜବରଦଖଲ କରି ପ୍ଲଟିଂ କରି ବିକ୍ରି କରିବା ନେଇ ସୂଚନା ମିଳିବା ପରେ ଶ୍ରୀମନ୍ଦିର ଏବଂ ରାଜସ୍ୱ ବିଭାଗ ଟିମ୍ ସେଠାରେ ପହଞ୍ଚିଥିଲେ। ଏହାପରେ ଜାଗା ଚିହ୍ନଟ କରାଯାଇ ଏବେ ଫଳକ ଲଗାଯାଇଛି। ଏ ନେଇ ଥାନାରେ ଏତଲା ଦିଆଯାଇଥିବା ବେଳେ ଜବରଦଖଲକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ନିଆଳି, (ଭାସ୍କର ନ୍ୟୁଜ): କଟକ ସଦର ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ସମୟରେ ରାଜସ୍ୱ ପରିଦର୍ଶକଙ୍କୁ ଜାନୁଆରୀ ୧୫ ତାରିଖରେ ଦୁର୍ବ୍ୟବହାର ଘଟଣାରେ ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ଜିଲ୍ଲା ଓ ରାଜ୍ୟ ସଭାପତି ସୁଚନ୍ଦ୍ର ମହାନ୍ତି ଓ ଜିଲ୍ଲା ସମ୍ପାଦକ ଅରୁଣି କୁମାର ବିଶ୍ୱାଳଙ୍କ ନିର୍ଦ୍ଦେଶରେ ଗିରଫ ଦାବି ନେଇ ନିଆଳି ତହସିଲ କାର୍ଯ୍ୟାଳୟ ଆଗରେ ବିଭିନ୍ନ ପଦବିରେ ଥିବା ରାଜସ୍ୱ ନିରୀକ୍ଷକ, ଅମିନ, ଏ ଆର ଆଇ, ମାନେ କଲମ ଛଡା ଆନ୍ଦୋଳନ କରିଛନ୍ତି। ଏହି ଧାରଣାରେ ହରିଶଚନ୍ଦ୍ର ବେହେରା, ଦେବପ୍ରସାଦ ବିଶ୍ୱାଳ, ରାମଚନ୍ଦ୍ର ପରିଡ଼ା, ସୁଚିତ୍ରା ମହାନ୍ତି, ମାଧବ ବେହେରା, ପ୍ରଶାନ୍ତ ଜେନା, ସୁଶାନ୍ତ କୁମାର ବିଶ୍ୱାଳ, ଅଞ୍ଜନ ସେଠି, ଶସାଙ୍କ ଶେଖର ମଲିକ, ଶ୍ୱେତ ଚନ୍ଦନ ରାଉତ, କିଶୋର ଚନ୍ଦ୍ର ରାଉତରାୟ, ବିଶ୍ୱନାଥ ପ୍ରଧାନ, ସୁବୋଧ କୁମାର ପଣ୍ଡା, ଧନେଶ୍ୱର ପୂର୍ତ୍ତି, ଲାଦର ଚାଦାର ଏହି ଧାରଣା ରେ ବସିଥିଲେ। ଯେ ପର୍ଯ୍ୟନ୍ତ ଦୁର୍ବ୍ୟବହାର କାରୀଙ୍କୁ ଗିରଫ କରାନଯାଇଛି ସଂଘ ନିର୍ଦ୍ଦେଶରେ କଲମ ଛାଡ଼ ଆନ୍ଦୋଳନ ଜାରି ରହିବ ବୋଲି ଧାରଣାରତ ରାଜସ୍ୱ ନିରୀକ୍ଷକ ଚେତାବନୀ ଦେଇଥିଲେ।



# ୬୦ଟଙ୍କା ଭତ୍ତାରେ ମହଙ୍ଗା ବଜାରରେ ଚଳିବୁ କିପରି ?



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ସରକାର ବଦଳିଲା, ନିୟମ ବି ବଦଳିଗଲା। ମାସକୁ ଭତ୍ତା ଆକାରରେ ୧୮ଶହ ଟଙ୍କା ଭତ୍ତା ପାଉଥିବା ଗ୍ରାମରକ୍ଷୀଙ୍କୁ ସରକାରୀ ଚାକିରୀ କହି ରାସନ କାର୍ଡ ରଦ୍ଦ କରିବାକୁ ଯୋଜନା କରିଥିବା ବେଳେ ସୁଭଦ୍ରା ଯୋଜନାରୁ ବଞ୍ଚିତ କରିଛନ୍ତି ନୂତନ ରାଜ୍ୟ ସରକାର। ନୂଆ ନିୟମ ଲାଗୁ ହେଲେ ରାସନ କାର୍ଡ ପାଇବାରୁ ବଞ୍ଚିତ ହୋଇ ପାରନ୍ତି ୧୮ହଜାର ଗ୍ରାମରକ୍ଷୀ ପରିବାର। ଏଭଳି ହେଲେ ଆଗାମୀ ଦିନରେ ବିଧାନସଭା ଘେରାଉ କରିବାକୁ ଧମକ ଦେଇଛନ୍ତି ନିଖିଳ ଉତ୍କଳ ଗ୍ରାମରକ୍ଷୀ ସଂଘର ରାଜ୍ୟ ସଭାପତି ଅମରେଶ୍ୱର ମଲ୍ଲିକ। ସୂଚନା ମୁତାବକ ଗ୍ରାମରକ୍ଷୀଙ୍କୁ ମାସକୁ ମିଳୁଛି ୧୮ଶହ ଟଙ୍କା ଦିନକୁ ୬୦ଟଙ୍କା । ତାହା ପୁଣି ଦରମା ନୁହଁ ଭତ୍ତା। ଭତ୍ତା ସିନା ମିଳୁଛି କିନ୍ତୁ ସରକାର କହୁଛନ୍ତି ଏମାନେ ସରକାରୀ କର୍ମଚାରୀ। ନିୟମ ଅନୁଯାୟୀ ସରକାରୀ କର୍ମଚାରୀଙ୍କ ପରିବାର ଲୋକ ପାଇପାରିବେ ନାହିଁ ରାସନକାର୍ଡ। ସେଥିପାଇଁ ଗ୍ରାମରକ୍ଷୀଙ୍କ ରାସନ କାର୍ଡ ରଦ୍ଦ କରିବା ପାଇଁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ପ୍ରକ୍ରିୟା। ଆଉ ଏହା ବିରୋଧରେ ଆନ୍ଦୋଳନ ପାଇଁ ଅଣ୍ଟା ଭିଡ଼ିଲେଣି ରାଜ୍ୟ ଗ୍ରାମରକ୍ଷୀ ସଂଘ। ଏ ନେଇ ଶନିବାର ମଧ୍ୟାହ୍ନ ସମୟରେ ନିଖିଳ ଉତ୍କଳ ଗ୍ରାମରକ୍ଷୀ ସଙ୍ଘ ସଭାପତି ଅମରେଶ୍ୱର ମଲ୍ଲିକଙ୍କ ନେତୃତ୍ୱରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମରେ କାର୍ଯ୍ୟରତ ଗ୍ରାମରକ୍ଷୀ ମାନେ ଏକ ଶୋଭାଯାତ୍ରା ମାଧ୍ୟମରେ ଯାଇ ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ନିଖିଳ ଉତ୍କଳ ଗ୍ରାମରକ୍ଷୀ ସଂଘ ରାଜ୍ୟ ସଭାପତି ଅମରେଶ୍ୱର ମଲ୍ଲିକ କହିବା ଅନୁଯାୟୀ ମାତ୍ର ୧୮ଶହ ଟଙ୍କା ଭତ୍ତା ଦେଇ ସରକାରୀ ଚାକିରିଆ କିଭଳି କହୁଛନ୍ତି ସରକାର ବୋଲି ପ୍ରଶ୍ନ କରିଛନ୍ତି ? ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ଆକାଶ ଛୁଆଁ ରହିଥିବା ବେଳେ ଗରିବ ଗୁରୁବା ତଥା ଭତ୍ତା ପାଉଥିବା ଗ୍ରାମରକ୍ଷୀଙ୍କ ପରିବାର ପେଟକୁ ଲାତ ମାରିବାକୁ ଚିନ୍ତା କରିଛନ୍ତି ନୂତନ ସରକାର। ରାଜ୍ୟର ୧୮ହଜାର ୪୧୪ଜଣ ଗ୍ରାମରକ୍ଷୀ ବିଭିନ୍ନ ଗାଁରେ ନିୟୋଜିତ ଅଛନ୍ତି। ଏହି ପରିବାର ପୂର୍ବ ସରକାର ସମୟରେ ରାସନ ପାଉଥିଲେ। କିନ୍ତୁ ସରକାର ବଦଳିବା ପରେ ବଦଳିବାକୁ ବସିଛି ନିଷ୍ପତି। ଅସ୍ତରଙ୍ଗ ଗ୍ରାମରକ୍ଷୀ ସଂଘ ତରଫରୁ ଅସ୍ତରଙ୍ଗ ବ୍ଲକରେ ବିଡ଼ିଓ ଅନୁପସ୍ଥିତ ଥିବାରୁ ବ୍ଲକ୍ କାର୍ଯ୍ୟାଳୟରେ ଥିବା ବଡ଼ବାବୁ ଙ୍କ ଜରିଆରେ ଜିଲ୍ଲାପାଳଙ୍କ ନିକଟକୁ ଲିଖିତ ଦାବୀ ପତ୍ର ପ୍ରେରଣ କରିଛନ୍ତି। ସରକାର ଗ୍ରାମରକ୍ଷୀଙ୍କୁ ରାସନ ସାମଗ୍ରୀ ବଞ୍ଚିତ ପାଇଁ ନେଇଥିବା ନିଷ୍ପତ୍ତିକୁ ପୁନଃବିଚାର କରନ୍ତୁ, ଏହା ଶହ ଗ୍ରାମରକ୍ଷୀମାନଙ୍କୁ ସରକାରୀ କର୍ମଚାରୀ ଘୋଷଣା କରନ୍ତୁ, ୩୦ହଜାର ଦରମା ପ୍ରଦାନ କରିବାକୁ ସଙ୍ଘ ପକ୍ଷରୁ ଦାବୀ କରାଯାଇଛି। ନଚେତ ଖୁବ ଶୀଘ୍ର ପୁନଃବିଚାର ନକଲେ ଆସନ୍ତା ବିଧାନସଭାରେ ଗ୍ରାମରକ୍ଷୀ ସଂଘ ଘେରାଉ କରିବ। ଏହି ଦାବୀ ପତ୍ର ଦେବା ସମୟରେ ଅସ୍ତରଙ୍ଗ ଅଞ୍ଚଳ ଅନେକ ଗ୍ରାମରକ୍ଷୀ ଉପସ୍ଥିତ ଥିଲେ।

# ତିହିଡ଼ି ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ନାଚ, ଗୀତରେ ଝୁମିଲେ ଅତିଥି ଓ ଦର୍ଶକ



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ତିହିଡ଼ି ମହୋତ୍ସବର ଚତୁର୍ଥ ସନ୍ଧ୍ୟା ଶୁକ୍ରବାର ସ୍ଥାନୀୟ କାଳିପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବର ଚତୁର୍ଥ ସନ୍ଧ୍ୟା ନାଚ, ଗୀତରେ ଅତିଥି ଓ ଦର୍ଶକ ଉଭୟ ଝୁମିଥିଲେ। ଏହି ଅବସରରେ ମହୋତ୍ସବ କମିଟି ସଭାପତି ସୋମନାଥ ପାଢ଼ୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପୋଲିସ ଏସ୍‌ଡିପିଓ ତ୍ରିଲୋଚନ ସେଠୀ ଯୋଗଦେଇ ମହୋତ୍ସବ ଭାଇଚାରାର ସମ୍ପର୍କକୁ ସୁଦୃଢ଼ କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଗୀତିକାର ପଞ୍ଚାନନ ନାୟକ ଯୋଗଦେଇ ମହୋତ୍ସବ ମାଧ୍ୟମରେ ତିହିଡ଼ି ମାଟିର ବାସ୍ନା ସାରା ଓଡ଼ିଶାରେ ମହକୁଛି ବୋଲି କହୁଥିଲେ। ଏହି ମନୋଜ୍ଞ ସନ୍ଧ୍ୟାକୁ ଯୁବ ଗାଳ୍ପିକ ମନୋଜ ପାଣିଗ୍ରାହୀ ଓ କବି ନୀଳମାଧବ ସେନାପତି ସଞ୍ଚାଳନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଶିକ୍ଷାବିତ୍ ଓ ଯୋଗ ଶିକ୍ଷକମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ମହୋତ୍ସବ କମିଟି ସମ୍ପାଦକ ଚନ୍ଦ୍ରକାନ୍ତ ମହାନ୍ତି, ଡ. ଲକ୍ଷ୍ମୀଧର ତ୍ରିପାଠୀ, ସମାଜସେବୀ ଧୀରେନ୍ଦ୍ର ସାହୁ, ଶିକ୍ଷାବିତ୍ ଗିରିଜା ରମଣ ଜେନା, ଅମର ଜେନା, ପ୍ରଭାତ ଜେନା, ମନୋଜ ସେନାପତି, ପ୍ରିୟବ୍ରତ ପାଢ଼ୀ, ମୃତ୍ୟୁଞ୍ଜୟ ଦାସ, ଅମୂଲ୍ୟ କୁମାର ସେନାପତି, ବିଶ୍ୱଜିତ୍ ବେହେରା, ବିସ୍ମୟ ବିହାରୀ ସାହୁ, ଜୟକୃଷ୍ଣ ସେଠୀ, ପ୍ରଶାନ୍ତ ବଳ ପ୍ରମୁଖଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# 'ଆବାସ ଯୋଜନାକୁ ନେଇ ରାଜନୀତିକରଣ କରାନଯାଉ'



ଚିକିଟୀ, (ଭାସ୍କର ନ୍ୟୁଜ୍): ଚିକିଟୀ ବ୍ଲକ୍‌ରେ ସ୍ଥାନୀୟ ବିଡ଼ିଓ ଲକ୍ଷ୍ମଣ ଚରଣ ସୋରେନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ଥାନୀୟ ବିଧାୟକ ମନରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦାନ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସକାଶେ ଚାଲିଥିବା ସର୍ଭେକୁ ଅନୁଧ୍ୟାନ କରିବା ସହ ଏହି ଯୋଜନାକୁ ସଫଳ କରିବା ସମୟରେ କୌଣସି ରାଜନୀତିକରଣ ନକରି ଯୋଗ୍ୟ ହିତାଧିକାରୀ ଚୟନ କରି ସୁବଣ୍ଟନ କରାଯାଉ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହ ସେ ଆବଶକୀୟ ପଦେକ୍ଷପ ନେଇ ଆବେଦନ କାରୀଙ୍କୁ ସମ୍ପୂର୍ଣ ସାହାଯ୍ୟ କରିବାକୁ ମଧ୍ୟ ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ସେ ବ୍ଲକକୁ ଆସୁଥିବା ସମସ୍ତ ଜନମଙ୍ଗଳ ଯୋଜନାକୁ ଜନସାଧାରଣଙ୍କ ମଧ୍ୟରେ ଅବଗତ କରାଇବାକୁ ମଧ୍ୟ ପ୍ରକାଶ କରିଥିଲେ। ପରେ ପରେ ସ୍ଥାନୀୟ ତହସିଲଦାର ବିଶ୍ୱରଞ୍ଜନ କହଁରଙ୍କ ଅଧ୍ୟକ୍ଷତାରେ ସମସ୍ତ ମିଲ୍ଲର ଓ ସମବାୟ ସମିତି ସମ୍ପାଦକ ମାନଙ୍କୁ ନେଇ ଧାନ କିଣା ଓ ମଣ୍ଡି ଉପରେ ଆଲୋଚନା କରିବାକୁ ଯାଇ ଚଳିତ ଖରିପ ଋତୁରେ ଏହି ବ୍ଲକ ପ୍ରାୟ ୮୪ ପ୍ରତିଶତ ଧାନ କିଣା ସାରି ଜିଲ୍ଲାରେ ଏକ ନମ୍ବର ହୋଇଥିବା ବେଳେ ଆଗାମୀ ଦିନରେ ଏହାକୁ ଶହେ ପ୍ରତିଶତ କରିବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ସମସ୍ତ ଚାଷୀଙ୍କ ଧାନକୁ ସରକାର ପର୍ଯ୍ୟାୟ କ୍ରମେ କିଣିବେ। ଉଭୟ ବୈଠକରେ ସମସ୍ତ ପିଇଓ, ଏଡ଼ିଓ, ଆଉ ଜିଆରସ ମାନେ ଯୋଗ ଦାନ କରି ବୈଠକ କୁ ସଫଳ କରିଥିଲେ।

# କାର୍ଯ୍ୟରତ ହିସାବ ରକ୍ଷକ ଓ ଏମ୍‌ଆଇଏସ୍ ସଂଯୋଜକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



କଣିହାଁ, (ଭାସ୍କର ନ୍ୟୁଜ): ଅନୁଗୋଳ ଜିଲ୍ଲା କଣିହାଁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ହିସାବ ରକ୍ଷକ ଓ ଏମ୍‌ଆଇଏସ୍ ସଂଯୋଜକମାନେ ଗତ ବୁଧବାର ଠାରୁ ସମୂହ ଛୁଟିରେ ରହି କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ମିଳିତ ବ୍ଲକ ସ୍ତରୀୟ ହିସାବ ରକ୍ଷକ ଓ ଏମଆଇଏସ ସଂଯୋଜକ, ରାଜ୍ୟ ସଂଘ ଆହ୍ୱାନକ୍ରମେ କଣିହାଁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ହିସାବ ରକ୍ଷକ ଓ ଏମ୍ ଆଇ ଏସ୍ ସଂଯୋଜକ ମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଶିକ୍ଷାଧିକାରୀ ନରୋତ୍ତମ ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କୁ ସରକାରୀ କର୍ମଚାରୀ ଭାବେ ସ୍ଥାୟୀ ନିଯୁକ୍ତି କରିବା, ୬ଷ୍ଠ ବେତନ କମିସନ ହାରରେ ଦରମା ପ୍ରଦାନ, ଅବସର କାଳୀନ ଭତ୍ତା ଓ ମେଡିକାଲ ଆଲାଉନ୍ସ ପ୍ରଦାନ କରିବାକୁ ମିଳିତ ସଂଘ ଦାବି କରିଛି। ପ୍ରତି ବ୍ଲକରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସମଗ୍ର ଶିକ୍ଷା ଅଧୀନରେ ତିନି ଜଣ ହିସାବରକ୍ଷକ ଏବଂ ଜଣେ ଏମ୍‌ଆଇଏସ୍ ସଂଯୋଜକ ଦୀର୍ଘ ୧୨ବର୍ଷ ଧରି ନିରବିଚ୍ଛିନ୍ନ ଭାବରେ ଦିନ ମଜୁରିଆଙ୍କ ଠାରୁ ଅତି ସ୍ୱଳ୍ପ ମାସିକ ଦରମା ପାଇ କାର୍ଯ୍ୟ କରି ଆସୁଛନ୍ତି। ରାଜ୍ୟ ସରକାରଙ୍କର ନିୟମିତ ପଦବୀରେ ଅବସ୍ଥାପିତ ହେବା ପାଇଁ ସମସ୍ତ ଯୋଗ୍ୟତା ଓ ସର୍ତ୍ତାବଳୀ ପୂରଣ କରୁଥିଲେ ସୁଦ୍ଧା ଏଯାବତ ଚାକିରୀକୁ ସ୍ଥାୟୀ କରିବା ଦିଗରେ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ କିମ୍ବା ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବାରୁ ସଂଘ ବାଧହୋଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଛି ବୋଲି ଆକାଉଣ୍ଟାଣ୍ଟ ସତ୍ୟପ୍ରକାଶ ଶତପଥୀ, ଜ୍ଞାନରଞ୍ଜନ ସ୍ୱାଇଁ ଏବଂ ଏମଆଇଏସ ସଂଯୋଜକ ଅଶ୍ୱିନୀ ପାଣି ପ୍ରକାଶ କରିଛନ୍ତି। ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ରେ ସାମିଲ ଥିବାରୁ ଏକ୍ସ କ୍ୟାଡର ଓ କ୍ରୀଡା ଶିକ୍ଷକଙ୍କ ଦରମା, ଛାତ୍ରଛାତ୍ରୀ ମାନଙ୍କ ଆପାର ଆଇଡି ପ୍ରସ୍ତୁତି, ୟୁଡାଇସ କାର୍ଯ୍ୟ ଏବଂ ସମଗ୍ର ଶିକ୍ଷାର ବିଭିନ୍ନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବାର ଜଣାପଡ଼ିଛି।

# ଆର୍ତ୍ତେଶ୍ୱରଙ୍କ ପୀଠରେ ତ୍ରିବେଣୀ ମେଳା



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ସ୍ଥିତ ଆର୍ତ୍ତେଶ୍ୱର ମହାଦେବଙ୍କ ପୀଠରେ ବୁଧବାର ତ୍ରିବେଣୀ ଅମାବାସ୍ୟା ଠାରୁ ତ୍ରିବେଣୀ ମେଳା ଓ ବିଶ୍ୱକଲ୍ୟାଣ ରୁଦ୍ରଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏହି ଅବସରରେ ତ୍ରିବେଣୀ ଅମାବାସ୍ୟା ତିଥିରେ ଶହଶହ ଶ୍ରଦ୍ଧାଳୁ ମନ୍ଦିର ସନ୍ନକଟ ଦେଇ ବହିଯାଇଥିବା ପବିତ୍ର ଗୋବରୀ ନଦୀରେ ବୁଡ଼ପକାଇ ପ୍ରଭୁ ଆର୍ତ୍ତେଶ୍ୱରଙ୍କୁ ଦର୍ଶନ କଲେ ମହାପୁଣ୍ୟ ମିଳେ ବୋଲି ଭକ୍ତମାନଙ୍କ ମଧ୍ୟରେ ପ୍ରଗାଢ଼ ବିଶ୍ୱାସ ରହିଛି । ଏହି ମେଳା ୫ ଦିନ ଧରି ଅନୁଷ୍ଠିତ ହେବା ସହ ଆସନ୍ତା ଫେବୃୟାର ୨ ତାରିଖ ଯାଏଁ ଚାଲିବ ବୋଲି କମିଟିର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି । ବୁଧବାର ଦିନ ସ୍ଥାନୀୟ ସନ୍ଥପୁରା ଗ୍ରାମସ୍ଥିତ ଶୈବପୀଠ ଗର୍ଭେଶ୍ୱର ମନ୍ଦିର ନିକଟରୁ ପୂଜାର୍ଚ୍ଚନା କରାଯିବା ପରେ ପୂର୍ଣ୍ଣକୁମ୍ଭକୁ ଶୋଭାଯାତ୍ରାରେ ଅଣାଯାଇ ଆର୍ତ୍ତେଶ୍ୱରଙ୍କ ମନ୍ଦିର ବେଢ଼ାରେ କରାଯାଉଥିବା ରୁଦ୍ରଶାନ୍ତି ମହାଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇ ପରେ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରତ୍ୟେହ ସନ୍ଧ୍ୟାରେ ବିଶିଷ୍ଟ ପଣ୍ଡିତମାନଙ୍କ ଦ୍ୱାରା ପ୍ରବଚନ ଓ ଯଜ୍ଞ ମଣ୍ଡପରେ ବ୍ରାହ୍ମଣଙ୍କ ବେଦଧ୍ୱନୀ ଅଞ୍ଚଳକୁ ଉତ୍ସବମୁଖର କରିଛି। ଏଥିରେ ବହୁ ସଂଖ୍ୟାରେ ବ୍ୟବସାୟୀମାନେ ସେମାନଙ୍କର ବ୍ୟବସାୟର ପସର ମେଲାଇଥିବା ବେଳେ ସନ୍ଧ୍ୟାରେ ବହୁ ଭକ୍ତଙ୍କ ସମାଗମ ହେଉଥିବା ଦେଖିବାକୁ ମିଳିଛି। ଶାନ୍ତିଶୃଙ୍ଖଳା ଓ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ନିକିରାଇ ଥାନା ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

# ସାବିତ୍ରୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ




ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ବିକାଶର ଶିଖର ଛୁଇଁବ ଭଞ୍ଜନଗର। ଆଉ ସମତାଳରେ ସହରର କେନ୍ଦ୍ରସ୍ଥଳରେ ଥିବା ସାବିତ୍ରୀ ମହିଳା ମହାବିଦ୍ୟାଳୟର ମଧ୍ୟ ଦ୍ରୁତ ବିକାଶ ସାଧିତ ହେବ। ତେବେ କେବଳ ବିକାଶ ହେଲେ ହେବନାହିଁ। ଏହି ମଣିଷ ତିଆରି କାରଖାନାରୁ ବହୁ ସୁନାଗରିକ ବାହାରିବାକୁ ହେବ। ଆଉ ଏମାନେ ଏହି ମହାବିଦ୍ୟାଳୟ ତଥା ଆମ ଅଂଚଳର ଗୌରବ ବୃଦ୍ଧିରେ ସହାୟକ ହେବାକୁ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ସାବିତ୍ରୀ ମହିଳା ମହାବିଦ୍ୟାଳୟର ୨୭ତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜ ବ୍ୟକ୍ତବ୍ୟରେ ଉଲ୍ଲେଖ କରିଥିଲେ। ସ୍ଥାନୀୟ ସାବିତ୍ରୀ ମହିଳା ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ମହାବିଦ୍ୟାଳୟର ୨୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସୁଶାନ୍ତ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ବାର୍ଷିକ ଉତ୍ସବରେ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ଉପଜିଲ୍ଲାପାଳ ଅନୀଲ କୁମାର ସେଠୀ, ପୂର୍ବତନ ପରିଚାଳନା ସଭାପତି ଡକ୍ଟର ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଶିବରାମ ପଣ୍ଡା, ନଗରପାଳ ଗୋପବନ୍ଧୁ ମହାପାତ୍ର, ସାଂସଦ ପ୍ରତିନିଧି ସନ୍ତୋଷ ତିଆଡି, ବରିଷ୍ଠ ଆଇନଜୀବି ବିନୟ କୁମାର ରଥ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ରହିଥିଲେ। ପ୍ରାରମ୍ଭରେ ଅଧ୍ୟାପିକା ସୁପ୍ରଭା ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବାର୍ଷିକ ବିବରଣୀ ପାଠ କରିଥିଲେ। ନିର୍ବାଚିତ ହେବା ଠାରୁ ସ୍ଥାନୀୟ ବିଧାୟକ ଏହି ମହାବିଦ୍ୟାଳୟକୁ ଏବେ ସୁଦ୍ଧା ୫ ଥର ଗ୍ରସ୍ତ କରି ଏହାର ଅନେକ ସମସ୍ୟାର ସମାଧାନ କରିସାରିଲେଣି। ଏହି ମହାବିଦ୍ୟାଳୟ ସରକାରୀ ମହାବିଦ୍ୟାଳୟର ମାନ୍ୟତା ପାଇଁ ସମସ୍ତ ଯୋଗ୍ୟତା ହାସଲ କରିଥିଲେ ମଧ୍ୟ ଏବେ ସୁଦ୍ଧା ଏହି ଅନୁଷ୍ଠାନ ସରକାରୀ ମାନ୍ୟତା ପାଇ ନଥିବାରୁ ମଞ୍ଚରେ ଥିବା କିଛି ଅତିଥି ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ମହାବିଦ୍ୟାଳୟ ପକ୍ଷରୁ ୧୫ଶହ ଛାତ୍ରୀଙ୍କ ସ୍ୱାକ୍ଷର ସମ୍ୱଳିତ ଏକ ସ୍ମାରକପତ୍ର ମଧ୍ୟ ଅଧ୍ୟକ୍ଷ, ଅଧ୍ୟାପିକା ଓ ଛାତ୍ରୀମାନଙ୍କ ପକ୍ଷରୁ ବିଧାୟକଙ୍କୁ ପ୍ରଦାନ କରାଯାଇଥିଲା। ଏବେ ଛାତ୍ରୀ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଉଥିବାରୁ ଏହାର କଳେବର ବୃଦ୍ଧି ପାଇଁ ଅଧ୍ୟକ୍ଷଙ୍କ ପ୍ରସ୍ତାବକୁ ବିଚାର କରାଯଉଛି ଓ ନିଜେ ଉଚ୍ଚ ଶିକ୍ଷାମନ୍ତ୍ରୀ ଆସି ଏହାକୁ ଅନୁଧ୍ୟାନ କଲାପରେ ଏହାର କଳେବର ବୃଦ୍ଧି ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଧାୟକ ପ୍ରତିଶୃତି ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ ବିଧାୟକ ନାୟକଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ସୋମନାଥ ରଥଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇବାସହ ଜଗନ୍ନାଥଙ୍କ ପଦାରବିନ୍ଦରେ ପୁଷ୍ପଗୁଚ୍ଛ ଅର୍ପଣ କରାଯାଇ ଉତ୍ସବ ଆରମ୍ଭ କରାଯାଇଥିଲା। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରଶଂସା ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା



ରଘୁନାଥପୁର, (ଭାସ୍କର ନ୍ୟୁଜ୍):ରଘୁନାଥପୁର ଶିକ୍ଷା ମଣ୍ଡଳ ଅନ୍ତର୍ଗତ ନାରାୟଣପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଙ୍କଜୀନି ମିଶ୍ରଙ୍କ ଅବସର ଗ୍ରହଣ ଅବସରରେ ଆଜି ସ୍କୁଲ ପରିସରରେ ଆଜି ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରଘୁନାଥପୁର ମଣ୍ଡଳ ସହ ଶିକ୍ଷାଧିକାରୀ ଆଶୁତୋଷ ବାନାର୍ଜୀ, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ବନମାଳୀ ମହାରଣା, ସମ୍ମାନିତ ଅତିଥି ଭାବେ ରୁନୁ କିଶୋର ପଟ୍ଟନାୟକ, ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ନାୟକ, ଯତିନ୍ଦ୍ରନାଥ ଆଚାର୍ଯ୍ୟ, ଯଦୁନାଥ ଜେନା, ସରପଞ୍ଚ ଶିବରାମ ସାହୁ, ସମିତି ସଭ୍ୟା ପ୍ରିୟତମା ରାଉତ, ଗୌତମ ପାଲିତ, ସୁଶାନ୍ତ ପଟ୍ଟନାୟକ, ସ୍ତମ୍ଭକାର ପ୍ରଦିପ୍ତ କୁମାର ଆଚାର୍ଯ୍ୟ, ବାବାଜୀ ଚରଣ ସାହୁ ପ୍ରମୁଖ ଯୋଗ ଦେଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଧୈର୍ଯ୍ୟ, ନିଷ୍ଠା, କର୍ତ୍ତବ୍ୟ ପରାୟଣତାକୁ ପ୍ରଶଂସା କରିବା ସହିତ ଏହା ଅନ୍ୟ ଶିକ୍ଷକ ମାନଙ୍କ ପାଇଁ ଉଦାହରଣ ପାଲଟିବ ବୋଲି କହିଥିଲେ। ତାଙ୍କର ଅବଶିଷ୍ଟ ସୁଦିର୍ଘ ନିରାମୟ ଜୀବନ କାମନା କରିବା ସହିତ ଅତିଥିମାନେ ତାଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ପୂର୍ବତନ ଅଧ୍ୟାପକ ନଦୀୟା ମୋହନ ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ଶିକ୍ଷକ ଜୟପ୍ରକାଶ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ନମୀତା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ବରୀ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଧାନମଣ୍ଡି ପରିଦର୍ଶନ



କେନ୍ଦୁଝର, (ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା ବରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଧାରପୁର, ବାଲିଆ, ରଜାତୋଟା, ଅମଠପୁର ପ୍ରଭୃତି ଧାନମଣ୍ଡୀ କୁ ଆଜି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ପରିଦର୍ଶନ କରିବା ସହିତ ଚାଷୀ ମାନଙ୍କ ସହିତ ଆଲୋଚନା କରିଥିଲେ। ଧାନମଣ୍ଡୀ ପରିଦର୍ଶନ ସମୟ ରେ ଧାନ କୁଇଣ୍ଟାଲ ପ୍ରତି ୩୧୦୦ଟଙ୍କା କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଉପସ୍ଥିତ ଚାଷୀ ମାନେ ଧନ୍ୟବାଦ ଜଣାଇବା ସହିତ କୃତଜ୍ଞତା ଜଣାଇଥିଲେ। ମୋହନ ଚରଣ ମାଝି ସରକାର ଓଡ଼ିଶା ରେ ଧାନ କିଣା କାରବାର ସୂଚ୍ଛତା ଓ ଶୃଙ୍ଖଳିତ ଭାବେ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରିଛନ୍ତି। ଯେଉଁମାନେ ଧାନ କିଣା କାରବାରରେ ବିଶୃଙ୍ଖଳା ଓ ଅସାଧୁ ଉପାୟ ଅବଲମ୍ବନ କରିବେ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ସଭାପତି ମହେଶ୍ୱର ସାହୁ ଚେତାବନୀ ଦେଇଛନ୍ତି। ଯେଉଁ ଠାରେ ଧାନ କିଣା କାରବାରରେ ଅଭିଯୋଗ ଆସୁଛି ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି। ଯାଜପୁର ଜିଲ୍ଲା ଧାନମଣ୍ଡୀ ପରିଦର୍ଶନ ସମୟରେ ବ୍ୟାପକ ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିଲା। ଧାନମଣ୍ଡୀ ମାନଙ୍କରେ ଚାଷୀ ମାନଙ୍କ ବିଶ୍ରାମ ନେବା ପାଇଁ କୌଣସି ବ୍ୟବସ୍ଥା ନ ଥିବା, ପିଇବା ପାଇଁ ପାଣିର ବ୍ୟବସ୍ଥା ନଥିବା, ଶୌଚ ହେବା ପାଇଁ ପାଇଖାନା ନଥିବା ଦେଖିବାକୁ ମିଳିଥିଲା। ଧାନକୁ ସୁରକ୍ଷିତ ରଖିବା ପାଇଁ ପଲିଥିନର ବ୍ୟବସ୍ଥା ନଥିବାର ରାଜ୍ୟ ସଭାପତି ମହେଶ୍ୱର ସାହୁ ପରିଦର୍ଶନ ସମୟରେ ଦେଖିବାକୁ ପାଇଥିଲେ। ଯାଜପୁର ଜିଲ୍ଲାରେ ହେଉଥିବା ସହଳ କିସମ ଦେଶି ନାଲିଆ ଧାନକୁ ମିଲର ମାନେ ନେଉ ନଥିବା ଚାଷୀ ମାନେ ଅଭିଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାର ପୂର୍ବତନ ସଭାପତି ଆଶୁତୋଷ ପରିଡ଼ା, ମନୋଜ କୁମାର ମହାପାତ୍ର, ଶ୍ରୀକାନ୍ତ ଜେନା, ରାମଚନ୍ଦ୍ର ଜେନା, ବିଜୟ କୁମାର ବେହେରା, ସରୋଜ କୁମାର ସାହୁ, ଅକ୍ଷୟ କୁମାର ଜେନା, ଚିତ୍ତ ରଞ୍ଜନ ଜେନା, ଅଶୋକ କୁମାର ଜେନା, ଅଜୟ କୁମାର ନାୟକ ଓ ସଂଗ୍ରାମ ସାହୁ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଓ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

# ଭାରତୀୟ ବିଦ୍ୟା ନିକେତନର ବାର୍ଷିକୋତ୍ସବ

ବୋଲଗଡ଼, (ଭାସ୍କରେ ନ୍ୟୁଜ): ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡାଡିହ ଗ୍ରାମସ୍ଥିତ ଭାରତୀୟ ବିଦ୍ୟା ନିକେତନର ସପ୍ତଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ସମାଜସେବୀ ପର୍ଶୁରାମ ମିଶ୍ର ଶର୍ମାଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ସୁଧାକର ସେଠୀଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟବକ୍ତା, ଉପନିବନ୍ଧକ ଅମିତ କୁମାର ସେଠୀ, ଶିକ୍ଷକ ଅଖିଳେଶ ମହାପାତ୍ର, ବିଶିଷ୍ଟ ପ୍ରବଚକ ତଥା ଶିକ୍ଷକ ସନ୍ତୋଷ କୁମାର ମହାପାତ୍ର ଓ ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ମାଣିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନେ ଭଲ ପାଠପଢି ଭଲମଣିଷ ହେବାକୁ ପରାମର୍ଶ ଦେବା ସହ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ ହୋଇଥିଲେ। ପରେ ଅତିଥି ମାନଙ୍କ ଦ୍ୱାରା ବିଦ୍ୟାନିକେତନର ମୁଖପତ୍ର ପ୍ରଶସ୍ତିକା ଲୋକାର୍ପିତ ହୋଇଥିଲା। ସଭାର ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ଶୁଭକାନ୍ତ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ କୋଷାଧକ୍ଷ ସୁରେନ୍ଦ୍ର କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ ଗୁରୁମା ସୁକାନ୍ତି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



## ଜାତୀୟ ସଡ଼କ ସୁରକ୍ଷା ମାସ ଉଦ୍‌ଯାପିତ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସମଗ୍ର କଳାହାଣ୍ଡି ଜିଲ୍ଲାରେ ଜାତୀୟ ସଡ଼କ ସୁରକ୍ଷା ମାସ ଚଳିତବର୍ଷ ଜାନୁଆରୀ୧ ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଇଥିଲା। ଏହି ଅବସରରେ ଜିଲ୍ଲା ଆଂଚଳିକ ପରିବହନ ବିଭାଗ, ପୋଲିସ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସଡକ ସୁରକ୍ଷା ଆଇନ୍, ନିୟମ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲା ବ୍ୟାପି ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୩୧ ତାରିଖ ଜିଲ୍ଲାପରିଷଦ ସଭା ଗୃହରେ ଜିଲ୍ଲାପାଳ ପାଣ୍ଡାର ସଚିନ ପ୍ରକାଶଙ୍କ ଅଧକ୍ଷତାରେ ସଡ଼କ ସୁରକ୍ଷା ମାସର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ତନ୍ମୟ କୁମାର ଦରଣ୍ଡାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆନନ୍ଦ ବର୍ଦ୍ଧନ ଗୁରୁ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଆଂଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୁଖ ଯୋଗଦେଇ ସରକାରଙ୍କର ନିର୍ଦ୍ଦେଶ ଅନୁଯାୟୀ ଏକମାସ ବ୍ୟାପି ଜିଲ୍ଲାରେ ସଡକ ସୁରକ୍ଷା, ନିୟମ, ଆଇନ୍ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଦ୍ରୁତଗତିରେ ଗାଡି ଚାଳନା କରିବା ମହାବିପତ୍ତି, ସଡକ ସୁରକ୍ଷା ଜୀବନ ରକ୍ଷା, ପରିବାର ସୁରକ୍ଷା ସମ୍ପର୍କରେ ସମସ୍ତେ ସଚେତନ ହେବାର ଆବଶ୍ୟକତା ଉପରେ ଅତିଥିମାନେ ଗୁରୁତ୍ୱ ଦେଇଥିଲେ। ବିଶେଷ କରି ଛାତ୍ରଛାତ୍ରୀ, ଯୁବପିଢି ସଡକ ସୁରକ୍ଷା ନିୟମ ପାଳନ କରି ଗାଡି ଚାଳନା କରିବା, ବାଇକ ଚଲାଇବା ବେଳେ ହେଲମେଟ ପିନ୍ଧିବା, କାର ଚାଳନା ସମୟରେ ସିଟ ବେଲ୍ଟ ବାନ୍ଧିବା, ନିଜେ ସଡକ ସୁରକ୍ଷା ଆଇନ୍ ଓ ନିୟମ ସମ୍ପର୍କରେ ସଚେତନ ହୋଇ ଅନ୍ୟ ସମସ୍ତଙ୍କୁ ସଚେତନ କରିବା ସହିତ ସଡକ ଦୁର୍ଘଟଣାରୁ ଅମୂଲ୍ୟ ଜୀବନକୁ ସୁରକ୍ଷା ଦେବା ଦିଗରେ ସହାୟକ ହେବା ନିମନ୍ତେ ଅଧିକ ଯତ୍ନବାନ୍ ହେବାପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହିଅବସରରେ ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ଗୁଡ଼ ସମରୀତାନ୍ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ସାମନ୍ତରାୟ ସ୍ୱାଗତ ଅଭିଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲା ବେଳେ ଡଃ. ଉମେଶଚନ୍ଦ୍ର ଶତପଥି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ସରପଞ୍ଚଙ୍କୁ ଖେଳ ଶିକ୍ଷକଙ୍କ ଦୁର୍ବ୍ୟବହାର ଅଭିଯୋଗ




ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବାତେଲିମା ପଞ୍ଚାୟତ ବାଣୀପଙ୍ଗା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକଙ୍କ ଦବଙ୍ଗଗିରିକୁ ନେଇ ଏବେ ଚର୍ଚ୍ଚା ଜୋର ଧରିବାରେ ଲାଗିଛି। ବାତେଲିମା ପଞ୍ଚାୟତର ସରପଞ୍ଚ କରୁଣା ମାଝୀଙ୍କୁ ସେ ଗାଳିଗୁଲଜ କରିବା ଅଭିଯୋଗ ଆଣିଛନ୍ତି ଖୋଦ ସରପଞ୍ଚ। ସୂଚନା ଅନୁସାରେ ବାତେଲିମା ପଞ୍ଚାୟତ ବାଣୀପଙ୍ଗା ସ୍କୁଲର କିଛି ଶିକ୍ଷକ, ଶିକ୍ଷୟିତ୍ରୀ ଡ୍ୟୁଟିରେ ଅବହେଳା କରୁଥିବା ନେଇ ଅଭିଭାବକମାନେ ଅଭିଯୋଗ କରିବା ପରେ ସରପଞ୍ଚ କରୁଣା ମାଝୀ ସ୍କୁଲ ପରିଦର୍ଶନରେ ଯାଇଥିଲେ। ବିଳମ୍ବରେ ସ୍କୁଲ ଯିବା ଓ ପାଠପଢ଼ାରେ ଅବହେଳା କରୁଥିବା ଅଭିଯୋଗ ସମ୍ପର୍କରେ ସରପଞ୍ଚ ପଚାରୁଥିବାବେଳେ ଖେଳ ଶିକ୍ଷକ ବିଜୟ କୁମାର ଭୋଇ ହଠାତ ଉତ୍ୟକ୍ତ ହୋଇ ସରପଞ୍ଚ ଶ୍ରୀ ମାଝୀଙ୍କୁ ଗାଳିଗୁଲଜ କରିବା ସହିତ ତାଙ୍କ ବାଇକକୁ ତାଲା ପକେଇ ଦେଇଥିବା ଅଭିଯୋଗ କରିଛନ୍ତି ସରପଞ୍ଚ। ଏହାକୁ ନେଇ କିଛି ସମୟ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଶିକ୍ଷକ ଶ୍ରୀ ଭୋଇ। ତେବେ ବାଣୀପଙ୍ଗା ସ୍କୁଲରେ ଶୈକ୍ଷିକ ବାତାବରଣ ଫେରାଇ ଆଣିବା ସହିତ ସ୍କୁଲର ଛାତ୍ରଛାତ୍ରୀଙ୍କ ଉପସ୍ଥାନ, ଖାଦ୍ୟପେୟ, ହଷ୍ଟେଲ ବ୍ୟବସ୍ଥା ଆଦି ସମ୍ପର୍କରେ ଉଚ୍ଚ ପଦସ୍ତ ଅଧିକାରୀ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

## ଏନ୍‌ଏସିରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିଯୁକ୍ତି



କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନ୍‌ଏସିରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବରେ ଚିନ୍ମୟ ଆଚାର୍ଯ୍ୟ ଯୋଗଦାନ କରିଛନ୍ତି। ଶ୍ରୀ ଆଚାର୍ଯ୍ୟ ଏହା ପୂର୍ବରୁ ବଲାଙ୍ଗିର ଜିଲ୍ଲା ତୁଷାର ଏନ୍‌ଏସିରେ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବରେ ଅବସ୍ଥାପିତ ଥିଲେ। ଗତକାଲି ନିର୍ବାହୀ ଅଧିକାରୀ ପ୍ରଣବ ଚାନ୍ଦଙ୍କ ଠାରୁ ଦାୟୀତ୍ୱଭାର ଗ୍ରହଣ କରିଛନ୍ତି। ଏଠାରେ ପ୍ରକାଶ ଥାଉ କି କେସିଙ୍ଗା ଏନ୍‌ଏସି ଓଡ଼ିଶାର ପୁରାତନ ଏନ୍‌ଏସି ମଧ୍ୟରୁ ଗୋଟିଏ। ୧୨ ଗୋଟି ୱାର୍ଡ ବିଶିଷ୍ଟ ଏନ୍‌ଏସିରେ ଅନେକ ଛୋଟ ବଡ଼ ସମସ୍ୟା ରହିଥିବା ବେଳେ କେସିଙ୍ଗା ସହରରେ ଟ୍ରାଫିକ ସମସ୍ୟା ଏକ ମୁଖ୍ୟ ସମସ୍ୟା । ନୂତନ ଅଧିକାରୀଙ୍କ ଯୋଗଦାନ ପରେ ଅଞ୍ଚଳବାସୀ ଏଥର କେସିଙ୍ଗା ସହରର ଅନେକ ସମସ୍ୟାର ସମାଧାନ ହେବ ବୋଲି ଆଶା ବାନ୍ଧି ରଖିଛନ୍ତି।

## ଦରମା ମିଳିବାରେ ଅନିୟମିତତା ନେଇ ଶିକ୍ଷକ ସଂଘର ଦାବି



କୋକସରା, (ଭାସ୍କର ନ୍ୟୁଜ୍ ) : ଠିକ୍ ସମୟରେ ଶିକ୍ଷକ ମାନେ ମାସିକ ଦରମା ପାଇପାରୁ ନଥିବାରୁ ଶୁକ୍ରବାର କୋକସରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣୀ ବିଜୟ କୁମାର ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏବଂ ଶୀଘ୍ର ଏହା ଉପରେ ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ଏସ୍‌ଏସ୍ ଆସୋସିଏସନ୍ କୋଅଡିନେଟର ମାନେ ଗତ ୨୯ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ତେଣୁ ତାଙ୍କର ଦାବି ଗୁଡିକକୁ ଶୀଘ୍ର ପୂରଣ କରିବା ସହ ସମଗ୍ର ଶିକ୍ଷା ଅଧୀନସ୍ଥ ସରକାରୀ କର୍ମଚାରୀ ମାନଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଦରମା ପ୍ରଦାନ କରିବା ପାଇଁ ଦାବି କରିଛନ୍ତି। ଉକ୍ତ ଦାବିପତ୍ର ପ୍ରଦାନ ସମୟରେ ସଂଘର ସମ୍ପାଦକ ଦେବୀସିଂ ମାଝୀ, କୋଷାଧ୍ୟକ୍ଷ ଇଶ୍ୱରୀ ପ୍ରସାଦ ଅଗସ୍ତି, ଉପ ସଭାନେତ୍ରୀ ସୁଜତା ଜିଲ, ଉପଦେଷ୍ଟା ସନାତନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ



କୋକସରା, (ଭାସ୍କର ନ୍ୟୁଜ୍ ) ଜୟପାଟଣା ବ୍ଲକ ଅନ୍ତର୍ଗତ ଧନଶୁଳି ଗ୍ରାମ ପଞ୍ଚାୟତର ଭାଲୁଯୋର ଗ୍ରାମକୁ ଆସି ପହଞ୍ଚିଛି ଜଣେ ଦାଦନ ଶ୍ରମିକଙ୍କ ମୃତଦେହ। ମୃତ ଶ୍ରମିକ ଭାଲୁଯୋର ଗ୍ରାମର କବିଶ ସାନ୍ତା (୩୦) ବୋଲି ଜଣାପଡିଛି। ସେ ଗତ ତିନି ମାସ ତଳେ ହାଇଦ୍ରାବାଦକୁ କାମ କରିବାକୁ ଯାଇ ସେଠାରେ ଏକ ପଥର କୁଆରି ବ୍ଲଷ୍ଟିଙ୍ଗ କାମରେ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ। ହେଲେ ଗତ ବୁଧବାର ରାତିରେ କାମ ସାରି ଆସି ରାତିରେ ଶୋଇଥିଲେ। କିନ୍ତୁ ସକାଳୁ ଦେଖିଲାବେଳକୁ ସେ ମୃତ୍ୟୁବରଣ କରିଥିବା ବେଳେ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ତାଙ୍କର ମୃତଦେହ ଗାଁକୁ ଫେରିଥିବା ବେଳେ ଗାଁରେ ଶୋକର ଛାୟା ଖେଳିଯାଇଛି। କବିଶଙ୍କ ପରିବାରରେ ତାଙ୍କ ସ୍ତ୍ରୀ ମଞ୍ଜୁଳା ଏବଂ ଦୁଇ ନାବାଳିକା ଝିଅ ଓ ଗୋଟିଏ ପୁତ୍ର ସନ୍ତାନ ଅଛନ୍ତି। ଏ ଅସହାୟ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଦାବି ହୋଇଛି।

### ସରିଲା ବିଶ୍ୱନାଥପୁର ରାମଲୀଳା ମହୋତ୍ସବ

## ରାବଣ ବଧ, ଶ୍ରୀରାମଙ୍କ ରାଜ୍ୟାଭିଷେକରେ ସାମିଲ ହେଲେ ଲକ୍ଷାଧିକ ଦର୍ଶକ



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍ ) : ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ଆୟୋଜିତ ରାମଲୀଳା ମହୋତ୍ସବ ରାବଣ ବଧ ଓ ଶ୍ରୀରାମଙ୍କ ରାଜ୍ୟାଭିଷେକ ସହିତ ଉଦ୍‌ଯାପିତ ହୋଇଯାଇଛି। ମହାରାଜ ରାବଣ ଭୂମିକାରେ ସୁନାମଧନ୍ୟ କଳାକାର ଆର୍ତ୍ତତ୍ରାଣ ସୁନାନୀ, ମହାମନ୍ତ୍ରୀ ସୁରେନ୍ଦ୍ର ମହାଖୁଡ଼, ଇନ୍ଦ୍ରଜିତ ଦୁର୍ଗା ପ୍ରସାଦ ସାହୁ, କାଳଘଣ୍ଟ ସୁବାସ ତାଣ୍ଡି, ଯମଘଣ୍ଟ ଖଗେଶ୍ୱର ବାଗ, ଦୂତ ସଚିନ ମେହେର, ରାମଚନ୍ଦ୍ର ଭୂମିକାରେ ତରଣୀସେନ ବାରିକ, ଲକ୍ଷ୍ମଣ ଲୋକେଶ ରଞ୍ଜନ ସୁନାନୀ, ସୀତା ବସୁମତୀ ନନ୍ଦ, ସୁଗ୍ରୀବ ନୀଳାମ୍ବର ରାଉତ, ବିଭୀଷଣ କରମସାନି ମଟାରୀ, ହନୁମାନ ଧନେଶ୍ୱର ବାଗ, ରାଜନର୍ତ୍ତକୀ ବର୍ଷା ତାଣ୍ଡି, ସୁରଭି ତାଣ୍ଡି, ପୂଜା ସୁନା, ସୁମନ ମାଝୀଙ୍କ ସମେତ ବାଦ୍ୟଯନ୍ତ୍ରରେ ସଂସାର ବାରିକ, ଦୁର୍ଲ୍ଲଭ ସେଠ, ସୁନୀଲ ଭୋଇ ପ୍ରମୁଖ ନାଟ୍ୟାଭିନୟକୁ ଜୀବନ୍ତ କରି ଗଢି ତୋଳିଥିଲେ। ରାମଲୀଳା ମହୋତ୍ସବ ଓ ରାବଣ ଦରବାରରେ କଳାଭିନୟ ସହିତ ରାଜ ନର୍ତ୍ତକୀମାନଙ୍କ ନୃତ୍ୟ ବିଳମ୍ବିତ ରାତିଯାଏଁ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଶେଷ ଦିନରେ ରାଜ ଅତିଥି ଭାବେ ବିଜେଡି ବ୍ଲକ ସଭାପତି ହିମାଦ୍ରୀ ପେସନିଆ, ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇ, ପୁଲିସ ଅଧିକାରୀ ବୁଦ୍ଧିଶ୍ୟାମ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ରାଜଅତିଥି ରାଜେନ୍ଦ୍ର ମାଳି ବିଶ୍ୱନାଥପୁର ଶିଶୁ ମନ୍ଦିରକୁ ୧ ଲକ୍ଷ ୧ ହଜାର ଏକ ଟଙ୍କା ଓ ଦେବେନ୍ଦ୍ର ପ୍ରଧାନ ଦଶ ହଜାର ଟଙ୍କା ପ୍ରଦାନ କରିଥିଲେ। ରାମଲୀଳା ମହୋତ୍ସବର ଉପଦେଷ୍ଟା ପ୍ରଦୀପ ଘଡେଇ, ବଳରାମ ବେହେରା, ରଘୁବୀର ନାଗ, ସଭାପତି ଅନନ୍ତରାମ ପ୍ରଧାନୀ, ଉପ ସଭାପତି ଅଚ୍ୟୁତାନନ୍ଦ ଘଡେଇ, ସାଧାରଣ ସଂପାଦକ ମନୋରଞ୍ଜନ ବିଶି, ଯୁଗ୍ମ ସଂପାଦକ ମୀନକେତନ ଦଳେଇ, କୋଷାଧ୍ୟକ୍ଷ ତରୁଣ କୁମାର ଦାସ, କର୍ମକର୍ତ୍ତା ଧବଳେଶ୍ୱର ଠେଲା, ବନ ଦଳେଇ, ହୀରାଲାଲ ନାଏକ, ବିରଞ୍ଚି ପ୍ରଧାନୀ, ଅଜିତ କୁମାର ପ୍ରଧାନୀ, ରିଙ୍କୁ ପ୍ରଧାନୀଙ୍କ ସହିତ ଜୟ ଜଗନ୍ନାଥ କମିଟି, ଡିଜେ କମିଟିର ସମସ୍ତ ସଦସ୍ୟ ଓ ବିଶ୍ୱନାଥପୁର ଅଞ୍ଚଳବାସୀ ପରିଚାଳନାରେ ସହଯୋଗ କରିଥିଲେ।

## ଲଡୁଗାଁ ପଞ୍ଚାୟତକୁ ବ୍ଲକ ମାନ୍ୟତା ଦାବି



କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକର ଲଡୁଗାଁ ଗ୍ରାମ ପଞ୍ଚାୟତକୁ ପଞ୍ଚାୟତ ସମିତି ମାନ୍ୟତା ପ୍ରଦାନ ସମ୍ବନ୍ଧେ ସ୍ଥାନୀୟ ଦୁର୍ଗା ମଣ୍ଡପ ପ୍ରାଙ୍ଗଣରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୁଣନିଧି ବାଗଙ୍କ ସଭାପତିତ୍ୱରେ ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଶତାଧିକ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ମାନେ ଯୋଗଦେଇ ନିଜ ନିଜର ମତାମତ ପ୍ରଦାନ କରିଥିଲେ। ଲଡୁଗାଁ କଳାହାଣ୍ଡି ଜିଲ୍ଲାର ଏକ ବ୍ୟବସାୟିକ ପେଣ୍ଠସ୍ଥଳ ହୋଇଥିବାରୁ ଲଡୁଗାଁ ଉପରେ କୋକସରା, ଜୟପାଟଣା ଓ କଲମପୁର ପଞ୍ଚାୟତ ସମିତିର ଅଧିକାଂଶ ଗ୍ରାମ ଗୁଡ଼ିକ ବାଣିଜ୍ୟ ବ୍ୟବସାୟ ପାଇଁ ନିର୍ଭରଶୀଳ ହୋଇଥାନ୍ତି। ଲଡୁଗାଁଠାରେ ଉପଯୁକ୍ତ ଭିତ୍ତିଭୂମି ସହ ପଞ୍ଚାୟତ ସମିତି ପାଇଁ ଯୋଗ୍ୟ ହୋଇଥିବାରୁ ଲଡୁଗାଁକୁ ବ୍ଲକ କରିବା ପାଇଁ ବୈଠକରେ ବୁଦ୍ଧିଜୀବୀମାନେ ନିଜ ନିଜର ସାକାରାତ୍ମକ ମତାମତ ଦେଇଥିଲେ। ବୈଠକରେ ଶିଳ୍ପପତି ତଥା ଲଡୁଗାଁ ଜୟ ଜଗନ୍ନାଥ କୃଷକ ସଂଗଠନ ସଭାପତି ଦୁର୍ଗା ପ୍ରସାଦ ଅଗ୍ରୱାଲ, କୋକସରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜିବ କୁମାର ଅଗ୍ରୱାଲ, ଗରୁଡ଼ ବାଗ, କିଶୋର ଚନ୍ଦ୍ର ଦାସ, ମୁକ୍ତେଶ୍ୱର ପଟ୍ଟନାୟକ, ମହେଶ୍ୱର ମାଝୀ, ପଙ୍କଜ ମୁଖ ଚୌଧରୀ, ଶ୍ରୀମନ୍ତ କୁମାର ପାଢ଼ୀ, ବନମାଳି ମାଝୀ, ସୁରେଶ କୁମାର ଅଗ୍ରୱାଲ, ତୁଳସୀ ଦାସ, ରୁକ୍ମଣୀ ଦାସ, ରୁଦ୍ର ଦାସ, ପରମାନନ୍ଦ ଶବର, ଧନଞ୍ଜୟ ମୁଣ୍ଡ, ରଞ୍ଜନ ମୁଣ୍ଡ, ଓମ ପ୍ରକାଶ ଛତ୍ରିଆ, ପ୍ରଧାନି ବାଗ ସମେତ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ।

## ଲୋପ ପାଉଛି ଦେଶୀ ଧାନ ଚାଷ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଓଡ଼ିଆଙ୍କ ଅତି ପ୍ରିୟ ଖାଦ୍ୟ ଓ ପାରମ୍ପାରିକ ପଖାଳ ଭାତ ଆଉ ପୂର୍ବ ଭଳି ମହକୁ ନାହିଁ । ପୂର୍ବରୁ ଚାଷ ହେଉଥିବା ପାରମ୍ପାରିକ ଦେଶୀ ଧାନ ଲୋପ ପାଇବାକୁ ବସିଲାଣି। ଏକ ସମୟରେ ରାଜ୍ୟର କଳାହାଣ୍ଡି ସମେତ ପଶ୍ଚିମ ଓଡ଼ିଶାରେ ଦେଶୀ ଧାନ ଚାଷର ବେଶ୍ ଚାହିଦା ଥିଲା। ବର୍ଦ୍ଧିତ ଲୋକ ସଂଖ୍ୟା ଦୃଷ୍ଟିରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସବୁଜ ବିପ୍ଳବ ନାମରେ କମ୍ ଦିନରେ ଅଧିକ ଅମଳ ପାଇଁ ରାସାୟନିକ ପଦ୍ଧତିରେ ଶଙ୍କର ଜାତୀୟ ଧାନ ଚାଷ କରିବା ପାଇଁ ପ୍ରୋତ୍ସାହନ ଦେବାରୁ ଗ୍ରାମାଞ୍ଚଳ ଚାଷୀମାନେ ପାରମ୍ପରିକ ଧାନ ଚାଷ ପାଇଁ ବିମୁଖ ବିମୁଖ ହୋଇ ପଡ଼ିଥିବା ଦେଖାଦେଇଛି। ଉତ୍ପାଦିତ ଚାଉଳରୁ ଶଙ୍କର ଧାନରୁ ଉତ୍ପାଦିତ ଚାଉଳରୁ ରନ୍ଧା ପଖାଳ ଆଉ ମହକୁ ନାହିଁ । କୀଟନାଶକ ଓ ରାସାୟନିକ ବ୍ୟବହାରରେ ହେଉଥିବା ଶଙ୍କର ଧାନ ଚାଷ ଫଳରେ ଧୀରେ ଧୀରେ ମାଟି, ପାଣି, ପବନ, ପରିବେଶ ଓ ଉତ୍ପାଦନ ପ୍ରଦୂଷିତ ହେବାରେ ଲାଗିଛି। ଦେଶୀ ଧାନ ମଧ୍ୟରେ ୬୦ଦିନର ସାଠିକା ବିଆଳି ଠାରୁ ୨୦୦ ଦିନର ବୁଡ଼ା ଅଞ୍ଚଳ ଧାନ ପଟେଣି, ବଡ଼ ଖଜରା, ଅମନ, ଧୁସୁରା, କଇଁନାଡ଼, ଭୂତିଆ, ଗୁଡୁମାଟିଆ ଓ ବାଙ୍କୋଇ ପ୍ରଭୃତି ପାରମ୍ପରିକ ଧାନ ଚାଷର ଚାହିଦା ଏବେ ବି ବିଜୁଳି, ମୟୂରକଣ୍ଠା, କସ୍ତୁରୀ, କୃଷ୍ଣ ଭୋଗ, ସମଲାଇ, କଳାଜିରା, ପିମ୍ପୁଡ଼ି ବାସ, ଚିନି କାମିନୀ, କେତକୀ ବାସ, ପଦ୍ମ କେଶରୀ, କପୂର କାନ୍ତି, ସୁନା କାଠି, ସୁନା ଖାଇ, ଜବା ଫୁଲ ପ୍ରଭୃତି ଦେଶୀ ଧାନର ଘୋର ଅଭାବ ଦେଖାଦେଇଛି। ପଶ୍ଚିମାଞ୍ଚଳରେ ଆବଶ୍ୟକ ଲୁଣା ସହଣି ଧାନ ଯଥା ମାଟିଆ, ଲୁଣାପାଟେଣି, ଲୁଣାଶ୍ରୀ, ଗେଟୁ ଓ ଦାମୋଦର ଭଳି ଦେଶୀ ଧାନ ବିହନକୁ ଏବେବି କଳାହାଣ୍ଡି ଅଞ୍ଚଳର ଚାଷୀ ବଞ୍ଚାଇ ରଖିଛନ୍ତି। ଆମ ରାଜ୍ୟର ପାରମ୍ପରିକ ସୁବାସିତ ଧାନର ଚାଉଳ ଓ ଔଷଧୀୟ ଗୁଣରେ ଭରପୂର ଧାନର ଚାଉଳ ଏବେ ବିଦେଶ ବଜାରରେ କିଲୋ ପିଛା ୨୦୦ଟଙ୍କାରେ ବିକ୍ରି ହେଉଛି। ବ୍ୟୟ ସାପେକ୍ଷ ରୋଗପୋକ ପ୍ରବଣ ଶଙ୍କର ଧାନ ଚାଷ ପରିବର୍ତ୍ତେ ପାରମ୍ପରିକ ଦେଶୀ ଧାନ ଚାଷକୁ ଆପଣାଇଲେ ଉପଭୋକ୍ତାଙ୍କ ଶରୀର ସୁସ୍ଥ ରହିବା ସହ ପରିବେଶ ସୁସ୍ଥ ରହିପାରିବ ବୋଲି କୃଷି ବିଜ୍ଞାନୀଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ରାଶିଫଳ

ରବିବାର, ୨ ଫେବୃଆରୀ ୨୦୨୫



**ମେଷ:** ବ୍ୟବସାୟ ଭଲ କରିବ । ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ଏବଂ ଯୁକ୍ତି ହୋଇପାରେ । ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ସହିତ ଯୁକ୍ତିତର୍କ ହୋଇପାରେ । ବିବାଦ ଏବଂ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ । ନକାରାତ୍ମକତା ଶକ୍ତି ବୃଦ୍ଧି ପାଇବ ।



**ବୃଷ:** ବ୍ୟବସାୟ ଲାଭଦାୟକ ହେବ । ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ । ଚାକିରିରେ ବୃଦ୍ଧି ଘଟିବ । ସମସ୍ତ କାର୍ଯ୍ୟ ଠିକ୍ ସମୟରେ କରାଯିବ । ବିନିଯୋଗ ଭଲ ହେବ । ଆୟ ବୃଦ୍ଧି ପାଇବ । ଆଇନଗତ ପ୍ରତିବନ୍ଧକକୁ ହଟାଇ ଲାଭର ପରିସ୍ଥିତି ସୃଷ୍ଟି ହେବ ।



**ମିଥୁନ:** ସ୍ଥାବର ସମ୍ପତ୍ତି ବୃଦ୍ଧି ପାଇବ । ଏକ ବଡ ଡିଲ୍ ହୋଇପାରେ । ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ । ପ୍ରଲୋଭିତ ହୁଅ ନାହିଁ । ଥକ୍କା ଏବଂ ଦୁର୍ବଳତା ଦେଖାଯିବ ।



**କର୍କଟ:** ସୃଜନଶୀଳ କାର୍ଯ୍ୟ ସଫଳ ହେବ । ବ୍ୟବସାୟରେ ବ୍ୟସ୍ତ ହୋଇପାରେ । ପରିବାର ପାଇଁ ଚିନ୍ତା ହେବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ । ଆପଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହିତ ପରିଚିତ ହେବେ । ତୁମର ପ୍ରିୟ ଖାଦ୍ୟ ଉପଭୋଗ କର ।



**ସିଂହ:** ବ୍ୟବସାୟରେ ଅନୁକୂଳ ଲାଭ ହେବ । ମୂଲ୍ୟବାନ ସାମଗ୍ରୀ ତୁମ ସହିତ ରଖ । ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ । କଠିନ ପରିଶ୍ରମ ଅଧିକ ହେବ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ଶତ୍ରୁମାନେ କ୍ଷତି ଘଟାଇ ପାରନ୍ତି। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ସମବେଦନା ଖବର ଆସିପାରେ ।



**କନ୍ୟା:** ବିନିଯୋଗ ଶୁଭ ହେବ । କଠିନ ପରିଶ୍ରମର ଫଳ ଗ୍ରହଣ କରାଯିବ । ଘର ବାହାରେ ପଚରାଉଚରା କରାଯିବ। ଲାଭ ସୁଯୋଗ ଆସିବ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ଚାକିରିରେ ବୃଦ୍ଧି ଘଟିବ । ଆପଣ ଉଚ୍ଚ କର୍ତ୍ତୃପକ୍ଷଙ୍କ ସୁଖ ପାଇବେ । ପାରିବାରିକ ଚିନ୍ତା ବୃଦ୍ଧି ପାଇବ । ଶତ୍ରୁମାନଙ୍କଠାରୁ ସତର୍କତା ଆବଶ୍ୟକ ।



**ତୁଳା:** ସୁଖ ବୃଦ୍ଧି ପାଇବ । କିଛି ମହତ୍ କାର୍ଯ୍ୟ କରିବାକୁ ତୁମର ମନ ପ୍ରସ୍ତୁତ କରିବ । ତତ୍ପରତା ନାହିଁ । ବ୍ୟବସାୟ ଲାଭଦାୟକ ହେବ । ନୂତନ ବନ୍ଧୁ ସୃଷ୍ଟି ହେବ । ଘର ବାହାରେ ପଚରାଉଚରା କରାଯିବ। ଆୟରେ ନିଶ୍ଚିତତା ରହିବ । ଆତ୍ମ ସମ୍ମାନ ରହିବ ।



**ବିଛା:** ଉପହାର ଗ୍ରହଣ କରାଯିବ । ବେକାରୀ ଦୂର ହେବ । ବ୍ୟବସାୟ ବୃଦ୍ଧି ପାଇବ । ଆପଣ ଚାକିରିରେ ପଦୋନ୍ନତି ପାଇପାରିବେ । ବିନିଯୋଗ ଭଲ ହେବ । ଭାଗ୍ୟ ଅନୁକୂଳ ହେବ । ପ୍ରଲୋଭିତ ହୁଅ ନାହିଁ । ଆପଣ ଉତ୍ସାହ ଏବଂ ଖୁସିରେ କାମ କରିବାକୁ ସମର୍ଥ ହେବେ । କିଛି ବଡ କାମ କରି ସୁଖରେ ବୃଦ୍ଧି ଘଟିବ ।



**ଧନୁ:** ତୁମ ଜୀବନ ସାଥୀଠାରୁ ସମର୍ଥନ ପାଇବ । ଚିନ୍ତା ଏବଂ ଚାପ ଦୂର ହେବ । ଟଙ୍କା କାରବାରରେ ଶୀଘ୍ର ଏବଂ ବେପରୁଆ ହୁଅନ୍ତୁ ନାହିଁ । ଟଙ୍କା ନଷ୍ଟ ହୋଇପାରେ । ବିବାଦରୁ ଦୂରେଇ ରୁହନ୍ତୁ । ଅସୁବିଧାରୁ ଦୂରରେ ରୁହନ୍ତୁ। ଆୟରେ ନିଶ୍ଚିତତା ରହିବ। ଅପଚୟ ଖର୍ଚ୍ଚ ହେବ । ସ୍ୱାସ୍ଥ୍ୟ ଦୁର୍ବଳ ହେବ ।



**ମକର:** ରୋଜଗାର ବୃଦ୍ଧି ପାଇବ । ଆୟ ବୃଦ୍ଧି ପାଇବ । ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ । ଅଟକି ରହିଥିବା ଟଙ୍କା ପାଇବାର ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ । ଭ୍ରମଣ ଲାଭଦାୟକ ହେବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ । ଭାଇମାନଙ୍କ ସହଯୋଗ ସୁଖ ବୃଦ୍ଧି କରିବ । ଘର ବାହାରେ ଜୀବନ ଖୁସି ହେବ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।



**କୁମ୍ଭ:** ରୋଜଗାର ବୃଦ୍ଧି ପାଇବ । ଆପଣ ସାମାଜିକ କାର୍ଯ୍ୟ କରିବାକୁ ଏକ ସୁଯୋଗ ପାଇପାରନ୍ତି । ଘର ବାହାରେ ପଚରାଉଚରା କରାଯିବ। ନୂତନ ଚାକିରି ମିଳିପାରିବ । ବାହାରକୁ ଯିବାକୁ ଇଚ୍ଛା କରିବେ । ସେଠାରେ ସୁଖ ଏବଂ ତୃପ୍ତି ରହିବ । ତତ୍ପରତା ନାହିଁ । ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। କର୍ମକ୍ଷେତ୍ରରେ ପରିବର୍ତ୍ତନ ହୋଇପାରେ ।



**ମୀନ:** ଆପଣ ସତସଙ୍ଗର ଲାଭ ପାଇବେ । ବ୍ୟବସାୟ ବୃଦ୍ଧି ପାଇବ । ରାଜନୈତିକ ସମର୍ଥନ ପାଇବେ । ଲାଭ ସୁଯୋଗ ଆସିବ । ସବୁ ଦିଗରୁ ସଫଳତା ଆସିବ । ସୁଖ ବୃଦ୍ଧି ପାଇବ। ବ୍ୟସ୍ତତା ହେତୁ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ। ଥକ୍କା ଲାଗିବ। ତନ୍ତ୍ର-ମନ୍ତ୍ର ପ୍ରତି ଆଗ୍ରହ ଜାଗ୍ରତ ହେବ । ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ ।




ପ୍ରସ୍ତୁତି
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯